ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୧୯/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 19/2025 Page 14 ₹ 7.00 | BALASORE

୫୧ଶ ଭାଗ ୨୩୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 234 ମୂଲ୍ୟ ₹୭/-



## ସଂକ୍ଷେପରେ

### ୫୦୦ କୋଟିର ୱେଲ୍‌ଫେୟାର ଟ୍ରଷ୍ଟ ଗଠନକଲା ଟାଟା ଗ୍ରୁପ୍

**ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା**

ନୂଆଦିଲ୍ଲୀ,୧୮।୭

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ମୃତକଙ୍କ ପରିବାର ପାଇଁ ଟାଟା ସନ୍ସ ଓ ଟାଟା ଟ୍ରଷ୍ଟ ପକ୍ଷରୁ ୫୦୦ କୋଟି ଟଙ୍କାର ୱେଲ୍‌ଫେୟାର ଟ୍ରଷ୍ଟ ଗଠନ କରାଯାଇଛି। 'ଦି ଏଆଇ-୧୭୧ ମେମୋରିଆଲ୍ ଆଣ୍ଡ ୱେଲ୍‌ଫେୟାର ଟ୍ରଷ୍ଟ' ନାମରେ ଉକ୍ତ ଜନକଲ୍ୟାଣ ନ୍ୟାସ ମୁମ୍ବାଇରେ ପଞ୍ଜୀକୃତ ହୋଇଛି। ପରୋପକାର ଉଦ୍ଦେଶ୍ୟରେ ଗଠିତ ଏହି ଟ୍ରଷ୍ଟକୁ ଟାଟା ସନ୍ସ ଏବଂ ଟାଟା ଟ୍ରଷ୍ଟ ୨୫୦ କୋଟି ଟଙ୍କା ଲେଖାଏ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେଥିରୁ ବିମାନ ଦୁର୍ଘଟଣା ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ। ଏହା ବ୍ୟତୀତ ଦୁର୍ଘଟଣା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ବି.ଜେ. ମେଡିକାଲ କଲେଜ ହଷ୍ଟେଲ ଭିତ୍ତିଭୂମି ପୁନଃ ନିର୍ମାଣ ପାଇଁ ସହାୟତା ଓ ଗୁରୁତର ଆହତଙ୍କ ଚିକିତ୍ସା ଖର୍ଚ୍ଚ ମଧ୍ୟ ଏହି ଟ୍ରଷ୍ଟରୁ ଯୋଗାଇ ଦିଆଯିବ। ଜୁନ୍ ୧୨ରେ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୨୪୧ ଜଣଙ୍କ ସମେତ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା।

### ଦିଲ୍ଲୀର ୪୫, ବେଙ୍ଗାଲୁରୁର ୪୦ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ/ବେଙ୍ଗାଲୁରୁ,୧୮।୭

ଦିଲ୍ଲୀର ୪୫ ଏବଂ ବେଙ୍ଗାଲୁରୁର ୪୦ ସ୍କୁଲକୁ ଶୁକ୍ରବାର ବୋମାରେ ଉଡ଼ାଇ ଦେବାକୁ ଇ-ମେଲ୍ ଯୋଗେ ଧମକ ମିଳିବାରୁ କ୍ୟାମ୍ପସ୍‌ଗୁଡ଼ିକରେ ଆତଙ୍କ ଖେଳିଯାଇଥିଲା। ବେଙ୍ଗାଲୁରୁର ଆର୍‌ଆର୍ ନଗର, କେଙ୍ଗେରି ଆଦି ବିଭିନ୍ନ ସ୍ଥାନରେ ଥିବା ସ୍କୁଲକୁ ବୋମା ଧମକ ମିଳିଥିବା ବେଳେ ଦିଲ୍ଲୀର ପିତମପୁରା, ଦ୍ୱାରକା, ରୋହିଣୀ, ଦକ୍ଷିଣ ଦିଲ୍ଲୀ, ମଧ୍ୟ ଦିଲ୍ଲୀ ଆଦି ଅଞ୍ଚଳରେ ଥିବା ସ୍କୁଲକୁ ଏପରି ଧମକ ମିଳିଥିଲା। ବେଙ୍ଗାଲୁରୁରେ ରୋଡ୍‌କିଲ୍ ନାମକ ଆକାଉଣ୍ଟରୁ ଏହି ଧମକପୂର୍ଣ୍ଣ ଇ-ମେଲ୍ ଆସିଥିବା ନେଇ ପୋଲିସ ସୂଚନା ଦେଇଛି। ଶ୍ରେଣୀଗୃହ ମଧ୍ୟରେ ବିସ୍ଫୋରକ ଲୁଚାଇ ରଖାଯାଇଥିବା କୁହାଯାଇଥିଲା। ଧମକ ପରେ ପୋଲିସ ଓ ବୋମା ନିଷ୍କ୍ରିୟକାରୀ ଟିମ୍ ଯାଞ୍ଚରୁ କୌଣସି ବିସ୍ଫୋରକ ମିଳିନାହିଁ ଏବଂ ଏହା ଏକ ଗୁଜବ ବୋଲି ପୋଲିସ କହିଛି।

# ରୁଷିଆର ଶକ୍ତି ରାଜସ୍ୱକୁ ଇୟୁର ଟାର୍ଗେଟ

## ୟୁକ୍ରେନ୍ ଯୁଦ୍ଧକୁ ନେଇ ନୂଆ କଟକଣା ଲଗାଇଲା

ବ୍ରସେଲ୍ସ,୧୮।୭



ରୁଷିଆର ସଲିମ୍ ତୈଳକ୍ଷେତ୍ରରେ ଥିବା ଅଏଲ୍ ଷ୍ଟୋରେଜ୍ ଟ୍ୟାଙ୍କ୍।

ୟୁକ୍ରେନ୍ ଉପରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆକ୍ରମଣ ଚଳାଇଥିବାବେଳେ ଯୁଦ୍ଧବିରତି ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦୀର୍ଘଦିନର ଉଦ୍ୟମ ସତ୍ତ୍ୱେ ଏଥିରେ କୌଣସି ଅଗ୍ରଗତି ଘଟିନାହିଁ। ବରଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ୟୁକ୍ରେନ ଉପରେ ଆକ୍ରମଣକୁ ଆହୁରି ଜୋର୍‌ଦାର କରିଚାଲିଛନ୍ତି। ତେଣୁ ମସ୍କୋକୁ ଅସ୍ତ୍ରବିରତି ପାଇଁ ବାଧ୍ୟ କରିବା ନିମନ୍ତେ ଏହାର ଶକ୍ତି ରାଜସ୍ୱକୁ ଟାର୍ଗେଟ କରି ୟୁରୋପୀୟ ସଂଘ (ଇୟୁ) ଶୁକ୍ରବାର ଏହା ଉପରେ ଅନେକ ନୂଆ କଟକଣା ଲଗାଇଛି। ରୁଷିଆର ନର୍ଡ ଷ୍ଟ୍ରିମ୍ ଗ୍ୟାସ୍ ପାଇପ୍‌ଲାଇନ କାରବାର ଉପରେ ନିଷେଧାଦେଶ ଲଗାଯିବା ସହ ଏହାର ଜାହାଜଗୁଡ଼ିକୁ ଟାର୍ଗେଟ କରାଯାଇଥିବା ଇୟୁର ବିଦେଶ ନୀତି ମୁଖ୍ୟ କାଜା କଲ୍ଲାସ କହିଛନ୍ତି। ୟୁରୋପ ୟୁକ୍ରେନ୍‌କୁ ସମର୍ଥନରୁ ଓହରିଯିବ ନାହିଁ ବୋଲି ଏହି ବାର୍ତ୍ତାରୁ ସ୍ପଷ୍ଟ ହୋଇଛି। ରୁଷିଆ ଯୁଦ୍ଧ ବନ୍ଦ ନ କରିବା ପର୍ଯ୍ୟନ୍ତ ଏହା ଉପରେ ଚାପ ବଢ଼ାଇ ଚାଲିବୁ ବୋଲି ସେ କହିଛନ୍ତି। ଯୁଦ୍ଧକୁ ନେଇ ରୁଷିଆ ଉପରେ ଏହା ୟୁରୋପୀୟ ସଂଘର ସବୁଠୁ ଶକ୍ତିଶାଳୀ କଟକଣା। ୟୁକ୍ରେନକୁ ସୁରକ୍ଷିତ ରଖିବା ଦିଗରେ ସହାୟତା ପାଇଁ ୟୁରୋପୀୟ ଦେଶଗୁଡ଼ିକ ଆମେରିକାରୁ ଅସ୍ତ୍ର କିଣିବା ଆରମ୍ଭ କରିଛନ୍ତି।

ନୂଆ ପଦକ୍ଷେପକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସ୍ୱାଗତ କରିଛନ୍ତି। ରୁଷିଆ ଆକ୍ରମଣକୁ ଜୋର୍‌ଦାର କରିଥିବାବେଳେ ଠିକ୍ ସମୟରେ ଏହା ଉପଯୁକ୍ତ ପଦକ୍ଷେପ ବୋଲି ସେ କହିଛନ୍ତି। ରୁଷିଆ ଯୁଦ୍ଧର ସମସ୍ତ ଭିତ୍ତିଭୂମିକୁ ଅବରୋଧ କରାଯିବା ଜରୁରୀ। ଇୟୁ ସହ ୟୁକ୍ରେନ୍ ମଧ୍ୟ ରୁଷିଆ ଉପରେ ଖୁବ୍ ଶୀଘ୍ର ଅତିରିକ୍ତ କଟକଣା ଲଗାଇବ ବୋଲି ଜେଲେନ୍‌ସ୍କି କହିଛନ୍ତି। ରୁଷିଆର ବିଶାଳ ଶକ୍ତି ରାଜସ୍ୱକୁ ଟାର୍ଗେଟ କରି ଇୟୁର କାର୍ଯ୍ୟନିର୍ବାହୀ ଶାଖା ୟୁରୋପୀୟ କମିଶନ ତୈଳଦର ୬୦ ଡଲାରରୁ ୪୫ ଡଲାରକୁ ହ୍ରାସ କରିବାକୁ ପ୍ରସ୍ତାବ ଦେଇଥିଲା। ତୈଳ ବ୍ୟାରେଲ ପ୍ରତି ଦର ୪୮ ଡଲାର ତଳେ ରଖିବା ପାଇଁ ୨୭ ସଦସ୍ୟ ରାଷ୍ଟ୍ର ନିଷ୍ପତ୍ତି ନେଇଛନ୍ତି।

ତୈଳରୁ ହେଉଥିବା ଆୟରୁ ରୁଷିଆର ଅର୍ଥନୀତି ସମୃଦ୍ଧ ହେଉଛି ଏବଂ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସଶସ୍ତ୍ର ବଳକୁ ପର୍ଯ୍ୟାପ୍ତ ଅର୍ଥ ଯୋଗାଇ ଦେଉଛନ୍ତି। ଫଳରେ ଜନସାଧାରଣଙ୍କ ଦୈନନ୍ଦିନ ମୁଦ୍ରାସ୍ଫୀତି ପ୍ରଭାବିତ ହେଉନାହିଁ। ରୁଷିଆ ଅନେକ ଅଣୟୁରୋପୀୟ ସଂଘ ଦେଶଗୁଡ଼ିକ ଜରିଆରେ ଅଶୋଧିତ ତୈଳର ପରୋକ୍ଷ ରପ୍ତାନି କରୁଥିବାବେଳେ ଉକ୍ତ ଗଳାବାଟକୁ ବନ୍ଦ କରିବା ଉଦ୍ୟମ ସ୍ୱରୂପ ଏକ ନୂଆ ଆମଦାନୀ ବ୍ୟାନ୍ ମଧ୍ୟ ଲଗାଯାଇଛି। ରୁଷିଆ ଏବଂ ଜର୍ମାନୀ ମଧ୍ୟରେ ଥିବା ନର୍ଡ ଷ୍ଟ୍ରିମ୍ ପାଇପ୍‌ଲାଇନକୁ ଇୟୁ ଟାର୍ଗେଟ କରିଛି, ଯାହାଦ୍ୱାରା ପୁଟିନ ଭବିଷ୍ୟତରେ ସେଥିରୁ କୌଣସି ରାଜସ୍ୱ ପାଇବେ ନାହିଁ। ଏହି ପ୍ରକଳ୍ପରେ ନିବେଶ କରିବାକୁ ଥିବା ନିବେଶକମାନେ ନିରୁତ୍ସାହିତ ହେବେ। ଭାରତରେ କାମ କରୁଥିବା ରୁଷିଆର ଶକ୍ତି କମ୍ପାନୀ ରୋସନେଫ୍ଟର ରିଫାଇନାରି ମଧ୍ୟ ପ୍ରଭାବିତ ହେବ। ରୁଷିଆରୁ ପ୍ରାକୃତିକ ଗ୍ୟାସ୍ ଜର୍ମାନୀକୁ ପରିବହନ ଲାଗି ଏହି ପାଇପ୍‌ଲାଇନ ନିର୍ମାଣ କରାଯାଇଥିଲେ ହେଁ କାର୍ଯ୍ୟକାରୀ ହୋଇନାହିଁ। ରୁଷିଆର ପାଣ୍ଠି ଉଠାଣ କ୍ଷମତା ଓ ଆର୍ଥିକ କାରବାରକୁ ସୀମିତ କରିବା ଲକ୍ଷ୍ୟରେ ଏହାର ବ୍ୟାଙ୍କିଙ୍ଗ୍ ସେକ୍ଟର ଉପରେ ୟୁରୋପୀୟ ସଂଘ ନୂଆ କଟକଣା ଲଗାଇଛି। ଚାଇନା ବ୍ୟାଙ୍କଗୁଡ଼ିକୁ ମଧ୍ୟ ଏହି ତାଲିକାରେ ରଖାଯାଇଛି। ୨୦୨୨ ଫେବୃଆରୀ ୨୪ରେ ପୁଟିନ୍ ୟୁକ୍ରେନ୍‌କୁ ସୈନ୍ୟ ପଠାଇବା ପାଇଁ ନିର୍ଦ୍ଦେଶ ଦେବା ପରେ ରୁଷିଆ ଉପରେ ଇୟୁ ଅନେକ ପର୍ଯ୍ୟାୟ କଟକଣା ଲଗାଇଲାଣି। ସମ୍ପତ୍ତି ଜବତ ଏବଂ ଟ୍ରାଭେଲ୍ ବ୍ୟାନ୍ ଯୋଗୁ ବହୁ ସରକାରୀ ସଂସ୍ଥା, ବ୍ୟାଙ୍କ, କମ୍ପାନୀ ଓ ସଂଗଠନ ପ୍ରଭାବିତ ହୋଇଛନ୍ତି।

## ଶୋଇଥିବା ବେଳେ ଭାଜପା ନେତାଙ୍କୁ ହତ୍ୟା



ଶ୍ୟାମଲାଲ ଧାକଡ଼

ଭୋପାଳ, ୧୮।୭

ମଧ୍ୟପ୍ରଦେଶର ମନ୍ଦସୌର ଜିଲାରେ ଶ୍ୟାମଲାଲ ଧାକଡ଼ (୪୫) ନାମକ ଜଣେ ଭାଜପା ନେତା ନିଜ ଘରେ ଶୋଇଥିବା ସମୟରେ ତାଙ୍କୁ ଜଣେ ଅଚିହ୍ନା ଆକ୍ରମଣକାରୀ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଛନ୍ତି। ଗୁରୁବାର ରାତିରେ ତାଙ୍କର ହତ୍ୟା ହୋଇଥିବା ବେଳେ ଶୁକ୍ରବାର ସକାଳେ ଶ୍ୟାମଲାଲଙ୍କ ରକ୍ତ ଜୁଡ଼ୁବୁଡ଼ୁ ମୃତଦେହକୁ ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଶୁକ୍ରବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମଧ୍ୟପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଦେୱଡ଼ାଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଧା ମଣ୍ଡଳର ଭାଜପା ଉପସଭାପତି ଭାବେ ଶ୍ୟାମଲାଲ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ମୃତ୍ୟୁରେ ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଶୋକ ପ୍ରକଟ କରିଛନ୍ତି।



ସ୍ୱଦେଶୀ ଡିଜାଇନ୍‌ରେ ନିର୍ମିତ ଭାରତର ପ୍ରଥମ ଜାହାଜ ଆଇଏନ୍‌ଏସ୍ ନିସ୍ତାର ଶୁକ୍ରବାର ନୌସେନାରେ ସାମିଲ ହୋଇଛି। ବିଶାଖାପାଟଣାଠାରେ ଅନୁଷ୍ଠିତ ଜଳାବତରଣ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍ ଉପସ୍ଥିତ ଥିଲେ। ଭାରତୀୟ ନୌସେନାର ଗଭୀର ସମୁଦ୍ରରେ ଉଦ୍ଧାର କ୍ଷମତା ବଢ଼ାଇବାରେ ଏହି ଜାହାଜ ସହାୟକ ହେବ।

# ମଦ ଦୁର୍ନୀତି ମାମଲାରେ ଭୂପେଶ ବଘେଲଙ୍କ ପୁଅଙ୍କୁ ଗିରଫକଲା ଇଡି

ରାୟପୁର,୧୮।୭(ପି.ଟି.)

ମଦ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର କଂଗ୍ରେସ ନେତା ତଥା ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ପୁଅ ଚୈତନ୍ୟ ବଘେଲଙ୍କୁ ଗିରଫ କରିଛି। ଭୂପେଶ ଏବଂ ଚୈତନ୍ୟ ରହୁଥିବା ଦୁର୍ଗ ଜିଲା ଭିଲାଇ ସହର ବାସଭବନରେ ଇଡି ଚଢ଼ାଉ କରିବା ପରେ ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ଧାରା ୧୯ରେ ଚୈତନ୍ୟଙ୍କୁ ଗିରଫ କରିଥିଲା। ଚଢ଼ାଉ ବେଳେ ବଘେଲଙ୍କ ଘର ବାହାରେ ଦଳୀୟ ସମର୍ଥକମାନେ ରୁଣ୍ଡ ହୋଇଥିବାରୁ ବ୍ୟାପକ



ଚୈତନ୍ୟ ବଘେଲ

ପୋଲିସ ମୁତୟନ କରାଯାଇଥିଲା। ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ହାଜର ପରେ ଇଡି ଚୈତନ୍ୟଙ୍କୁ ୫ ଦିନିଆ ରିମାଣ୍ଡରେ ନେଇଛି। ଚଢ଼ାଉ ବେଳେ ଚୈତନ୍ୟ ସହଯୋଗ କରି ନ ଥିବାବେଳେ ମାମଲା ସମ୍ପର୍କରେ ସାନି ପ୍ରମାଣ ମିଳିଥିବାରୁ ତାଙ୍କୁ ଗିରଫ କରାଗଲା ବୋଲି ଇଡି କହିଛି। ୧,୦୭୦ କୋଟି ଟଙ୍କା ଦୁର୍ନୀତିରେ ଜୁନିୟର ବଘେଲଙ୍କର ଭୂମିକା ଥିବା ନେଇ ସେ ଇଡି ସ୍କାନରରେ ରହିଥିଲେ। ମଦ ଦୁର୍ନୀତିରୁ ମିଳିଥିବା ୧୭ କୋଟି ଟଙ୍କା ଚୈତନ୍ୟଙ୍କ ସହ ଜଡ଼ିତ କମ୍ପାନୀଗୁଡ଼ିକୁ ଯାଇଥିଲା ବୋଲି ଏକ ସୂତ୍ରରୁ କୁହାଯାଇଛି। ଏହି ଦୁର୍ନୀତି ଯୋଗୁ ରାଜ୍ୟ ରାଜକୋଷକୁ ବିପୁଳ କ୍ଷତି ହେବା ସହ ମଦ ସିଣ୍ଡିକେଟ୍‌ର ଲାଭାର୍ଥୀମାନଙ୍କ ପକେଟକୁ ୨,୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଯାଇଥିଲା ବୋଲି ଇଡି ଦାବି କରିଛି। ଶୁକ୍ରବାର ଚୈତନ୍ୟଙ୍କର ଜନ୍ମଦିନ ଥିଲା ବୋଲି ଭୂପେଶ କହିଛନ୍ତି।

# ଟିଆର୍‌ଏଫ୍‌କୁ ବିଦେଶୀ ଆତଙ୍କବାଦୀ ସଙ୍ଗଠନ ଘୋଷଣାକଲା ଆମେରିକା

ନ୍ୟୁୟର୍କ/ୱାଶିଂଟନ,୧୮।୭ (ପି.ଟି.)


**ପହଲଗାମ୍ ଆକ୍ରମଣ କରାଇଥିଲା ଲଶ୍କରର ଏହି ପ୍ରକ୍ସି ସଙ୍ଗଠନ**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆକ୍ରମଣ ଘଟାଇଥିବା ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବାର ପ୍ରକ୍ସି ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍)କୁ ଆମେରିକା ବିଦେଶୀ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି। ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ ଗୁରୁବାର ଜାରି ଏକ ବିବୃତିରେ ଏହା କୁହାଯାଇଛି। ପହଲଗାମ୍ ଆକ୍ରମଣକୁ ନ୍ୟାୟ ଦେବା ନିମନ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଆହ୍ୱାନକୁ କାର୍ଯ୍ୟକାରୀ କରାଯାଇଥିବା ଏହାର ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ କହିଛନ୍ତି। ଏଥିରୁ ଭାରତ-ଆମେରିକାର ଆତଙ୍କବାଦ ନିରୋଧୀ ସହଯୋଗ କେତେ ମଜଭୁତ ତାହା ପ୍ରଦର୍ଶିତ ହୋଇଥିବା ୱାଶିଂଟନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ଗତ ଏପ୍ରିଲ ୨୨ରେ ହୋଇଥିବା ପହଲଗାମ୍ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣ ପାଇଁ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ନିଜକୁ ଦାୟୀ କରିଥିଲା। ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଦେଖାଦେବାରୁ ଟିଆର୍‌ଏଫ୍ ନିଜ ଘୋଷଣାରୁ ପଛଘୁଞ୍ଚା ଦେଇଥିଲା। ଆକ୍ରମଣର ମାଷ୍ଟରମାଇଣ୍ଡ ଟିଆର୍‌ଏଫ୍ ମୁଖ୍ୟ ଶେଖ୍ ସାଜ୍ଜଦ ଗୁଲ୍ ବୋଲି ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଚିହ୍ନଟ କରିଥିଲା। ଟିଆର୍‌ଏଫ୍‌କୁ ଆମେରିକାର ପରରାଷ୍ଟ୍ର ବିଭାଗ ବିଦେଶୀ ଆତଙ୍କବାଦୀ ସଂଗଠନ (ଏଫ୍‌ଟିଓ) ଏବଂ ସ୍ୱତନ୍ତ୍ର ଭାବେ ନାମିତ ବୈଶ୍ୱିକ ଆତଙ୍କବାଦୀ (ଏସ୍‌ଡିଜିଟି) ଘୋଷଣା କରିଛି। ଲଶ୍କର ସହ ଜଡ଼ିତ ଟିଆର୍‌ଏଫ୍ ଓ ଅନ୍ୟ ସଂଗଠନଗୁଡ଼ିକୁ ଇମିଗ୍ରେଶନ ଆଣ୍ଡ ନ୍ୟାଶନାଲିଟି ଆକ୍ଟର ଧାରା ୨୧୯ ଏବଂ ଏକ୍ଜିକ୍ୟୁଟିଭ୍ ଅର୍ଡର ୧୩୨୨୪ ଅନୁଯାୟୀ ଏଫଟିଓ ଏବଂ ଏସ୍‌ଡିଜିଟି ତାଲିକାରେ ସାମିଲ କରାଯାଇଛି।

# ସହକର୍ମୀଙ୍କୁ ଆଲିଙ୍ଗନ କରି ଫସିଲେ ଆଷ୍ଟ୍ରୋନୋମର ସିଇଓ

ବୋଷ୍ଟନ୍, ୧୮।୭

ଆମେରିକାର ବୋଷ୍ଟନରେ ଆୟୋଜିତ ଏକ କୋଲ୍ଡପ୍ଲେ କନ୍‌ସର୍ଟରେ ଟେକ୍ନୋଲୋଜି କମ୍ପାନୀ ଆଷ୍ଟ୍ରୋନୋମର'ର ସିଇଓ ଆଣ୍ଡି ବିରନ୍ ନିଜ ସହକର୍ମୀ ତଥା କମ୍ପାନୀର ଏଚ୍‌ଆର୍ ହେଡ୍ ଏବଂ ଚିଫ୍ ପବ୍ଲିକ ଅଫିସର କ୍ରିଷ୍ଟିନ୍ କାବୋଟଙ୍କ ସହ ଏକ ଅନ୍ତରଙ୍ଗ ମୁହୂର୍ତ୍ତର ଫୁଟେଜ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଫଳରେ ବିରନ୍‌ଙ୍କୁ ଅନେକ ସମାଲୋଚନାର ଶିକାର ହେବାକୁ ପଡ଼ିଛି ଏବଂ ସେ ତାଙ୍କ ଲିଙ୍କଡ୍‌ଇନ୍ ଆକାଉଣ୍ଟକୁ ଡିଲିଟ



ସହକର୍ମୀ କ୍ରିଷ୍ଟିନ୍ କାବୋଟଙ୍କ ସହ ଆଷ୍ଟ୍ରୋନୋମର ସିଇଓ ଆଣ୍ଡି ବିରନ୍

**ଲିଙ୍କଡ୍‌ଇନ୍ ଆକାଉଣ୍ଟ ଡିଲିଟ୍ କଲେ**

କରିଛନ୍ତି। କୋଲ୍ଡପ୍ଲେ କନ୍‌ସର୍ଟରେ ଥିବା କ୍ୟାମେରାର ଫୁଟେଜ୍‌ରୁ ଉଭୟେ ଆଣ୍ଡି ଏବଂ କ୍ରିଷ୍ଟିନ୍ ପରସ୍ପରକୁ ନିବିଡ଼ତାର ସହ ଆଲିଙ୍ଗନ କରୁଥିବାର ଦେଖିବାକୁ ମିଳିଥିଲା। କନ୍‌ସର୍ଟର ସ୍କ୍ରିନ୍‌ରେ ସେମାନଙ୍କର ଫୁଟେଜ୍ ହଠାତ୍ ଆସିଯାଇଥିଲା। ଏହା ଜାଣି ଦୁହେଁ ଚକିତ ହୋଇଯିବା ସହ ନିଜ ମୁହଁ ଲୁଚାଇଥିଲେ ଏବଂ ସେଠାରୁ ପଳାଇଯିବା ପାଇଁ ଚେଷ୍ଟା କରିଥିଲେ। ଏହି ଘଟଣା ପରେ ଅନେକ ୟୁଜର୍ସ ଆଣ୍ଡିଙ୍କ ଲିଙ୍କଡ୍‌ଇନ୍ ପୋଷ୍ଟରେ ତାଙ୍କୁ ସମାଲୋଚନା କରି କମେଣ୍ଟ ଦେବା ଆରମ୍ଭ କରିଦେଇଥିଲେ। ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଅନୈତିକ ସମ୍ପର୍କ ଥିବା ନେଇ ଅନେକ ୟୁଜର୍ସ ଦାବି କରିଥିଲେ। କିଛିଦିନ ତଳେ ଆଣ୍ଡି ତାଙ୍କ ଲିଙ୍କଡ୍‌ଇନ୍‌ରେ ଏକ ପୋଷ୍ଟକରି କ୍ରିଷ୍ଟିନ୍‌ଙ୍କୁ ତାଙ୍କ ନେତୃତ୍ୱ ଏବଂ ଅଭିଜ୍ଞତା ପାଇଁ ପ୍ରଶଂସା କରିଥିଲେ। ପ୍ରକାଶ ଯେ, ୨୦୨୩ ଜୁଲାଇରେ ଆଣ୍ଡି ଆଷ୍ଟ୍ରୋନୋମରର ସିଇଓ ହୋଇଥିଲେ ଏବଂ ୨୦୨୪ ନଭେମ୍ବରରେ କ୍ରିଷ୍ଟିନ୍ କମ୍ପାନୀର ଚିଫ୍ ପବ୍ଲିକ ଅଫିସର ଭାବେ ନିଜ କାର୍ଯ୍ୟଭାର ଗ୍ରହଣ କରିଥିଲେ।

## ଫୁରସତ

# ଭଡ଼ାରେ ମିଳୁଛନ୍ତି ଜେଜେମା'

ଟୋକିଓ



ସମ୍ପ୍ରତି ଯୌଥ ପରିବାର ହ୍ରାସ ପାଇବାରେ ଲାଗିଛି। ବିଭିନ୍ନ କାରଣରୁ ଅଧିକାଂଶ ଯୁବପିଢ଼ି ସେମାନଙ୍କ ଜେଜେବାପା ଏବଂ ଜେଜେମା'ଙ୍କଠାରୁ ଦୂରରେ ରହୁଛନ୍ତି। ଏହି କାରଣରୁ ସେମାନଙ୍କୁ ଏକାନ୍ତ ଜୀବନଯାପନ କରିବାକୁ ପଡୁଛି। ବୟସ୍କ ବ୍ୟକ୍ତିମାନେ ଘରେ ରହିଲେ କେବଳ ଏକଲାପଣ ଦୂର ହୋଇ ନ ଥାଏ, ବରଂ ଜେଜେବାପା ଏବଂ ଜେଜେମା'ଙ୍କଠାରୁ ଯୁବପିଢ଼ି ଅନେକ ପ୍ରକାରର ଅଭିଜ୍ଞତା ଶିଖିବାକୁ ପାଇଥାନ୍ତି। ଏହା ସେମାନଙ୍କ ଜୀବନ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ତେବେ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଜାପାନରେ କ୍ଲାଇଣ୍ଟ ସର୍ଭିସେସ୍ ନାମକ ଏକ କମ୍ପାନୀ ପକ୍ଷରୁ ଲୋକଙ୍କୁ 'ଓକେ ଗ୍ରାଣ୍ଡ୍ ମା' ନାମରେ ଏକ ନିଆରା ସେବା ଯୋଗାଇ ଦିଆଯାଉଛି। ଏହି ସେବାରେ ଯୁବପିଢ଼ିମାନେ ସେମାନଙ୍କର ବିଭିନ୍ନ ଆବଶ୍ୟକତା ଅନୁଯାୟୀ, ବୟସ୍କା ମହିଳାମାନଙ୍କୁ ଜେଜେମା' ଭାବେ ଭଡ଼ାରେ ଆଣିପାରୁଛନ୍ତି।

ଏହି ସେବା ଅନୁଯାୟୀ, ୬୦ରୁ ୯୪ ବର୍ଷ ବୟସର ମହିଳାଙ୍କୁ ଭଡ଼ାରେ ନିଆଯାଇପାରିବ। ଯୌଥ ପରିବାର ହ୍ରାସ ପାଉଥିବାକୁ ଦୃଷ୍ଟିରେ ରଖି ୨୦୧୧ ମସିହାରେ ଏହି ସେବାକୁ ଆରମ୍ଭ କରାଯାଇଥିଲା, ଯାହା ସମ୍ପ୍ରତି ଲୋକପ୍ରିୟ ହେବାରେ ଲାଗିଛି। ଏହି ସେବାରେ ଭଡ଼ାରେ ଜେଜେମା'ଙ୍କୁ ନେଉଥିବା ବ୍ୟକ୍ତିଙ୍କୁ ଘଣ୍ଟା ପ୍ରତି ୩୦୦୦ ୟେନ୍ (ପ୍ରାୟ ୧,୭୦୦ ଟଙ୍କା) ଦେବାକୁ ପଡିଥାଏ।

କ୍ଲାଇଣ୍ଟ ସର୍ଭିସେସ୍ କମ୍ପାନୀ ଅନୁଯାୟୀ, ଏହି ଜେଜେ ମା'ମାନେ କେବଳ ବୟସରେ ବଡ଼ ନୁହନ୍ତି ବରଂ ସେମାନଙ୍କର ଅଭିଜ୍ଞତା ଯୁବପିଢ଼ିଙ୍କର ବହୁ କାମରେ ଆସିଥାଏ। ଏହି ଜେଜେମା'ମାନଙ୍କ ପାଖରେ ଘରକାମ, ପିଲାଙ୍କ ଯତ୍ନ ନେବା, ପାରମ୍ପରିକ ରୋଷେଇ କରିବା ଏବଂ ଉଚିତ୍ ଉପଦେଶ ଦେବା ଆଦି ଅନେକ ଦକ୍ଷତା ରହିଛି। ଗ୍ରାହକମାନେ କମ୍ପାନୀକୁ କେବଳ ସେମାନଙ୍କର ଆବଶ୍ୟକତା କହିଥାନ୍ତି। କେହି କେହି ବ୍ୟକ୍ତି ରୋଷେଇ ଶିଖିବା ପାଇଁ ତ ଆଉ କେହି ଏକଲାପଣ ଦୂର କରିବା ଲାଗି, ପୁଣି କେହି ମାର୍ଗଦର୍ଶନ ପାଇଁ ଜେଜେମା' ଆବଶ୍ୟକ ବୋଲି କମ୍ପାନୀକୁ ଜଣାଇଥାନ୍ତି। କମ୍ପାନୀ ପକ୍ଷରୁ ସେମାନଙ୍କୁ ଉକ୍ତ କାର୍ଯ୍ୟ ପାଇଁ ଉପଯୁକ୍ତ ଜେଜେ ମା' ଯୋଗାଇ ଦିଆଯାଇଥାଏ।

ଗ୍ରାହକମାନେ ଏହି ସେବାକୁ ସେମାନଙ୍କର ବିଭିନ୍ନ ଆବଶ୍ୟକତା ପାଇଁ ବ୍ୟବହାର କରିଥାନ୍ତି। ଜଣେ ଯୁବତୀ କହିଛନ୍ତି, ସେ ତାଙ୍କ ବୟଫ୍ରେଣ୍ଡଙ୍କ ସହ ବ୍ରେକ୍‌ଅପ୍ କରିବାକୁ ଚାହୁଁଥିଲେ। କିନ୍ତୁ ବୟଫ୍ରେଣ୍ଡଙ୍କୁ ଏହା ଜଣାଇବା ପାଇଁ ତାଙ୍କ ନିକଟରେ ସାହସ ନ ଥିଲା। ତେଣୁ ସେ ଜଣେ ଜେଜେମା'ଙ୍କୁ ଭଡ଼ାରେ ନେଇ ତାଙ୍କ ଉପସ୍ଥିତିରେ ବୟଫ୍ରେଣ୍ଡଙ୍କୁ ବ୍ରେକ୍‌ଅପ୍ ବିଷୟରେ ଜଣାଇଥିଲେ।

# ଭିଜା ସମସ୍ୟା: ଆମେରିକାରେ ୭୦% ପର୍ଯ୍ୟନ୍ତ ଭାରତୀୟ ଛାତ୍ରୀଛାତ୍ର ହ୍ରାସ ଆକଳନ

ନୂଆଦିଲ୍ଲୀ,୧୮।୭

ଆମେରିକାର ଭିଜା ମିଳିବାରେ ବିଭିନ୍ନ ସମସ୍ୟା ଏବଂ ପ୍ରକ୍ରିୟାରେ ବିଭିନ୍ନ ଦ୍ୱନ୍ଦ୍ୱ ଦେଖାଯାଉଥିବା ଯୋଗୁ ଚଳିତ ବର୍ଷ ସେଠାରେ ଭାରତୀୟ ଛାତ୍ରଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ଘଟିଛି। ବିଦେଶୀ ଛାତ୍ରୀଛାତ୍ରଙ୍କ ସହ ଟ୍ରମ୍ପ ପ୍ରଶାସନର ଚାଲିଥିବା ବିବାଦ ମଧ୍ୟରେ ଚଳିତଥର ଆମେରିକା ଯାଉଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ହାର ୭୦ରୁ ୮୦% ଯାଏ ହ୍ରାସ ଘଟିଥିବା ନେଇ ହାଇଦ୍ରାବାଦସ୍ଥିତ ଏକ ଶିକ୍ଷା ପରାମର୍ଶଦାତା ସଙ୍ଗଠନ ହାଇଦ୍ରାବାଦ ଓଭରସିଜ୍ କନ୍‌ସଲଟାଣ୍ଟ ଆକଳନ କରିଛି। ଭିଜା ସ୍ଲଟ୍ ମିଳିବାରେ ବିଳମ୍ବ ଏବଂ ଭିଜା ପ୍ରତ୍ୟାଖ୍ୟାନ ହାର ବୃଦ୍ଧି ଏହାର ପ୍ରମୁଖ କାରଣ ବୋଲି କୁହାଯାଇଛି। ଚଳିତ ଥର ଆମେରିକାରେ ଉଚ୍ଚଶିକ୍ଷା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଭିଜା ସାକ୍ଷାତ୍‌କାର ସ୍ଲଟ୍ ପାଇବାରେ ବହୁତ



ଅଧିକ ସମୟ ଲାଗୁଛି। ସାଧାରଣତଃ ଏହି ସମୟ ସୁଦ୍ଧା ଅଧିକାଂଶ ଛାତ୍ରୀଛାତ୍ର ଆମେରିକାକୁ ସେମାନଙ୍କର ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଚଳିତ ଥର କିନ୍ତୁ ଅନେକେ ଏବେ ବି ନିଜ ଭିଜା ସ୍ଲଟ୍ ପାଇଁ ଅପେକ୍ଷା କରି ରହିଛନ୍ତି। ହାଇଦ୍ରାବାଦ ଓଭରସିଜ୍ କନ୍‌ସଲଟାଣ୍ଟର ମୁଖ୍ୟ ପରାମର୍ଶଦାତା ସଞ୍ଜୀବ ରାୟ କହିଛନ୍ତି, ଚଳିତ ବର୍ଷ ଭିଜା ସ୍ଲଟ୍ ବୁକିଂ ବେଳେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାରର ସମସ୍ୟାରେ ପଡୁଛନ୍ତି। ପ୍ରକ୍ରିୟାରେ ଏବେ ବି ଅନିଶ୍ଚିତତା ଜାରି ରହିଛି, ଯାହା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି। ସେହିପରି ଯେଉଁ ଛାତ୍ରୀଛାତ୍ର ପୂର୍ବରୁ ସ୍ଲଟ୍ ବୁକ୍ କରିଥିଲେ, ସେମାନଙ୍କୁ ଏଯାଏ କନ୍‌ଫର୍ମେସନ ମିଳିନାହିଁ, ଯାହା ପରିସ୍ଥିତିକୁ ଅଧିକ ଜଟିଳ କରିଛି। ତେଣୁ ଏଭଳି ସ୍ଥିତିରେ ଭାରତୀୟ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ଆମେରିକା ବଦଳରେ ଅନ୍ୟ ଦେଶକୁ ଯିବା ଲାଗି ଆଗ୍ରହ ଦେଖାଉଛନ୍ତି। ଗତ ମାର୍ଚ୍ଚରେ ଭିଜା ନିମନ୍ତେ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅଧିକାଂଶ ଏବେ ଅସ୍ୱାଭାବିକ ଭାବେ ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହେଉଛନ୍ତି। ୨୧୪ବି ଧାରା ଅନୁଯାୟୀ ଭିଜା ପ୍ରତ୍ୟାଖ୍ୟାନ କରାଯାଉଛି। ଏହି ଧାରା ଅନୁଯାୟୀ, ଆବେଦନକାରୀଙ୍କୁ ଆମେରିକାରେ ପାଠପଢ଼ା ସମାପ୍ତ ପରେ ଯାଇ ନିଜ ଦେଶକୁ ଫେରିବେ ବୋଲି ପ୍ରମାଣ ଦେବାକୁ ପଡୁଛି।

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶନିବାର, ଜୁଲାଇ ୧୯/୨୦୨୫ | Bhubaneswar, Saturday, July 19/2025 | ପୃଷ୍ଠା-୧




**ବୟ୍‌କଟ୍ କଲ୍‌ଚର ବନ୍ଦ ହେଉ: ବାଣୀ**
ଅଭିନେତ୍ରୀ ବାଣୀ କପୁର ତାଙ୍କ ଆଗାମୀ ୱେବସିରିଜ୍ 'ମଣ୍ଡାଲା ମର୍ଡର୍ସ'ର ପ୍ରମୋଶନ ବେଳେ ବୟ୍‌କଟ୍ କଲ୍‌ଚର ବନ୍ଦ ହେଉ ବୋଲି କହିଛନ୍ତି। ୧୦


୧୨ **ସେମିଫାଇନାଲରେ ଏରିଗେସି**
ଫ୍ରିଷ୍ଟାଇଲ ଗ୍ରାଣ୍ଡସ୍ଲାମ ଟୁର୍ ଚେସ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗେସି ।



# ହଟିଲା ରେଭେନ୍‌ଶା ସାଢ଼େ ୫ କଟକଣା



Ravenshaw University
Cuttack
No. 2853 Date 17/07/2025
OFFICE ORDER
No female faculty, staff and students are permitted to remain in the work place or on campus after 05.30 PM. This decision will remain in place until a formal Standard Operating Procedure (SoP) is issued, which will outline the necessary guidelines and protocols for work hours and safety measures.
By Order of Vice Chancellor
Registrar
Ravenshaw University
Cuttack



Ravenshaw University
Cuttack
No. 2867 Date 17-07-2025
OFFICE ORDER
This Office Order No-2853 dated 17.07.2025 restricting staying of female faculty, staff and students in the work place or on campus after 05.30 PM, is hereby withdrawn.
By Order of Vice Chancellor
Registrar
Ravenshaw University
Cuttack

କଟକଣା ଲଗାଯିବା ଓ ହଟାଯିବାର ଅଫିସ ଅର୍ଡର।

**କଟକ,୧୮।୭(କାର୍ତ୍ତିକ ସାହୁ)**

କଟକର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଛାତ୍ରୀ, ଅଧ୍ୟାପିକା ଏବଂ ମହିଳା କର୍ମଚାରୀ ସନ୍ଧ୍ୟା ୫.୩୦ ମିନିଟ୍ ପରେ ବୁଲିପାରିବେ ନାହିଁ କି କାର୍ଯ୍ୟାଳୟରେ କାମ କରିପାରିବେ ନାହିଁ। ବିଶ୍ୱବିଦ୍ୟାଳୟ କୁଳପତିଙ୍କ ନିର୍ଦ୍ଦେଶକ୍ରମେ କୁଳସଚିବଙ୍କ ପକ୍ଷରୁ ଏଭଳି କଟକଣା ଗୁରୁବାର ଜାରି କରାଯାଇଥିଲା। ବିଶ୍ୱବିଦ୍ୟାଳୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୁକ୍ରବାର ଗଣମାଧ୍ୟମକୁ ଏ ସମ୍ବନ୍ଧରେ ସୂଚନା ଦେଇଥିଲେ। ମାତ୍ର ଏହାର ଘଣ୍ଟାଏ ନ ଯାଉଣୁ ହଠାତ୍ ନିଷ୍ପତ୍ତି ବଦଳିଗଲା। ଜାରି ହୋଇଥିବା କଟକଣାକୁ ପ୍ରତ୍ୟାହାର କରିନିଆଗଲା ବୋଲି ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଣି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତେବେ କଟକଣାକୁ ବିଭିନ୍ନ ମହଲ ଓ ସାମାଜିକ ଗଣମାଧ୍ୟମରେ ମହିଳା ବିରୋଧୀ ମାନସିକତା ବୋଲି ଦର୍ଶାଯାଇ ଜୋର୍‌ଦାର ବିରୋଧ କରାଯାଇଥିଲା। ଫଳରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କଟକଣା ହଟାଇ ଦିଆଯାଇଥିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଅସୀମ କାର୍ଯ୍ୟକାଳ

# କୋର୍ଟ ନ ହେଲେ ଜାମିନ

## ଏନ୍‌ଆଇଏ, ୟୁଏପିଏ ମାମଲାରେ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଚେତାବନୀ



**ନୂଆଦିଲ୍ଲୀ,୧୮।୭(ପି.ଟି.)**

ସ୍ୱତନ୍ତ୍ର ଆଇନ ଅଧୀନରେ ଥିବା ମାମଲାଗୁଡ଼ିକ ପାଇଁ କୋର୍ଟ ସ୍ଥାପନ କରାଯାଇ ନ ଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ଉଦ୍‌ବେଗ ପ୍ରକାଶ କରିବା ସହ କେନ୍ଦ୍ର ଓ ମହାରାଷ୍ଟ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏଭଳି ହେଲେ ଉପରୋକ୍ତ ଆଇନର ଅଭିଯୁକ୍ତମାନଙ୍କୁ ଜାମିନ ମଞ୍ଜୁର କରିବାକୁ ଅଦାଲତ ବାଧ ହେବେ ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି।

ଏନ୍‌ଆଇଏ ଆଇନ ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ଆଇନ ଅଧୀନରେ ମାମଲାଗୁଡ଼ିକର ଦ୍ରୁତ ବିଚାର ପାଇଁ ସରକାର ଯଦି ଆବଶ୍ୟକ ଭିତ୍ତିଭୂମି ସହ ସ୍ୱତନ୍ତ୍ର କୋର୍ଟ ସ୍ଥାପନ କରିବାରେ ବିଫଳ ହୁଅନ୍ତି, ତେବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିଚାର ଶେଷ କରିବା ପାଇଁ ପ୍ରଭାବଶାଳୀ ବ୍ୟବସ୍ଥା ରହିବ ନାହିଁ। ଫଳରେ ଅଦାଲତଗୁଡ଼ିକ ଅଭିଯୁକ୍ତମାନଙ୍କୁ ଜାମିନରେ ଛାଡ଼ିବା ପାଇଁ ସବୁବେଳେ ବାଧ ହେବେ। ବର୍ତ୍ତମାନ ରହିଥିବା ଅତାଲତଗୁଡ଼ିକୁ ସ୍ୱତନ୍ତ୍ର ଅଦାଲତ ଭାବେ ନାମିତ କରିବା ପାଇଁ ସେଗୁଡ଼ିକୁ ବିଶ୍ୱାସଯୋଗ୍ୟ କରିବା ନିମନ୍ତେ ହାଇକୋର୍ଟଗୁଡ଼ିକୁ ବାଧ କରିବାକୁ ପଡ଼ିବ ବୋଲି କେନ୍ଦ୍ର ଓ ମହାରାଷ୍ଟ୍ର ସରକାରଙ୍କ ତରଫରୁ ଉପସ୍ଥିତ ଥିବା ଅତିରିକ୍ତ ସଲିସିଟର ଜେନେରାଲ ରାଜକୁମାର ଭାସ୍କର ଠାକ୍‌ରେଙ୍କୁ ଖଣ୍ଡପୀଠ କହିଛନ୍ତି।

ଏନ୍‌ଆଇଏ ଏବଂ ଅନ୍ୟ ସ୍ୱତନ୍ତ୍ର ଆଇନର ମାମଲାଗୁଡ଼ିକର ଦ୍ରୁତ ଶୁଣାଣି ପାଇଁ ସ୍ୱତନ୍ତ୍ର ଅଦାଲତ ସ୍ଥାପନ ଦିଗରେ କୌଣସି ପ୍ରଭାବୀ କିମ୍ବା ଦେଖିଲା ଭଳି ପଦକ୍ଷେପ ନିଆଯାଇନାହିଁ। ☞ପୃଷ୍ଠା-୨

**ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କ ଏକ ଦୂରଦୃଷ୍ଟିହୀନ କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। କୌଣସି ଏକ ବ୍ୟବସ୍ଥା ସୃଷ୍ଟି କରାଗଲେ, ତାହା ଯେପରି ଅନ୍ୟ ବ୍ୟବସ୍ଥାକୁ ପ୍ରଭାବିତ ନ କରିବ ସେଥିପ୍ରତି ଦୃଷ୍ଟି ଦିଆଯିବା ଜରୁରୀ। ଏହା ହୋଇ ନ ପାରିଲେ ତାହା ଅନେକ ବ୍ୟବସ୍ଥା ଉପରେ ବୋଝ ପାଲଟିଯିବ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇ ଏନ୍‌ଆଇଏ ଏବଂ ୟୁଏପିଏ ଭଳି ଆଇନ ସମ୍ପର୍କିତ ମାମଲାର ଶୁଣାଣି ପାଇଁ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ନ ହେବା ଯୋଗୁ ସୃଷ୍ଟି ହୋଇଥିବା ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୧୯ରେ ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାରେ ଆଇଇଡି ବିସ୍ଫୋରଣରେ ୧୯ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଆଇନ-୨୦୦୮ ବଳରେ କୈଳାସ ରାମଚଣ୍ଡୀଙ୍କୁ ମାଓବାଦୀଙ୍କ ସମର୍ଥକ ଦର୍ଶାଇ ପୋଲିସ ଗିରଫ କରିଥିଲା। ସୁପ୍ରିମକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରି କହିଛନ୍ତି, ଏଭଳି ମାମଲାର ଶୁଣାଣି ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ନ କଲେ ଆମେ ଅଭିଯୁକ୍ତଙ୍କୁ ଜାମିନ ଦେବାକୁ ବାଧହେବୁ।**

# 'ମହିଳା ସହାୟତା ନଂ. ୧୮୧ ତୁରନ୍ତ ଲେଖ'

**ଭୁବନେଶ୍ୱର,୧୮।୭ (ସୁଚିସ୍ମିତା ସାହୁ)**

ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ଦେଖାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ଗୋଟିଏ ପରେ ଗୋଟିଏ ନିର୍ଦ୍ଦେଶନାମା ଜାରି କରାଯାଉଛି। ଏବେ ସମସ୍ତ ଶିକ୍ଷାନୁଷ୍ଠାନରେ ମହିଳା ସହାୟତା ନମ୍ବର ୧୮୧ ପ୍ରଦର୍ଶନ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ଶୁକ୍ରବାର ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କୁ ଚିଠି କରିଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ☞ପୃଷ୍ଠା-୨

**ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗର ଚିଠି**

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**
No. T-54: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଅନିବାର୍ଯ୍ୟ କାରଣ ଯୋଗୁ ଆସନ୍ତା **ତା୨୧।୦୭।୨୦୨୫ରିଖ** ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0170/2526

DSPL - 178



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓମ୍ଫେଡ୍

**ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା**



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ ଅତିଥି
**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ**
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା

- ୨୨ଟି ଦୁଗ୍ଧ ପରିବହନ ଯାନର ଶୁଭାରମ୍ଭ
- ଗୁଣ୍ଡ ଦୁଗ୍ଧ ମେସିନର ଶୁଭାରମ୍ଭ
- ୬୨ଟି ଓମ୍ଫେଡ୍ ଷ୍ଟାଫ୍ କ୍ୱାଟର୍ସର ଉଦ୍‌ଘାଟନ

୧୯ ଜୁଲାଇ ୨୦୨୫ | ଅରିଲୋ, ଗୋବିନ୍ଦପୁର, କଟକ

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ || ଓମ୍ଫେଡ୍
ଓଡ଼ିଶା ସରକାର

OIPR-06014/13/0050/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନୃତ୍ୟ ପ୍ରଜ୍ଞା ପବ୍ଲିକ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନୃତ୍ୟ ପ୍ରଜ୍ଞା ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟରର ୨୨ତମ ବାର୍ଷିକ ଉତ୍ସବ ଓ ସ୍ୱର୍ଗତ ପରେଶନାଥ ନାୟକଙ୍କ ୬୬ତମ ଜୟନ୍ତୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ନୈତିକ ଶିକ୍ଷା କାର୍ଯ୍ୟକ୍ରମ, ସମୟ: ସକାଳ ୧୦ଟା, ସ୍ଥାନ: ଭୁଆଶୁଣିପାଟଣା ଉଚ୍ଚ ବିଦ୍ୟାଳୟ, ବେଗୁନିଆ।

## ଭଦ୍ରକ

- ମନ୍‌ସୁନ ଫେଷ୍ଟ, ସ୍ୱାଗତମ ଉତ୍ସବ, ସ୍ଥାନ: ମୋଟେଲ ଛକ ଦିଶା ସ୍ମାର୍ଟ ସ୍କୁଲ, ଭଦ୍ରକ, ସମୟ: ସକାଳ ୯ଟା।
- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଆରଡ଼ିଛକ ନୂଆ ସର୍କିଟ୍ ହାଉସ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଜଳ ନିଷ୍କାସନ ଦାବିରେ ଚାଷୀଙ୍କ ଆନ୍ଦୋଳନ, ସ୍ଥାନ: ଭଗବାନପୁର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷାବିତ୍ ସ୍ୱର୍ଗତ ଅକ୍ଷୟ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ସାନବର୍ଦ୍ଧିକଗାଁ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ନୂତନ ରାଶନ କାର୍ଡ ବଣ୍ଟନ ଉତ୍ସବ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଦିବଂଗତ ସାମାଜିକ କର୍ମୀ ଦୈତାରୀ ବେହେରାଙ୍କ ସ୍ମୃତିସଭା, ସ୍ଥାନ: ପ୍ରବୋଧପୁର, ମନ୍ଦାରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସମୟ: ଅପରାହ୍ନ ୩ଟା ୩୦, ସ୍ଥାନ: ଦରବାର ହଲ, କେନ୍ଦୁଝର।

## ମୟୂରଭଞ୍ଜ

- ସଙ୍କୁଳସ୍ତରୀୟ ବୈଠକ,ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- କେଶବଚନ୍ଦ୍ର ମିଶ୍ର ଗ୍ରାନ୍ଥାବଳୀ ଉନ୍ମୋଚନ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ସମୟ: ଅପରାହ୍ନ ୪ଟା ୪୫ମିନିଟ୍।

## କେନ୍ଦ୍ରାପଡ଼ା

- ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।
- ଜନଚେତନା ପରିଷଦ ଓ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ପକ୍ଷରୁ ବାଣୀକଣ୍ଠ ନିର୍ମାଇଁ ହରିଚନ୍ଦନଙ୍କ ପୁଣ୍ୟତିଥି ସ୍ମରଣ, ସ୍ଥାନ: ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ, ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।

## ଯାଜପୁର

- ଜାରକା ରୋଟାରି କ୍ଲବ ପକ୍ଷରୁ ଜଏଣ୍ଟ ଇଷ୍ଟାଲେସନ୍ ସେରିମନି, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ୍ ପରିସର, ସମୟ: ଅପରାହ୍ନ ୫ଟା୩୦।
- ଉତ୍କଳ ସାହିତ୍ୟ ସମାଜ ଯାଜପୁର ଜିଲା ଶାଖା ପକ୍ଷରୁ ବନ୍ଧୁ ମିଳନ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଅରେଇକଣା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ସ୍ମୃତି ଚାରଣ ସଭାରେ ଶରୀର ଦାନ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଶରଣକୁଳ ନିକଟସ୍ଥ କଟରାଝରୀ, ସମୟ: ସକାଳ ୧୦ଟା।

## ରାୟଗଡ଼ା

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କୋଲନରା ପଞ୍ଚାୟତ ସମିତି କାର୍ଯ୍ୟାଳୟ,
- ସମୟ: ପୂର୍ବାହ୍ନ ୧୦ ଟା।
- ସ୍ୱାମୀ ଶିବାନନ୍ଦଙ୍କ ୬୨ ତମ ମହାପ୍ରୟାଣ ଦିବସରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ମିତ୍ସ ମେଗା ଫୁଡ ପାର୍କ ପରିସର, କୋଲନରା, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ନବରଙ୍ଗପୁର ଗସ୍ତ, ସମୀକ୍ଷା, ସ୍ଥାନ: ଅଶୋକ ମେହେଟ୍ଟା ବୈଠକ ଗୃହ, ସମୟ: ସନ୍ଧ୍ୟା ସାଢ଼େ ୬ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ: ସକାଳ ୮ଟା।
- ସମ୍ବଲପୁରୀ ଏକତା ମଞ୍ଚ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ପ୍ରସ୍ତୁତି ସଭା, ସ୍ଥାନ: ସମ୍ବଲପୁର କଳାପରିଷଦ, ସମୟ: ପୂର୍ବାହ୍ନ ୧୧ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ଅପରାହ୍ନ ୪ଟା।

## ବଲାଙ୍ଗୀର

- ଶିକ୍ଷା ସଂସ୍କାରକ ସାବିତ୍ରୀ ବାଇ ଫୁଲେଙ୍କ ପ୍ରତିମୂର୍ତ୍ତି ଶିଳାନ୍ୟାସ, ସ୍ଥାନ: ଠିକାଦାରପଡା ପୋଲ ନିକଟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ଛେଣ୍ଡ କଲୋନି, ସମୟ: ସକାଳ ୫ଟା ୩୦।
- ବର୍ଷା ଭିତ୍ତିକ କବିତା ଆସର, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ସେକ୍ଟର-୭, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସନ୍ତରଣ ପ୍ରତିଯୋଗିତା, ସ୍ଥାନ: ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ, ବରଗଡ଼, ସମୟ: ସକାଳ ୬ଟା।
- ସାମ୍ବାଦିକ ସଂଘର ବନ୍ଧୁ ମିଳନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଶିବମନ୍ଦିର ପ୍ରାଙ୍ଗଣ, ଝାରବନ୍ଧ ଡ୍ୟାମ୍, ସମୟ: ମଧ୍ୟାହ୍ନ ୧୨ଟା ୩୦।

## କଳାହାଣ୍ଡି

- ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ସାହାଣୀ କପ୍ ଆନ୍ତଃ ଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନ, ସ୍ଥାନ: ଜିଲା ଷ୍ଟାଡିୟମ୍, ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

## ସୁବର୍ଣ୍ଣପୁର

- ଆର୍ଥିକ ସାକ୍ଷରତା ସଚେତନତା ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଆଦିବାସୀଙ୍କ ପକ୍ଷରୁ ଆଶ୍ରମ ବିଦ୍ୟାଳୟ ଘେରାଉ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ସାହାଜଟ ଆଶ୍ରମ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ପାରିବାରିକ ଜୀବନରେ ସ୍ନେହ, ସହାନୁଭୂତିର ଅଭାବ ରହିବ ନାହିଁ। ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିବାକୁ ପଡ଼ିପାରେ। ଜନ୍ମ ଚନ୍ଦ୍ର ଯୋଗୁ ଦୂରଯାତ୍ରା, ବିବାଦ, ଗୃହାରମ୍ଭ ଆଦି କାର୍ଯ୍ୟରେ ସମସ୍ୟା ଉପୁଜିପାରେ।

**ବୃଷ** ଶନିଙ୍କ ଦୃଷ୍ଟିରେ ଶୁକ୍ର ରହିଥିବାରୁ କୌଣସି ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ଅର୍ଥହାନିର ଯୋଗ ରହିଛି। ବନ୍ଧୁଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ଅପ୍ରିୟତା ଅର୍ଜନ କରିବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ଧାଁ ଧଉଡ କରିବାକୁ ପଡ଼ିବ। ବନ୍ଧୁଙ୍କ ସହାୟତାରେ ବ୍ୟବସାୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ଧନାଧିପତି ଏକାଦଶସ୍ଥ ଯୋଗୁ ଅର୍ଥଲାଭ ହେଲେ ମଧ୍ୟ ପାପଗ୍ରହ ପ୍ରଭାବରୁ ଝିନଝଟ୍ ଭିତରେ ଗତି କରିବାକୁ ପଡ଼ିବ। ସାଧାରଣ କଥାରେ ଉତ୍ତେଜିତ ହେବା ଦ୍ୱାରା ପଡ଼ୋଶୀଙ୍କ ସହ ସମ୍ପର୍କ ହ୍ରାସ ଘଟିପାରେ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହିବନାହିଁ। ମକଦ୍ଦମାରେ ବିଚାର ବିଳମ୍ବିତ ହେବ।

**କର୍କଟ** ଆଜି ସହକର୍ମୀଙ୍କ କୂଟନୀତି ଓ ଆତ୍ମୀୟଙ୍କ ବେଖାତିର କଥା ସକାଶେ ଅନୁତାପ କରିପାରନ୍ତି। ବନ୍ଧୁଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଚନ୍ଦ୍ର କର୍ମକ୍ଷେତ୍ରରେ ଥିବାରୁ ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ପାରିବାରିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ସିଂହ** ଆଜି ଆବଶ୍ୟକ ଟଙ୍କା ପଇସା ଯୋଗାଡ ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିପାରନ୍ତି। ସହକର୍ମୀଙ୍କ ସହ କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଶିଳ୍ପ,ବାଣିଜ୍ୟ ଓ ପରିବହନ, ଏଜେନ୍ସି, ଗଣ ଯୋଗାଯୋଗ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପାରିବାରିକ ସ୍ଥିତି ବିଶେଷ ଭଲ ରହି ନପାରେ।

**କନ୍ୟା** ଅଷ୍ଟମ ଚନ୍ଦ୍ରଙ୍କ ପ୍ରଭାବରୁ ଆପଣଙ୍କ ସ୍ଥଗିତ ପ୍ରାପ୍ୟଅର୍ଥ ପାଇବାର ସମ୍ଭାବନା ଦେଖାଦେଇପାରେ। ବହୁପୂର୍ବରୁ ମନେ ମନେ ଭାବିଥିବା ନୂତନ କାର୍ଯ୍ୟଟିକୁ ଆରମ୍ଭକରି କୃତକାର୍ଯ୍ୟ ହେବେ। କଠିନ ପରିଶ୍ରମ ଜନିତ କ୍ଳାନ୍ତି ଓ ଅବସାଦ ଦଖାଦେଇପାରେ। ସାଧାରଣ କଥାରେ ତର୍କବିତର୍କ କାରଣରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ତୁଳା** ସ୍ଥଗିତ କାମଟି ଆଜି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିବେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡ଼ା ଲାଗିପାରେ। କର୍ମକ୍ଷେତ୍ରରେ, ସଭାସମିତିରେ,ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ।

**ବିଛା** ଷଷ୍ଠସ୍ଥ ଚନ୍ଦ୍ର ଯୋଗୁ ଆଜିର କୌଣସି କାମ ସୁବିଧାରେ ହେବନାହିଁ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କୁ ନିଜ କାମରେ ସହଭାଗିତା କରାଇପାରିବେ। ଅତୀତର ବିବାଦକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ବାକ୍‌ବିତଣ୍ଡା ସୃଷ୍ଟି ହେବାର ସୂଚନା ରହିଛି।

**ଧନୁ** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ରହିଥିଲେ ମଧ୍ୟ ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧିକରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବେ। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ଆନୁଷ୍ଠାନିକ କାମରୁ ମନ ଖୁସି ରହିବ।

**ମକର** ସ୍ଥଗିତ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ କରିବା ସକାଶେ ବନ୍ଧୁଙ୍କ ସହଯୋଗର ଆବଶ୍ୟକତା ଅନୁଭବ କରିବେ। ବନ୍ଧୁଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି ସହ ସୁନାମ ଅର୍ଜନ କରିବେ। ପ୍ରତ୍ୟାବର୍ତ୍ତନ ପଥରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଭଲ ସମ୍ପର୍କ ନ ଥିବା ଲୋକ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି କରିପାରିବେ ନାହିଁ । ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଏକ ଭିନ୍ନ ପରିସ୍ଥିତିରେ ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ** ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସତର୍କରେ ନଚଳିଲେ ବିବାଦକୁ ଟାଣି ହୋଇପାରନ୍ତି। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେବେ। ଏକାଧିକ କାମରେ ହାତ ଦେଲେ ବ୍ୟସ୍ତତା ବଢ଼ିଯିବ। ଆଗାମୀ ମାଙ୍ଗଳିକ କାମ ସକାଶେ ଆତ୍ମୀୟଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

ଆଜି ଜୁଲାଇ ୧୯ ତାରିଖ, ଶ୍ରାବଣ କୃଷ୍ଣ ନବମୀ ଯୁକ୍ତ ଦଶମୀ, ଶନିବାର। ସ୍ୱାମୀ ଶିବାନନ୍ଦଙ୍କ ମହାପ୍ରୟାଣ ଦିବସ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦଶମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୫ ଗତେ ଘ. ୦୧।୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୭ ଗତେ, ଘ.୧୦।୧୫ ମଧ୍ୟେ ରାହୁ କାଳ।

# ୪ କମ୍ୟୁନିଟି ହେଲ୍‌ଥ ଅଫିସର ନିଲମ୍ବିତ

**କାର୍ଯ୍ୟରେ ଅବହେଳା ମହଙ୍ଗା ପଡ଼ିଲା**

ପାରଳାଖେମୁଣ୍ଡି,୧୮।୭ (ଗିରିଧାରୀ ପରିଚ୍ଛା)

କାର୍ଯ୍ୟରେ ଅବହେଳା କରିଥିବାରୁ ଗଜପତି ଜିଲାରେ ୪ ଜଣ କମ୍ୟୁନିଟି ହେଲ୍‌ଥ ଅଫିସରଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଏହି ୪ ହେଲ୍‌ଥ ଅଫିସର ଦୀର୍ଘଦିନ ଧରି କାର୍ଯ୍ୟରେ ଅବହେଳା କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏହାକୁ ଗୁରୁତର ସହ ନେଇ ଜିଲାପାଳ ବିଜୟ କୁମାର ଦାସ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମୁବାରକ ଅଲ୍ଲୀ ଅଭିଯୋଗର ତଦନ୍ତ କରିବା ସହ ୪ଜଣ ହେଲ୍‌ଥ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ସେମାନଙ୍କ ଉତ୍ତର ସନ୍ତୋଷଜନକ ନ ହେବାରୁ କର୍ତ୍ତବ୍ୟରେ ଅବହେଳା ଓ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଅଭିଯୋଗରେ ସେମାନଙ୍କୁ ନିଲମ୍ବନ କରାଯାଇଛି। ଏହି ଅଫିସରମାନେ ଜିଲାର ମୋହନା ବ୍ଲକର ପାଣିଗଣ୍ଡା, ରାଇପଙ୍କା, ବୁତୁଲି ଏବଂ ଆର. ଉଦୟଗିରି ବ୍ଲକର ଶିଆଳିଲଟି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଥିଲେ। ସେମାନେ କାର୍ଯ୍ୟ କରୁଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରକୁ ନିୟମିତ ଆସୁ ନ ଥିଲେ। ଜିଲାରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ନିଯୁକ୍ତି ହୋଇଥିବା ଯେକୌଣସି କର୍ମଚାରୀ ଦାୟିତ୍ୱରେ ଅବହେଳା କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ଅଲ୍ଲୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଉପରୋକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ପୃକ୍ତ ହେଲ୍‌ଥ ଅଫିସରମାନେ ନିୟମିତ ଆସୁ ନ ଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏପରି କି ଜିଲାପାଳ ସେହିସବୁ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରକୁ ପରିଦର୍ଶନରେ ଯିବା ବେଳେ ଏହି ହେଲ୍‌ଥ ଅଫିସରମାନେ ଉପସ୍ଥିତ ନ ଥିବା ଜାଣିବାକୁ ପାଇଥିଲେ।

# ନିର୍ଯାତନା ଅଭିଯୋଗରେ ଭାଜପା ଯୁବନେତା ଗିରଫ

- ଜୋର୍ ଧରିଲା ଅନୁଗୋଳ ରାଜନୀତି, ନିଲମ୍ବନ କଲା ଜିଲା ଭାଜପା
- ପୀଡ଼ିତାଙ୍କୁ ନ୍ୟାୟ, ମହିଳାଙ୍କୁ ସୁରକ୍ଷା ଦାବି କଲା କଂଗ୍ରେସ
- ଉଚିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ରାସ୍ତାକୁ ଓହ୍ଲାଇବ ବିଜେଡି

ଅନୁଗୋଳ,୧୮।୭ (ମାନସ ବିଶ୍ୱାଳ)/ (ଜ୍ୟୋତିରଞ୍ଜନ ସାହୁ)

ଜଣେ ଯୁବତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ଅନୁଗୋଳ ଜିଲା ଭାଜପା ସମ୍ପାଦକ ତଥା ଯୁବନେତା ସୁଦୀପ୍ତ ସ୍ୱାଇଁ ଗିରଫ ହୋଇଛନ୍ତି। ବନ୍ତଳା ପୋଲିସ ୧୭ ତାରିଖ ରାତିରେ ତାଙ୍କୁ ଗିରଫ କରିଛି। ଭାଜପା ନେତାଙ୍କ ଏହି ଗିରଫଦାରି ପରେ ଅନୁଗୋଳ ଜିଲା ରାଜନୀତି ଜୋର୍ ଧରିଛି। କଂଗ୍ରେସ ପକ୍ଷରୁ ଶୁକ୍ରବାର ଖବରଦାତା ସମ୍ମିଳନୀ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ଓ ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଛି। ସେହିପରି ପୋଲିସ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ଜିଲା ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଅପରପକ୍ଷରେ ଭାଜପା ପକ୍ଷରୁ ତୁରନ୍ତ ଯୁବନେତା ସ୍ୱାଇଁଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ଅନୁଗୋଳ ଜିଲା ସଭାପତି ଯଯାତୀ କେଶରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଅନୁଗୋଳ ସହରରେ ଥିବା ଏକ ବ୍ୟାଙ୍କରେ ସମ୍ପୃକ୍ତା ଯୁବତୀ କାର୍ଯ୍ୟ କରନ୍ତି।


ସୁଦୀପ୍ତ ସ୍ୱାଇଁ

ସୁଦୀପ୍ତଙ୍କ ସହ ତାଙ୍କର ଜଣାଶୁଣା ଥିଲା। ହେଲେ ସୁଦୀପ୍ତ ତାଙ୍କୁ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଉଆସୁଥିଲେ। ଏପରି କି ରାସ୍ତାରେ ତାଙ୍କ ଗାଡ଼ିକୁ ଅଟକାଇ ଗାଳିକରିବା ସହ ମାଡ଼ ମାରିବା ପାଇଁ ହାତ ଉଠାଉଥିଲେ। ଘର ସମ୍ମୁଖରେ ମାରଣାସ୍ତ୍ର ଧରି ଗଣ୍ଡଗୋଳ କରୁଥିବାରୁ ଯୁବତୀ ଜଣକ ଏ ନେଇ ଗତ ୧୬ ତାରିଖରେ ବନ୍ତଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତୁରନ୍ତ ନଂ. ୨୫୯/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ୧୭ ତାରିଖ ରାତିରେ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣା ଜଣାପଡ଼ିବା ପରେ ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ଜିଲା କଂଗ୍ରେସ ସଭାପତି ଅମ୍ବିକା ଭଞ୍ଜ, ମହିଳା ନେତ୍ରୀ ଅଳକା ରାଣୀ ମହାପାତ୍ର, ସୁନିଲ ପ୍ରଧାନ, ଜିତେନ୍ଦ୍ର ସାହୁ ଉପସ୍ଥିତ ରହି ଭାଜପା ନେତୃତ୍ୱ ବ୍ୟକ୍ତି ବିଶେଷମାନେ ନାରୀ ନିର୍ଯାତନାକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ କରିବା ସହ ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଦାବି କରିଥିଲେ। ରାଜ୍ୟରେ ମହିଳାମାନଙ୍କ ପ୍ରତି ଦିନକୁ ଦିନ ବଢ଼ି ଚାଲିଥିବା ନିର୍ଯାତନାକୁ ରୋକିବାରେ ବର୍ତ୍ତମାନର ସରକାର ବିଫଳ ହୋଇଛି ବୋଲି ଅଭିଯୋଗ କରିବା ସହ ଇସ୍ତଫା ଦେବାକୁ ଦାବି କରିଥିଲେ। ସେହିପରି ଜିଲା ବିଜେଡି କାର୍ଯ୍ୟାଳୟରେ ଜିଲା ସଭାପତି ବ୍ରଜକିଶୋର ପ୍ରଧାନଙ୍କ ନିର୍ଦ୍ଦେଶରେ ପୂର୍ବତନ ସଭାପତି ମହେନ୍ଦ୍ର ବସ୍ତିଆଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ସୁଦୀପ୍ତଙ୍କ ନାମରେ କୋହଳ ଦଫା ଲଗାଯାଇଥିବା ଅଭିଯୋଗ କରାଯାଇଥିଲା। ଯଦି ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଉଚିତ କାର୍ଯ୍ୟନୁଷ୍ଠାନ ନ ନିଏ ଦଳ ରାସ୍ତାକୁ ଓହ୍ଲାଇବ ବୋଲି ଯୁବନେତା ଅରୁଣାଭ ସିଂହ ଓ ଛାତ୍ର ଜନତା ଦଳ ସଭାପତି ରାଜୀବ ଲୋଚନ ପ୍ରମୁଖ ଚେତାବନୀ ଦେଇଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଶାଳଗ୍ରାମର ବସିବା ଶୋଇବା ସବୁ ସମାନ।**

ଶାଳଗ୍ରାମ ଖଣ୍ଡେ ଶିଳା ବା ପଥର। ସେଥିରେ ଜୀବନ ନାହିଁ। ଶାଳଗ୍ରାମକୁ ଯେମିତି ବା ଯେପରି ରଖିଲେ, ତାହା ଶୋଇଛି କି ବସିଛି ହଠାତ୍ ଜଣାପଡ଼ି ନ ଥାଏ। ପରୋକ୍ଷରେ ନିର୍ବିକାର ଲୋକର ମାନସିକ ଅବସ୍ଥା। କିଛି ବ୍ୟକ୍ତି ଅଛନ୍ତି ସେମାନଙ୍କୁ ସହଜରେ ଚିହ୍ନି ହୁଏନାହିଁ। ତାଙ୍କ କଥାବାର୍ତ୍ତାରୁ ଭଲ ମନ୍ଦ ବାରି ହୁଏନାହିଁ। ବାହ୍ୟ ଭାବଭଙ୍ଗୀରୁ ଅନ୍ତରର ଭାବ ପ୍ରକାଶ ନ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଶ୍ୱଶୁର ଘରର ଯେଉଁ ସୁନା**
**ଯହିଁ ତଉଲାଏ ତହିଁ ଊଣା।**

ଯୌତୁକ ସୁନା ପ୍ରକୃତରେ ଊଣା ହୁଏ। ଯୌତୁକରେ ମିଳିଥିବା ଧନସମ୍ପତ୍ତି କେବେହେଲେ ଚିରଦିନ ଲାଗି ଅଭାବକୁ ମେଣ୍ଟାଇ ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## 'ମହିଳା ସହାୟତା ...

ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟ କ୍ୟାମ୍ପସ ପରିସରରେ ରହିଥିବା ପ୍ରମୁଖ ସ୍ଥାନଗୁଡିକରେ ମହିଳା ସହାୟତା ନମ୍ବର ୧୮୧ ଲେଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ରୀଙ୍କ ସମ୍ବନ୍ଧରେ ସଚେତନତା ପାଇଁ କର୍ମଶାଳା ଆୟୋଜନ କରି ୩ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ଜଣାଇବାକୁ କୁହାଯାଇଛି। ଏଥିସହ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ ୨୦୧୩ (ପୋସ ଧାରା ୨୦୧୩) ଓ ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଚେତନତା କର୍ମଶାଳାରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନେ ଯୋଗଦେବେ। ପୋସ ଆକ୍ଟର ନିୟମାବଳୀକୁ କଡାକଡି ଭାବେ ପାଳନ କରିବା ପାଇଁ ଶପଥ ଗ୍ରହଣ କରିବେ। ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉ। ବିଶେଷକରି ଛାତ୍ରୀମାନଙ୍କ ଶାରୀରିକ, ମାନସିକ ଏବଂ ସାମାଜିକ-ଭାବପ୍ରବଣ ସୁସ୍ଥତା ପାଇଁ ଶିକ୍ଷାନୁଷ୍ଠାନଗୁଡିକରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ କୁହାଯାଇଛି।

## କୋର୍ଟ ନ ହେଲେ ...

ସ୍ୱତନ୍ତ୍ର କୋର୍ଟ ଖୋଲିବା ନିମନ୍ତେ ଉଚ୍ଚ ନ୍ୟାୟିକ ସେବା ଅଫିସର, କର୍ମଚାରୀ ପଦବୀ ସୃଷ୍ଟି କରିବା, କୋର୍ଟରୁମ୍ ଏବଂ ମୌଳିକ ସୁବିଧା ସୁଯୋଗର ଆବଶ୍ୟକତା ରହିଥିବା ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠଙ୍କ ନିର୍ଦ୍ଦେଶର ବିପରୀତରେ ଏକ ଧାରଣା ସୃଷ୍ଟି ହୋଇଥିଲା ଯେ, ବର୍ତ୍ତମାନର ଅଦାଲତଗୁଡ଼ିକୁ ଏନ୍‌ଆଇଏ ଆଇନ ଅଧୀନରେ ସ୍ୱତନ୍ତ୍ର କୋର୍ଟଭାବେ ନାମିତ କରାଗଲେ ଏହା ନିର୍ଦ୍ଦେଶନାମାର ଯଥେଷ୍ଟ ଅନୁପାଳନ ହୋଇପାରିବ। ଯଦି ହାଇକୋର୍ଟ ମୁଖ୍ୟ ବିଚାରପତିମାନେ ଏଥିରେ ରାଜି ହେବେ ଆମେ କେନ୍ଦ୍ର ଓ ମହାରାଷ୍ଟ୍ର ସରକାରଙ୍କ ଆବେଦନକୁ ସମ୍ପୂର୍ଣ୍ଣ ଖାରଜ କରିଦେବୁ। ତେବେ ଏହାଦ୍ୱାରା ବିଚାରାଧୀନ ବନ୍ଦୀ ଏବଂ ବୃଦ୍ଧ ବନ୍ଦୀ, ସମାଜର ବଞ୍ଚିତ ବର୍ଗ ଓ ଦୀର୍ଘଦିନ ଜେଲରେ ରହିଥିବା ଲୋକଙ୍କୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ୨୦୧୯ରେ ଆଇଇଡି ବିସ୍ଫୋରଣରେ ମହାରାଷ୍ଟ୍ରର ୧୫ ଜଣ ପୋଲିସ ନିହତ ହୋଇଥିଲେ। ଏହି ଘଟଣାରେ ଗଡଚିରୋଲିର ମାଓବାଦୀ ସମର୍ଥକ କୈଳାସ ରାମଚନ୍ଦ୍ରାନୀଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ତାଙ୍କ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ମଞ୍ଜୁର କରିଛନ୍ତି।

## ହଟିଲା ରେଭେନ୍‌ଶା ...

ଜଣାପଡ଼ିଛି। ରେଭେନ୍‌ଶା କର୍ତ୍ତୃପକ୍ଷଙ୍କ ଅଜବ କଟକଣାକୁ ନେଇ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏଭଳି ନିଷ୍ପତ୍ତି ଦ୍ୱାରା କ୍ୟାମ୍ପସରେ ମହିଳାଙ୍କ ସୁରକ୍ଷା କିପରି ନିଶ୍ଚିତ ରହିପାରିବେ ବୋଲି ପ୍ରଶ୍ନ ଉଠିଥିଲା। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ଏ ବାବଦକୁ ବାର୍ଷିକ ୬୦ ରୁ ୭୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ଏହାସତ୍ତ୍ୱେ ସେମାନେ ଅଣଛାତ୍ର ପ୍ରବେଶକୁ ରୋକିପାରୁନାହାନ୍ତି। ପ୍ରତିଦିନ କିଛି ନା କିଛି ଗଣ୍ଡଗୋଳ ଅଣଛାତ୍ରଙ୍କ ଯୋଗୁ ସୃଷ୍ଟି ହେଉଥିବାବେଳେ ସେମାନଙ୍କ ପ୍ରବେଶ ଉପରେ କୌଣସି କଟକଣା ରହୁନାହିଁ। କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା।

ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ମହିଳା ସୁରକ୍ଷା ବ୍ୟବସ୍ଥାକୁ ନେଇ ତତ୍ପରତା ଦେଖାଦେଇଥିଲା। ଏଥିପାଇଁ ଗୁରୁବାର କୁଳସଚିବ କାହ୍ନୁଚରଣ ମଲ୍ଲିକଙ୍କ ଦ୍ୱାରା ଏକ ନିର୍ଦ୍ଦେଶନାମା (୧୭.୭.୨୦୨୫ ତାରିଖର ଅଫିସ ଅର୍ଡର ନମ୍ବର-୨୮୫୩) ଜାରି କରାଯାଇଥିଲା। ଶୁକ୍ରବାର ଏନେଇ ଘୋଷଣା ହେବାର କିଛି ସମୟ ପରେ ଅଫିସ ଅର୍ଡର ନମ୍ବର-୨୮୫୩କୁ ପ୍ରତ୍ୟାହାର କରିଦିଆଗଲା। କିନ୍ତୁ କଟକଣାରେ ଏହା ସୂଚିତ କରୁଛି ଯେ, ସୁରକ୍ଷା କର୍ମୀ ନିୟୋଜିତ ହେବା ସତ୍ତ୍ୱେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ମହିଳା ଏବଂ ଛାତ୍ରୀଙ୍କ ପାଇଁ ଅସୁରକ୍ଷିତ। କେତେଜଣ ଛାତ୍ରୀ ଏହାର ବିରୋଧ କରି କହିଛନ୍ତି, କ୍ଲାସ ଶେଷ ହେବା ବେଳକୁ ଅପରାହ୍ନ ୫ଟା ହୋଇଯାଉଛି। ତେଣୁ ଏଭଳି କଟକଣା ଲଗାଇଲେ ଛାତ୍ରୀମାନଙ୍କ ସ୍ୱାଧୀନତା ହ୍ରାସ ପାଇବ। ଏହା ବଦଳରେ ଅଣଛାତ୍ର ପ୍ରବେଶ ରୋକିବାକୁ କଟକଣା କରାଗଲେ କ୍ୟାମ୍ପସରେ ଛାତ୍ରୀମାନେ ସୁରକ୍ଷିତ ହୋଇପାରିବେ ବୋଲି କହିଛନ୍ତି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ଅସୁରକ୍ଷିତ ବୋଲି ଅଭିଯୋଗ କରି ପୂର୍ବରୁ ଅନେକ ଥର ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକଗଣ ପ୍ରତିବାଦର ସ୍ୱର ଉଠାଇଛନ୍ତି। ବିଶ୍ୱବିଦ୍ୟାଳୟ ପରିସରରେ ଶୋଭାଯାତ୍ରା ମଧ୍ୟ କରିଛନ୍ତି। ତେବେ ଏ ସମ୍ପର୍କରେ କୁଳସଚିବଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

# ମହିଳାଙ୍କ ସ୍ୱାଧୀନତା ଉପରେ ସରକାରଙ୍କ ଆଭିମୁଖ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛିଃ ବିଜେଡି

ଭୁବନେଶ୍ୱର,୧୮।୭ (ସୁନିତ୍ ମିଶ୍ର)

ମହିଳାମାନେ ଅପରାହ୍ନ ୫.୩୦ ପରେ କାର୍ଯ୍ୟସ୍ଥଳୀରେ ରହିପାରିବେ ନାହିଁ ବୋଲି ଏକ ଅଫିସ୍ ଅର୍ଡର ଶୁକ୍ରବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ବିଜ୍ଞପ୍ତି ପ୍ରକାଶ ପାଇବାର କିଛି ସମୟ ପରେ ଏହାକୁ ପ୍ରତ୍ୟାହାର କରିଦିଆଯାଇଥିଲା। ଏହାକୁ ନେଇ ମହିଳାଙ୍କ ସ୍ୱାଧୀନତା ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ ବିଜେଡି ତୀବ୍ର ସମାଲୋଚନା କରିଛି। ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ମହିଳାଙ୍କୁ ସ୍ୱାଧୀନତା ପ୍ରଦାନ କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ ଏହି ବିଜ୍ଞପ୍ତିରୁ ସ୍ପଷ୍ଟ ହେଉଛି। ରାଜ୍ୟରେ ମହିଳାମାନଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇଚାଲିଥିବା ବେଳେ ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ପ୍ରଦାନରେ ବିଫଳ ହୋଇଛନ୍ତି ବୋଲି ଏହା ଏକ ପ୍ରମାଣ ସ୍ୱରୂପ ଉଭାହୋଇଛି। ନିଃସନ୍ଦେହରେ ଏହି ତାଲିବାନୀ ବିଜ୍ଞପ୍ତି ରାଜ୍ୟ ସରକାରଙ୍କ ମହିଳା ସ୍ୱାଧୀନତା ବିରୋଧୀ ମନୋଭାବକୁ ଦର୍ଶାଇଛି। ଏହି ବିଜ୍ଞପ୍ତି ରେଭେନ୍‌ଶା ପରି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ମହିଳାଙ୍କ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବା ଉଦ୍ୟମ ବିଶ୍ୱବିଦ୍ୟାଳୟ ଇତିହାସରେ ସବୁଦିନ ପାଇଁ ଏକ କଳଙ୍କମୟ ଅଧ୍ୟାୟ ହୋଇ ରହିବ। ଭାଜପା ସରକାରଙ୍କ ଶାସନରେ ଆସିଥିବା ଏହି ବିଜ୍ଞପ୍ତି ଓଡ଼ିଶା ପାଇଁ ଆଉ ଥରେ ଲଜ୍ଜା ଓ ନିନ୍ଦା ଆଣିଛି। ଏହି ବିଜ୍ଞପ୍ତିକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଏହାକୁ ପ୍ରତ୍ୟାହାରକରି ଦିଆଯାଇଥିଲା। ଏହି ତାଲିବାନୀ ବିଜ୍ଞପ୍ତି କିଭଳି ଭାବେ ପ୍ରକାଶ ପାଇଲା ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ସ୍ପଷ୍ଟୀକରଣ ରଖିବା ପାଇଁ ବିଜେଡି ଦାବି କରୁଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ସ୍ୱାକ୍ଷରରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ତୁରନ୍ତ ତାଙ୍କୁ ନିଲମ୍ବନ କରିବା ପାଇଁ ଲେନିନ୍ ଦାବି କରିଛନ୍ତି।



'ଧରିତ୍ରୀ'ର ବିଜ୍ଞାପନ ଓ ବିପଣନ ବିଭାଗ ଭାଇସ୍-ପ୍ରେସିଡେଣ୍ଟ ବିରଞ୍ଚି ନାରାୟଣ ଷେଣ୍ଢଙ୍କ ସ୍ୱେଚ୍ଛାକୃତ ଅବସର ବେଳେ ଶୁକ୍ରବାର ତାଙ୍କୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସମ୍ବର୍ଦ୍ଧନା ଦେଉଛନ୍ତି।

# ୩୩ ବର୍ଷ ପରେ ରାୟ ପ୍ରକାଶ

## ଦୋଷୀଙ୍କ ଦଣ୍ଡବିଧାନକୁ ଦେଖିପାରିଲେନି ପୀଡ଼ିତ

**ନୀଳଗିରି,୧୮।୭(ପ୍ରଶାନ୍ତ ବିଶ୍ୱାଳ)**

ରାଜନୈତିକ ଆକ୍ରୋଶର ଶିକାର ହୋଇ ମରଣସହ ସଂଗ୍ରାମ କରୁଥିବା ଜଣେ ବ୍ୟକ୍ତିଙ୍କୁ ଶେଷରେ ୩୩ବର୍ଷ ପରେ ନ୍ୟାୟ ମିଳିଥିବା ବେଳେ ଦୋଷୀଙ୍କୁ ଦଣ୍ଡ ମିଳିଛି। ମାତ୍ର ଏହି ଖୁସିର ମୁହୂର୍ତ୍ତକୁ ଦେଖିବାକୁ ପୀଡ଼ିତ ଜଣକ ଆଉ ନାହାନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ମିତ୍ରପୁର ଚଣ୍ଡିପୁର ଗ୍ରାମରେ।

୧୯୯୨ ଅଗଷ୍ଟ ୧୭ତାରିଖରେ ମିତ୍ରପୁର ଚଣ୍ଡିପୁର ଗ୍ରାମର ମନ୍ମଥ ମହାନ୍ତି (ମୁଷା)ଙ୍କୁ ମିତ୍ରପୁର ବଜାରରେ ଅଯୋଧ୍ୟା ଗ୍ରାମର ଚନ୍ଦ୍ରଶେଖର ମିଶ୍ର ଏବଂ ତାଙ୍କର ୪ଜଣ ସହଯୋଗୀ ମରଣାନ୍ତକ ଆକ୍ରମଣ କରି ମୂର୍ଚ୍ଛିତ ଅବସ୍ଥାରେ ଛାଡ଼ି ପଳାଇଯାଇଥିଲେ। ଏନେଇ ନୀଳଗିରି ଥାନାରେ ମାମଲା (ନଂ. ୭୯/୧୯୯୨) ରୁଜୁ ହୋଇ ତଦନ୍ତ କରି ଅଭିଯୁକ୍ତଙ୍କୁ ଧାରା ୪୫୨/୩୦୭/୧୪୭/୧୪୮/୧୪୯ରେ ମାକଦ୍ଦମା ହୋଇ ପ୍ରଥମେ ବାଲେଶ୍ୱର କୋର୍ଟ ଏବଂ ପରେ ନୀଳଗିରି ଦୌରାଜଜଙ୍କ କୋର୍ଟରେ କେସ୍ ନଂ. ୨୩/୨୦୦୬,୧୩୩/୧୯୯୬ରେ ବିଚାର ହୋଇ ଶୁକ୍ରବାର ରାୟ ପ୍ରକାଶ ପାଇଛି। ସହକାରୀ ଦୌରାଜଜ ସୁନନ୍ଦା ପ୍ରଧାନ ମୁଦାଲା ଚନ୍ଦ୍ରଶେଖର ମିଶ୍ର ଓ ରଘୁ ମୁଖୀଙ୍କୁ ଦୋଷୀ ସାବ୍ୟସ୍ତ କରି ଧାରା ୩୨୫/୧୪୯ରେ ୧ବର୍ଷ ସଶ୍ରମ କାରାଦଣ୍ଡ ସହ ୪ହଜାର ଟଙ୍କା ଜରିମାନା ଏବଂ ଧାରା ୪୫୨/୧୪୯ରେ ୧ବର୍ଷ ସଶ୍ରମ କାରାଦଣ୍ଡ ଓ ୪ହଜାର ଟଙ୍କା ଅନାଦେୟ ୧ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି।

ପ୍ରକାଶ ଥାଉ କି, ୨୦୧୫ ମସିହାରେ ପୀଡ଼ିତ ମନ୍ମଥ ମୃତ୍ୟୁବରଣ କରିସାରିଥିଲେ ହେଁ ବିଳମ୍ବରେ ହେଲେ ମଧ୍ୟ ନ୍ୟାୟ ପାଇଥିବାରୁ ପରିବାର ଲୋକେ ଖୁସିବ୍ୟକ୍ତ କରିଛନ୍ତି। ଉକ୍ତ ମକଦ୍ଦମାକୁ ଅତିରିକ୍ତ ପିପି ଅମରେନ୍ଦ୍ର ପଟ୍ଟନାୟକ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ।

# କନ୍‌ଷ୍ଟେବଲଙ୍କୁ ପେଟ୍ରୋଲ ଢାଳି ପୋଡ଼ିବାକୁ ଉଦ୍ୟମ

**ନାଉଗାଁ,୧୮।୭(ସୁଧା ବେହୁରା)**

ଥାନାରେ କର୍ମଚାରୀମାନେ ନିଜ କାର୍ଯ୍ୟରେ ବ୍ୟସ୍ତ ଥିଲେ। ହଠାତ୍ ଜଣେ ବ୍ୟକ୍ତି ସାଙ୍ଗରେ ପେଟ୍ରୋଲ ବୋତଲ ଓ ଦିଆସିଲି ନେଇ ପହଞ୍ଚିଥିଲେ। କେହି କିଛି ଭାବିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି ଥାନାରେ କାର୍ଯ୍ୟରତ ଜଣେ କନଷ୍ଟେବଲଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଛନ୍ତି। ଏହି ସମୟରେ ସେଠାରେ କାର୍ଯ୍ୟରତ ଅନ୍ୟ କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନାରେ ଶୁକ୍ରବାର ପୂର୍ବାହ୍ନ ପାୟ ୧୧ଟା ବେଳେ ଏହି ଘଟଣା ଘଟିଛି। ଏହି ଥାନା ଅନ୍ତର୍ଗତ ଓଷକଣା ଗ୍ରାମର ଭଗବାନ ସ୍ୱାଇଁ ଶୁକ୍ରବାର ନାଉଗାଁ ଥାନାରେ କାର୍ଯ୍ୟରତ କନ୍‌ଷ୍ଟେବଲ ଶ୍ରୀକାନ୍ତ କଅଁରଙ୍କୁ ପୋଡିଦେବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଥାନାର ଅନ୍ୟ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ଧରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର


**ଜେଲ ଗଲେ ଅଭିଯୁକ୍ତ**



ଅଭିଯୁକ୍ତ ଭଗବାନ ସ୍ୱାଇଁ

ହେବାରୁ ସ୍ୱାଇଁଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ମାମଲା (ନଂ. ୨୦୦/୨୫) ରୁଜୁ ହୋଇଛି। ସ୍ୱାଇଁ କାହିଁକି କଅଁରଙ୍କୁ ପୋଡିଦେବାକୁ ଉଦ୍ୟମ କରୁଥିଲେ ସେ ବିଷୟରେ ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ତେବେ ସ୍ୱାଇଁ ପୂର୍ବରୁ ଅନେକ ପ୍ରଶାସନିକ ଅଧିକାରୀଙ୍କୁ ଆକ୍ରମଣ କରି ଜେଲ ଯାଇଥିବା କାନୁନ୍‌ଗୋ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୧୯୯୪ରେ କୌଣସି ଦୁର୍ବୃତ୍ତ ସ୍ୱାଇଁଙ୍କ ଘର ପୋଡି ଦେଇଥିଲେ। ଏହାପରେ ଘର ପୋଡି ସହାୟତା ପାଇଁ ସ୍ୱାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ତାଙ୍କୁ କୌଣସି ସାହାଯ୍ୟ ମିଳି ନ ଥିଲା। ସହାୟତା ପାଇଁ ସ୍ୱାଇଁ ବିଡିଓଙ୍କୁ ପିଟିଶନ ଦେବା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ଉକ୍ତ ଘଟଣାର ତଦନ୍ତ ପାଇଁ ତତ୍କାଳୀନ ବିଡିଓ ରଶ୍ମିରେଖା ମଲିକ ଘଟଣା ସ୍ଥଳକୁ ଯାଇଥିବା ବେଳେ ସେଠାରେ ସ୍ୱାଇଁ ତାଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ସ୍ୱାଇଁଙ୍କ ନାମରେ ଥାନାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଅପରପକ୍ଷେ ଘରପୋଡି ଘଟଣାରେ ନ୍ୟାୟ ନ ପାଇବାରୁ ସ୍ୱାଇଁ ମାନବ ଅଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।




# ଏଫ୍‌ଏମ୍ କଲେଜରେ ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



ଅଧ୍ୟକ୍ଷଙ୍କ ଚାମ୍ବର ସମ୍ମୁଖରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍।

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

- କ୍ରାଇମବ୍ରାଞ୍ଚ ଟିମ୍‌ର ଚତୁର୍ଥ ପର୍ଯ୍ୟାୟ ତଦନ୍ତ
- ଦ୍ୱିତୀୟ ପର୍ଯ୍ୟାୟରେ ଉଚ୍ଚଶିକ୍ଷା ବିଭାଗର ତଦନ୍ତ କମିଟି

**ବାଲେଶ୍ୱର,୧୮।୭(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷର ନିଆଁ ଜଳୁଛି। ଆକ୍ରୋଶ ଓ ବିକ୍ଷୋଭ ଭିତରେ ମାମଲା ଉପରୁ ପରଦା ହଟାଇବା ପାଇଁ ଜୋରଦାର ଚାଲିଛି ତନାଘନା। ଆତ୍ମାହୁତି ଘଟଣାର ପ୍ରକୃତ ରହସ୍ୟ ଜାଣିବା ପାଇଁ ଶୁକ୍ରବାର ମହାବିଦ୍ୟାଳୟରେ ପହଞ୍ଚିଛନ୍ତି ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍, କ୍ରାଇମବ୍ରାଞ୍ଚ ଟିମ୍ ଓ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ତଦନ୍ତ କମିଟି।

ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ କମିଟିର ୪ଜଣିଆ ଟିମ୍ ଦିଲ୍ଲୀରୁ ଆସି ବାଲେଶ୍ୱରରେ ପହଞ୍ଚିଥିଲେ। ପ୍ରଫେସର ରାଜକୁମାର ମିତ୍ତଲଙ୍କ ଅଧ୍ୟକ୍ଷତାରେ ପ୍ରଫେସର ସୁଷମା ଯାଦବ, ଡ. ନୀର୍ଜା ଗୁପ୍ତା ପ୍ରକାଶ ଓ ୟୁଜିସିର ଯୁଗ୍ମ ସଚିବ ଡ. ଅସୀମା ମଙ୍ଗଲା ମହାବିଦ୍ୟାଳୟରେ ପହଞ୍ଚି ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଫିରୋଜ ପାଢ଼ୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଯେଉଁ ସ୍ଥାନରେ ସୌମ୍ୟାଶ୍ରୀ ଆତ୍ମାହୁତି ଦେଇଥିଲେ ସେହି ସ୍ଥାନରେ ପହଞ୍ଚି ତଦନ୍ତ କରିଥିଲେ। ଆଣ୍ଟି ହାରାସ୍‌ମେଣ୍ଟ ସେଲ୍, ଆଇସିସି କମିଟିର ସଦସ୍ୟ ଓ ଅନ୍ୟମାନଙ୍କୁ ପଚରାଉଚରା କରିଥିଲେ। ଇଣ୍ଟିଗ୍ରେଟେଡ୍ ବିଏଡ୍ ବିଭାଗର ୭ଜଣ ଛାତ୍ରୀଛାତ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରିଥିଲା ଏହି ଟିମ୍। ଦୀର୍ଘ ୫ ଘଣ୍ଟା ଧରି ତଦନ୍ତ ପରେ ଏହି ଟିମ୍ ଫେରିଥିଲା। ଶନିବାର ମଧ୍ୟ ଏହି ଟିମ୍ ପୁଣି ତଦନ୍ତ କରିବ। ତଦନ୍ତ ସମ୍ପର୍କରେ ଟିମ୍ ପକ୍ଷରୁ ଗଣମାଧ୍ୟମକୁ କୌଣସ ସୂଚନା ଦିଆଯାଇ ନ ଥିଲା।

ଅପରପକ୍ଷରେ କ୍ରାଇମବ୍ରାଞ୍ଚର ଗୋଟିଏ ଟିମ୍ କଲେଜରେ ତଦନ୍ତ ଚଳାଇଥିବା ବେଳେ ଆଉ ଗୋଟିଏ ଟିମ୍ ମୃତ ଛାତ୍ରୀଙ୍କ ଗାଁ ପଳାସିଆକୁ ଯାଇଥିଲା। ସେଠାରେ ଛାତ୍ରୀଙ୍କ ମା'ବାପା, ଭାଇଙ୍କୁ ପଚରାଉଚରା କରି ଫେରିଥିଲା। କ୍ରାଇମବ୍ରାଞ୍ଚ ସିଏଡବ୍ଲୁ ଓ ସିଡବ୍ଲୁ ଶାଖାର ଡିଏସ୍‌ପି ଇମାନକଲ୍ୟାଣ ନାୟକ ଓ ଇନ୍ସପେକ୍ଟର ପାଞ୍ଚାଲି ରାଉତ ମହାବିଦ୍ୟାଳୟରେ ଚତୁର୍ଥ ପର୍ଯ୍ୟାୟରେ ତଦନ୍ତ ରିପୋର୍ଟ ସଂଗ୍ରହ କରିଥିଲେ।

ସେହିପରି ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ୍ କଲେଜରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ଖୋଳତାଡ଼ ଆରମ୍ଭ କରିଛନ୍ତି। କମିଟିର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାରୁ ଆଇସିସିର ସଦସ୍ୟମାନଙ୍କୁ ପଚରାଉଚରା କରିଥିଲେ। ଏହି ଟିମ୍ ଦୁଇ ଦିନ ବାଲେଶ୍ୱରରେ ରହି ବିଭିନ୍ନ ଦିଗରୁ ତଦନ୍ତ କରିବ। ଛାତ୍ରୀ ଜଣଙ୍କ ଆତ୍ମାହୁତି ଉଦ୍ୟମ କରିବା ପରେ ଏହି ଟିମ୍ କଲେଜକୁ ଆସି ପ୍ରାଥମିକ ରିପୋର୍ଟ ସଂଗ୍ରହ କରିଥିଲା।

ସୂଚନା ଯେ, ଛାତ୍ରୀ ସୌମ୍ୟାଶ୍ରୀ ଗତ ୧୨ ତାରିଖରେ କଲେଜ ପରିସରରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ଶରୀରର ୯୫ ପ୍ରତିଶତ ଅଂଶ ପୋଡ଼ି ଯାଇଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇଥିଲା। ସୋମବାର ରାତିରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଅଧ୍ୟକ୍ଷ ଦିଲୀପ ଘୋଷ ଓ ଏଚ୍‌ଓଡି ସମୀର ସାହୁଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା। ଏହାପରେ ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ୨୧ରେ ସବୁ ଆର୍‌ଡିସି ଅଫିସ୍ ଘେରିବ ବିଜେଡି

**ଭୁବନେଶ୍ୱର,୧୮।୭(ସୁନିତ୍ ମିଶ୍ର)**

ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ତାଙ୍କ ମୃତ୍ୟୁ ପାଇଁ ସରକାରଙ୍କ ବ୍ୟବସ୍ଥାକୁ ଦାୟୀକରି ଓ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡି ପକ୍ଷରୁ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିଛି। ସେହି କ୍ରମରେ ଆସନ୍ତା ୨୧ରେ ବିଜେଡି ପକ୍ଷରୁ ରାଜ୍ୟର ସବୁ ଆର୍‌ଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ ହେବ ବୋଲି ଶୁକ୍ରବାର ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି, ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ବେଳେ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡ଼ି ପ୍ରତିବାଦ କାର୍ଯ୍ୟକ୍ରମ କରିଆସୁଛି। ଗତ ୧୪ ତାରିଖ ବିଳମ୍ବିତ ରାତିରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘୋଷଣା କରାଯାଇଥିଲା। ଗତ ୧୫ରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ୧୬ରେ ବିଜେଡ଼ି ପକ୍ଷରୁ ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ସରକାରଙ୍କ ନିର୍ଦ୍ଦେଶରେ ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ କରିଥିଲେ। ରାଜ୍ୟ ସରକାରଙ୍କ ଦାୟିତ୍ୱ ଓ ସମ୍ବେଦନହୀନତା ଲାଗି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ଏହାର ତଦନ୍ତ ଉଚ୍ଚ ନ୍ୟାୟାଳୟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାରବିଭାଗୀୟ ତଦନ୍ତ ପାଇଁ ବିଜେଡି ଦାବି କରିଛି। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜେଡି ଏହି ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଦେବୀ କହିଛନ୍ତି। ଏହି ଅବସରରେ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଉପସ୍ଥିତ ଥିଲେ।

## 'ନିର୍ଭୟା ଆଇନ ଭଳି ସୌମ୍ୟାଶ୍ରୀ ଆଇନ ଅଣାଯାଉ'




ଖବରଦାତା ସମ୍ମିଳନୀରେ ଏବିଭିପି ଛାତ୍ର ନେତା।

**ନ୍ୟାୟିକ ତଦନ୍ତ ଦାବି କଲା ଏବିଭିପି**

**ବାଲେଶ୍ୱର,୧୮।୭(ବାଞ୍ଛାନିଧି ଦେ)**

ଶିକ୍ଷାନୁଷ୍ଠାନରେ ଯୌନ ନିର୍ଯାତନା ଏବଂ ଯୌନ ହିଂସା ବିରୋଧରେ କଠୋର ଆଇନ ପ୍ରଣୟନ ହେଉ। ନିର୍ଭୟା ଆଇନ ଭଳି ସୌମ୍ୟାଶ୍ରୀ ଆଇନ ଅଣାଯାଉ। ଯୌନ ନିର୍ଯାତନା ଦେଉଥିବା ଅପରାଧୀଙ୍କୁ ଫାଷ୍ଟଟ୍ରାକ୍ କୋର୍ଟ ମାଧ୍ୟମରେ କଠୋରତମ ଦଣ୍ଡବିଧାନ ହେଉ। ସୋସିଆଲ ମିଡିଆରେ ଝିଅମାନଙ୍କ ଦ୍ୱାରା କରାଯାଉଥିବା ଅଭିଯୋଗ ପ୍ରତି ରାଜ୍ୟ ସରକାର ସତର୍କ ଦୃଷ୍ଟି ଦିଅନ୍ତୁ ବୋଲି ଶୁକ୍ରବାର ବାଲେଶ୍ୱର ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାଣମଣ୍ଡପରେ ଏବିଭିପି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି ହୋଇଛି। ଏହି ସମ୍ମିଳନୀରେ ଏବିଭିପି ବାଲେଶ୍ୱର ବିଭାଗ ଛାତ୍ରୀ ପ୍ରମୁଖ ପ୍ରିୟାସା ମହାପାତ୍ର, ଜିଲା ସଂଯୋଜିକା ଜ୍ୟୋତିରେଖା ଭୂୟାଁ, ଜିଲା ସହସଂଯୋଜକ ଜିତମ କୁମାର ଦାସ, କାର୍ଯ୍ୟାଳୟ ସମ୍ପାଦକ ପରାଗ ରଞ୍ଜନ ଜେନା ଯୋଗଦେଇ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାର ମୁଖ୍ୟ ଅଭିଯୁକ୍ତ ବିଭାଗୀୟ ଏଚ୍‌ଓଡ଼ି ସମୀର ସାହୁ ଓ ତତ୍କାଳୀନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳୁ ବୋଲି କହିଥିଲେ। ଏଥିସହ ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟିର ସଦସ୍ୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସୌମ୍ୟାଶ୍ରୀଙ୍କ ଅଭିଯୋଗ ଉପରେ ଯେଉଁ ଏନ୍‌ଏସ୍‌ୟୁଆଇ ଛାତ୍ର ସଂଗଠନ ନେତା ପ୍ରଶ୍ନ ଉଠାଇଥିଲେ, ସୋସିଆଲ ମିଡ଼ିଆରେ ଅଶାଳୀନ ମନ୍ତବ୍ୟ ଦେଇ ତାଙ୍କୁ ବଦନାମ୍ କରିଥିଲେ ସେମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବା ଉଚିତ୍ ବୋଲି କହିଥିଲେ।

# ଆଇଟିଇଆର୍ କଲେଜରେ ଅଗ୍ନିକାଣ୍ଡ

## ୬୫ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କଲା ଅଗ୍ନିଶମ ଟିମ୍

**ଭୁବନେଶ୍ୱର,୧୮।୭(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଜାଗମରାସ୍ଥିତ ଆଇଟିଇଆର୍ ଇଞ୍ଜିନିୟରିଂ କଲେଜରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। କଲେଜ ଅଡିଟୋରିୟମର ଦ୍ୱିତୀୟ ମହଲାରେ ଏହି ଅଘଟଣ ଘଟିଥିବା ବେଳେ ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଗ୍ନିଶମ ଟିମ୍ ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରିଶ୍ରମ କରି ନିଆଁକୁ ଆୟତ୍ତ କରିବା ସହ ତୃତୀୟ ମହଲାସ୍ଥିତ କମ୍ପ୍ୟୁଟର ଲାବ୍‌ରେ ଫସି ରହିଥିବା ୬୫ଜଣ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିଥିଲା। ରାଜ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ଏକ୍ସ ଜରିଆରେ ଏହି ସୂଚନା ଦିଆଯାଇଛି। ତେବେ ଜଣେ ଛାତ୍ର ଧୂଆଁର ଅଣନିଃଶ୍ୱାସୀ ହୋଇପଡିଥିବାରୁ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏସିରୁ ଶର୍ଟ ସର୍କିଟ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା ବୋଲି ଭୁବନେଶ୍ୱର ଡେପୁଟି ଫାୟାର ଅଫିସର ନାରାୟଣ ଦାସ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କଲେଜ କୋଠାର ଦ୍ୱିତୀୟ ମହଲାରେ ନିଆଁ ଲାଗି ବହୁମାତ୍ରାରେ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଏନେଇ ପୂର୍ବାହ୍ନ ପ୍ରାୟ ୧୧ଟା ୫୩ରେ ଅଗ୍ନିଶମ ବିଭାଗକୁ ଖବର ମିଳିଥିଲା। ଭୁବନେଶ୍ୱର, ସେକ୍ରେଟାରିଆଟ୍, ତମାଣ୍ଡୋ ଅଗ୍ନିଶମ କେନ୍ଦ୍ର ଓ ଷ୍ଟ୍ରାଇକିଂ ଫୋର୍ସର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁଲିଭା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏଥିରେ ୫ଟି ପାଣିଭର୍ତ୍ତି ଦମକଳ ଗାଡି ମଧ୍ୟ ନିୟୋଜିତ ହୋଇଥିଲା। ତେବେ ତୃତୀୟ ମହଲାରେ ଥିବା ଲାବ୍‌ରେ ତାଲିମ୍ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଛାତ୍ରୀଛାତ୍ର ସେଠାରେ ଫସି ରହିଥିଲେ। ସେମାନେ ଧୂଆଁ ଭିତରେ ଆତଙ୍କିତ ହୋଇପଡିଥିଲେ। ଏପରିକି ସେମାନେ ସେଠାରୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଆସିପାରି ନ ଥିଲେ। ଡେପୁଟି ଫାୟାର ଅଫିସର ଦାସଙ୍କ ସମେତ ପ୍ରାୟ ୫୦ଜଣ କର୍ମଚାରୀ ନିଆଁଲିଭା ସହ ଛାତ୍ରୀଛାତ୍ରମାନଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। ତେବେ ସୌଭାଗ୍ୟବଶତଃ ଅଗ୍ନିକାଣ୍ଡ ଘଟିଥିବା ଦ୍ୱିତୀୟ ମହଲାରେ କୌଣସି ଛାତ୍ରୀଛାତ୍ର କିମ୍ବା କର୍ମଚାରୀ ନ ଥିଲେ। ଦ୍ୱିତୀୟ ମହଲାର ସିଲିଂ, ଛାତ୍ରୀଛାତ୍ରଙ୍କ ପାଇଁ ରଖାଯାଇଥିବା ବ୍ଲେଜର, ଚେୟାର ଆଦି ଜଳି ନଷ୍ଟ ହୋଇଛି। ଅଗ୍ନି ନିରାପତ୍ତା ବ୍ୟବସ୍ଥା ଫାୟାର ହାଇଡ୍ରାଣ୍ଟ, ହୋସ୍ ରିଲ୍ ଆଦିରେ ପ୍ରଥମେ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିଆଁ ଲିଭାଯାଇଥିଲା।

**ବନ୍ୟାରେ ବୁଡ଼ିଛି ଶ୍ମଶାନ**

## ଜନ୍ମମାଟିରେ ହୋଇପାରିଲାନି ସତ୍କାର, ସ୍ୱର୍ଗଦ୍ୱାର ନେଲେ ସମ୍ପର୍କୀୟ

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୧୮।୭**

ସୁବର୍ଣ୍ଣରେଖା ନଦୀର ଚତୁର୍ଥ ବନ୍ୟା ଶବ ସତ୍କାରରେ ବାଧକ ସାଜିଛି। ବନ୍ୟା ପାଇଁ ଜନ୍ମ ମାଟିରେ ଶବ ଦାହ ହୋଇପାରିଲାନି। ପରିବାର ଓ ଗାଁ ଲୋକ ଉଛୁଳା ବନ୍ୟା ଜଳରେ ପଶି ଶବକୁ କାନ୍ଧେଇ ୨ କି.ମି. ସ୍ୱର୍ଗରଥ ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ଶବକୁ ସ୍ୱର୍ଗଦ୍ୱାର ନିଆଯାଇଥିଲା। ଏଭଳି ଘଟଣା ଘଟିଛି ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଚୌଧୁରୀକୁଦ ଗ୍ରାମରେ।

ସୂଚନା ଅନୁଯାୟୀ, ସୁବର୍ଣ୍ଣରେଖା ନଦୀର ଗୋଟିଏ ମାସରେ ୪ ଥର ବନ୍ୟା ଆସି ବାଲିଆପାଳ ବ୍ଲକର ୯ଟି ପଞ୍ଚାୟତକୁ ପ୍ରଭାବିତ କରିଛି। ଗତ ଜୁନ୍ ୨୦ ତାରିଖରୁ ଜୁଲାଇ ୧୮ ତାରିଖ ପର୍ଯ୍ୟନ୍ତ ବନ୍ୟା ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ଲୋକେ ଡଙ୍ଗା ସାହାଯ୍ୟରେ ଯାତାୟାତ କରୁଛନ୍ତି। ଏଭଳି ସମୟରେ ଶୁକ୍ରବାର ସକାଳେ ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତର ଚୌଧୁରୀକୁଦ ଗ୍ରାମର ମଧୁସୂଦନ ପ୍ରମାଣିକ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ବନ୍ୟାଜଳ ଗାଁ ଚାରିପାଖରେ ବୁଡ଼ି ରହିଥିବାରୁ ଶବଦାହ ପାଇଁ ସ୍ଥାନ ନ ଥିଲା। ତେଣୁ ଶବ ସତ୍କାର ପାଇଁ ଜାଗା ନ ମିଳିବାରୁ ପରିବାର ଲୋକେ ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରକୁ ସତ୍କାର କରିବା ପାଇଁ ସ୍ଥିର କରି ଗ୍ରାମରୁ ସ୍ୱର୍ଗରଥ ଗାଡି ପର୍ଯ୍ୟନ୍ତ ୨କି.ମି. ରାସ୍ତା ପ୍ରଖର ବନ୍ୟାସ୍ରୋତରେ ଶବକୁ କାନ୍ଧେଇ ନେଇଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ଯାତ୍ରା କରିଛନ୍ତି।



ବନ୍ୟାପାଣିରେ କାନ୍ଧରେ ଶବକୁ ନେଇ ଯାଉଛନ୍ତି ସମ୍ପର୍କୀୟ।

ଯଦି ତୁମେ କ୍ରୀତଦାସଟିଏ ନ ହୋଇ ମୁକ୍ତ ମଣିଷ ହେବାକୁ ଚାହ- ଯଦି ଏକ ଓ ଅବିଭକ୍ତ ହୋଇ ରହିବାକୁ ଚାହ- ଯଦି ତୁମେ ମୃତ୍ୟୁର ଅନ୍ଧାର ଭିତରେ ନ ରହି- ଅମର ହେବାକୁ ଚାହ- ଆଲୋକିତ ଜୀବନ ବଂଚିବାକୁ ଚାହ- ଯଦି ଆନନ୍ଦମୟ ଜୀବନ ବଞ୍ଚିବାକୁ ଚାହ- ଦୁର୍ବଳ ନ ହୋଇ ଶକ୍ତିମାନ ହେବାକୁ ଚାହ- ତେବେ ଅନନ୍ତ ମଧ୍ୟରେ ବାସ କର ଓ ଶାନ୍ତକୁ ଅଧିକାର କର। -ଶ୍ରୀଅରବିନ୍ଦ



# ଅସୀମ କାର୍ଯ୍ୟକାଳ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗୋଟିଏ ସମୟରେ ସେବା ନିବୃତ୍ତ ଅନ୍ୟ କିଛି ବିଷୟକୁ ସୂଚିତ କରୁଥିଲା। ଏବେ ଏହା କାର୍ଯ୍ୟକାଳ ବୃଦ୍ଧି କିମ୍ବା ପୁନଃ ନିଯୁକ୍ତିର ଦିନ ହୋଇଗଲାଣି । କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ଏବେ ଭାରତୀୟ କାର୍ଯ୍ୟକାଳ ବୃଦ୍ଧି କରାଯାଉଥିବା ଅଧିକାରୀ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ସେପ୍ଟେମ୍ବର ୨୦୨୫ରେ ସେ ଅବସର ନେଇଥାଆନ୍ତେ ଏବଂ ଏହାପରେ ତାଙ୍କର କାର୍ଯ୍ୟକାଳ ସମ୍ପ୍ରସାରଣ ହେବାର ନ ଥିଲା। କିନ୍ତୁ ଏବେ ସେହି ପଦବୀରେ ସେ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ରହିବେ କିମ୍ବା ତା'ପର ଯାଏ ରହିପାରନ୍ତି। କ୍ୟାବିନେଟ ନିଯୁକ୍ତି କମିଟି (ଏସିସି) କାଗଜପତ୍ର କାମ ଶେଷ କରିଥିବା ଜଣାପଡ଼ିଛି। ଅବସର ତୁଳନାରେ କାର୍ଯ୍ୟକାଳ ବୃଦ୍ଧି ପରମ୍ପରା ଏବେ ଏକ ନିୟମିତ ଧାରା ହୋଇଗଲାଣି। କ୍ୟାବିନେଟ ସଚିବ ଏକ ବାର୍ଷିକ ନବୀକରଣ ଯୋଜନାରେ ହିଁ ବଞ୍ଚୁଛନ୍ତି। ଦୁଃଖର ବିଷୟ, ର'ର ରବି ସିହ୍ନା ଭାଗ୍ୟବାନ୍ ନୁହନ୍ତି। ତାଙ୍କର କାର୍ଯ୍ୟକାଳ ବଢ଼ିଲା ନାହିଁ। ର'ର ପରାଗ ଜୈନ ସେହି ପଦବୀରେ ରହିଲେ। ସେହିପରି ସବୁ ରାଜ୍ୟରେ ଏହା ଏକ ପରମ୍ପରା ହୋଇଗଲାଣି। ପଶ୍ଚିମବଙ୍ଗରେ ମୁଖ୍ୟ ସଚିବମାନେ ଅବସର ନେବା କ୍ୱଚିତ ଦେଖାଯାଏ। ସେମାନେ କେବଳ ଅଧିକ ପଦବୀ ଦଖଲ କରିଥାନ୍ତି। ଅନ୍ୟମାନଙ୍କ ଭାଗ୍ୟରେ ଏ ସୁଯୋଗ ଜୁଟେ ନାହିଁ। ସେମାନଙ୍କ ପାଳିକୁ ଅପେକ୍ଷା କରିଥିବା ବହୁ ଦକ୍ଷ ଅଧିକାରୀ ନିୟମ ଅନୁସାରେ ସବୁ ଆବଶ୍ୟକତା ପୂରଣ କରିଥିଲେ ମଧ୍ୟ ସେମାନେ ଏଯାବତ ଏହି ପଦବୀ ପାଇବାରେ ବିଫଳ ହେଲେ। ତାଙ୍କଠାରୁ ମାସେ ଜୁନିୟର ଥିବା ଅନେକ ଅଧିକାରୀ ଭାଗ୍ୟବାନ୍ ନ ଥିଲେ। ଏହି ସମୟରେ କାର୍ଯ୍ୟକାଳ ବୃଦ୍ଧି ସୁଯୋଗ ପାଇଥିବା ବାବୁଙ୍କ ଗୋଷ୍ଠୀ ଆଗକୁ ମାଡ଼ିଚାଲିଛନ୍ତି। ଅବସର କେବଳ କମ୍ ଗୁରୁତ୍ୱ ଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ।

### କୋଚିଂ ସେଣ୍ଟର ଅଡୁଆ

ଦୃଷ୍ଟି ଆଇଏଏସ୍‌ର ପ୍ରତିଷ୍ଠାତା ଡ. ବିକାଶ ଦିବ୍ୟକୀର୍ତ୍ତି ବିଶ୍ୱର ସବୁଠୁ କଠିନ ସିଭିଲ ସର୍ଭିସ ପରୀକ୍ଷାରେ ଅନେକ ଆଶାୟୀଙ୍କୁ କୃତକାର୍ଯ୍ୟ ହେବା ପାଇଁ ପ୍ରଶିକ୍ଷଣ ଦେଇଛନ୍ତି। ତେବେ ଏବକାର ନୀତିନିୟମ ସମ୍ପର୍କରେ ବୁଝିବା ତାଙ୍କ ପାଇଁ କଠିନ ହୋଇଛି। ଏକ ଭିଡିଓରେ, ନ୍ୟାୟପାଳିକାକୁ ଅପମାନ କଲା ଭଳି ଟିପଣୀ ଦେଇଥିବାରୁ ଆଜମେରର ଏକ କୋର୍ଟ ତାଙ୍କ ବିରୋଧରେ ମାନହାନି ଅଭିଯୋଗକୁ ଗମ୍ଭୀରତାର ସହ ନେଇଛନ୍ତି। ଶ୍ରେଣୀ କକ୍ଷରେ ପଢ଼ାଇବା ଭଳି ବିଚାରପତି ଓ ବାବୁମାନଙ୍କୁ ତୁଳନା କରି ସେ ଏକ ଦୀର୍ଘ ଭାଷଣ ଦେଇଥିଲେ। ସମ୍ଭବତଃ ତାଙ୍କ ସ୍ୱର କଡ଼ା ନ ଥିଲେ ମଧ୍ୟ ନ୍ୟାୟିକ ପଦକ୍ଷେପ ପାଇଁ ଏହା ବିସ୍ଫୋରକ ବୋଲି ଗ୍ରହଣ କରାଗଲା। ଅଧିକାଂଶ ଜାଣନ୍ତି, ଦୃଷ୍ଟି ଏକ ସିଭିଲ ସର୍ଭିସ ଉତ୍ପାଦନ କେନ୍ଦ୍ର । ଏହାର ପ୍ରତିଷ୍ଠାତା କେବଳ ଜଣେ ଶିକ୍ଷକ ନୁହନ୍ତି, ବରଂ ଲକ୍ଷ ଲକ୍ଷ ଆଶାୟୀଙ୍କ ପାଇଁ ସେ ହେଉଛନ୍ତି ଜଣେ ଖ୍ୟାତନାମା ଦାର୍ଶନିକ। ତାଙ୍କ ଭଳି ଅନେକ କୋଚିଂ ଗୁରୁ ବେସରକାରୀ ଅନୁଷ୍ଠାନ ଗଢୁଛନ୍ତି। ସେମାନେ ନୂତନ ଦୃଷ୍ଟିକୋଣ ସାମ୍ନାକୁ ଆଣିବା ସହ ପଦପଦବୀର ମର୍ଯ୍ୟାଦାକୁ ହୃଦୟଙ୍ଗମ କରିଥାନ୍ତି । କିନ୍ତୁ ବେଳେବେଳ ସୀମା ଟପିଯାଇଥାନ୍ତି, ଯାହା ଏହି ଘଟଣାରୁ ଜଣାପଡ଼ିଛି। ଦିବ୍ୟକୀର୍ତ୍ତିଙ୍କର ସାଂସ୍କୃତିକ ଜ୍ଞାନ ଅତି ଗଭୀର। ତାଙ୍କ ଲେଖା ଶୈଳୀ ସରକାରୀ ଚିଠିକୁ ଆଗକୁ ବଢ଼ାଇଥାଏ। ପରପିଢ଼ିର ଜିଲାପାଳଙ୍କୁ ସିଧାସଳଖ ପ୍ରଭାବିତ କରୁଥିବାବେଳେ, ନିଜେ କ'ଣ ତାହା ଅନୁଧ୍ୟାନ କରିବା ଲାଭଦାୟକ। ଅମଲାତାନ୍ତ୍ରିକ ଖାଦ୍ୟ ଚକ୍ରରେ, ଏପରି କି ଅନ୍ୟଙ୍କୁ ଖୁଆଉଥିବା ବ୍ୟକ୍ତିମାନେ ସେମାନଙ୍କ ଖାଦ୍ୟ ସମ୍ପର୍କରେ ଚିନ୍ତା କରିବା ଉଚିତ। ଅର୍ଥାତ୍ ଅନ୍ୟଙ୍କୁ ସାହାଯ୍ୟ କରିବା ସହ ନିଜ ସୁରକ୍ଷା ଦେଖିବା କଥା। ତେବେ ଶ୍ରେଣୀ କକ୍ଷରେ ଉପହାସ ଛଳରେ ଯାହା କୁହାଯାଇଛି ତାହା କୋର୍ଟରୁମ୍‌ରେ ବିପଜ୍ଜନକ ଭାବେ ପ୍ରତିଧ୍ୱନିତ ହୋଇପାରେ।

### ଏଲ୍‌ଟିସିରେ ଏକକ ପରିବାର

ଜୀବନରେ ଏମିତି କିଛି ବିଷୟ ଅଛି, ଯାହା ଭାରତୀୟ ପାରିବାରିକ ସମ୍ପର୍କଠାରୁ ମଧ୍ୟ ଜଟିଳ ଏବଂ ସେଗୁଡ଼ିକ ସହ ସମ୍ଭବତଃ ସରକାରୀ ନିୟମଗୁଡ଼ିକ ଜଡ଼ିତ ରହିବାକୁ ଚେଷ୍ଟା କରୁଛି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ( ଡିଓପିଟି) ଏବେ ଲିଭ୍ ଟ୍ରାଭେଲ କନ୍‌ସେସନ( ଏଲ୍‌ଟିସି) ତାହାର ମାର୍ଗଦର୍ଶିକାକୁ ନବୀକରଣ କରିଛି। ଏଲ୍‌ଟିସି ପାଇଁ କାହାକୁ ପରିବାର ଭାବେ ଗଣାଯିବ, ତାହା ୪ ଜୁଲାଇରେ ଏକ ନୂଆ ଚିଠିରେ ସୂଚିତ କରିଛି ଡିଓପିଟି। ଚିଠିରେ ଗୋଟିଏରୁ ଅଧିକ ସ୍ତ୍ରୀ ରହିବେ ନାହିଁ ବୋଲି କୁହାଯାଇଛି। ତେବେ ଏଲ୍‌ଟିସି ବେନିଫିଟ୍‌ରୁ ଯେଉଁମାନେ ବାଦ ପଡ଼ିଛନ୍ତି ସେମାନେ ହେଉଛନ୍ତି ଶାଶୁ-ଶ୍ୱଶୁର, ଅଲଗା ହୋଇଥିବା ଝିଅର ନାତିନାତୁଣୀ ଏବଂ ଏପରି କି ଜେଜେମା' ଜେଜେ। ଏହି ଚିଠି ଏକ ସୀମିତ ତଥା କ୍ଷୁଦ୍ର ପାରିବାରିକ ସୀମାରେ ଆବଦ୍ଧ ହୋଇଯାଇଛି। ବାସ୍ତବରେ ଏହି ଚିଠିରେ କିଛି ନୂତନତ୍ୱ ନାହିଁ । ଏହାକୁ କେବଳ ଦୋହରାଯାଇଛି। ଏହା ମଧ୍ୟ ଅଜାଣତରେ ବ୍ୟକ୍ତିଗତ ଆଇନ, ପରିବାର ବ୍ୟବସ୍ଥାର ଜଟିଳ ଜାଲ ମଧ୍ୟକୁ ପ୍ରବେଶ କରିବାକୁ ସୁଯୋଗ ସୃଷ୍ଟି କରିଛି। କେତେକ ଧର୍ମୀୟ ଆଇନ ଭାରତରେ ବହୁ ବିବାହକୁ ଅନୁମତି ଦିଏ। ଅଣୁ ବା ଏକକ ପରିବାର ଯାତ୍ରା କରନ୍ତୁ ବୋଲି ବ୍ୟବସ୍ଥା ଚାହେଁ। କଥା ଉଠୁଛି, ଏହା ଏକ ବଡ଼ ଆହ୍ୱାନ । ଆମ ନିୟମଗୁଡ଼ିକ ବହୁ ସମୟରେ ଆଧୁନିକ ସମ୍ପର୍କଗୁଡ଼ିକ ଯଥା ଲିଭ-ଇନ ପାର୍ଟନର, ସିଙ୍ଗଲ ପ୍ୟାରେଣ୍ଟସ (ସ୍ୱାମୀ କିମ୍ବା ସ୍ତ୍ରୀ ବିନା ଜଣେ ପିଲାମାନଙ୍କ ଯତ୍ନ ନେବା), ବ୍ଲେଣ୍ଡେଡ ଫ୍ୟାମିଲି (ପୂର୍ବ ସମ୍ପର୍କର ପିଲା ବା ପିଲାମାନଙ୍କୁ ଆଣି ଦୁଇଜଣ ଏକାଠି ରହିବା)ର ବାସ୍ତବତା ସହ ତାଳଦେଇ ଯାଇପାରି ନାହିଁ। ତେବେ ସିସିଏସ୍ (ଏଲ୍‌ଟିସି) ରୁଲ୍ସ,୧୯୮୮ର ଧାରା ୪ରେ ଏସବୁ ସ୍ପଷ୍ଟ କରାଯାଇନାହିଁ।

Email: dilipcherian@gmail.com

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 4 | 1 | | | | | 5 | | |
| | 6 | 7 | | 2 | 3 | | | |
| | 3 | | | | | | 9 | |
| | | 5 | 6 | 4 | | | | 1 |
| 7 | | | | | | 6 | | |
| 1 | | | | 8 | | | | 9 |
| | | | | | | | 3 | |
| | | | | | | | 1 | |
| | 5 | 9 | 4 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 9 | 3 | 4 | 8 | 2 | 1 | 7 |
| 3 | 7 | 8 | 2 | 6 | 1 | 5 | 4 | 9 |
| 1 | 4 | 2 | 7 | 9 | 5 | 6 | 8 | 3 |
| 5 | 3 | 4 | 8 | 1 | 6 | 9 | 7 | 2 |
| 8 | 6 | 7 | 9 | 2 | 4 | 3 | 5 | 1 |
| 2 | 9 | 1 | 5 | 3 | 7 | 8 | 6 | 4 |
| 7 | 2 | 5 | 1 | 8 | 9 | 4 | 3 | 6 |
| 4 | 8 | 3 | 6 | 7 | 2 | 1 | 9 | 5 |
| 9 | 1 | 6 | 4 | 5 | 3 | 7 | 2 | 8 |

ଗତକାଲିର ଉତ୍ତର

# ଜଳବାୟୁ ପାଣ୍ଠିର ଭୂମିକା



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସାମ୍ପ୍ରତିକ ସମୟର ପ୍ରମୁଖ ଆହ୍ୱାନକାରୀ ସମସ୍ୟା ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ବିଶ୍ୱ ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ। ଏସବୁ ମାନବ ସ୍ୱାସ୍ଥ୍ୟ, ବିଶ୍ୱ ଅର୍ଥନୀତି ଏବଂ ପ୍ରାକୃତିକ ପରିସଂସ୍ଥା ନିମନ୍ତେ ଗମ୍ଭୀର ବିପଦର ସୂତ୍ରପାତ କରୁଛି। ଏହି ପରିବେଶୀୟ ସମସ୍ୟାର ପ୍ରଭାବରେ ସଂଘଟିତ ବିଧ୍ୱଂସକାରୀ ପ୍ରାକୃତିକ ବିପର୍ଯ୍ୟୟ ପରିବ୍ୟାପ୍ତ ହୋଇଚାଲିଛି। ଏସବୁର ମୁକାବିଲା ନିମନ୍ତେ ଜାତିସଂଘ ଆନୁକୂଲ୍ୟରେ ନିୟମିତ ବିଶ୍ୱସ୍ତରୀୟ ଜଳବାୟୁ ସମ୍ମିଳନୀମାନ ଅନୁଷ୍ଠିତ ହେଉଛି। ବିନାଶକାରୀ ପ୍ରଭାବର ପ୍ରଶମନ ନିମନ୍ତେ ସମ୍ବଳରହିତ ବିକାଶଶୀଳ ରାଷ୍ଟ୍ରମାନଙ୍କୁ ସାହାଯ୍ୟ ପ୍ରଦାନ ଲକ୍ଷ୍ୟରେ ଜାତିସଂଘ ଉଦ୍ୟମରେ ଗଠିତ ହୋଇଛି ଅନ୍ତର୍ଜାତୀୟ 'ସବୁଜ ଜଳବାୟୁ ପାଣ୍ଠି' (ଜିସିଏଫ୍)। ମିଳିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ଫ୍ରେମୱାର୍କ କନଭେନସନ (ୟୁଏନ୍‌ଏଫ୍‌ସିସି) ଦ୍ୱାରା ୨୦୧୦ରେ ପ୍ରତିଷ୍ଠିତ ହୋଇଥିବା ଏହି ପାଣ୍ଠି ହେଉଛି ବିଶ୍ୱର ସର୍ବବୃହତ ସମର୍ପିତ ପାଣ୍ଠି। ଗ୍ଲୋବାଲ ସାଉଥରେ ଜଳବାୟୁ-ସ୍ଥିର ଏବଂ ସ୍ୱଳ୍ପତର-ନିର୍ଗମନ ବିକାଶକୁ ସମର୍ଥନ କରିବା ନିମନ୍ତେ ଧନୀ ରାଷ୍ଟ୍ରଗୁଡ଼ିକରୁ ଜଳବାୟୁ ପାଣ୍ଠି ଯୋଗାଡ଼ କରିବାରେ ଜିସିଏଫ ଏକ ପ୍ରମୁଖ ଭୂମିକା ନିର୍ବାହ କରେ। ମୁଖ୍ୟ ଲକ୍ଷ୍ୟ ହେଉଛି ବିକାଶଶୀଳ ଦେଶଗୁଡ଼ିକରେ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପ ନିର୍ଗମନକୁ ସୀମିତ ବା ହ୍ରାସ କରିବାର ପ୍ରୟାସକୁ ସମର୍ଥନ ଏବଂ ଦୁର୍ବଳ ସମାଜଗୁଡ଼ିକୁ ଜଳବାୟୁ ପରିବର୍ତ୍ତନର ଅନିବାର୍ଯ୍ୟ ପ୍ରଭାବ ସହିତ ଖାପ ଖୁଆଇବାରେ ସହାୟତା ପ୍ରଦାନ କରିବା। ପ୍ରଶମନ ଏବଂ ଅନୁକୂଳନର ଏହି ଦ୍ୱୈତ ଉଦ୍ଦେଶ୍ୟ ହେଉଛି ପ୍ୟାରିସ ଜଳବାୟୁ ଚୁକ୍ତିନାମା ୨୦୧୫ର ଲକ୍ଷ୍ୟ ପୂରଣ ଦିଗରେ ବିଶ୍ୱସ୍ତରୀୟ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ବିଶ୍ୱ ତାପମାତ୍ରା ବୃଦ୍ଧିକୁ ଦୁଇ ଡିଗ୍ରୀ ସେଲସିୟସ ତଳେ ନିୟନ୍ତ୍ରିତ କରିବାର ପ୍ରଚେଷ୍ଟାକୁ ଗୁରୁତ୍ୱ ପ୍ରଦାନ ସହ ଏହି ବୃଦ୍ଧିକୁ ଦେଢ଼ ଡିଗ୍ରୀ ମଧ୍ୟରେ ସୀମିତ ରଖିବାର ପ୍ରୟାସ ଜାରି ରଖେ।

ଜଳବାୟୁ ପାଣ୍ଠି ୨୪ ଜଣ ସଦସ୍ୟଙ୍କୁ ନେଇ ଗଠିତ ଏକ ବୋର୍ଡ଼ ଦ୍ୱାରା ପରିଚାଳିତ ହୁଏ, ଯେଉଁଥିରେ ଉଭୟ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କର ସମାନ ସଂଖ୍ୟକ ସଦସ୍ୟ ଅନ୍ତର୍ଭୁକ୍ତ । ଏହି ପାଣ୍ଠି ୟୁଏନଏଫ୍‌ସିସିର ମାର୍ଗଦର୍ଶନରେ କାର୍ଯ୍ୟ ସମ୍ପାଦନ କରେ ଏବଂ ଏହାର ମୁଖ୍ୟାଳୟ ଦକ୍ଷିଣ କୋରିଆର ସୋଙ୍ଗଡ଼ୋରେ ଅବସ୍ଥିତ। ଏହା ଫ୍ରେମୱାର୍କ କନ୍‌ଭେନସନ ବାର୍ଷିକ ସଦସ୍ୟ ସମ୍ମିଳନୀ (କପ୍) ପ୍ରତି ଉତ୍ତରଦାୟୀ ରହେ, କିନ୍ତୁ ଏହା ନିଜସ୍ୱ



କାର୍ଯ୍ୟକ୍ଷମ ନୀତି ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସହିତ ଏକ ସ୍ୱାଧୀନ ଆଇନଗତ ସଂସ୍ଥା ଭାବରେ କାର୍ଯ୍ୟ ସମ୍ପାଦନ କରେ। ବିକଶିତ ରାଷ୍ଟ୍ର ଏବଂ ଅନ୍ୟାନ୍ୟ ବଦାନ୍ୟ ଦାତାମାନଙ୍କ ଦ୍ୱାରା ପ୍ରଦତ୍ତ ପ୍ରତିଶ୍ରୁତି ମାଧ୍ୟମରେ ଏହି ପାଣ୍ଠିକୁ ଅର୍ଥ ଯୋଗାଇ ଦିଆଯାଏ। ୨୦୨୪ ସୁଦ୍ଧା, ଜିସିଏଫ ଏହାର ପ୍ରତିଷ୍ଠା ପରଠାରୁ ୨୦ ବିଲିୟନ ଡଲାରରୁ ଅଧିକ ପ୍ରତିଶ୍ରୁତି ସଂଗ୍ରହ କରିଛି। ଯୁକ୍ତରାଷ୍ଟ୍ର ଆମେରିକା, ଜର୍ମାନୀ, ବ୍ରିଟେନ, ଜାପାନ ଏବଂ ଫ୍ରାନ୍ସ ଭଳି ଧନିକ ରାଷ୍ଟ୍ର ସର୍ବାଧିକ ଅର୍ଥ ପ୍ରଦାନକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ।

ଏହି ପାଣ୍ଠି ଜଳବାୟୁ ସ୍ଥିରତାକୁ ପ୍ରୋତ୍ସାହିତ କରୁଥିବା ଏବଂ ଅଙ୍ଗାରକ ନିର୍ଗମନ ହ୍ରାସ କରୁଥିବା ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରେ। ଏଥିରେ ନବୀକରଣୀୟ ଶକ୍ତି ଉତ୍ପାଦନ, ସହନୀୟ କୃଷି ପଦ୍ଧତି, ଉନ୍ନତ ଜଳ ପରିଚାଳନା, ପ୍ରାରମ୍ଭିକ ବିପର୍ଯ୍ୟୟ ଚେତାବନୀ ବ୍ୟବସ୍ଥା ଏବଂ ଜଳବାୟୁ-ସ୍ଥାପକ ଭିତ୍ତିଭୂମି ନିର୍ମାଣରେ ଅର୍ଥ ନିବେଶ ଅନ୍ତର୍ଭୁକ୍ତ। ଏହି ପାଣ୍ଠି ଏକ ରାଷ୍ଟ୍ରର ସ୍ୱତ୍ୱାଧିକାର ଉପରେ ଗୁରୁତ୍ୱ ପ୍ରଦାନ କରେ, ଅର୍ଥାତ ବିକାଶଶୀଳ ଦେଶଗୁଡ଼ିକ ସେମାନଙ୍କର ନିଜସ୍ୱ ଜଳବାୟୁ ପ୍ରାଥମିକତା ଏବଂ ପ୍ରସ୍ତୁତ ଯୋଜନା ଆଧାରରେ ପ୍ରକଳ୍ପଗୁଡ଼ିକର ନେତୃତ୍ୱ ନେବେ। ପାଣ୍ଠିର ଏକ ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଜଳବାୟୁ ଅନୁକୂଳନ (ଖାପ ଖୁଆଇବା) ଏବଂ ପ୍ରଶମନ ପ୍ରୟାସ ମଧ୍ୟରେ ସମାନ ଭାବରେ ପାଣ୍ଠିର ସନ୍ତୁଳିତ ବଣ୍ଟନକୁ ସୁନିଶ୍ଚିତ କରିବା। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବାସ୍ତବତା ଯେ ବନ୍ୟା ପ୍ରତିରକ୍ଷା ପଦ୍ଧତିର ନିର୍ମାଣ କିମ୍ବା ମରୁଡ଼ି ପ୍ରତିରୋଧୀ ଫସଲର ବିକାଶ ପରି ଅନୁକୂଳନ ପ୍ରକଳ୍ପମାନ, ସୌରଶକ୍ତି ଫାର୍ମ ବା ପବନ ଟର୍ବାଇନ ପ୍ରକଳ୍ପ ପରି ପ୍ରଶମନ ପଦକ୍ଷେପ ତୁଳନାରେ କମ୍ ପାଣ୍ଠି ପାଇଥାନ୍ତି। ଅଧିକନ୍ତୁ ବ୍ୟବସ୍ଥାର ଅତି କମ୍‌ରେ ୫୦% ଅନୁକୂଳନ ପାଣ୍ଠିକୁ ସବୁଠାରୁ ଦୁର୍ବଳ ଦେଶଗୁଡ଼ିକୁ ପ୍ରଦାନ କରାଯାଏ, ଯେଉଁଥିରେ ସର୍ବନିମ୍ନ ବିକଶିତ ରାଷ୍ଟ୍ର, କ୍ଷୁଦ୍ର ଦ୍ୱୀପ ବିକାଶଶୀଳ ରାଷ୍ଟ୍ର ଏବଂ ଆଫ୍ରିକୀୟ ଦେଶମାନେ ଅନ୍ତର୍ଭୁକ୍ତ। ଏହି ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ଦ୍ୱାରା ବର୍ଦ୍ଧିତ ମାତ୍ରାରେ ପ୍ରଭାବିତ ହୋଇଥାନ୍ତି, କିନ୍ତୁ ଆର୍ଥିକ ଏବଂ ବୈଷୟିକ ସମ୍ବଳର ଅଭାବ ପରିପ୍ରେକ୍ଷୀରେ ପ୍ରଭାବଶାଳୀ ଭାବରେ ଏହା ବିରୋଧରେ କାର୍ଯ୍ୟକ୍ରମ ଗ୍ରହଣରେ ପ୍ରାୟତଃ ଅସମର୍ଥ ହୁଅନ୍ତି।

ନିକଟରେ ଘାନା, ମାଳଦ୍ୱୀପ ଏବଂ ମୌରିଟାନିଆରେ ଜଳବାୟୁ ସ୍ଥିରତାକୁ ସୁଦୃଢ଼ କରିବା ନିମନ୍ତେ ସବୁଜ ଜଳବାୟୁ ପାଣ୍ଠି ୧୨୦ ନିୟୁତ ଡଲାରରୁ ଅଧିକ ଅର୍ଥ ନୂତନ ଭାବେ ଅନୁମୋଦନ କରିଛି। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ପ୍ରକୃତି-ଆଧାରିତ ସମାଧାନ, ଜଳବାୟୁ-ସ୍ଥାପକ କୃଷି, ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ ଏବଂ ଉନ୍ନତ ଜଳ ସୁରକ୍ଷା ମାଧ୍ୟମରେ ଜଳବାୟୁ ପରିବର୍ତ୍ତନର କ୍ରମବର୍ଦ୍ଧିଷ୍ଣୁ ଗମ୍ଭୀର ପ୍ରଭାବକୁ ପୂର୍ବାନୁମାନ କରିବା ଏବଂ ଅନୁକୂଳନ କରିବାରେ ଦୁର୍ବଳ ସମ୍ପ୍ରଦାୟଗୁଡ଼ିକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପଗୁଡ଼ିକ ବିକଶିତ କରିଛି। ଆଗ୍ରହୀ ରାଷ୍ଟ୍ରମାନେ ବହୁପକ୍ଷୀୟ ବିକାଶ ବ୍ୟାଙ୍କ, ଜାତିସଂଘର ବିବିଧ ସଂସ୍ଥା, ରାଷ୍ଟ୍ରୀୟ ମନ୍ତ୍ରଣାଳୟ ଏବଂ ସ୍ଥାନୀୟ ସଂଗଠନ ସମେତ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ସଂସ୍ଥା ମାଧ୍ୟମରେ ପାଣ୍ଠି ହାସଲ କରିପାରିବେ। ଏହି ସଂସ୍ଥାମାନଙ୍କ ମାଧ୍ୟମରେ ଦାଖଲ ହୋଇଥିବା ପ୍ରକଳ୍ପ ପ୍ରସ୍ତାବ ଜଳବାୟୁ ପାଣ୍ଠି ବୋର୍ଡ଼ ଦ୍ୱାରା ସମୀକ୍ଷା ଏବଂ ଅନୁମୋଦିତ ହୋଇଥାଏ। ପରିବେଶଗତ ଏବଂ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ପ୍ରକଳ୍ପକୁ କଠୋର ମୂଲ୍ୟାଙ୍କନ ପ୍ରକ୍ରିୟା ମଧ୍ୟ ଦେଇ ଯିବାକୁ ପଡ଼େ। ଏହା ସହିତ ଜଳବାୟୁ ପାଣ୍ଠି ଦେଶଗୁଡ଼ିକୁ ସେମାନଙ୍କର ସାଂଗଠନିକ କ୍ଷମତାକୁ ସୁଦୃଢ଼ କରିବା, ରଣନୈତିକ ଢାଞ୍ଚା ବିକଶିତ କରିବା ଏବଂ ଉଚ୍ଚମାନର ପ୍ରକଳ୍ପ ପ୍ରସ୍ତାବସବୁର ନିର୍ମାଣ କରିବାରେ ଆବଶ୍ୟକ ପ୍ରସ୍ତୁତି ସହାୟତା ପ୍ରଦାନ କରେ।

ଏହାର ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟାଦେଶ ସତ୍ତ୍ୱେ, ଜଳବାୟୁ ପାଣ୍ଠି ସମ୍ପ୍ରତି ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି। ଏଥିରେ ଥିବା ପ୍ରତିବନ୍ଧକ ମଧ୍ୟରେ ପାଣ୍ଠି ବଣ୍ଟନରେ ବିଳମ୍ବ, ଜଟିଳ ଆବେଦନ ପ୍ରକ୍ରିୟା ଏବଂ ପ୍ରଶାସନିକ ଅପାରଗତା ଅନ୍ତର୍ଭୁକ୍ତ। ଏହି ପରିପ୍ରେକ୍ଷୀରେ, ବିକାଶଶୀଳ ଦେଶ ଏବଂ ନାଗରିକ ସମାଜ ସଂଗଠନମାନେ ଅଧିକ ସ୍ୱଚ୍ଛତା, ସରଳୀକୃତ ପ୍ରକ୍ରିୟା ଏବଂ ପାଣ୍ଠିର ପ୍ରତ୍ୟକ୍ଷ ଉପଲବ୍ଧତା ବୃଦ୍ଧି ନିମନ୍ତେ ଆହ୍ୱାନ ଜଣାଉଛନ୍ତି। ଅନ୍ୟପକ୍ଷରେ, କିଛି ବିକଶିତ ରାଷ୍ଟ୍ର ସେମାନଙ୍କର ଆର୍ଥିକ ପ୍ରତିଶ୍ରୁତି ପୂରଣ କରିବାରେ ମନ୍ଥରତା ପ୍ରଦର୍ଶନ କରୁଛନ୍ତି, ଯାହା ଜଳବାୟୁ ଆର୍ଥିକ ବ୍ୟବସ୍ଥାର ନିଶ୍ଚିତତା ଏବଂ ପର୍ଯ୍ୟାପ୍ତତା ବିଷୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିବିଧ ପ୍ରତିବନ୍ଧକର ସମ୍ମୁଖୀନ ହେବା ସତ୍ତ୍ୱେ, ଏକ ନ୍ୟାୟସଙ୍ଗତ, ଯଥାର୍ଥ ଏବଂ ସହନୀୟ ଜଳବାୟୁ ପରିବର୍ତ୍ତନ ସମାଧାନକୁ ସକ୍ଷମ ଓ କାର୍ଯ୍ୟକାରୀ କରିବାରେ ଏହି ପାଣ୍ଠିର ଭୂମିକା ଅପରିହାର୍ଯ୍ୟ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

## ଏଇ ଭାରତରେ

ପରିବେଶ ସ୍ୱଚ୍ଛ ରଖିବା ପାଇଁ ଜୈବ ଇନ୍ଧନ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରି କେବଳ ସୌର ଶକ୍ତିରେ ରୋଷେଇ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି ରାଜସ୍ଥାନସ୍ଥିତ ବ୍ରହ୍ମାକୁମାରୀର ଶାନ୍ତିବନ କମ୍ପ୍ଲେକ୍ସ। ଏଠାରେ ବିନା ଜୈବ ଇନ୍ଧନ ଓ ଜାଳେଣି କାଠରେ ଏବଂ ବିନା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଦିନକୁ ପାଖାପାଖି ୫୦,୦୦୦ ମିଲ୍ ପ୍ରସ୍ତୁତ କରାଯାଉଛି। ସ୍ୱଚ୍ଛଶକ୍ତିର ଏହା ଏକ ବଡ଼ ଦୃଷ୍ଟାନ୍ତ। ଶାନ୍ତିବନ କମ୍ପ୍ଲେକ୍ସରେ ୮୪ଟି ବୃହତ୍ ରିଫ୍ଲେକ୍ଟର ଲଗାଯାଇଛି। ପ୍ରତ୍ୟେକଟି ରିଫ୍ଲେକ୍ଟରର ସର୍ଫେସ ଏରିଆ ହେଉଛି ୯.୨ ମିଟର। ସୂର୍ଯ୍ୟଙ୍କ ଗତି ଅନୁସାରେ ଏହା ମଧ୍ୟ ବିଭିନ୍ନ ଦିଗରୁ ଘୂରି ପାରୁଛି। ସୂର୍ଯ୍ୟାଲୋକ ରିଫ୍ଲେକ୍ଟରର ଫୋକାଲ କେନ୍ଦ୍ରରେ ପଡ଼ିବା ପରେ ତାପମାତ୍ରା ୮୦୦ ଡିଗ୍ରୀ ସେଣ୍ଟିଗ୍ରେଡକୁ ଛୁଇଁଥାଏ। ଏଠାରେ କୌଣସି ସୋଲାର ପ୍ୟାନେଲ ବ୍ୟବହାର ହେଉନାହିଁ। କେବଳ ସୋଲାର ତାପଜ ଶକ୍ତିରେ ରୋଷେଇ ହେଉଛି। ଏହି ସୌର ରୋଷଶାଳାରେ ଶାକାହାରୀ ପୌଷ୍ଟିକ ଖାଦ୍ୟ ରନ୍ଧାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଜୁଲାଇ ୧୯୭୬

- ରାଜ୍ୟରେ ହସ୍ତତନ୍ତ ଶିଳ୍ପର ବିକାଶ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ୨ଟି ନୂଆ ଯୋଜନାକୁ ଅନୁମୋଦନ କରିଛନ୍ତି।
- ବ୍ରିଟେନରେ ରହୁଥିବା ଭାରତୀୟ ଶିଖମାନେ ମଟରସାଇକେଲରେ ଯିବାଆସିବା ବେଳେ ବାଧ୍ୟତାମୂଳକ ଭାବେ ହେଲ୍‌ମେଟ ପିନ୍ଧିବା ବଦଳରେ ପଗଡ଼ି ପିନ୍ଧିପାରିବେ ବୋଲି ଏକ ବିଲ୍ କମନ୍ସ ସଭାରେ ଗୃହୀତ ହୋଇଯାଇଛି।

# ଆତ୍ମବିଶ୍ୱାସ




ଡ. ନାରାୟଣ ବାରିକ୍

ନିଜ ମନକୁ ଜାଣିବା ପାଇଁ ଆତ୍ମବିଶ୍ୱାସର ଆବଶ୍ୟକତା ଅଛି। ଆତ୍ମବିଶ୍ୱାସ ମନର ସୀମାସରହଦର ବ୍ୟାପ୍ତକୁ ଦର୍ଶାଇଥାଏ। ଆଗକୁ ଯିବାର ଶକ୍ତି ଦିଏ। ମନର ଦୁର୍ବଳତା କ୍ରମଶଃ ଦୂରେଇଯାଏ। ମନ ଭିତରେ ନୂତନ ଶକ୍ତିର ସଂଚାର ହୁଏ। ଆତ୍ମବିଶ୍ୱାସ ମନେହେଉଥିବା କଥାଟି ବିଶ୍ୱାସରେ ପରିଣତ ହୁଏ। ଆଉ ସେହି ଦୃଢ଼ବିଶ୍ୱାସ ଆମକୁ ଘେରାବନ୍ଦୀ କରୁଥିବା ପରିବେଶରୁ ଉନ୍ମୁକ୍ତ କରି ଆମ ଚେତନାର ଶୀର୍ଷକୁ ଛୁଇଁଯାଏ। ଆମେ ଆମ ଈପ୍ସିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ସମର୍ଥ ହୋଇଥାଉ।

ନେପୋଲିଅନ୍ ଥରେ କହିଥିଲେ, ଦୁନିଆରେ ଅସାଧ୍ୟ ଏବଂ କଷ୍ଟକର ବୋଲି କିଛି ନାହିଁ। ଆମେ ବ୍ୟବହାର କରୁଥିବା 'ଅସାଧ୍ୟ' ଶବ୍ଦଟି କେବଳ ଅଭିଧାନରେ ମିଳିଥାଏ। ଥରେ ନିଜର ସୁନ୍ଦର, ସୁସ୍ଥ ଓ ସ୍ୱଚ୍ଛ ମନକୁ ନେଇ ଦେଖନ୍ତୁ। ଆପଣଙ୍କ ଚେଷ୍ଟା ବ୍ୟର୍ଥ ଯିବ ନାହିଁ, ସାହସ ଭାଙ୍ଗିଯିବ ନାହିଁ। ଆପଣଙ୍କର ଏ ଦୁଃସ୍ଥିତି ରହିବ ନାହିଁ। ଆପଣ ଆଦୌ ହତାଶ ହୁଅନ୍ତୁ ନାହିଁ। ଆପଣଙ୍କର ଏ ଇଚ୍ଛାଶକ୍ତିର ଦୃଢ଼ତା ଅପ୍ରକାଶ୍ୟ। ଏଥିରେ ଅନେକ ରହସ୍ୟ ରହିଛି। ଏହା ନକାରକୁ ସକାର କରିଦେବ। ଆପଣଙ୍କ ମନ ଯେପରି କହୁଛି ଆପଣ ସେଠାରେ ନିଶ୍ଚୟ ପହଞ୍ଚିବେ।

ମନେପକାନ୍ତୁ ଆମେରିକାର ସର୍ବଶ୍ରେଷ୍ଠ ଉଦ୍ଭାବକ ଥୋମାସ ଏଡିଶନ୍‌ଙ୍କ କଥା। ତାଙ୍କର ଜୀବନ ପ୍ରତି ଏକ ଅସାଧାରଣ ଧାରଣା ଥିଲା। ଯାହା ତାଙ୍କ କାର୍ଯ୍ୟ କ୍ଷମତାକୁ ବହୁଗୁଣରେ ପରିବର୍ଦ୍ଧିତ କରୁଥିଲା। ସେଥିପାଇଁ ଯେତେବେଳେ ଅନ୍ୟମାନେ ବିଦ୍ୟୁତ୍ ଆଲୋକ ବିକାଶ କରିବା ପାଇଁ ହଜାର ହଜାର ଥର ବିଫଳ ହୋଇ, ଏ କ୍ଷେତ୍ରରୁ ଦୂରେଇ ଯାଉଥିଲେ, ସେତେବେଳେ ପ୍ରତ୍ୟେକ ଅସଫଳ ପରୀକ୍ଷଣକୁ ସଫଳତାର ଗୋଟିଏ ଗୋଟିଏ ପାହାଚ ଭାବି ଏଡିଶନ୍ ଆଗେଇ ଚାଲିଥିଲେ। ଏହାଦ୍ୱାରା ସେ ସଫଳତାର ଖୁବ୍ ନିକଟତର ହେଉଥିଲେ। ସେଥିପାଇଁ ତାଙ୍କ ରେକର୍ଡ ଅନୁସାରେ ଏଡିଶନ୍ ୨୭୭୪ ଥର ବିଫଳ ହେବାପରେ ଫ୍ଲୋରେସେଣ୍ଟ ବିଦ୍ୟୁତ୍ ବଲ୍‌ବ ଉଦ୍ଭାବନ କରିବାକୁ ସଫଳ ହୋଇଥିଲେ।

ଏଡିଶନ୍ ପାରମ୍ପରିକ ବିଦ୍ୟାଳୟ ଶିକ୍ଷା ପାଇ ପାରି ନ ଥିଲେ। ଏହାର କାରଣ ଥିଲା ସେ ବିଦ୍ୟାଳୟରେ ଆବଶ୍ୟକତାଠାରୁ କମ୍ ନମ୍ବର ରଖୁଥିଲେ ଓ ଶ୍ରେଣୀରେ ଶିକ୍ଷକଙ୍କୁ ବାରମ୍ବାର ପ୍ରଶ୍ନ ପଚାରି ବ୍ୟତିବ୍ୟସ୍ତ କରିଦେଉଥିଲେ। ମାନକ ନମ୍ବରରୁ କମ୍ ନମ୍ବର ପାଇଁ ଏଡିଶନ୍‌ଙ୍କୁ ଶେଷରେ ସ୍କୁଲ୍‌ରୁ ବାହାର କରି ଦିଆଯାଇଥିଲା। ସେଥିପାଇଁ ତାଙ୍କ ମା' ତାଙ୍କୁ ପଢ଼ିବା ଓ ଲେଖିବା ଶିଖାଇଥିଲେ। ଏହାଛଡ଼ା ତାଙ୍କ ମା' ମଧ୍ୟ ତାଙ୍କୁ ଗଣିତ ଶିକ୍ଷାଦାନ କରିବା ସହ ପଢ଼ିବା ପାଇଁ ଉତ୍ସାହିତ କରୁଥିଲେ। ଏଡିଶନ୍ ଶ୍ରବଣ ବାଧିତ ଥିବାରୁ ଅନ୍ୟମାନଙ୍କ କଥାକୁ ଶୁଣି ପାରୁ ନ ଥିଲେ। ମାତ୍ର ଏହାକୁ ସେ ଈଶ୍ୱରଙ୍କ ବରଦାନ ବୋଲି ଭାବୁଥିଲେ। କାରଣ ସେ କାହା କଥାରେ ବିଭ୍ରାନ୍ତିରେ ପଡୁନାହାନ୍ତି ବୋଲି ଜାଣିଥିଲେ। ତେଣୁ ସେ ବିଭିନ୍ନ ବିଷୟ ବିଭିନ୍ନ ପୁସ୍ତକରୁ ପଢ଼ି ଜ୍ଞାନ ହାସଲ କରିବା ସହ ସବୁଥିରେ ନିଜର ଧ୍ୟାନକୁ କେନ୍ଦ୍ରୀଭୂତ କରିପାରୁଥିଲେ। କ୍ରମେ ତାଙ୍କର ପାଠପଢ଼ା ପ୍ରତି କୌତୂହଳ ବୃଦ୍ଧି ପାଇଲା ଓ ସେ ନିଜର ଆତ୍ମବିଶ୍ୱାସକୁ ସୁଦୃଢ଼ କରି ନିଜର



ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ପ୍ରୟାସ ଜାରି ରଖିଲେ। ଏଡିଶନ୍ ପରିବାରର ଭରଣପୋଷଣ ପାଇଁ ଖୁବ୍ କମ୍ ବୟସରୁ ଜଣେ ବ୍ୟବସାୟୀ ପାଲଟି ଯାଇଥିଲେ। ମାତ୍ର ଦଶବର୍ଷ ବୟସରୁ ସେ ମିଠା ଓ ଖବରକାଗଜ ବିକୁଥିଲେ। ତାଙ୍କୁ ଷୋହଳବର୍ଷ ହେବା ବେଳକୁ ସେ ଟେଲିଗ୍ରାଫ୍ ଚଳାଇବା ଶିଖି ଲୋକମାନଙ୍କୁ ଆବଶ୍ୟକ ସେବା ଯୋଗାଇ ଦେଉଥିଲେ। ସେହିପରି ରାଇଟ୍ ଭ୍ରାତୃଦ୍ୱୟ ଲୋକହସାକୁ ବେଖାତିର କରି ଆକାଶରେ ଉଡ଼ିବାର ଯେଉଁ ଚେଷ୍ଟା ଜାରି ରଖିଥିଲେ, ତାହାର ଫଳ ସ୍ୱରୂପ ମଣିଷ ଆଜି ଆକାଶ ଓ ମହାକାଶକୁ ଗମନ କରିପାରିଛି।

ଆତ୍ମବିଶ୍ୱାସ ଥିଲେ ଜଣେ ଶାରୀରିକ ଅସାମର୍ଥ୍ୟ ବ୍ୟକ୍ତି ବି ଗିରି ଲଙ୍ଘନ କରିପାରେ। ଗୋପବନ୍ଧୁଙ୍କ ଭାଷାରେ ସାହସୀ ମଣିଷ ନିଜ ବୀରପଣିଆ ମନ ଯୋଗୁ ଆଗକୁ ଯାଏ ସିନା, ପଛକୁ ଫେରେନାହିଁ। କୌଣସି ପ୍ରତିକୂଳ ପରିସ୍ଥିତିକୁ ସେ ଭୃକ୍ଷେପ କରି ନ ଥାଏ।

ଏହି ଆତ୍ମବିଶ୍ୱାସର ତିନୋଟି ସ୍ତର ଅଛି, ଯେପରିକି ଭାବନା ଆଧାରିତ, ବିଶ୍ୱାସ ଆଧାରିତ ଏବଂ ଜ୍ଞାନ ଆଧାରିତ। ପ୍ରତ୍ୟେକ ମଣିଷ ତା'ର ଲକ୍ଷ୍ୟ ହାସଲ କରିବାକୁ ଏହି ତିନୋଟି ସ୍ତରର ମିଶ୍ରଣରେ ଆଗକୁ ଚାଲିଥାଏ। ଏହା ଜୀବନର ସଫଳତାକୁ ସହଜ କରି ଦେଇଥାଏ। ବିଦ୍ୟାଳୟ ସ୍ତରରେ ହେଉ କିମ୍ବା ନିଜର କର୍ମ କ୍ଷେତ୍ରରେ ବା ବିପଦ ସମୟରେ କୌଣସି ସିଦ୍ଧାନ୍ତ ନେବା ସମୟରେ ହେଉ, ମନୁଷ୍ୟ ଯେତେବେଳେ ସ୍ୱେଚ୍ଛାକୃତ ଭାବରେ ପଦକ୍ଷେପ ନିଏ, ସେତେବେଳେ ସେ ସକ୍ରିୟ ଭାବେ ଜୀବନରେ ଆଗକୁ ଯାଇଥାଏ । କାରଣ ସେମାନେ ସ୍ୱନିଷ୍ପତ୍ତି ନେବାରେ ଦୃଢ଼ଚେତା ଥାଆନ୍ତି ଏବଂ ଏହି ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥାନ୍ତି। ଏହାର ମୂଳ ହେତୁ ହେଉଛି ସେମାନେ ନିଜ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସୀ ସାଜି ସାରିଥାନ୍ତି। ବାସ୍ତବରେ ସେଥିପାଇଁ କୁହାଯାଏ ଜଣେ ବ୍ୟକ୍ତି ଯଦି ନିଜ ବିଷୟରେ ଆତ୍ମବିଶ୍ୱାସୀ, ସେ ଅଧା ଯୁଦ୍ଧ ଜିତି ଯାଇଛି ବୋଲି ଜାଣିବାକୁ ହେବ।

ଭାରତର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ୍ କଲାମ୍‌ଙ୍କର ବୈଜ୍ଞାନିକ ସଫଳତା ଓ ଲୋକପ୍ରିୟତା ତାଙ୍କୁ ଆଜି 'କ୍ଷେପଣାସ୍ତ୍ର ପୁରୁଷ' ଏବଂ 'ଜନତା ରାଷ୍ଟ୍ରପତି' ଭାବରେ ସର୍ବତ୍ର ବିଦିତ କରିପାରିଛି। କଲାମ୍ ଏକ ଦରିଦ୍ର ପରିବାରରୁ ଆସିଥିଲେ ମଧ୍ୟ ତାଙ୍କର ଦୃଢ଼ ମନୋବଳ ଓ ବଳିଷ୍ଠ ଆତ୍ମବିଶ୍ୱାସ ଯୋଗୁ ସେ ତାଙ୍କର ଶିକ୍ଷାକୁ ଜାରିରଖିଥିଲେ। ଶେଷରେ ନିଜର ନିଷ୍ଠା, ଆତ୍ମବିଶ୍ୱାସ ଓ ଗଭୀର ଅଧ୍ୟବସାୟ ବଳରେ ସେ ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଏରୋନଟିକାଲ୍ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରି ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନରେ ଯୋଗ ଦେବାକୁ ସକ୍ଷମ ହୋଇଥିଲେ।

ଯେଉଁମାନେ ଶାନ୍ତ, ସରଳ ଓ ସ୍ଥିର ହୋଇ ସଂଯମତା ରକ୍ଷା କରନ୍ତି, ସେମାନଙ୍କ ପାଇଁ ସବୁକିଛି ସହଜ ଓ ସରଳ ମନେହୁଏ। ସେମାନେ ଜୀବନରେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ନିଜର କ୍ଷମତା ଉପରେ ବିଶ୍ୱାସ କରି କାର୍ଯ୍ୟଟି ସମ୍ପାଦନ କରିବାକୁ ଯଥେଷ୍ଟ ଆତ୍ମବିଶ୍ୱାସୀ ହୋଇଥାନ୍ତି। ସେମାନଙ୍କର ସକାରାତ୍ମକ ଚିନ୍ତା ସେମାନଙ୍କଠାରେ ଓ ସେମାନଙ୍କ ମନରେ ନିରନ୍ତର ଆତ୍ମବିଶ୍ୱାସ ସୃଷ୍ଟି କରି ଚାଲିଥାଏ।

**ଓଡ଼ିଆ ଭାଷା ପ୍ରଶିକ୍ଷଣ ବିଶେଷଜ୍ଞ, ଶିକ୍ଷକ-ଶିକ୍ଷା ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ମୋ: ୯୩୪୮୯୪୮୫୪୭**

## ଚିରନ୍ତନୀ

ଗାଇ ବିଦାୟର ଡାକ
ନୀଡ଼େ ଚଳେ ଶୁକ କାକ
ସନ୍ଧ୍ୟା ଆସେ ଗଭୀର ବିଷାଦେ,
ଦୂରଗ୍ରାମେ ଜଳେ ଦୀପ
ଦୂର ବନଗିରି ନୀପ
ମଉଳଇ କିବା ଅବସାଦେ !
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ତୁଳସୀ କ୍ଷେତ୍ରର ଉନ୍ନତି କେବେ

ମହାଶୟ,

ଓଡ଼ିଶାର ଦ୍ୱିତୀୟ ତୀର୍ଥ ଧାମ ହେଉଛି ତୁଳସୀ କ୍ଷେତ୍ର। କାହିଁ କେଉଁ କେତେ ଯୁଗ ଧରି ସିଦ୍ଧ ବଳଦେବଜୀଉ ବିଦ୍ୟମାନ। ରାଜ୍ୟର ଐତିହ୍ୟ, ସଂସ୍କୃତି, ଭକ୍ତଙ୍କ ଆବେଗ ଓ ମହାନ୍ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନଲୋଭା, ଶୋଭନୀୟ ଏବଂ ମୋହିତ ବିଦ୍ୟମାନ ତୁଳସୀ କ୍ଷେତ୍ର। ସୂଚନାଯୋଗ୍ୟ ଉକ୍ତ ଭକ୍ତି ତୀର୍ଥ ଆଜି ସମ୍ପୂର୍ଣ୍ଣ ଅବହେଳିତ। ଏଭଳି ଏକ କ୍ଷେତ୍ର ତୀର୍ଥ ଧାମ ଯେଉଁଠାରେ ଭକ୍ତ, ଭକ୍ତି ଓ ଭଗବାନ ସିଦ୍ଧ ବଳଦେବଜୀ ଏକାକାର ହୋଇଯାନ୍ତି। ପ୍ରତ୍ୟେକ ସୁପ୍ରଭାତରେ କାହିଁ ଲକ୍ଷ ଲକ୍ଷ ଯୋଜନରୁ ପରିଦର୍ଶକ, ଆବାଳ ବୃଦ୍ଧବନିତା, ଭକ୍ତଗଣ, ତଥା ପରିବ୍ରାଜକଙ୍କ ଦ୍ୱାରା ପରିବେଷିଣ ହୋଇଥାଏ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହା ସହ ବହୁଳ ମାତ୍ରାରେ ଭକ୍ତି ସଙ୍ଗୀତ, ଜଣାଣ, ଚଉପଦି, ଛାନ୍ଦ, ଓଡ଼ିଶୀ କଳାର ନୃତ୍ୟ ସହିତ ଭକ୍ତି ସଙ୍ଗୀତ ପରିବେଷଣ କରାଯାଏ। ପ୍ରତ୍ୟେକଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ରମାନ୍ୱୟରେ ଗଢ଼ି ପ୍ରଗତିରେ ଚଳଚଞ୍ଚଳ ହୁଏ। ଅତୀବ ଦୁଃଖଦ ବିଷୟ ଆଜି ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସର୍ବାଙ୍ଗ ଉନ୍ନତି ସ୍ୱପ୍ନ। ରାଜ୍ୟ ସରକାର ଏ ଦିଗରେ ବିଶେଷ ନଜର ଦେଇ ତୁଳସୀ କ୍ଷେତ୍ରର ଉନ୍ନତି କରିବା ଲାଗି ପଦକ୍ଷେପ ନିଅନ୍ତୁ।

-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦୋଷୀଙ୍କୁ ୧୦ବର୍ଷ ଜେଲ

**ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ମାମଲା**

ବାରିପଦା,୧୮।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ କୋର୍ଟ(୧)ରେ ଶୁକ୍ରବାର ଏକ ଦିବ୍ୟାଙ୍ଗ ଯୁବତୀ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସତ୍ୟ ନାରାୟଣ ପାତ୍ର ଏହାର ବିଚାର କରି ଦୋଷୀଙ୍କୁ ୧୦ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହା ସହ ୫୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୈଶିଙ୍ଗା ଥାନା ଅଧୀନ ଅଁଳା ଗ୍ରାମର ଦୁର୍ଯ୍ୟୋଧନ ମହାନ୍ତ(୬୨)।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଅକ୍ଟୋବର ୨୮ରେ ଦିବ୍ୟାଙ୍ଗ ଆଦିବାସୀ ଯୁବତୀ ଜଣକ ଘରେ ଏକୁଟିଆ ଥିବା ଦେଖି ଅଭିଯୁକ୍ତ ଦୁର୍ଯ୍ୟୋଧନ ତାଙ୍କୁ ବଳାତ୍କାର କରିଥିଲେ। ପରିବାର ଲୋକଙ୍କୁ ଜଣାଇଲେ ଜୀବନରୁ ମାରିଦେବାର ଧମକଚମକ ଦେଇଥିଲେ। ତେବେ ଯୁବତୀ ଜଣକ ଅନ୍ତଃସତ୍ତ୍ୱା ହେବା ପରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପୀଡ଼ିତାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୨୭୯/୨୧) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରୁଥିଲେ।

# ଭେଣ୍ଡିଆ ପୁଅ ଶଯ୍ୟାଶାୟୀ, ସହାୟତା ଲୋଡ଼ିଲେ ବାପା



ଶଯ୍ୟାଶାୟୀ ରାଜେନ୍ଦ୍ରଙ୍କ ପାଖରେ ତାଙ୍କ ସ୍ତ୍ରୀ ବସିଛନ୍ତି।

ମୋରଡ଼ା,୧୮।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଭାଲିଆଡିହା ପଞ୍ଚାୟତ ଡାକୋଇ ଗ୍ରାମର ଜଣେ ଯୁବକ ରୋଗାକ୍ରାନ୍ତ ଅବସ୍ଥାରେ ଶଯ୍ୟାଶାୟୀ ଅଛନ୍ତି। ଚିକିତ୍ସା ପାଇଁ ଅର୍ଥ ଅଭାବ ହେଉଥିବାରୁ ତାଙ୍କ ବାପା ସହାୟତା ନିବେଦନ କରିଛନ୍ତି।

ଶଯ୍ୟାଶାୟୀ ଯୁବକ ହେଉଛନ୍ତି ତ୍ରିଲୋଚନ ବେହେରା ଏବଂ ତସ୍ମିତା ବେହେରାଙ୍କ ବଡ଼ ପୁଅ ରାଜେନ୍ଦ୍ର(୨୯)। ସେ ଘରର ଏକମାତ୍ର ରୋଜଗାରିଆ ପୁଅ। କିଛି ଦିନ ତଳେ ରାଜେନ୍ଦ୍ର ବାରମାଇଲ ହାଟରେ ଏକ ଦୋକାନରେ କାମ କରୁଥିବା ସମୟରେ ଦେହ ଅସୁସ୍ଥ ହେବାରୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏହାପରେ କଟକ ବଡ଼ ମେଡିକାଲ ଏବଂ ପରେ ଭୁବନେଶ୍ୱରସ୍ଥିତ ଏମ୍‌ସରେ ଭର୍ତ୍ତି ହୋଇଥିଲେ। ତାଙ୍କ ହାର୍ଟରେ ଏକ ଛିଦ୍ର ହୋଇଥିବା ଜଣାପଡ଼ିଥିଲା। ଏମ୍‌ସରେ ଚିକିତ୍ସା ହେଉଥିବା ସମୟରେ ତାଙ୍କୁ ଏକ ଭଲ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିବାକୁ ପରାମର୍ଶ ଦିଆଯାଇଥିଲା ବୋଲି କହିଛନ୍ତି ରାଜେନ୍ଦ୍ରଙ୍କ ବାପା ତ୍ରିଲୋଚନ। ଏହାପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ଅପରେଶନ ନିମନ୍ତେ ସ୍ୱାସ୍ଥ୍ୟକାର୍ଡରେ ଥିବା ସହାୟତା ଟଙ୍କା ବାଦ୍ ଆଉ ୩ରୁ ୫ଲକ୍ଷ ଟଙ୍କା ଦରକାର ବୋଲି କହିଛନ୍ତି ପରିବାରର ସଦସ୍ୟ। ତେବେ ତ୍ରିଲୋଚନ ଅତି ଗରିବ ଶ୍ରେଣୀର ହୋଇଥିବାରୁ ଏତେ ଟଙ୍କା ଯୋଗାଡ଼ କରିବା ତାଙ୍କ ପକ୍ଷେ ଅସମ୍ଭବ। ତେଣୁ ସହୃଦୟ ବ୍ୟକ୍ତିଙ୍କ ଆର୍ଥିକ ସହାୟତା ଲୋଡ଼ିଛନ୍ତି। ଫୋନ୍‌ପେ ନମ୍ବର- ୬୩୭୧୬୭୬୩୯୧ରେ ଏବଂ ଆକାଉଣ୍ଟ ନମ୍ବର-୩୯୦୩୫୧୦୬୦୯୯, ଆଇଏଫଏସସି କୋଡ୍- ଏସବିଆଇ-ଏନ୍-୦୦୧୩୫୭୯ରେ ସହାୟତା ପ୍ରଦାନ କରିବା ପାଇଁ ରାଜେନ୍ଦ୍ର ନିବେଦନ କରିଛନ୍ତି।

# ଏମ୍‌ପିସି ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି

ବାରିପଦା,୧୮।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମ୍‌ପିସି) ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶକୁ ନେଇ ଛାତ୍ର ଅଶାନ୍ତି ଦେଖାଦେଇଛି। ଯୁକ୍ତ ୩ର ୨ୟ ଓ ୩ୟ ସେମିଷ୍ଟାର ଫଳ ପ୍ରକାଶ ପାଇ ନ ଥିବା ବେଳେ ୪ର୍ଥ ସେମିଷ୍ଟାର ଫଳ ପ୍ରକାଶ ପାଇବାକୁ ନେଇ ଛାତ୍ରୀଛାତ୍ରମାନେ ପ୍ରତିବାଦ କରିଛନ୍ତି। ଯାହାକୁ ନେଇ ଶୁକ୍ରବାର ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇ ପରୀକ୍ଷା ନିୟନ୍ତ୍ରକଙ୍କ ବଦଳି ପାଇଁ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଦାବି କରିଛନ୍ତି। ତେବେ ମହାବିଦ୍ୟାଳୟ ପକ୍ଷରୁ କୌଣସି ସମାଧାନ ନ ହେବାରୁ ଛାତ୍ରୀଛାତ୍ରମାନେ ଚାଲି ଚାଲି ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି। ଏହା ସହିତ ଉଭୟ ଅଧ୍ୟକ୍ଷ ଓ ପରୀକ୍ଷା ନିୟନ୍ତ୍ରକଙ୍କୁ ବଦଳି ପାଇଁ ନିଜ ଜିଦରେ ଅଟଳ ରହିଛନ୍ତି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆଲୋଚନା ଜାରି ରହିଥିବା ସୂଚନା ମିଳିଛି।

# ରାଡ଼ୋ ପଞ୍ଚାୟତ ସରପଞ୍ଚ ନିଲମ୍ବିତ

ଉଦଳା,୧୮।୭ (ସନ୍ତୋଷ କୁମାର ବାଛିନୀ)

ଦୁର୍ନୀତି ଅଭିଯୋଗରେ ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ରାଡ଼ୋ ପଞ୍ଚାୟତ ସରପଞ୍ଚ ବସେନ ମାରାଣ୍ଡି ନିଲମ୍ବିତ ହୋଇଛନ୍ତି। ମିଛ ଦସ୍ତାବିଜ ଦେଇ ସରକାରୀ ଅର୍ଥରେ ଷ୍ଟ୍ରିଟ ଲାଇଟ କିଣାରେ ସେ ଅନେକ ଲକ୍ଷ ଟଙ୍କା ଦୁର୍ନୀତି କରିଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। କେସନଂ. ୪/୨୫ରେ ଭିଜିଲାନ୍ସ ବିଭାଗ ମାମଲା ରୁଜୁ କରି ତଦନ୍ତ କରିଥିଲା। ୨୦୨୪ ମସିହା ନଭେମ୍ବର ମାସରେ ସେ ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଗ୍ରାମ ପଞ୍ଚାୟତ ନିୟମ ଉଲ୍ଲଘଂନ କରିଥିବାରୁ ପଞ୍ଚାୟତିରାଜ ବିଭାଗ ଡାଇରେକ୍ଟର ସରପଞ୍ଚ ପଦବୀରୁ ତାଙ୍କୁ ନିଲମ୍ବିତ କରିଛନ୍ତି। ବିଭାଗର ଚିଠିନଂ. ପିଆର - ପିଏଡିଏମ- ଇଏସଟିଟି -୦୦୩୪-୨୦୨୫ ୧୮୭୧୦/ ୧୧।୭। ୨୦୨୫ରେ ସରପଞ୍ଚ ବସେନଙ୍କୁ ନିଲମ୍ବିତ କରାଯିବା ସହିତ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ମରାମତି ନାଁ ଧରୁନି ବିଭାଗ

- ଜରକା-ବୈଦପୁର ପ୍ରଧାନମନ୍ତ୍ରୀ ସଡ଼କ ମରଣଯନ୍ତା
- ଖାଲି ପଡ଼ିଥିବା ଏସଡିଓ ପଦବୀ ପୂରଣ ଦାବି

ବୈଶିଙ୍ଗା,୧୮।୭(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଜରକା ଛକଠାରୁ ଜୁଗପୁରା ରେଳ ଷ୍ଟେଶନ ହୋଇ ବୈଦପୁର ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାର ମରାମତି କରିବାର ନାଁ ଧରୁ ନ ଥିବାରୁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଯାନବାହନ ଚଳାଚଳରେ ଗୁରୁତର ବାଧା ସୃଷ୍ଟି ହେଉଛି। ୭.୩୭୦ କିମି ରାସ୍ତା ତିଆରି ନିମନ୍ତେ ୨ କୋଟି ୪୮ ଲକ୍ଷ ୮୮ ହଜାର ଟଙ୍କା ଅର୍ଥ ମଞ୍ଜୁର କରାଯାଇ ୨୮.୧୧.୨୧ ତାରିଖରେ ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଓ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ବେଳେ ୨୦୨୨ ଜୁଲାଇରେ ଶେଷ ହେବା ସହିତ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ହେବାର ଚୁକ୍ତି ରହିଛି। ମାତ୍ର ଏହି ରାସ୍ତା ମରାମତି ନ ହେବାରୁ ଏହା ସିଧାସଳଖ ବିଭାଗୀୟ ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ମରାମତି ବାବଦକୁ ଅର୍ଥ ଥାଇ ମଧ୍ୟ ଅବଧି ଶେଷ ହେବାକୁ ଆହୁରି ଦେଢ଼ ବର୍ଷ ରହିଥିବାବେଳେ ମରାମତି ନ ହେବା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

ଜରକା ଛକଠାରୁ ବୈଦପୁର ପର୍ଯ୍ୟନ୍ତ ଅନେକ ସ୍ଥାନରେ ପିଚୁ ଉଠିଯାଇ ରାସ୍ତା ଯାକ ଖାଲଖମାରେ ଭର୍ତ୍ତି ହେବାସହ ରାସ୍ତା ଉପରେ ହମ୍ପସ ନିର୍ମାଣ ଯୋଗୁ ଜରୁରୀକାଳୀନ ସେବା ବିଶେଷକରି ୧୦୮ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ପାଇଁ ସମସ୍ୟା ସୃଷ୍ଟି କରୁଛି। ବିଭାଗୀୟ ଅଧିକାରୀ କିମ୍ବା ରାଜନେତାଙ୍କ ଦୃଷ୍ଟି ନ ପଡ଼ିବାରୁ ଜୀବନରେଖା ପାଲଟିଥିବା ୫ ଗୋଟି ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ସହ ଏହି ରାସ୍ତା ଦେଇ ଦୈନନ୍ଦିନ ଚଳାଚଳ କରୁଥିବା ଯାତ୍ରୀବାହୀ ବସ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହେଉଛି। ଏତଦବ୍ୟତିତ ସାଇକେଲ ଯୋଗେ ଯିବା ଆସିବା କରୁଥିବା ସ୍କୁଲ କଲେଜ ଛାତ୍ରୀଛାତ୍ରମାନେ ଦୈନନ୍ଦିନ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଘଟଣା ସାମ୍ନାକୁ ଆସୁଛି।

ତେବେ ବେତନଟୀ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧିକାରୀ (ଏସଡିଓ) ପଦବୀ ଦୁଇ ମାସ ହେବ ଖାଲି ପଡିଥିବା ଯୋଗୁ ଅତି ଶୀଘ୍ର ନୂତନ ଅଧିକାରୀଙ୍କୁ ନିଯୁକ୍ତି ଦେବା ସହ ରାସ୍ତା ରକ୍ଷଣାବେକ୍ଷଣ କାର୍ଯ୍ୟରେ ଅବହେଳା ଓ ସରକାରୀ ଚୁକ୍ତିନାମା ଉଲ୍ଲଂଘନ କରିଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଯୁଗପୁରା ରେଳ ଷ୍ଟେଶନ ଉନ୍ନୟନ ପରିଷଦର ଅଶ୍ୱିନୀ କୁମାର ମହାରଣା , ବିଜୟ କୁମାର ରାଉତ, ନିରଞ୍ଜନ ମହାପାତ୍ର , ହରିହର ମହାପାତ୍ର, ଖଗେଶ୍ୱର ମହାପାତ୍ର, ଗିରିଶ ରାଉତ, ଅରୁଣ ରାଉତ, ମହେଶ ଚନ୍ଦ୍ର ମହାପାତ୍ର, ବିଶ୍ୱଜିତ ସାହୁ , ମନୋଜ କୁମାର ମହାନ୍ତ ପ୍ରମୁଖ ଦାବି କରିଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ : ୧ ଗୁରୁତର

ମୋରଡ଼ା,୧୮।୭(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଞ୍ଚଳରେ ଏକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଖାରପୋଖରିଆ ଥାନା ଅଧୀନ ନୂହାମାଳିଆ ଗ୍ରାମର ବିପିନ ମୁର୍ମୁ। ଏନେଇ ଥାନାରେ ୧୨୨/୨୫ରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବିପିନ ଏକ ବାଇକ ଯୋଗେ ଯମୁନାମୁର୍ମୁଙ୍କ ସହିତ ମହାବିଲା ଡିଗ୍ରୀ ମହାବିଦ୍ୟାଳୟକୁ ଆସୁଥିବା ସମୟରେ ଶୁଳିଆପଦା ଥାନା ଅଧୀନ ଚକଚକିଆଠାରେ ଭାରସ୍ୟାମ ହରାଇ ଏକ ଗଛରେ ବାଡେଇ ହୋଇ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ବିପିନଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଯମୁନାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି।

# ଛାତ୍ରଙ୍କୁ ମାନସିକ ନିର୍ଯାତନା,୨ ଶିକ୍ଷକଙ୍କ ବଦଳି

**ଗୋପବନ୍ଧୁ ନଗର, ୧୮।୭(ଶାନ୍ତନୁ କୁମାର ମଣ୍ଡୁଆଳ):** ଗୋପବନ୍ଧୁ ନଗର ବ୍ଲକ କୁଆମରା ନୂତନ ସରକାରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀର ୨ଜଣ ଛାତ୍ରଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦେଇଥିବା ଅଭିଯୋଗରେ ପ୍ରଧାନ ଶିକ୍ଷକଙ୍କ ସମେତ ଜଣେ ସହକାରୀ ଶିକ୍ଷକଙ୍କ ବଦଳି ହୋଇଛି। ଛାତ୍ର ଦ୍ୱୟଙ୍କୁ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଆକ୍ରୋଶ ମୂଳକ ଭାବେ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୨୨୭/୨୫) ରୁଜୁ କରିଥିଲା। ଏହି ଘଟଣାକୁ ନେଇ ବୁଧବାର ଅଭିଭାବକଙ୍କ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ୨ ଶିକ୍ଷକଙ୍କୁ ତୁରନ୍ତ ଏଠାରୁ ବଦଳି କରିବା ସହ ନୂତନ ପରିଚାଳନା କମିଟି ଗଠନ ପାଇଁ ଦାବି ଜୋର ଧରିଥିଲା। ୧୭ ତାରିଖରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପତ୍ର ସଂଖ୍ୟା ୮୪୧୦ ରେ ପ୍ରଧାନ ଶିକ୍ଷକ ଶିଶିର କୁମାର ପାତ୍ରଙ୍କୁ ବଡ଼ସାହି ବ୍ଲକ ପ୍ରତାପପୁର ସରକାରୀ ଉଚ୍ଚବିଦ୍ୟାଳୟ ଓ ସହକାରୀ ଶିକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କୁ ଖୁଣ୍ଟା ସରକାରୀ ଉଚ୍ଚବିଦ୍ୟାଳୟକୁ ବଦଳି କରାଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରଞ୍ଜୁଲତା ଜେନା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

V.N. (AUTO) COLLEGE, JAJPUR ROAD
A WALK IN INTERVIEW will be held at 10 A.M. on 27.07.2025 for different posts, details in website :
www.vnautocollege.in.
Principal

WANTED
Sales Executive - 2 Nos
Qualification : 12th Pass
Computer Knowledge
MAHALAXMI MOBILE
Shop No.-59, Bharatia Tower
Ground Floor, Badambadi, Cuttack
Mobile - 7684862464

REQUIREMENT
MARKETING EXECUTIVE with Motor Cycle. Any Graduate in Bhubaneswar.
One OFFICE ASSISTANT with Computer Knowledge BCA, PGDCA in Bhubaneswar.
Mob.: 9338205137, 9861404151

REQUIRED
We need for our Real Estate Company
1. RECEPTIONIST : +3 above + Comp. (Ladies)
2. TELECALLER : +2 above + Comp. (Ladies)
3. MARKETING EXECUTIVE : +2 above + Experience
4. PEON-CUM-COOK : 10th above.
Office: Sundarpada, Bhubaneswar - 02
Send your Bio-data @
9777969014, 9861433014

JAWAHARLAL NEHRU HIGHER SECONDARY SCHOOL, BALIANTA, KHORDHA
E-mail: jawaharlal93384@gmail.com, Ph. No.: 7008726788
WALK-IN-INTERVIEW
Candidates having minimum 55% marks in P.G. can Walk-in-Interview for Lecturer in Odia and History (One Post for each subject) on Dt.30.07.2025, Wednesday from 10.30 A.M. onwards.
Sd./- Principal-cum-Secretary

## ବାଘଛାଲରେ ବସାଇ ତନ୍ତ୍ରସାଧନା ଘଟଣା

# ଜବତ ମୋବାଇଲ ଯାଞ୍ଚକୁ ଅପେକ୍ଷା

## ବନ ବିଭାଗ ସୂଚନା ଦେଲେ ତଦନ୍ତ ହେବ: ଏସ୍‌ପି

ବାରିପଦା,୧୮।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳରୁ କଲରାପତରିଆ ବାଘଛାଲ ଜବତ ପରେ ବନ ବିଭାଗ ଖୋଳତାଡ଼ ଜାରି ରଖିଛି। ପାଉଁଶିଆ ଗ୍ରାମର ଗୁରୁ ପ୍ରସାଦ ପାତ୍ରଠାରୁ ୨ଟି ବାଘଛାଲ ଓ ମୋବାଇଲ ଜବତ ହୋଇଛି। ଉକ୍ତ ମୋବାଇଲରେ ଥିବା ଆପତ୍ତିଜନକ ଭିଡିଓକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏହି ମୋବାଇଲ ଯାଞ୍ଚକୁ ଅପେକ୍ଷା କରାଯାଇଛି। ବନ ବିଭାଗ ପକ୍ଷରୁ ପୋଲିସକୁ ଅବଗତ କରାଗଲେ ଏହାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ବରୁଣ ଗୁଣ୍ଟୁପାଲି କହିଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଗୋଇନ୍ଦା ସରବରାହ ସଂସ୍ଥାର ସୂଚନାକୁ ଆଧାରକରି ସ୍ୱତନ୍ତ୍ର ଟିମ୍ ଚଢାଉ କରି ମୟୂରଭଞ୍ଜ ଜିଲା ବଡ଼ସାହି ଓ ଖୁଣ୍ଟା ଅଞ୍ଚଳରୁ ୩ଟି କଲରାପତରିଆ ବାଘଛାଲ ଜବତ କରିଥିଲା। ଏହି ଘଟଣାରେ ୭ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ୭ ମୋବାଇଲ ଓ ୨ଟି ବାଇକ୍ ଜବତ ହୋଇଛି। ବାଲେଶ୍ୱର ଜିଲାର ୨ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଏହାର ଚେର ସୁନ୍ଦରଗଡ଼ ଓ ସମେତ ଛତିଶଗଡ ପର୍ଯ୍ୟନ୍ତ ଲମ୍ବିଥିବା ନେଇ ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଉକ୍ତ ଗ୍ୟାଙ୍ଗରେ ଆଉ ୪ ଅପରାଧୀ ସମ୍ପୃକ୍ତ ଥିବା ବେଳେ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା କଲେ ତଥା ଜବତ ମୋବାଇଲଗୁଡ଼ିକ ଯାଞ୍ଚକଲେ ଅନେକ ତଥ୍ୟ ପଦାକୁ ଆସିବ ବୋଲି କୁହାଯାଉଛି। ତେବେ ଗୁରୁ ପ୍ରସାଦଙ୍କ ମୋବାଇଲରେ ଆପତ୍ତିଜନକ ଭିଡିଓ ଥିବା ଓ ତନ୍ତ୍ର ସାଧନା କରୁଥିବା ଜଣାପଡ଼ିଛି। ବାଘ ଛାଲ ଉପରେ ବସି ପୂଜା କଲେ ଅର୍ଥପ୍ରାପ୍ତି ଓ ମନୋବାଞ୍ଛା ପୂରଣ ହୁଏ ବୋଲି ଗୁରୁପ୍ରସାଦ ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଲୋକେ ତାଙ୍କ କଥାରେ ଭଳି ଯାଉଥିଲେ। ଯାହାର ଫାଇଦା ଉଠାଇ ଗୁରୁପ୍ରସାଦ ଯୌନ କେଳେଙ୍କାରୀରେ ଲିପ୍ତ ରହୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ବନ ବିଭାଗ ଜାଣିବାକୁ ପାଇଥିଲା। ଅନ୍ୟପକ୍ଷରେ କୋଭିଡ୍ ପୂର୍ବରୁ ଗୁରୁପ୍ରସାଦଙ୍କ ଘରକୁ ତାନ୍ତ୍ରିକମାନେ ଆସି ପୂଜାପାଠ କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସେହି ଦିନଠାରୁ କେନ୍ଦୁଝର ଅଞ୍ଚଳର ଜଣେ ୫୦ବର୍ଷୀୟ ମହିଳା ଗୁରୁପ୍ରସାଦଙ୍କ ଘରେ ରହି ଆସୁଛନ୍ତି। ବାଘଛାଲ ଜବତ ସମୟରେ ଗୁରୁପ୍ରସାଦଙ୍କୁ ଗିରଫ ସମ୍ପର୍କିତ ତଥ୍ୟରେ ମଧ ସେ ଦସ୍ତଖତ କରିଛନ୍ତି। ପୋଲିସ ତାଙ୍କୁ ତଦନ୍ତ ପରିସରଭୁକ୍ତ କଲେ ଅନେକ ତଥ୍ୟ ମିଳିପାରିବ ବୋଲି କୁହାଯାଉଛି।

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
| --- | --- | --- |
| CTP OPERATOR | Should have experience in CTP plate processing machines operating in print media; Familiarity with plate making equipment and software; Should have expertise in using Altizen, Postrip Express, D Compose, Q Server; Should have basic Computer skills & ability to learn new software techniques. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.
ପଞ୍ଜିକୃତ ନଂ.: ବିଏଲ/୪୪, ସ୍ଥାପିତ-୧୯୪୫, ଆର୍.ବି.ଆଇ.
ଏଲଆଇସି ନଂ.: ୟୁବିଡି. (ଓଆରଆଇ) ୦୦୦୪ପି/୦୯-୧୦,
ସା: ବିବେକାନନ୍ଦ ମାର୍ଗ, ପୋ/ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧,
ଫୋନ୍: ୦୬୭୮୨-୨୬୩୦୪୪, ଇମେଲ: contact@blscub.com, www.blscub.com
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ସୂଚିତ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ ଋଣଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛ" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମର ତାରିଖ ଏବଂ ସମୟ: ୨୦.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣକର୍ତ୍ତା / ଗ୍ୟାରେଣ୍ଟରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ / ସାଙ୍କେତିକ ଦଖଲ ତାରିଖ / ଭୌତିକ ଦଖଲ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି/ ବିଡ୍ ବୃଦ୍ଧି ପରିମାଣ / ଅମାନତ ରାଶି ଜମାର ଅନ୍ତିମ ତାରିଖ |
| --- | --- | --- | --- | --- |
| ୧. | ଋଣଗ୍ରହୀତା: ଶ୍ରୀମତୀ ସୌଦାମିନୀ ନାୟକ, ସ୍ୱାମୀ: ଘନଶ୍ୟାମ ନାୟକ, ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ / ଗ୍ୟାରେଣ୍ଟରମାନେ: ୧) ଶ୍ରୀ ଘନଶ୍ୟାମ ନାୟକ, ପିତା: ଶ୍ରୀ ନରେନ୍ଦ୍ର ନାୟକ, ୨) ମୋନାଲିସା ନାୟକ, ପିତା: ଶ୍ରୀ ଘନଶ୍ୟାମ ନାୟକ, ଉଭୟଙ୍କ ଠିକଣା- ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ | ଶ୍ରୀମତୀ ସୌଦାମିନୀ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମେଘଡମ୍ବରୁ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୮୦/୧୨୦୪, ୟୁନିଟ୍ ନଂ. ୧୭୨, ପ୍ଲଟ୍ ନଂ.: ୧୬୬/୧୭୬୩, କ୍ଷେତ୍ର: ଏକର୦.୦୬୫ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଖାଲି ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ଖାଲି ଜମି, ପଶ୍ଚିମ: ଆଜେବେଷ୍ଟ ଗୃହ, ବ୍ୟାଙ୍କକୁ ଜଣାଥିବା ଏନକମ୍ବ୍ରାନ୍ସେସ୍‌ର ସବିଶେଷ ତଥ୍ୟ: ନାହିଁ | ୦୭.୦୭.୨୦୨୫ ସୁଦ୍ଧା ସୁଧ ସହିତ ଟ.୧୮,୮୧,୬୪୬/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ, ଦେୟ ଇତ୍ୟାଦି / ଡିମାଣ୍ଡ ନୋଟିସ୍ ତାରିଖ: ୦୨.୦୯.୨୦୨୧ / ସାଙ୍କେତିକ ଦଖଲ ତାରିଖ: ୨୨.୦୮.୨୦୨୨ / ଭୌତିକ ଦଖଲ ତାରିଖ: ୧୯.୦୬.୨୦୨୫ | ସଂରକ୍ଷିତ ମୂଲ୍ୟ: ଟ.୨୩,୫୨,୦୦୦/- ; ଅମାନତ ଜମା ରାଶି: ଟ.୨,୩୫,୨୦୦/- ; ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/- ; ଅମାନତ ରାଶି ଜମାର ଅନ୍ତିମ ତାରିଖ ୧୯.୦୮.୨୦୨୫ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କିମ୍ବା ତା'ପୂର୍ବରୁ |

ସମ୍ପତ୍ତି ତନଖି ତାରିଖ ଏବଂ ସମୟ: ୧୨.୦୮.୨୦୨୫ ରୁ ୧୩.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ଘଟିକା
ଉପରୋକ୍ତ ସମସ୍ତ ସମ୍ପତ୍ତି ବ୍ୟାଙ୍କର ଭୌତିକ ଦଖଲରେ ଅଛି
ସଂଶୋଧିତ ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।
ବିକ୍ରୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ଦୟାକରି ସେବା ପ୍ରଦାନକାରୀ M/s e-Procurement echnologies Limited-Auction Tiger ଦ୍ୱାରା ପ୍ରଦାନ କରାଯାଇଥିବା ଲିଙ୍କ୍ https://sarfaesi.auctiontiger.net/EPROC/viewauction/338828/3/0 ସହିତ Auction ID: 338828 ଦେଖନ୍ତୁ। ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ପ୍ରବୀଣ କୁମାର ଥେଭର: ୯୭୨୨୭୭୮୮୨୮-୦୭୯-୩୫୨୬୭୫୧୫/୧୬, ବିଡ଼ର ସହାୟତା ନିମନ୍ତେ- ୯୨୬୫୫୬୨୮୨୧/ ୮୧୮-୦୭୯୬୮୧୩୬୮୪୨/୩୭, ଇମେଲ ଆଇଡ଼ି: praveen.thevar@auctiontiger.net କିମ୍ବା soni@auctiontiger.net ଏବଂ support@auctiontiger.net
ତାରିଖ: ୦୭.୦୭.୨୦୨୫, ସ୍ଥାନ: ବାଲେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.

इंडियन बैंक Indian Bank
इलाहाबाद ALLAHABAD
ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ,
ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
(ସମ୍ପତ୍ତିଗୁଡ଼ିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡ଼ିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକକରଣ ପାଇଁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.ebkray.in (https://baanknet.com)

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
| --- | --- | --- | --- | --- |
| ୧. | କଟକ କ୍ୟାଣ୍ଟନମେଣ୍ଟ୍ ରୋଡ୍ ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତାମାନେ: ୧) ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ୨) ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ୩) ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସ, ସମସ୍ତଙ୍କ ଠିକଣା- ସା: ସୁବେଦାର ଲେନ୍, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୧ | ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୦-ଡ଼ି୧, ପ୍ଲଟ୍ ନଂ.: ୨୯୩/୯୩୦, କ୍ଷେତ୍ର: ଏକର୦.୦୦୬ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୩୨୧ ଡ଼ି-୧, ପ୍ଲଟ୍ ନଂ.: ୨୯୨/୯୨୯, କ୍ଷେତ୍ର: ଏକର୦.୦୦୯ଡିସିମିଲି ୧/୨ କଡି, ସମୁଦାୟ କ୍ଷେତ୍ର: ଏକର୦.୦୧୫ଡିସିମିଲି ଏବଂ ୧/୨ କଡି, କିସମ: ଘରବାରି, ମୌଜା: କଟକ ସହର ୟୁନିଟ୍ ନଂ. ୧୭, ମାଛୁଆବଜାର, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଡିଏସ୍ଆରଓ: କଟକ, ଜିଲ୍ଲା: କଟକ, ଏହାର ଚରିପାର୍ଶ୍ୱରେ- ଉତ୍ତର: ସରୋଜ କୁମାର ଦାସ, ଦକ୍ଷିଣ: ରବିନ୍ଦ୍ର ସାହୁ, ପୂର୍ବ: ଅଲେଖ ସାହୁ, ପଶ୍ଚିମ: ରାସ୍ତା / ସମ୍ପତ୍ତି ଆଇଡ଼ି ନଂ.: IDIB30230155641M | ୨୩.୧୨.୨୦୨୪ / ୦୧.୦୩.୨୦୨୫ / ୦୮.୦୭.୨୦୨୫ ସୁଦ୍ଧା ଟ.୧୨,୧୪,୩୫୫.୫୪ + ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟୋଜ୍ୟ ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୧,୨୬,୦୦୦/- / ଟ.୨,୧୩,୦୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୦.୦୮.୨୦୨୫ରିଖ (ବୁଧବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା
ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୧୯.୦୮.୨୦୨୫ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)
ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୧.୦୮.୨୦୨୫ରିଖ ଠାରୁ ତା.୧୬.୦୮.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ
Mamata Das
ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। https://www.ebkray.in (https://baanknet.com) ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।
ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।
ତାରିଖ: ୧୮.୦୭.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଅଢ଼େଇ ମାସ ହେଲା ନାବାଳକ ନିଖୋଜ

ବାସୁଦେବପୁର,୧୮।୭
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ବାଲିମୁଣ୍ଡା ପଞ୍ଚାୟତ ଡିପିହୋରା ଗ୍ରାମର ଗୌରାଙ୍ଗ ଗୁଡ଼ିଆଙ୍କ ପୁଅ ଗୌତମ(୧୫) ଅଢ଼େଇ


ଗୌତମ ଗୁଡ଼ିଆ

ମାସ ହେଲା ନିଖୋଜ ଅଛନ୍ତି। ଗତ ମେ ୧ରୁ ବିରସ ଗ୍ରାମ ନିକଟରୁ ସେ କେଉଁଆଡ଼େ ଚାଲିଯାଇଛନ୍ତି। ତାଙ୍କୁ ନ ପାଇ ମା' ବାପା ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଛନ୍ତି। ଏନେଇ ମେ ୧୯ରେ ଗୌରାଙ୍ଗଙ୍କ ଅଭିଯୋଗକ୍ରମେ କଷିଆ ସାମୁଦ୍ରିକ ଥାନାରେ ଏକ ମାମଲା (ନଂ.୮୨/୨୫) ରୁଜୁ ହୋଇଥିଲା। ଗୌତମଙ୍କୁ ଠାବ କରିବା ପାଇଁ ତାଙ୍କ ପରିବାର ଲୋକେ ପୋଲିସ, ପ୍ରଶାସନ ନିକଟରେ ଗୁହାରି ଜଣାଇଥିବା ବେଳେ ଅଦ୍ୟାବଧି ତାଙ୍କ ସନ୍ଧାନ ମିଳିପାରି ନାହିଁ। ନିଖୋଜ ଗୌତମଙ୍କ ରଙ୍ଗ ଗୋରା ହୋଇଥିବା ବେଳେ ଉଚ୍ଚତା ୪ ଫୁଟ୍ ୫ ଇଞ୍ଚ। ଯଦି କେହି ସହୃଦୟ ବ୍ୟକ୍ତି ଗୌତମଙ୍କ ସନ୍ଧାନ ପାଆନ୍ତି, ତାହେଲେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କଷିଆ ସାମୁଦ୍ରିକ ଥାନା ପୋଲିସ ସହ କିମ୍ବା ତାଙ୍କ ମା' ବାପାଙ୍କ ସହ ଯୋଗାଯୋଗ କରିବାକୁ ଆଇଆଇସି ସାବିତ୍ରୀ ପଣ୍ଡା ଜଣାଇଛନ୍ତି।

# ପଲିଥିନ ତଳେ ମୁଣ୍ଡ ଗୁଞ୍ଜୁଛନ୍ତି ୪ ପ୍ରାଣୀ

## ଗୁହାରି ସତ୍ତ୍ୱେ ମିଳିନି ଆବାସ

ଧୂଷୁରୀ, ୧୮।୭(ଦୀପ୍ତିରଞ୍ଜନ ନାୟକ)

ପଲିଥିନ ତଳେ ମୁଣ୍ଡ ଗୁଞ୍ଜୁଛନ୍ତି ୪ ପ୍ରାଣୀ। ତଳେ କାଦୁଅ ଚଟାଣ ସାଙ୍ଗକୁ ବାଉଁଶରେ ତିଆରି ଓ ଦୁଆର ନ ଥିବା ଘରେ ବର୍ଷାଦିନେ ସାପ ଭୟ ରହୁଛି। ସରକାର ଆବାସ ଯୋଜନାରେ ଗରିବଙ୍କୁ ଗୃହ ଯୋଗାଇ ଦେଉଛନ୍ତି। ହେଲେ ଘର ପାଇବା ପାଇଁ ଯୋଗ୍ୟ ହୋଇ ବି ବାଦ୍ ପଡ଼ିଛନ୍ତି ଧାମନଗର ବ୍ଲକ ଅଧୀନ ପାଳସାହି ପଞ୍ଚାୟତ ସାହୁସାହି ଗାଁର ରଞ୍ଜନ ବେହେରା(୩୮)ଙ୍କ ପରିବାର।

ରଞ୍ଜନ ମୂଲ ଲାଗି ପରିବାର ପ୍ରତିପୋଷଣ କରନ୍ତି। ସ୍ତ୍ରୀ ସୀତା ବେହେରା(୩୨), ୫ ବର୍ଷର ପୁଅ ଓ ଦେଢ଼ ବର୍ଷର ଝିଅଙ୍କୁ ନେଇ ତାଙ୍କ ପରିବାର। ରଞ୍ଜନ କହନ୍ତି, ମୁଣ୍ଡ ଗୁଞ୍ଜିବାକୁ ଖଟିମାଟିର ଘରଟିଏ ଥିଲା। ମାତ୍ର ୨ ବର୍ଷ ତଳେ ତାହା ଭାଙ୍ଗିଯାଇଥିଲା। ବର୍ଷେ ତଳେ ବହୁ ଅନୁରୋଧ ପରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ପଲିଥିନ ଖଣ୍ଡେ ଯୋଗାଇ ଦିଆଯାଇଥିଲା। ତାହାକୁ ମଝିରୁ କଟାଯାଇ ଖଣ୍ଡେ ପିଢ଼ା ଉପରେ ପଡ଼ିଛି ତ ଆଉ ଖଣ୍ଡେ ସବୁଦିନ ଘର ଭିତରେ ପଡ଼ୁଛି। ଯାହା ତଳେ କାଦୁଅ ରହିଛି। ଆଉ ସେହି ପଲିଥିନ ଉପରେ ପଡ଼ୁଛି


ପଲିଥିନ ପଡ଼ିଥିବା ଘର ଆଗରେ ସ୍ତ୍ରୀ ଓ ୨ ପିଲାଙ୍କ ସହ ରଞ୍ଜନ।

୪ ପ୍ରାଣୀଙ୍କ ବିଛଣା। ବାଉଁଶରେ ତିଆରି ଏହି ଘରର ଦୁଆର ନ ଥିବାରୁ ବର୍ଷାଦିନେ ସାପ ପଶିଯିବାର ଭୟ ଘାରୁଛି। ତଥାପି ଉପାୟଶୂନ୍ୟ ହୋଇ ଏହି ଘରେ ରହିବାକୁ ପଡ଼ୁଛି। ସରକାରୀ ଯୋଜନାରେ ଘର ଖଣ୍ଡେ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ନେତା, ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଗୁହାରି କରିଛନ୍ତି। କିନ୍ତୁ କିଛି ସୁଫଳ ମିଳିନାହିଁ। ହଁ ହୋଇଯିବ ବୋଲି ପ୍ରତିଶ୍ରୁତି କେବେ ପୂରଣ ହେବ, ସେହିଦିନକୁ ସେ ଚାହିଁ ବସିଛନ୍ତି ବୋଲି ରଞ୍ଜନ କହିଛନ୍ତି। ୪ ମାସ ପୂର୍ବରୁ ତାଙ୍କ ଗାଁରେ ପକ୍କାଘର ଥିବା ପରିବାର ଅନ୍ତ୍ୟୋଦୟ ଗୃହ ପାଇଛନ୍ତି। ମାତ୍ର ଘର ପାଇବାକୁ ଯୋଗ୍ୟ ଥିବା ଏହି ପରିବାର କଥା ୱାର୍ଡମେମ୍ବରଙ୍କଠୁ ବ୍ଲକର ପ୍ରଶାସନିକ ଅଧିକାରୀ ପର୍ଯ୍ୟନ୍ତ ଭୁଲିଗଲେ। ସରକାରୀ ସାହାଯ୍ୟ କହିଲେ ୧୦ କି.ଗ୍ରା. ରାଶନ ଚାଉଳ। ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ଚୁଲି ବି ଏହି ପରିବାର ପାଇଁ ସାତସପନ। ଘର ବାହାରେ ଉଠାଚୁଲିରେ ହେଉଛି ରୋଷେଇ। ବର୍ଷା ହେଲେ ଚୁଡ଼ା ମୁଢ଼ି ଜଳଖିଆରେ ଦିନ ବିତିଯାଏ। ଏଭଳି ସ୍ଥିତିରେ ଏହି ପରିବାରକୁ ଘର ଯୋଗାଇ ଦେବାକୁ ଗାଁର କେତେଜଣ ଯୁବକ ଅଣ୍ଟା ଭିଡ଼ିଛନ୍ତି। ଏହି ଅସହାୟ ପରିବାରକୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଯୋଗାଇ ଦେବାକୁ ସେମାନେ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। କେବଳ ଘର ନୁହେଁ, ଏହି ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ମଧ୍ୟ ଜିଲା ମାନବ କଲ୍ୟାଣ ଓ ସେବା ସଙ୍ଗଠନର ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର ବ୍ଲକ ପ୍ରଶାସନକୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ପାଳସାହି ପଞ୍ଚାୟତର ସରପଞ୍ଚ ଅଜୟ ମଲିକ କହିଛନ୍ତି, ସେ ସରପଞ୍ଚ ହେବା ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଗାଣ ବନ୍ଦ ରହିଥିଲା। ଏବେ ତାହା ପୁଣି ଦିଆଯାଉଛି। ସେହି ପରିବାର କିପରି ଆବାସ ପାଇବେ, ସେନେଇ ବନ୍ଦୋବସ୍ତ କରାଯିବ।

# ସାଳନ୍ଦୀ ଜୁନିୟର କଲେଜରେ ଗଠନ ହେଲା ଆଭ୍ୟନ୍ତରୀଣ ଅଭିଯୋଗ କମିଟି

ଭଦ୍ରକ,୧୮।୭ (ରବିନାରାୟଣ ଖିଲାର)

ଭଦ୍ରକ ପୌରପାଳିକାର ଉତ୍ତରବାହିନୀସ୍ଥିତ ସାଳନ୍ଦୀ ଜୁନିୟର କଲେଜରେ ଏକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗୁରୁବାରି ଗଠନ କରାଯାଇଛି। କଲେଜର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ସାମାଜିକ କର୍ମୀ, ପ୍ରାକ୍ତନ ପ୍ରାଧ୍ୟାପିକା ମିନତି ରାଉତ ସଦସ୍ୟ ଅଛନ୍ତି। ସେହିପରି କଲେଜର ଅର୍ଥନୀତି ବିଭାଗ ଅଧ୍ୟାପିକା ମଧୁମିତା ସ୍ୱାଇଁ, ରାଜନୀତି ବିଭାଗ ଅଧ୍ୟାପକ ଶୁଭାଶିଷ ଭଟ୍ଟାଚାର୍ଯ୍ୟ, ଅଧ୍ୟାପିକା ଅଳକା ସାହୁ, କୁଦୁସିଆ ଜମାଲ ଏବଂ ମମତା ଜେନା ସଦସ୍ୟ ରହିଛନ୍ତି। ଏଥିସହ ୨ଜଣ ଛାତ୍ରୀଙ୍କୁ ମଧ୍ୟ ସଦସ୍ୟ ଭାବେ କମିଟିରେ ସ୍ଥାନିତ କରାଯାଇଛି। ଛାତ୍ରୀମାନେ ଶିକ୍ଷାୟତନ ଭିତରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରି ଏକ ଉନ୍ନତ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଏହି କମିଟିର ମୁଖ୍ୟ ଲକ୍ଷ୍ୟ ରହିଛି।

# ସ୍ମୃତିସଭାରେ ସମ୍ବର୍ଦ୍ଧନା



ସ୍ମୃତିସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଧାମନଗର,୧୮।୭ (ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର କାଙ୍କରାସ୍ଥିତ ଜଗନ୍ନାଥ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ସାମାଜିକ କର୍ମୀ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ପୀତାମ୍ବର ପାତ୍ରଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ରାଜ୍ୟ ପରିଷଦ ସଦସ୍ୟ ଅକ୍ଷୟ କୁମାର ହୋତା ଏଥିରେ ପୌରୋହିତ୍ୟ କରିଥିଲେ। ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଡା. ସଞ୍ଜୟ ଦାସ, ଭାରତ ବିଜୟ ଦଳେଇ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ସୁଶାନ୍ତ ରାଉତ, ହୃଦାନନ୍ଦ କର, ପ୍ରଦୀପ୍ତ ଦାସ, ହେମନ୍ତ ସୂତାର, ସ୍ୱୟଂପ୍ରଭା ବେହେରା, ଖବରଦାତା ବାସୁଦେବ ତ୍ରିପାଠୀ, ରସାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ପୀତାମ୍ବର ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅତିଥିମାନେ ପ୍ରାରମ୍ଭରେ ସ୍ୱର୍ଗତ ପାତ୍ରଙ୍କ ତୈଳଚିତ୍ର ଓ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାଇବା ସହ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଧାମନଗର ପ୍ରେସ୍ କ୍ଲବ୍‌ର ବୈକୁଣ୍ଠନାଥ ସାହୁ, କିଶାନ ରାଉତ, ରଜତ ପଣ୍ଡା, ସୁଧାକର ଦାସ ଓ ସରୋଜ ସେଠୀଙ୍କୁ ପୀତାମ୍ବର ପାତ୍ର ସ୍ମୃତି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଇ ପର୍ଶୁରାମ ପାତ୍ର, ପୁଅ ଜଗଦୀଶ ପାତ୍ର, ଅରୁଣ ପାତ୍ର, ଜନ୍ମେଜୟ ପାତ୍ର ଓ ବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ପୂର୍ବତନ ସିପିଏମ୍ ନେତାଙ୍କୁ ଶ୍ରଦ୍ଧାଞ୍ଜଳି

ଚାନ୍ଦବାଲି,୧୮।୭(କିଷାନ ପାତ୍ର)

ପୂର୍ବତନ ସିପିଏମ୍ ନେତା, ଓଡ଼ିଶା କୃଷକ ସଭାର ପୂର୍ବତନ ଚାନ୍ଦବାଲି ବ୍ଲକ ସଭାପତି ତଥା ଲୋକପ୍ରିୟ ଜନନେତା ସ୍ୱର୍ଗତ ବାଇଧର ମଲ୍ଲିକଙ୍କ ୧ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଧାମରାସ୍ଥିତ ବାସଭବନରେ ଆୟୋଜିତ ସଭାରେ ବରିଷ୍ଠ ସିପିଏମ୍ ନେତା କାର୍ତ୍ତିକ ଖିଲାର ସଭାପତିତ୍ୱ କରିଥିଲେ। ସିପିଏମ୍‌ର ଭଦ୍ରକ ଜିଲା କମିଟି ସଭ୍ୟ ବିକାଶ ନାଥ, ଗିରିଧାରୀ ନାଥ, ମଳୟ ଭୋଇ, ଚାନ୍ଦବାଲି ଆଞ୍ଚଳିକ କମିଟି ସମ୍ପାଦକ ଗୌରାଙ୍ଗ ଯେନା, ଦଳିତ ଶୋଷଣ ମୁକ୍ତି ମଞ୍ଚର ଚାନ୍ଦବାଲି ବ୍ଲକ ସଭାପତି ହାକିମ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଲ୍ଲିକଙ୍କ ନୀତି, ଆଦର୍ଶ ଓ ରାଜନୈତିକ ଜୀବନୀ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ନରେଶ ନାୟକ, ମଉସୁଧା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସୁଦର୍ଶନ ନାୟକ, ସ୍ୱର୍ଗତ ମଲ୍ଲିକଙ୍କ ପୁଅ ପ୍ରବୀର ମଲ୍ଲିକ, ଝିଅ ସ୍ୱର୍ଣ୍ଣପ୍ରଭା ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ରେଲୱେ ଶ୍ରମିକ କଂଗ୍ରେସ ସଂଘର କର୍ମକର୍ତ୍ତା ନିର୍ବାଚନ



ରେଲୱେ ଶ୍ରମିକ ସଂଘର ନୂତନ କର୍ମକର୍ତ୍ତା।

ଭଦ୍ରକ,୧୮।୭(ସନାତନ ରାଉତ)

ପୂର୍ବତଟ ରେଲୱେ ଶ୍ରମିକ କଂଗ୍ରେସ ସଂଘ, ଭଦ୍ରକ ଶାଖାର ୧୧ତମ ସାଧାରଣ ସଭା ଓ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ମଧ୍ୟାହ୍ନରେ ଷ୍ଟେଶନ ପରିସର ଏକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ୨ ବର୍ଷରେ ସଂଘର ଅବଧି ପୂର୍ଣ୍ଣ ହୋଇଥିବାରୁ ପୂର୍ବତଟ ରେଲୱେ ଶ୍ରମିକ କଂଗ୍ରେସ, ଭୁବନେଶ୍ୱରର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଉପସଭାପତି ଶ୍ରୀଧର ପୁହାଣ ଯୋଗଦେଇ ନୂତନ କର୍ମକର୍ତ୍ତା ନିର୍ବାଚିତ କରିଥିଲେ। ଭଦ୍ରକ ଶାଖାର ନୂତନ ସଭାପତି ଭାବେ ମହେଶ୍ୱର ଖିଲାର ଓ ସମ୍ପାଦକ ଭାବେ ଅଶୋକ କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଦାମୋଦର ସାନ୍ତରା, ରାଜ କୁମାର ସାହାଣୀ, କାର୍ଯ୍ୟକାରୀ ସଭାପତି ହେମନ୍ତ କୁମାର ଦାସ, କୋଷାଧ୍ୟକ୍ଷ ଗିରିଜା ଶଙ୍କର ଦାସ, ସଙ୍ଗଠନ ସମ୍ପାଦକ ଅଭିମନ୍ୟୁ କୁମାର, ଆନନ୍ଦ କୁମାର ସିଂ ଓ ସହସମ୍ପାଦକ ଭାବେ ରାଜେନ୍ଦ୍ର କୁମାର ସାହୁ, ରଜନୀକାନ୍ତ ସାହୁ, କୁନ୍ଦନ କୁମାର ଧଡ଼ା, କମଳାକାନ୍ତ ମହାନ୍ତି ମନୋନୀତ ହୋଇଛନ୍ତି।

# ସାର, କୀଟନାଶକ ଦୋକାନରେ ଚଢ଼ାଉ


ଏକ ସାର ଦୋକାନରେ ଚଢ଼ାଉ କରିବାକୁ ଆସିଥିବା ଅଧିକାରୀ।

ଘଣ୍ଟେଶ୍ୱର,୧୮।୭ (ବିପିନ ଦାଶ)

ଚାନ୍ଦବାଲିର ବିଭିନ୍ନ ସାର ଦୋକାନରେ ଗୁରୁବାର ସନ୍ଧ୍ୟାରେ ଚାନ୍ଦବାଲି ମାଜିଷ୍ଟ୍ରେଟ ଓ କୃଷି ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି। ଚାନ୍ଦବାଲିର ବିଭିନ୍ନ ସ୍ଥାନରେ ନକଲି ସାର ଓ ନକଲି କୀଟନାଶକ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଥିଲା। କୃଷି ବିଭାଗ ଅଧିକାରୀ ଓ ସ୍ଥାନୀୟ ତହସିଲଦାର ଭବତୋଷ ମଲ୍ଲିକ ବିଭିନ୍ନ ଡିଲର ପଏଣ୍ଟ ବୁଲି ଚଢ଼ାଉ କରିଥିଲେ। ବିଭିନ୍ନ ପ୍ରକାର ସାର ଓ କୀଟନାଶକ ଔଷଧର ସାମ୍ପୁଲ ସଂଗ୍ରହ କରଯାଇଛି। ଡିଲର ମନୋରଞ୍ଜନ ମହାନ୍ତିଙ୍କ ଡିଲର ପଏଣ୍ଟ ଯଶିପୁରରେ ରହିବା କଥା, କିନ୍ତୁ ଚାନ୍ଦବାଲିରେ ବହୁ ସ୍ଥାନରେ ଷ୍ଟକ୍ ପଏଣ୍ଟ କରିଛନ୍ତି। ଏନେଇ ଅଭିଯୋଗ ହେବା ପରେ ବିଭିନ୍ନ ଷ୍ଟକ୍ ପଏଣ୍ଟର ଏଗ୍ରିମେଣ୍ଟ ମନୋରଞ୍ଜନଙ୍କୁ ମଗାଯାଇଛି। ସାମ୍ପୁଲଗୁଡ଼ିକୁ ଟେଷ୍ଟ ପାଇଁ ପଠାଯାଇଛି। ଅପରପକ୍ଷେ ଡିଲର ମନୋରଞ୍ଜନ ମହାନ୍ତି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କ ପାଖରେ ସମସ୍ତ କାଗଜପତ୍ର ଅଛି ଓ ସେ ମାଜିଷ୍ଟ୍ରେଟଙ୍କ ପାଖରେ ଦାଖଲ କରିବେ ବୋଲି କହିଛନ୍ତି।

## ଶ୍ରଦ୍ଧାଞ୍ଜଳି ସଭା

ଚାନ୍ଦବାଲି,୧୮।୭(ଅଶୋକ ପଣ୍ଡା)

ଚାନ୍ଦବାଲି ବ୍ଲକ ଶାସ୍ତ୍ରୀଘାଟ ଅଞ୍ଚଳର ବ୍ୟବସାୟୀ ସ୍ୱର୍ଗତ ସନ୍ତୋଷ ସାହୁଙ୍କ ଏକାଦଶାହ ଅବସରରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଅମୂଲ୍ୟ କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳିସଭାରେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ଅନୁଗୋଳର ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ ବିବେକ ସାହୁ, ଶିକ୍ଷକ ଚିତ୍ତରଞ୍ଜନ ସାହୁ, ମନୋଜ କୁମାର ପାଣ୍ଡେ, ବସନ୍ତ କୁମାର ଭୂୟାଁ, ସାଇ ସଙ୍ଗଠନ ମଣ୍ଡଳ ସଭାପତି ବୃନ୍ଦାବନ ବେହେରା, ସଞ୍ଜୟ ମହାପାତ୍ର, ଆଇନଜୀବୀ ଚିତ୍ତରଞ୍ଜନ କବି, ଅରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ତାଙ୍କ ପୁଅ ସୁଶୀଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ସରମରା-ଅଘିରାଗଡ଼ିଆ କେନାଲ ରାସ୍ତା ମରାମତି ଦାବି

ଭଦ୍ରକ,୧୮।୭(ସନାତନ ରାଉତ)

ବନ୍ତ ବ୍ଲକ ସରମରା-ଅଘିରାଗଡ଼ିଆ ମାଇନର କେନାଲ ବନ୍ଧ ରାସ୍ତା ଦୀର୍ଘବର୍ଷ ଧରି ଶୋଚନୀୟ ଅବସ୍ଥାରେ ରହିଛି। ବର୍ଷାଦିନେ ଏହି ରାସ୍ତାରେ ଗାଡ଼ି ଚଳାଚଳ ଦୂରର କଥା, ଚାଲି ଚାଲି ଯିବା କଷ୍ଟକର ହେଉଛି। ଆଗରପଡ଼ା ଥାନା ଅଧୀନ ଜଗନ୍ନାଥପୁର ଗ୍ରାମ ନିକଟରୁ ଏହି କେନାଲ ବନ୍ଧ ଅଘିରାଗଡ଼ିଆ, ବାଙ୍କତିରା, ଭଗାରାମ, ଆପତିରା, ତୁମ୍ବାପଦୀ ଦେଇ ସରମରାଠାରେ ସରୁସାଗର ନାଳରେ ସଂଯୋଗ ହୋଇଛି। ଉକ୍ତ ଗ୍ରାମର ଲୋକେ ବନ୍ତ ବ୍ଲକର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ ଆଗରପଡ଼ାକୁ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଦୀର୍ଘଦିନ ହେବ ମରାମତି ଅଭାବରୁ ଘାଇ ସୃଷ୍ଟି ହେବା ସହ ରାସ୍ତା କାଦୁଅ ପଚପଚ ହୋଇଛି। ବର୍ଷେ ତଳେ ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି କେବଳ ମାଟି କାମରେ ହିଁ ମରାମତି କରାଇଥିଲେ। ମୋରମ ମୁଠାଏ ବି ଏହି ରାସ୍ତାରେ ପଡ଼ି ନ ଥିବାରୁ ବର୍ଷାଦିନେ ରାସ୍ତାର ଅବସ୍ଥା ବେହାଲ ହୋଇଯାଇଛି। ଏହି କେନାଲ ବନ୍ଧ ରାସ୍ତାକୁ ତୁରନ୍ତ ମରାମତି ଓ ପୁନଃ ନିର୍ମାଣ ପାଇଁ ଗ୍ରାମବାସୀ ଆଗରପଡ଼ା ଜଳସେଚନ ବିଭାଗ କାର୍ଯ୍ୟାଳୟରେ ଦାବି କରିଛନ୍ତି।

# କ୍ୟାଣ୍ଡେଲ ଶୋଭାଯାତ୍ରା



ଭୂମିକନ୍ୟା ମହିଳା ସଙ୍ଗଠନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଭଦ୍ରକ, ୧୮।୭ (ରବିନାରାୟଣ ଖିଲାର)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍‌ଗତି ଓ ନ୍ୟାୟ ପାଇଁ ଭଦ୍ରକର ଭୂମିକନ୍ୟା ମହିଳା ସଙ୍ଗଠନ ପକ୍ଷରୁ ବୁଧବାର ଟାଉନ ହଲ୍ ନିକଟସ୍ଥ କଲେଜ ଛକଠାରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ନାରୀ ନିର୍ଯ୍ୟାତନା ବଢୁଥିବାରୁ ସଙ୍ଗଠନର କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିବା ସହ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ସଙ୍ଗଠନ ସଭାପତି ସଂଯୁକ୍ତା ବଳ ନାୟକଙ୍କ ନେତୃତ୍ୱରେ ଉପସଭାପତି ଶଶିକଳା ମିଶ୍ର, ମମତା ବଳ, ସମ୍ପାଦିକା ଦମୟନ୍ତୀ ରାଉତ, ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ, ଶାନ୍ତିଲତା ବାରିକ, ପ୍ରଦୀପ କୁମାର ବଳ ପ୍ରମୁଖ ଏଥିରେ ସାମିଲ ଥିଲେ।

# ଫାଇନ ଆର୍ଟ, ମ୍ୟୁଜିକ କଲେଜ ଅଧ୍ୟକ୍ଷା ସମ୍ବର୍ଦ୍ଧିତ

ଚାନ୍ଦବାଲି,୧୮।୭(କିଷାନ ପାତ୍ର)

ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଗୁରୁବାର ଅନୁଷ୍ଠିତ ପରମପୂଜ୍ୟ ଗୁରୁ ଦେବ ପ୍ରସାଦ ଦାସଙ୍କ ୩୯ତମ ଶ୍ରଦ୍ଧାଞ୍ଜଳି ସମାରୋହ-୨୦୨୫ରେ ଚାନ୍ଦବାଲି ବ୍ଲକର ଫାଇନ ଆର୍ଟ ଓ ମ୍ୟୁଜିକ କଲେଜ ମିରାମ୍ବିକାର ଅଧ୍ୟକ୍ଷା ସାଗରିକା ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତ୍ରିଧାରା ପକ୍ଷରୁ ସଭାପତି ସୀମାଞ୍ଚଳ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ରାଜ୍ୟ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଶିଷ୍ଟ ଅତିଥି ଉଚ୍ଚଶିକ୍ଷା, କ୍ରୀଡ଼ା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନ୍ୟତମ ଅତିଥି ଭାବେ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡ. ଗଜେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଫାଇନ ଆର୍ଟ ଓ ମ୍ୟୁଜିକ କଲେଜ ଅଧ୍ୟକ୍ଷା ମଲ୍ଲିକଙ୍କୁ ମାନପତ୍ର ଓ ଉପଢୌକନ



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ସମାରୋହରେ ଫାଇନ ଆର୍ଟ ଓ ମ୍ୟୁଜିକ କଲେଜ ଅଧ୍ୟକ୍ଷା ସାଗରିକା ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ୫ କଳାକାରଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଏହି ସଫଳତା ପାଇଁ ପ୍ରକୃତି ଓ ସଂସ୍କୃତି ଗବେଷକ ପ୍ରଫୁଲ୍ଲ କୁମାର ଦାସ ଓ ଶିକ୍ଷାବିତ୍ ଅମୂଲ୍ୟ କୁମାର ରାଉତ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଖରିଫ ଚାଷ ପାଇଁ ଆବଶ୍ୟକତାଠୁ କମ୍ ସାର ଯୋଗାଣ

ଭଦ୍ରକ,୧୮।୭(ସନାତନ ରାଉତ)

- ଫାଇଦା ନେଉଛନ୍ତି ବିନା ଲାଇସେନ୍ସପ୍ରାପ୍ତ ଦୋକାନୀ
- ସଚେତନତା ଅଭାବରୁ ଶୋଷଣର ଶିକାର ହେଉଛନ୍ତି ଚାଷୀ

ଚଳିତବର୍ଷ ଖରିଫ ଋତୁରେ ଭଦ୍ରକ ଜିଲାରେ ଚାଷ ପାଇଁ ୩୯, ୮୦୦ ମେଟ୍ରିକ ଟନ୍ ସାର ଆବଶ୍ୟକ ଥିବାବେଳେ ଏପର୍ଯ୍ୟନ୍ତ ସରକାରୀ ଭାବେ ୨୬,୪୨୧.୯୩୬ ମେଟ୍ରିକ ଟନ୍ ସାର ଆସିଛି। ଆବଶ୍ୟକତାଠାରୁ କମ୍ ସାର ଜିଲାକୁ ଯୋଗାଣ ହୋଇଛି। ଅପରପକ୍ଷେ ବିନା ଲାଇସେନ୍ସପ୍ରାପ୍ତ ଦୋକାନୀ ଏହାର ଫାଇଦା ନେଉଥିବା ବେଳେ ଚାଷୀମାନେ ଶୋଷଣର ଶିକାର ହେଉଛନ୍ତି।

ଚାଷୀଙ୍କୁ ସାର ଯୋଗାଇଦେବା ପାଇଁ ଅଧିକାଂଶ ସମବାୟ ସମିତି ଅନିଚ୍ଛା ପ୍ରକାଶ କରୁଛନ୍ତି। ଜିଲାରେ ୧୦୮ଟି ସମବାୟ ସମିତି ମଧ୍ୟରୁ ମାତ୍ର ୩୩ଟି ସମିତି ସାର ନେବାକୁ ସହମତି ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୨୯ଟି ସମିତି ସାର ଯୋଗାଣରେ ଥିବା ମାର୍କଫେଡ୍‌ଠାରୁ ନେଇସାରିଛନ୍ତି। ଏବେ ଖରିଫ ଚାଷ ପାଇଁ ତଳି ପଡ଼ିବା ଆରମ୍ଭ ହୋଇଯାଇଥିବା ବେଳେ ଚାଷୀମାନେ ସାର କିଣିବା ଆରମ୍ଭ କଲେଣି। ସରକାରୀ ବ୍ୟବସ୍ଥାରେ ସାର ଯୋଗାଣ ଅପେକ୍ଷା ଚାଷୀମାନେ ପ୍ରାଇଭେଟ ରିଟେଲର, ହୋଲସେଲରଙ୍କଠାରୁ ସାର କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ସେହିପରି ୧୪ ହଜାର ମେଟ୍ରିକ ଟନ୍ ୟୁରିଆ ସାର ଯୋଗାଣ ପାଇଁ ଲକ୍ଷ୍ୟ ରହିଥିବା ବେଳେ ୨ ହଜାର ୨୫୦ ନାନୋ ୟୁରିଆ ବିକ୍ରି ଲକ୍ଷ୍ୟ ରଖାଯାଇଛି। କିନ୍ତୁ ଚାଷୀମାନେ ନାନୋ ୟୁରିଆ ବ୍ୟବହାରକୁ ପସନ୍ଦ ନ କରି ଦାନାଯୁକ୍ତ ୟୁରିଆକୁ ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛନ୍ତି। ସଚେତନତା ଅଭାବରୁ ଚାଷୀମାନେ ସରକାରୀ ଲାଇସେନ୍ସପ୍ରାପ୍ତ ରିଟେଲର ଓ ସମବାୟ ସମିତିରୁ ସାର ନ କିଣି ଗାଁ ଗହଳିରେ ବିନା ଲାଇସେନ୍ସରେ ବିକ୍ରି କରାଯାଉଥିବା ଦୋକାନରୁ ସାର ଓ କୀଟନାଶକ କିଣି ଶୋଷଣର ଶିକାର ହେଉଛନ୍ତି। ସରକାରୀ ଦରରେ ଡିଏପି ସାର ୫୦ କି.ଗ୍ରା ବସ୍ତା ପ୍ରତି ୧୩୫୦ଟଙ୍କା ଥିବାବେଳେ ଖୁଚୁରା ଦୋକାନରେ ୧୫୦୦ ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ଗ୍ରୋମର ସାର ୫୦ କି.ଗ୍ରା. ବସ୍ତା ୧୯ଶହ ଟଙ୍କା ଥିବାବେଳେ ଖୁଚୁରା ଦୋକାନରେ ୨୨୦୦ ଟଙ୍କାରେ ବିକ୍ରି କରାଯାଉଛି। ପଟାସ ସାର ୫୦ କି.ଗ୍ରା. ବସ୍ତା ୧୭ଶହ ଟଙ୍କା ଥିବାବେଳେ ଖୁଚୁରା ଦୋକାନରେ ୧୯୦୦ ଟଙ୍କାରେ ବିକ୍ରି ହେଉଛି। ସୁପର ସାର ୫୦ କି.ଗ୍ରା. ବସ୍ତା ୫୭୫ ଟଙ୍କା ଥିବାବେଳେ ୬୫୦ ଟଙ୍କାରେ ବିକ୍ରି ହେଉଛି। ଚାଷୀମାନଙ୍କ ନିକଟରେ ଗ୍ରୋମର ସାରର ଚାହିଦା ଅଧିକ ଥିବାବେଳେ ସରକାରୀ ହିସାବରେ ଏହାର ଯୋଗାଣ କମ୍ ରହୁଛି। ଫଳରେ ଅଧିକ କଳାବଜାର ହେଉଛି। ଖରିଫ ଚାଷ ପାଇଁ ତଳି ପଡ଼ିବା ଆରମ୍ଭ ହୋଇଯାଇଥିବା ବେଳେ ଗାଁଗହଳିରେ ବିଭିନ୍ନ ଛକ ବଜାରରେ ବିନା ଲାଇସେନ୍ସରେ ସାର ଦୋକାନଗୁଡ଼ିକ ଖୋଲାଯାଇଛି। ଜିଲାରେ ୪୦୦ରୁ ଊର୍ଦ୍ଧ୍ୱ ରିଟେଲର ଓ ଡିଲର ରହିଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ ସୂଚନା ଦେଇଛନ୍ତି। ଜିଲାରେ ଚଳିତବର୍ଷ ୧ ଲକ୍ଷ ୬୧ ହଜାର ୭୬୦ ହେକ୍ଟର ଜମିରେ ଧାନ ଓ ଧାନଜାତୀୟ ଫସଲ ଚାଷ ହେବାକୁ ଲକ୍ଷ୍ୟ ରହିଛି। ୨ୟ ପର୍ଯ୍ୟାୟରେ ବାକି ରହିଥିବା ସାର ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ। ସାରର କଳାବଜାର ରୋକିବା ପାଇଁ ପ୍ରତି ବ୍ଲକସ୍ତରରେ କୃଷି ଅଧିକାରୀ, ତହସିଲଦାର ଓ ସ୍ଥାନୀୟ ପୋଲିସକୁ ନେଇ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବିଭିନ୍ନ ଦୋକାନରେ ଚଢ଼ାଉ କରି କାଗଜପତ୍ର ଯାଞ୍ଚ ସହ କଳାବଜାର ରୋକିବା ପାଇଁ କାର୍ଯ୍ୟ କରିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ସେଠୀ କହିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଜଳେଶ୍ୱର, ୧୮।୭(ନବୀନ ସାହୁ)- ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳିକୋଠା ଗ୍ରାମର ତରୁଣ ଜେନାଙ୍କ ସ୍ତ୍ରୀ ବାସନ୍ତୀ ଜେନା (୫୧) ଗୁରୁବାର ସନ୍ଧ୍ୟାରେ ଘର ଅଗଣାରେ ବୁଲୁଥିବା ବେଳେ ବାମ ଗୋଡ଼ର ପାଦରେ କଣ ଗୋଟେ କାମୁଡି ଦେବାର ଜାଣିବାକୁ ପାଇଥିଲେ। ତାଙ୍କ ଆଖିକୁ ଭଲ ଭାବେ ଦିଶୁ ନ ଥିବାରୁ କ'ଣ କାମୁଡିଲା ବୋଲି ଜାଣିପାରି ନ ଥିଲେ। ଘର ଲୋକେ ସଙ୍ଗେ ସଙ୍ଗେ ଜଳେଶ୍ୱର ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ରକ୍ତ ପରୀକ୍ଷା ପରେ ସେମିତି କିଛି ଅସୁବିଧା ନାହିଁ ବୋଲି କୁହାଯିବାରୁ ସେ ଘରକୁ ପଳାଇ ଆସିଥିଲେ। ଶୁକ୍ରବାର ଭୋର ସମୟରେ ଗୋଡ଼ର ବହୁତ ଜୋର୍‌ରେ ଯନ୍ତ୍ରଣା ହେବାରୁ ପୁଣି ଥରେ ୧୦୮ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଶୁଣି ସରପଞ୍ଚ ତପନୀ ଭୂୟାଁ, ସମିତି ସଦସ୍ୟା ମଧୁମିତା ମହାନ୍ତି, ନାଏବ ସରପଞ୍ଚ ବରୁଣ କୁମାର ଜେନା, ପ୍ରାକ୍ତନ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର, ସାମାଜିକ କର୍ମୀ ଶ୍ରୀକଣ୍ଠ ମହାନ୍ତ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

### ମହିଳାଙ୍କଠାରୁ ୭୦ ହଜାର ଲୁଟ୍

ଜଳେଶ୍ୱର,୧୮ ।୭(ନବୀନ ସାହୁ/ ସତ୍ୟରଞ୍ଜନ ପ୍ରଧାନ)- ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲିଟି ଶ୍ରୀରାମପୁର ପଞ୍ଚାୟତର ମୀନାବତୀ ମଣ୍ଡଳ ନାମ୍ନୀ ମହିଳା ଶୁକ୍ରବାର ଅପରାହ୍ନରେ ଲୁଟ୍‌ର ଶିକାର ହୋଇଛନ୍ତି। ସେ ତାଙ୍କ ସ୍ୱାମୀ ପ୍ରଦୀପ ଘୋଷଙ୍କ ସହ ଜଳେଶ୍ୱରର ପୁରୁଣା କୋର୍ଟ ପାଖରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍‌ରୁ ୭୦ହଜାର ଟଙ୍କା ଉଠାଇ ଏକ ସ୍କୁଟିରେ ବ୍ଲକ ଆଡ଼କୁ ଫେରୁଥିଲେ। ଏହି ସମୟରେ ବାସନ୍ତୀ ପଡ଼ିଆ ନିକଟରେ ପଛପଟୁ ଏକ କଳା ପଲସର ବାଇକ୍‌ରେ ୨ଜଣ ଯୁବକ ଆସି ତାଙ୍କ ହାତରେ ଥିବା ବ୍ୟାଗକୁ ଛଡାଇ ନେଇ ବିଡିଓଙ୍କ ବାସଭବନ ଦେଇ ଖସି ପଳାଇଯାଇଥିଲେ। ବ୍ୟାଗ୍‌ରେ ତାଙ୍କର ୭୦ ହଜାର ଟଙ୍କା ଥିବା ବେଳେ ଜରୁରୀ କାଗଜପତ୍ର ରହିଥିଲା। ସେ ଏନେଇ ଜଳେଶ୍ୱର ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି।

### ବାଇକ୍-ସାଇକେଲ ମୁହାଁମୁହିଁ ଧକ୍କା, ୩ ଗୁରୁତର

ଔପଦା, ୧୮ ।୭(ଧରିତ୍ରୀ ପଣ୍ଡା)- ଔପଦା-ବଡ଼ପୋଖରୀ ମୁଖ୍ୟରାସ୍ତାର ପ୍ରତାପପୁର-ଚନପୁର ମଧ୍ୟସ୍ଥଳୀରେ ବାଇକ ଓ ସାଇକେଲର ମୁହାଁମୁହିଁ ଧକ୍କା ହେବା ଦ୍ୱାରା ୩ଜଣ ଗୁରୁତର ହୋଇପଡିଛନ୍ତି। ଔପଦା ଦମକଳ ବାହିନୀ ଘଟଣାସ୍ଥଳରୁ ଗୁରୁତର ୩ଜଣ ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଔପଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

ଔପଦା ଥାନା ପଣ୍ଡୁଆ ଗ୍ରାମର ଦେବ ଦଳେଇ ଓ ଆରତ ଦଳେଇ ବାଇକରେ ରାତି ୮ଟାରେ କୌଣସି କାମରେ ଔପଦା ବଜାରକୁ ଆସୁଥିଲେ। ଠିକ୍ ସେହି ସମୟରେ ଜାନିକାପାଳ ଗ୍ରାମର ସତ୍ୟାନନ୍ଦ ମଲ୍ଲିକ ଔପଦା ବଜାରରୁ ନିଜ ସାଇକେଲରେ ଘରକୁ ଫେରୁଥିଲେ। ଉକ୍ତ ସ୍ଥାନରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦେବ ଓ ଆରତଙ୍କ ବିଭିନ୍ନ ସ୍ଥାନରେ ଆଘାତ ଲାଗି ରକ୍ତସ୍ରାବ ହେଉଥିଲା ବେଳେ ସତ୍ୟାନନ୍ଦଙ୍କର ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଛି।

# ଚାଷୀଙ୍କ ଆତ୍ମାହୁତି ଉଦ୍ୟମ

ଖଇରା, ୧୮।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଗନଧୂଳି ସେବା ସମବାୟ ସମିତିରେ ୨୦୨୧-୨୨ରୁ ଧାନ ଅର୍ଥ ପାଇ ନ ଥିବା ପାଣିସିଆଳି ଗ୍ରାମର ଚାଷୀ ରୂପକ କୁମାର ନାୟକ ଓ ଅନ୍ୟ ୧୫ଜଣ ସହଯୋଗୀ ବାରମ୍ବାର ଅଭିଯୋଗ ପରେ ନ୍ୟାୟ ନ ପାଇବା ପ୍ରତିବାଦରେ ଶୁକ୍ରବାର ସମିତି ଆଗରେ ଧାରଣା ଦେଇ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ତହସିଲଦାର ଅମିତ ରଞ୍ଜନ ହୋତା, ଯୋଗାଣ ବିଭାଗ ଅଧିକାରିଣୀ ସୁଭାଷିନୀ ସାହୁ ପ୍ରମୁଖ ଖଇରା ପୋଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ପେଟ୍ରୋଲ ଜାର ଓ ଦିଆସିଲି ଉଦ୍ଧାର ପରେ ଧାରଣକାରୀଙ୍କ ସହ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଆସନ୍ତା ସୋମବାର ଅଧିକାରୀଙ୍କ ଉପସ୍ଥିତିରେ ଉଭୟପକ୍ଷ ବସି ସମାଧାନ କରିବା ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

ଅଭିଯୋଗ ଅନୁଯାୟୀ, ୨୦୨୦-୨୧ରେ ରୂପକ କେତେଜଣ ଚାଷୀଙ୍କ ଧାନ ନେଇ ସିଧାସଳଖ ମିଲ୍‌ରେ ପକାଇଥିଲେ। ହେଲେ ଆଇସ୍କାନ ଅଭାବରୁ ୧୦ଜଣ ଚାଷୀଙ୍କର ପାଖାପାଖି ୨୧୯କୁଇଣ୍ଟାଲ ଧାନ ବାବଦକୁ ଅର୍ଥ ଚାଷୀମାନେ ପାଇ ପାରି ନ ଥିଲେ। ୨୧-୨୨ରେ ଏହି ଅର୍ଥ ପ୍ରଦାନର ବ୍ୟବସ୍ଥା କରାଯିବ ବୋଲି ସମ୍ପାଦକ ପ୍ରତିଶ୍ରୁତି ଦେଇଥିଲେ। ପୁନଶ୍ଚ ବ୍ୟବସାୟୀ ରୂପକ



ପେଟ୍ରୋଲ ଉଦ୍ଧାର ପରେ ତହସିଲଦାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

### ପେଟ୍ରୋଲ ଉଦ୍ଧାର କଲେ ତହସିଲଦାର

### ସୋମବାର ମିଳିତ ବୈଠକରେ ହେବ ସମାଧାନ

୨୧-୨୨ରେ କିଛି ଚାଷୀଙ୍କ ଧାନ ନେଇ ମିଲରେ ପକାଇ ସୋସାଇଟିରେ ଏଣ୍ଟ୍ରି କରାଯିବା ସମୟରେ ୨୨୫କୁଇଣ୍ଟାଲ ଏପଟସେପଟ ହୋଇଥିଲା। ମୋଟ ୪୪୪ କୁଇଣ୍ଟାଲ ବାବଦକୁ ଅର୍ଥ ପ୍ରଦାନ ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ସମିତି ସମ୍ପାଦକ ଗଗନ ବିହାରୀ ଜେନାଙ୍କୁ ପଚାରିବାରେ ରୂପକ ସବୁ ପଇସା ନେଇସାରିଛନ୍ତି। ଯଦି ୨୦-୨୧ରେ ସେ ଅର୍ଥ ପାଇବାରେ ହଇରାଣ ହେଲେ ତେବେ ୨୧-୨୨ରେ ପୁଣି ଧାନ କାରବାର କରିବାକୁ କାହିଁକି ସମିତିକୁ ଅସୁଥିଲେ ବୋଲି ପାଲଟା ପ୍ରଶ୍ନ କରିଛନ୍ତି।

# ଖୋଲିଲା କଲେଜ, ସ୍ୱାଭାବିକ ହେଲା ପାଠପଢ଼ା



କଲେଜ ପରିସରରେ ଛାତ୍ରଛାତ୍ରୀ।

ବାଲେଶ୍ୱର, ୧୮।୭(ବାଞ୍ଛାନିଧି ଦେ)

### ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ବିତିଲା ୫ଦିନ

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ୫ଦିନ ବିତିଲା। ଆତ୍ମାହୁତି ଉଦ୍ୟମ ଘଟଣା ଠାରୁ ମହାବିଦ୍ୟାଳୟରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଗତ ୧୨ତାରିଖରେ ମହାବିଦ୍ୟାଳୟ ପରିସରରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଛାତ୍ରଛାତ୍ରୀମାନେ କଲେଜ ଆସିବା ବନ୍ଦ କରିଦେଇଥିଲେ। ଭୟରେ କିଛି ଛାତ୍ରଛାତ୍ରୀ ହଷ୍ଟେଲ ଓ ମେସ୍ ଛାଡ଼ି ଘରକୁ ପଳାଇଥିଲେ। ଫଳରେ କଲେଜରେ ପାଠପଢ଼ା ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିଲା। ସୋମବାର ରାତିରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥିତି ସ୍ୱାଭାବିକ ହେବାରୁ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ପାଠ ପଢ଼ା। ସେହିପରି ଆଡ଼ମିଶନ ଏବଂ ସିଏସ୍ସି ନେବା ପ୍ରକ୍ରିୟା ମଧ୍ୟ ସ୍ୱାଭାବିକ ହୋଇଛି।

ଗତ ୧୨ତାରିଖ ଦିନ ଏଫ୍ଏମ୍ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣା ପରେ, ୧୩ ତାରିଖରୁ କୌଣସି ପିଲା କ୍ଲାସ୍ କରିବା ପାଇଁ ଆସିନଥିଲେ। ମୁଖ୍ୟ କ୍ୟାମ୍ପସରେ ସମସ୍ତ କ୍ଲାସ୍ ବନ୍ଦ ଥିବାବେଳେ କମର୍ସ କ୍ୟାମ୍ପସ ଏବଂ ଇଷ୍ଟ କ୍ୟାମ୍ପସରେ ପରୀକ୍ଷା ଚାଲିଥିଲା। ଶୁକ୍ରବାର ଠାରୁ ସମସ୍ତ ବିଭାଗରେ କ୍ଲାସ୍ ହେବା ନେଇ ବିଭାଗୀୟ ମୁଖ୍ୟମାନେ ସୂଚନା ଦେଇଥିଲେ। ଶୁକ୍ରବାର କିଛି ଛାତ୍ରଛାତ୍ରୀ କଲେଜ ଆସିଥିବା ଦେଖିବାକୁ ମିଳିଛି। ମୁଖ୍ୟ କ୍ୟାମ୍ପସରେ ତଦନ୍ତ ଜାରି ରହିଥିବାରୁ ଅନେକ କ୍ଲାସ୍ କମର୍ସ କ୍ୟାମ୍ପସ ଏବଂ ଇଷ୍ଟ କ୍ୟାମ୍ପସରେ ହୋଇଥିଲା।

ଏ ସମ୍ପର୍କରେ ଯୁକ୍ତ ୩ ପ୍ରଥମ ବର୍ଷର ଫିଜିକ୍ସ ଛାତ୍ର ଦୀପକ କୁମାର ଭୋଇ କହନ୍ତି, କ୍ୟାମ୍ପସରେ ଶାନ୍ତି ଫେରିଛି। ପୋଲିସ ମୁତୟନ ଅଛନ୍ତି। ଭୟ ନାହିଁ। କ୍ଲାସ ଆରମ୍ଭରେ ଅଧ୍ୟାପକ ୧୫ମିନିଟ୍ ଧରି ଆମକୁ ବୁଝାଇଛନ୍ତି। ଏଭଳି ଘଟଣା ଘଟିଲେ ସାହସ ଓ ଧୈର୍ଯ୍ୟର ସହ ମୁକାବିଲା କରିବାକୁ ପରାମର୍ଶ ଦେଇଛନ୍ତି।

ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ତନ୍ମୟୀ ନାୟକ କହନ୍ତି, କଲେଜରେ ପାଠ ପଢ଼ା ସ୍ୱାଭାବିକ ହୋଇଛି। ଆଗ ଭଳି କ୍ୟାମ୍ପସ ଆଉ ଭଲ ଲାଗୁନି। ଆଜି ଗୋଟିଏ କ୍ଲାସ ହେଲା। କମ୍ ପିଲା ଆସିଛନ୍ତି। ଜଣେ ଭଉଣୀର ମୃତ୍ୟୁ ଘଟଣା ଆମ ସମସ୍ତଙ୍କୁ ବ୍ୟଥିତ କରିଛି।

ଯୁକ୍ତ୨ ଦ୍ୱିତୀୟ ବର୍ଷର ଛାତ୍ର ଓମ୍ ପ୍ରକାଶ ପାଣି କହନ୍ତି, କୌଣସି ପରିସ୍ଥିତିରେ ଆତ୍ମାହୁତି ଭଳି ପଦକ୍ଷେପ ନ ନେବାକୁ କ୍ଲାସରେ ଅଧ୍ୟାପକ ସମସ୍ତଙ୍କୁ ବୁଝାଇ କହିଛନ୍ତି। ଯଦି ଏ ପ୍ରକାର ଘଟଣା ଆସେ ତେବେ ଟୋଲ୍ ଫ୍ରି ନମ୍ବରରେ ଅଭିଯୋଗ ଜଣାନ୍ତୁ। ଅଭିଭାବକଙ୍କୁ ଅବଗତ କରାଇବା ସହ କଲେଜ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କହିଥିଲେ।

# ବନ୍ୟାଞ୍ଚଳ, ରିଲିଫ କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ



ଜିଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ ଡଙ୍ଗା ଯୋଗେ ବନ୍ୟାଞ୍ଚଳ ପରିଦର୍ଶନରେ ଆସିଛନ୍ତି।

ବାଲିଆପାଳ, ୧୮।୭(ଗୋପାଳ ଚନ୍ଦ୍ର ସାହୁ)

### ପ୍ରପୀଡ଼ିତଙ୍କୁ ୭ ଦିନର ରିଲିଫ ବଣ୍ଟନ

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଶୁକ୍ରବାର ବନ୍ୟା ପ୍ରପୀଡ଼ିତଙ୍କୁ ୭ଦିନର ରିଲିଫ ବଣ୍ଟନ କରଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲିଆପାଳ ବ୍ଲକର ବିଭିନ୍ନ ଗ୍ରାମକୁ ଡଙ୍ଗାରେ ଯାଇ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ ରିଲିଫ ବଣ୍ଟନ କେନ୍ଦ୍ର ତଦାରଖ କରି ଫେରିଛନ୍ତି।

ଚଳିତବର୍ଷ ସୁବର୍ଣ୍ଣରେଖା ନଦୀର ୪ଥର ବନ୍ୟା ଆସି ବାଲିଆପାଳ ବ୍ଲକର ବିଭିନ୍ନ ଗ୍ରାମକୁ ୧ମାସ ଧରି କଲବଲ କରିସାରିଲାଣି। ବ୍ଲକର ୯ଟି ପଞ୍ଚାୟତର ୩୫ରୁ ଅଧିକ ଗ୍ରାମର ଲୋକମାନେ ୧ ମାସ ଧରି ବନ୍ୟା ପାଣିରେ ଉବୁଟୁବୁ ହେଉଛନ୍ତି। ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ଦ୍ୱିତୀୟ ବନ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାଲିଆପାଳ ବନ୍ୟାଞ୍ଚଳ ପରିଦର୍ଶନ କରି ୭ ଦିନର ରିଲିଫ ବଣ୍ଟନ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ବାଲିଆପାଳ ବ୍ଲକର ୯ଟି ପଞ୍ଚାୟତର ବନ୍ୟା ପ୍ରପୀଡ଼ିତଙ୍କୁ ଶୁକ୍ରବାରଠାରୁ ରିଲିଫ ଚାଉଳ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ବଡ଼ ଲୋକଙ୍କ ପାଇଁ ଦିନକୁ ୧ କେଜି ଏବଂ ୧୨ ବର୍ଷରୁ କମ୍ ପିଲାଙ୍କ ପାଇଁ ଅଧ କେଜି ଚାଉଳ ଦିଆଯାଉଛି। ମାତ୍ର ଡାଲି ପାଇଁ ଆର୍ଥିକ ସହାୟତା କଥା ପୂର୍ବରୁ କୁହାଯାଇଥିବା ବେଳେ ସେ ବିଷୟରେ କିଛି ସରକାରୀ ସୂଚନା ଆସିନାହିଁ ବୋଲି ବାଲିଆପାଳ ବ୍ଲକ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ କହିଛନ୍ତି। ମଧୁପୁରା ପଞ୍ଚାୟତର ଚଡ଼ବସ୍ତକାଳରୁଇ ଓ ଚୌଧୁରୀକୁଦ ଗ୍ରାମରେ ବନ୍ୟା ପ୍ରପୀଡ଼ିତଙ୍କୁ ରିଲିଫ ବଣ୍ଟନସ୍ଥଳକୁ ଜିଲାପାଳ ଡଙ୍ଗାରେ ଯାଇ ରିଲିଫ କାର୍ଯ୍ୟକୁ ତଦାରଖ କରିବା ସହିତ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବିଷୟରେ ପଚାରି ବୁଝିଥିଲେ। ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲାପାଳ ହେମନ୍ତ କୁମାର ସିଂହ, ଚିଫ୍ ସିଏସ୍ଓ ସ୍ମିତା ନାୟକ, ବିଡିଓ ରାଧାରଞ୍ଜନ ଦାସ, ତହସିଲଦାର ଜ୍ୟୋସ୍ନାରାଣୀ ନାୟକ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀ ତଥା ମଧୁପୁରା ସରପଞ୍ଚଙ୍କ ପ୍ରତିନିଧି ଲମ୍ବୋଦର ମାହାନା ଉପସ୍ଥିତ ଥିଲେ। ଶୁକ୍ରବାରଠାରୁ ରିଲିଫ ବଣ୍ଟନ ଆରମ୍ଭ ହୋଇଛି। ପର୍ଯ୍ୟାୟକ୍ରମେ ଦିନେ ଦୁଇ ଦିନ ଭିତରେ ସମସ୍ତ ବନ୍ୟା ପ୍ରପୀଡ଼ିତଙ୍କୁ ରିଲିଫ ବଣ୍ଟନ କରାଯିବ ବୋଲି ବିଡିଓ ରାଧାରଞ୍ଜନ ଦାଶ କହିଛନ୍ତି।

### କ୍ଷୀରଚୋରା ମନ୍ଦିରରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ରେମୁଣା, ୧୮।୭ (ରବୀନ୍ଦ୍ର ମହାକୁଡ଼)

ରେମୁଣା ଭାଜପା ପକ୍ଷରୁ ସ୍ଥାନୀୟ କ୍ଷୀରଚୋରା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ଶୁକ୍ରବାର ସନ୍ଧ୍ୟାରେ ସାମୂହିକ ଦୀପଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଥମେ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଦୀପ ଲଗାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ସମସ୍ତେ ଏକା ସାଙ୍ଗରେ ଠିଆ ହୋଇ ତାଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ କିଛି ସମୟ ନୀରବ ପ୍ରାର୍ଥନା କରାଯାଇଥିଲା। ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ଏମ୍‌ପି ପ୍ରତିନିଧି ରେମୁଣା ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ଗିରିଧାରୀ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା, ପୂର୍ବତନ ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ଜିଲା ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ, ମଣ୍ଡଳ ସଭାପତି ମାୟାଧର ପ୍ରଧାନ, ବିବେକ ବିକାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକୁମାର ଦାସ, ସୁବୋଧ ଚନ୍ଦ୍ର ପଣ୍ଡା, ଜୟନ୍ତ ପଣ୍ଡା, କାଳୀଚରଣ ମାଲ, ଶିବଶଙ୍କର ରାୟ, ଚିତ୍ତରଞ୍ଜନ ଦାସ, ଅନନ୍ତ ସାହୁ, ଯଦୁ ନାରାୟଣ ବେହେରା, ପଦ୍ମଲୋଚନ ସାହୁ, ନାରୁ, ଚନ୍ଦ୍ରକାନ୍ତି ପ୍ରଧାନ, ରବିତା ଦାସ ଉପସ୍ଥିତ ଥିଲେ।

# ମୃତା ଛାତ୍ରୀଙ୍କ ପରିବାରକୁ ଅଶାଳୀନ, ଅପପ୍ରଚାର ଅଭିଯୋଗ: ଜଣେ କୋର୍ଟଚାଲାଣ



### ୨୪ ଘଣ୍ଟିଆ ପୋଲିସ ପହରା

ଭୋଗରାଇ, ୧୮।୭(ପ୍ରଦୀପ ଦାସ)

ଫକୀରମୋହନ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣା ପରେ ମୃତା ଛାତ୍ରୀଙ୍କ ପରିବାରକୁ କେତେକ ଯୁବକ ସାମାଜିକ ଗଣମାଧ୍ୟମରେ ଅଶାଳୀନ, ଅରୁଚିକର ଓ ଅପପ୍ରଚାର କରୁଥିବା ମୃତା ଛାତ୍ରୀଙ୍କ ପିତା ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ମାମଲା(ନଂ. ୨୩୨/୨୫) ରୁଜୁ କରିଥିଲା। ଏହି ଘଟଣାରେ ଏସ୍‌ପି ରାଜପ୍ରସାଦ ନିର୍ଦ୍ଦେଶକ୍ରମେ କମର୍ଦ୍ଦା ଥାନା ପୁରୁଷୋତ୍ତମପୁର ଗ୍ରାମର ରାଜେଶ କୁମାର ଦାସମହାପାତ୍ରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ୪ ଜଣ ଯୁବକ ଏହି ଅପପ୍ରଚାରରେ ସାମିଲ ଥିବା ଅଭିଯୋଗରେ ପୋଲିସ ସେମାନଙ୍କୁ ଖୋଜୁଛି । ଅପରପକ୍ଷରେ ମୃତା ଛାତ୍ରୀଙ୍କ ପରିବାରକୁ ସୁରକ୍ଷା ଦେବାକୁ ଘର ସମ୍ମୁଖରେ ପୋଲିସର ୨୪ ଘଣ୍ଟିଆ ଏକ କ୍ୟାମ୍ପ କରାଯାଇ ନଜରଦାରି ରଖାଯାଇଛି।

# ୫ ଫୁଟିଆ ନାଗ ଉଦ୍ଧାର



ସିମୁଳିଆ, ୧୮।୭(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ହାଟମଇତାପୁର ଅଞ୍ଚଳର କରୁଣାକର ବେହେରାଙ୍କ ଘରୁ ଗୁରୁବାର ଏକ ୫ଫୁଟିଆ ନାଗ ଉଦ୍ଧାର ହୋଇଛି। ଭଦ୍ରକ ସ୍ନେକ୍ ହେଲ୍ପଲାଇନର ମିର୍ଜା ଅହମଦ ଏହି ସାପକୁ ତାଙ୍କ ଶୋଇବା ଘରୁ ଉଦ୍ଧାର କରିଥିଲେ। ବୁଧବାର ରାତିରେ କରୁଣାକରଙ୍କ ଝିଅ କଣ୍ଢେଇ ଶୋଇଥିବା ବେଳେ ଖସ୍‌ଖସ୍ ଶବ୍ଦ ଶୁଣି ମୂଷା ବୋଲି ଭାବିଥିଲେ। ପରେ ସାପ ଦେହରେ ତାଙ୍କ ହାତ ବାଜିଥିଲା। ଗୁରୁବାର ସକାଳେ ମିର୍ଜାଙ୍କୁ ସୂଚନା ଦିଆଯାଇଥିଲା । ସେ ସାପକୁ ଉଦ୍ଧାର କରିଥିଲେ । ବର୍ଷା ଦିନେ ଘର ଚାରିପାଖ ଓ ଭିତର ପାର୍ଶ୍ୱ ସଫା ରଖିବା ସହିତ ଘର ମଧ୍ୟରେ ରଖୁଥିବା ଏଣୁତେଣୁ ଜିନିଷପତ୍ରଗୁଡ଼ିକୁ ଠିକ୍ ଭାବେ ରଖିବା, ଯେପରିକି ସାପ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଦଂଶନରୁ ରକ୍ଷା ପାଇପାରିବା ଓ ଯଦି ଦଂଶନର ଶିକାର ହୁଅନ୍ତି ତେବେ ଝଡ଼ାଫୁଙ୍କା ପରି ଗୁଣିଗାରେଡ଼ିରେ ବିଶ୍ୱାସ ନ କରି ତୁରନ୍ତ ଡାକ୍ତରଖାନାରେ ପହଞ୍ଚିବା ସମ୍ପର୍କରେ ସେ ସ୍ଥାନୀୟ ଲୋକଙ୍କୁ ସୂଚନା ଦେଇଥିଲେ।

# 'କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ଅଧିନିୟମ'

ବାଲେଶ୍ୱର,୧୮।୭(ବାଞ୍ଛାନିଧି ଦେ)

### ଆଇନ ସଚେତନତା ଶିବିର

ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜାନୁଗଞ୍ଜସ୍ଥିତ ଓପିଟିସିଏଲ୍‌ର ଉତ୍ତରାଞ୍ଚଳ ଶାଖା ମିଳନୀ କକ୍ଷରେ 'କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷେଧ ଏବଂ ପ୍ରତିକାର) ଅଧିନିୟମ' ଏବଂ ଏସ୍‌ସି, ଏସ୍‌ଟି (ପ୍ରିଭେନ୍ସନ୍ ଅଫ୍ ଆଟ୍ରୋସିଟି) ଆକ୍ଟ ସମ୍ପର୍କିତ ଏକ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି।

ଜିଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲା ଆଇନସେବା ପ୍ରାଧିକରଣର ସଚିବ ସୁମନ ଜେନା ଏହି ଶିବିରରେ ଅଧ୍ୟକ୍ଷତା କରି ଉପରୋକ୍ତ ଆଇନର ବିଭିନ୍ନ ପ୍ରାବଧାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଚିଫ୍ ଲିଗାଲ୍ ଏଡ୍ ଡିଫେନ୍ସ କାଉନସେଲ୍ ନଟଗୋପାଳ ପଣ୍ଡା, ଆଇନଜୀବୀ ପଦ୍ମଲୋଚନ ଖଟୁଆ, ଓପିଟିସିଏଲ୍ ଉତ୍ତରାଞ୍ଚଳ ଶାଖାର କାର୍ଯ୍ୟକାରୀ ନିର୍ଦ୍ଦେଶକ ଅନାଦି ଚରଣ ଜେନା, ମାନବ ସମ୍ବଳ ବିକାଶ ଅଧିକାରୀ ସୁନୀଲ କୁମାର ପାଢୀ, ଜେନେରାଲ୍ ମ୍ୟାନେଜର ମାନସ ରଞ୍ଜନ ଦାଶ, ଏଫ୍ଏମ୍‌ୟୁ ଆଇନ୍ ଛାତ୍ର ଉମାଶଙ୍କର କର, ହେମନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଓପିଟିସିଏଲ୍ କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, ଯାଜପୁର ଜିଲାର କାର୍ଯ୍ୟରତ କର୍ମଚାରୀମାନେ ଉପସ୍ଥିତ ଥିଲେ।




ଶିବିରରେ ଉପସ୍ଥିତ ବିଚାରପତି, ଅଧିକାରୀ ଓ ଅନ୍ୟମାନେ।

# ଉନ୍ନୟନ କାର୍ଯ୍ୟ ଉପରେ ସମୀକ୍ଷା

### ନୀଳଗିରି ପଞ୍ଚାୟତ ସମିତି ବୈଠକ

ନୀଳଗିରି, ୧୮।୭(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସମ୍ମିଳୀ କକ୍ଷ ପରିସରରେ ଶୁକ୍ରବାର ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୀଳଗିରି ବ୍ଲକର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ନୀଳଗିରି ବିଡିଓ ବିକ୍ରମ କେଶରୀ ପରିଡ଼ା, ତହସିଲଦାର ସୋନମ୍ ଦାସ, ସହକାରୀ ନିର୍ବାହୀଯନ୍ତ୍ରୀ ଶରତ କୁମାର ଉପାଧ୍ୟାୟ, ସମିତି ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ, ଜିଲାପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ସଦସ୍ୟା ରଞ୍ଜିତା ସିଂ ଓ ସୁବର୍ଣ୍ଣମଞ୍ଜରୀ ସିଂ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତିଥିଗଣ ସଭା ପୂର୍ବରୁ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଦିବଂଗତ ଛାତ୍ରୀଙ୍କ ଆମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ବିଡିଓ ବିକ୍ରମ କେଶରୀ ପରିଡାଙ୍କୁ ବିଗତ ବୈଠକର ବିବରଣୀ ସହିତ ଚଳିତ ବୈଠକର ଆଲୋଚ୍ୟ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଆମନ୍ତ୍ରଣ କରିଥିଲେ। ଏଥିରେ ନୀଳଗିରି ପଞ୍ଚାୟତ ସମିତିର ସମସ୍ତ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ନିର୍ବାଚିତ ପ୍ରତିନିଧି ଯୋଗଦେଇ ନିଜର ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ଏବଂ ପ୍ରସ୍ତାବ ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପସ୍ଥିତ ସଭ୍ୟାସଭ୍ୟମାନେ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ, ବାର୍ଦ୍ଧକ୍ୟ ଭତ୍ତା, ଖାଉଟି କାର୍ଡ, ଜଙ୍ଗଲ ଜମି ପଟ୍ଟା, ମହିଳା ଓ ଶିଶୁ ବିକାଶ, ପ୍ରଧାନ ମନ୍ତ୍ରୀ ଆବାସ ଗୃହ, ରାସ୍ତା ଘାଟ, ବିଦ୍ୟୁତ୍ ସେବା ଉପରେ ସମୀକ୍ଷା କରାଯାଇଥିଲା। ସେହିପରି ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସଭ୍ୟାସଭ୍ୟମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ବୈଠକରେ ନୀଳଗିରି ପଞ୍ଚାୟତ ସମିତି ଅଧୀନ ସମସ୍ତ ପଞ୍ଚାୟତର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଲୋକ ପ୍ରତିନିଧି, ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଶେଷରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ ଧନ୍ୟବାଦ ଅର୍ପଣ କରିଥିଲେ।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଏମ୍‌ପି ପ୍ରତାପ ଷଡଙ୍ଗୀ ଓ ଅନ୍ୟମାନେ।

## ଲୋଡ଼ର ଓଲଟି ଗୁରୁତର ଅପରେଟରଙ୍କ ମୃତ୍ୟୁ

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଟାଟା କମ୍ପାନୀର ଯୋଡ଼ା ଇଷ୍ଟ ଲୌହ ଖଣିରେ ଏକ ଲୋଡ଼ର ଖଣି ଉପରୁ ଖସି ପଡ଼ିବାରୁ ଅପରେଟର ଗୁରୁତର ହୋଇଥିଲେ। ଶୁକ୍ରବାର ଭୋର ସମୟରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ଟାଟା ହସ୍ପିଟାଲରେ ମୃତ୍ୟୁ ଘଟିଛି। ମୃତକ ରିମୁଳି ଅଞ୍ଚଳର ରାଜେଶ କୁମାର ନାୟକ(୨୬)। ସେ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିଲେ। ଏନେଇ କମ୍ପାନୀ କର୍ପୋରେଟ ଅଧିକାରୀ ଶୁଭଙ୍କର ବେହେରା ସୂଚନା ଦେଇଛନ୍ତି।

**କେନ୍ଦୁଝର**

# ରୋଗୀଙ୍କ ସନ୍ଦେହଜନକ ମୃତ୍ୟୁ

ଯୋଡ଼ା,୧୮।୭(ମାନସ ମହାନ୍ତି)

- ପୋଲିସକୁ ନ ଜଣାଇ ମୃତଦେହ ପଠାଇଦେଲେ
- ଡାକ୍ତରଖାନା ଆଗରେ ଉତ୍ତେଜନା

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଶୁକ୍ରବାର ଜଣେ ରୋଗୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ ଯୋଡ଼ା ୱାର୍ଡ ନଂ. ୭ର ବଲମା ମୁଣ୍ଡା(୪୨)। ତାଙ୍କ ଗୋଡ଼ରେ ଘା ହୋଇ ପଚିଯାଇଥିବାରୁ ଚିକିତ୍ସିତ ହେଉଥିଲେ। ନିଜେ ବେକ କାଟି ଆତ୍ମହତ୍ୟା କରିଥିବା ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ କହୁଥିବା ବେଳେ ସମ୍ପର୍କୀୟ ଅସ୍ୱୀକାର କରି ଡାକ୍ତରଖାନା ସମ୍ମୁଖରେ ହୋହଲ୍ଲା କରିଥିଲେ। ମହିଳାଙ୍କ ସ୍ୱାମୀ ସଞ୍ଜୟ ମୁଣ୍ଡାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ବଲମା ୭ ମାସ ପୂର୍ବେ କାଚ ମାଡ଼ି ଥିବାରୁ ଏହା କ୍ରମଶଃ ସେପ୍ଟିକ ହୋଇଯାଇଥିଲା। ପରିବାର ଲୋକେ ସ୍ଥାନୀୟ କାଉନ୍ସିଲଙ୍କର ସହାୟତାରେ ଟାଟା ଷ୍ଟିଲ୍ ଡାକ୍ତରଖାନାରେ ଗତ ୧୦ ତାରିଖରେ ଭର୍ତ୍ତି କରିଥିଲେ। ଶୁକ୍ରବାର ରାତି ପ୍ରାୟ ୩ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ବଲମା ନିଜ ବେକକୁ କାଟି ଆତ୍ମହତ୍ୟା କରିଥିବା ଡାକ୍ତରଖାନା କର୍ତ୍ତୃପକ୍ଷ କହିବା ସହ ମୃତଦେହ ନେଇଯିବାକୁ କହିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ମଧ୍ୟ ଜଣାଇ ନ ଥିଲେ। ସଞ୍ଜୟ ନିରୁପାୟ ହୋଇ ଅଟୋ ଯୋଗାଡ଼କରି ମୃତଦେହ ଘରକୁ ନେଇଯାଇଥିଲେ। ଏ ସମ୍ପର୍କରେ ସଞ୍ଜୟ ତାଙ୍କ ସାଙ୍ଗ ହୀରାଲାଲ ନନ୍ଦ ଓ କାଉନ୍ସିଲର ବିଶ୍ୱ ପ୍ରତାପ ବେହେରାଙ୍କୁ ଜଣାଇଥିଲେ। ମୃତ୍ୟୁର କାରଣ ନେଇ ସନ୍ଦେହ ଉପୁଜିବାରୁ କାଉନ୍ସିଲର ବେହେରା ପୋଲିସକୁ ଅବଗତ କରିଥିଲେ। ଯୋଡ଼ା ଜନସାଧାରଣ ଡାକ୍ତରଖାନା ଆଗରେ ପହଞ୍ଚିଥିବାରୁ ଏକ ପ୍ରକାର ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ପୋଲିସ ପହଞ୍ଚି ବଲମା ଥିବା ବେଡ୍‌ର ତଦନ୍ତ କରିଥିବା ବେଳେ ରକ୍ତାକ୍ତ ଚାଦର, ବେଡ୍ ସିଟ୍, ତକିଆକୁ ବଦଳାଇ ଦିଆଯାଇଥିଲା। ଉତ୍ତେଜନା ବଢ଼ିବାରୁ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ, ବାମେବାରି ଥାନା ଅଧିକାରୀ ଯସକେତନ ଭୋଇ ପହଞ୍ଚି ବୁଝାଶୁଝା କରିଥିଲେ। ଡାକ୍ତରଖାନା ମୁଖ୍ୟ ଚିକିତ୍ସା ଅଧିକାରୀ ଶୁଚିସ୍ମିତା ଦାସଙ୍କ ସହିତ ଆଲୋଚନାକରି ରାତିକାଳୀନ ଡ୍ୟୁଟିରେ ଥିବା ଡାକ୍ତର ଓ କର୍ମଚାରୀଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ପୋଲିସ ମୃତଦେହ ଘରୁ ଆଣି ବଡ଼ବିଲ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୋଗ ଆଧାରେ ମାମଲା(ନଂ. ୨୩/୨୦୨୫) ରୁଜୁହୋଇ ତଦନ୍ତ ଜାରି ରଖିଛି। ଉପଜିଲାପାଳ ପରିଡ଼ା କହିଛନ୍ତି, ବିଭିନ୍ନ ଦିଗକୁ ଆଧାରକରି ପୋଲିସ ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିବ। ଏସ୍‌ଡିପିଓ ପିଙ୍ଗୁଆ କହିଛନ୍ତି, କେଉଁ କାରଣରୁ ମୃତ୍ୟୁ ସମ୍ପର୍କରେ ପୋଲିସକୁ ନ ଜଣାଇ ମୃତଦେହ ଘରକୁ ପଠାଇ ଦିଆଯାଇଥିଲା। ଏହାର ତଦନ୍ତ କରାଯିବ। ଟାଟା ଷ୍ଟିଲ ଡାକ୍ତରଖାନା ମୁଖ୍ୟ ଡା. ଶୁଚିସ୍ମିତା ଦାସ ଏ ନେଇ ମୁହଁ ଖୋଲି ନାହାନ୍ତି।



ଡାକ୍ତରଖାନା ଆଗରେ ଉପଜିଲାପାଳ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

# ଓଏମ୍‌ସି କ୍ରୋମାଇଟ୍ ଖଣିରୁ ପରିବହନ ଆରମ୍ଭ

## ଟ୍ରକ୍ ମାଲିକ ସଂଘ ବିବାଦରୁ ୮ ମାସ ହେଲା ବନ୍ଦ ଥିଲା

**ବଉଲା,୧୮।୭( ଦୁର୍ଗା ପ୍ରସାଦ ଆୟଚ):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବାଙ୍ଗୋର ଓଏମ୍‌ସି କ୍ରୋମାଇଟ ଖଣିରୁ ୮ ମାସ ପରେ ପରିବହନ ହୋଇଛି। ଟ୍ରକ୍ ମାଲିକ ସଂଘର ବିବାଦ କାରଣରୁ ପରିବହନ ବନ୍ଦ ରହିଥିଲା। ଶୁକ୍ରବାରଠାରୁ କ୍ରୋମାଇଟ ପରିବହନ ଆରମ୍ଭ ହୋଇଥିବା ବେଳେ ବାଙ୍ଗୋର ଟ୍ରକ ମାଲିକ ସଂଘ ମଧ୍ୟରେ ଉତ୍ସାହ ଦେଖାଦେଇଛି।

ସୂଚନା ଅନୁଯାୟୀ, ବଉଲା ଟ୍ରକ୍ ମାଲିକ ସଂଘ ଦ୍ୱାରା ବାଙ୍ଗୋର ଓଏମ୍‌ସିର କ୍ରୋମାଇଟ ପରିବହନ କରାଯାଉଥିଲା। ବାଙ୍ଗୋର ପଞ୍ଚାୟତରେ କ୍ରୋମାଇଟ ଖଣି ଥିବାରୁ ବାଙ୍ଗୋର ଓ ଧନୁର୍ଜୟପୁର ପଞ୍ଚାୟତର ଟ୍ରକ୍ ମାଲିକମାନେ ଅଧିକ କୋଟା ଦାବି କରି ବଉଲା ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାଙ୍କୁ ଜଣାଇଥିଲେ। କିନ୍ତୁ ଟ୍ରକ୍ ମାଲିକ ରାଜି ନ ହେବାରୁ ବାଙ୍ଗୋର ଓ ଧନୁର୍ଜୟପୁର ଟ୍ରକ ମାଲିକମାନେ ପରିବହନ କରାଇ ଦେଇ ନ ଥିଲେ, ଯାହାକୁ ନେଇ ଓଏମ୍‌ସିର କ୍ରୋମାଇଟ ପରିବହନ ବନ୍ଦ ହୋଇଯାଇଥିଲା। ବିବାଦ ମଧ୍ୟରେ ନୂତନ ବାଙ୍ଗୋର ଟ୍ରକ୍ ମାଲିକ ସଂଘ ଗଠିତ ହୋଇଥିଲା। ବଉଲା ଟ୍ରକ୍ ମାଲିକ ସଂଘର ପରିବହନ ସମୟରେ ଲୋଡିଂ ଏଜେନ୍ସି ଜିଲା ପରିଷଦ ଉପାଧ୍ୟକ୍ଷଙ୍କ ସ୍ତ୍ରୀ ଲିଳାଦାସଙ୍କ ନାମରେ ରହିଥିଲା। ବାଙ୍ଗୋର ଟ୍ରକ୍ ମାଲିକ ସଂଘର ଲୋଡିଂ ଏଜେନ୍ସି ବିଶ୍ୱଜିତ୍ ରାଉତଙ୍କ ନାମରେ ହୋଇ ପରିବହନ ଆରମ୍ଭ ହୋଇଥିଲା। ଲୋଡିଂ ସମୟରେ ଏସ୍‌ଡିପିଇଓ ପ୍ରଶାନ୍ତ ବେହେରାଙ୍କ ସମେତ ସୋସୋ ଥାନା ଅଧିକାରୀ ବିଜୟ କୁମାର ବିହାରୀ, ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର, ଆନନ୍ଦପୁର ଥାନା ଅଧିକାରୀ ଫନିନ୍ଦ୍ର ଭୂଷଣ ନାୟକ ଉପସ୍ଥିତ ରହିଥିଲେ। ବଉଲା ଟ୍ରକ ସଂଘ ମାଲିକମାନେ ପରିବହନକୁ ବିରୋଧ କରିଥିଲେ। ଏସ୍‌ଡିପିଇଓ ୨ ପକ୍ଷଙ୍କୁ ଡାକି ଆଲୋଚନା ପରେ ବଉଲା ଟ୍ରକ ମାଲିକମାନେ ପରିବହନ ପାଇଁ ରାଜି ହୋଇଥିଲେ। ପରେ ଓଏମ୍‌ସି ମାଇନ୍ସରେ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ କରୁଥିବା ଶ୍ରମିକ ବାଙ୍ଗୋର ଟ୍ରକ ମାଲିକ ସଂଘ ଗାଡ଼ିକୁ ବିରୋଧ କରିଥିଲେ। ଏସ୍‌ଡିପିଇଓ ଶ୍ରମିକଙ୍କୁ ବୁଝାଇବା ପରେ ଲୋଡିଂ ହୋଇଥିଲା। ମାଇନ୍ସ ମ୍ୟାନେଜର ସୁଶାନ୍ତ ନାଇକ କହିଛନ୍ତି, ବାଙ୍ଗୋର ଟ୍ରକ୍ ମାଲିକ ସଂଘକୁ ପରିବହନ ପାଇଁ ଅନୁମତି ଦିଆଯାଇଥିଲା। ପୋଲିସ ସୁରକ୍ଷାରେ ପରିବହନ କରାଯାଇଛି।

# ଆଜି ପଲାଣଘାଟି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ

**ପାଟଣା,୧୮।୭(ବୀର କିଶୋର ଦାଶ):**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ପଲାଣଘାଟି ସରପଞ୍ଚ ରାଉତ ମୁଣ୍ଡାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଭୋଟ (ସ୍ୱତନ୍ତ୍ର ସଭା)ଶନିବାର ପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧.୩୦ରେ ଅନୁଷ୍ଠିତ ହେବ। ଏନେଇ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୮୬୫୪, ୨୬ଜୁନ୍ ୨୫ରେ ଉଲ୍ଲେଖ ରହିଛି। ସାହାରପଡ଼ା ବିଡିଓ ରଞ୍ଜିତ ମହାନ୍ତ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି।

ସୂଚନା ଅନୁଯାୟୀ, ପଞ୍ଚାୟତର ୧୧ସଦସ୍ୟଙ୍କ ମଧ୍ୟରୁ ୩ଜଣଙ୍କ ଏକାଧିକ ସନ୍ତାନ ଥିବାରୁ ସେମାନଙ୍କ ସଭ୍ୟ ପଦ ରଦ୍ଦ ହୋଇଛି। ତେଣୁ ୮ ଜଣ ସଦସ୍ୟ ଭୋଟ ଦେବେ। ମାତ୍ର ନାଏବ ସରପଞ୍ଚ ସୋନାଲୀଙ୍କ ସପକ୍ଷରେ ଯଦି ୫ ସଦସ୍ୟ ରହୁଛନ୍ତି ତେବେ ଅନାସ୍ଥା ପ୍ରସ୍ତାବ ପାଇଁ ଆବଶ୍ୟକ ୮ର ୨ ତୃତୀୟାଂଶ ସଦସ୍ୟ ମ୍ୟାଜିକ ନମ୍ବର ୬ ଯୋଗାଡ଼ ହୋଇପାରିବ ନାହିଁ। ଅନାସ୍ଥା କାଟ ଖାଇବା ସମ୍ଭାବନା ରହିଛି। ପ୍ରକାଶଯୋଗ୍ୟ, ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଣୁଥିବା ନାଏବ ସରପଞ୍ଚ ସୋନାଲୀଙ୍କ ସପକ୍ଷରେ ଥିବା ୩ ୱାର୍ଡ ମେମ୍ବରଙ୍କ ବିରୋଧରେ ଏକାଧିକ ସନ୍ତାନ ଥିବାର ଅଭିଯୋଗ ହାଇକୋର୍ଟରେ ହୋଇଥିଲା। ପରେ ୩ ଜଣଙ୍କ ସଦସ୍ୟ ପଦ ରଦ୍ଦ ହୋଇଯାଇଥିଲା।

# ଦଧିବାମନ ଜୀଉଙ୍କ ରଥଯାତ୍ରା ସମୀକ୍ଷା ବୈଠକ

ଚମ୍ପୁଆ,୧୮।୭(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଉପଜିଲାପାଳ କାର୍ଯ୍ୟାଳୟ ସଭାଗୃହଠାରେ ମହାପ୍ରଭୁ ଦଧିବାମନ ଜିଉଙ୍କର ପବିତ୍ର ରଥଯାତ୍ରାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ମନ୍ଦିର କମିଟି ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ରଥଯାତ୍ରା ଓ ବାହୁଡ଼ା ଯାତ୍ରାର ଆୟ ଓ ବ୍ୟୟର ହିସାବ ହେବା ସହିତ ଆଗାମୀ ଦିନରେ ବଡ଼ଦାଣ୍ଡ ମରାମତି, ମାଉସୀ ମା’ ଘର ନିର୍ମାଣ, ମନ୍ଦିର ମରାମତି, ମନ୍ଦିର ପରିସରରେ ବିବାହ, ବ୍ରତ ଆଦି ନିମନ୍ତେ ମଣ୍ଡପ ନିର୍ମାଣ, ମନ୍ଦିର ପରିସରର ଉନ୍ନତି କରଣ, ଅଣସର ଗୃହ ନିର୍ମାଣ ସହିତ ମନ୍ଦିର ପରିସରରେ ସ୍ୱଚ୍ଛ ପାଚେରି ନିର୍ମାଣ, ମନ୍ଦିର ପରିଚାଳନା, ଦୈନିକ ମନ୍ଦିରର ନିତିକାନ୍ତ ଆଦି ଉପରେ ମତବିନିମୟ ହୋଇଥିଲା। ଏଥି ସହିତ ପଳସା ଗ୍ରାମରେ ଦଧିବାମନ ଜିଉଙ୍କର ମାମୁଁ ଘର ଘୋଷଣା ସହିତ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ଏକ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଅନ୍ୟପକ୍ଷରେ ଚମ୍ପୁଆ ଏକ ଧନୀ ଉପଖଣ୍ଡ ହୋଇଥିଲେ ମଧ ସେଭଳି ଆଖି ଦୃଶିଆ ଉନ୍ନତି ହୋଇପାରି ନାହିଁ। ଏଥି ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ସ୍ୱର ଉତ୍ତୋଳନ କରିବା ସହିତ ନିସ୍ୱାର୍ଥ ଭାବରେ ମନ୍ଦିର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇବାକୁ ଉପଜିଲାପାଳ ଆହ୍ୱାନ ଦେଇଥିଲେ।



ବୈଠକରେ ଉପସ୍ଥିତ ଉପ ଜିଲାପାଳ ଉମାକାନ୍ତ ପରିଡ଼ା ଓ ଅନ୍ୟମାନେ।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/ଜିଏସ୍‌ୟୁ/୨୦୨୫/୦୪, ତାରିଖ: ୧୭।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ, ଗତି ଶକ୍ତି, ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। ଟେଣ୍ଡର ନଂ.: ଇ-କେଜିପି-ଜିଏସ୍-୬-୨୦୨୫ । କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର ମଣ୍ଡଳରେ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଅନ୍ଦୁଲ, ବାଗନାନ ଏବଂ ଉଲୁବେରିଆ ଷ୍ଟେଶନଠାରେ ସଫ୍ଟ ଅପ୍‌ଗ୍ରେଡେଶନ୍ ଏବଂ ଦିବ୍ୟାଙ୍ଗଜନ ସୁବିଧାର ଅବଶିଷ୍ଟ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୧୯,୪୨,୦୦,୪୮୧.୦୩ । ଅମାନତ ରାଶି: ₹୧୧,୨୧,୦୦୦/- । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ୦.୦୦ । କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ । ଖୋଲାଯିବା ତାରିଖ: ୦୮।୦୮।୨୦୨୫ । ବିଡିଂ ଆରମ୍ଭ ତାରିଖ: ତା୨୫।୦୭।୨୦୨୫ରିଖଠାରୁ ତା୦୮।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ସେମାନଙ୍କର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର. ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-408)

**UNION BANK EMPLOYEES COOP CREDIT SOCIETY (ORISSA) LTD., BHUBANESWAR**

UBECCSOL

[Regd. No.38/1997 RCS]

This is for information of all members that the 29th Annual General Body Meeting of the Society will be held on 24.08.2025 (Sunday) at 10 A.M. at The Institution of Engineers (India), Sachivalaya Marg, Unit-IV, Bhubaneswar-751001. All members are requested to attend.

| Balaram Mahanta | Satabdi Subhadarshini | Saroj Kumar Nayak |
|---|---|---|
| Secretary | Vice President | President |

**AUCTION SALE NOTIFICATION**

This is for information to all concerned that inspite of our repeated Legal Notices and reminders of the Registered Owners.
1). Vandana Agarwal, Vehicle - Volkswagen Ameo Comfortline 1.5 TDI, Regn. No.- OD 02 AK 8684, VIN No.- MEXL1660XHT093535,
2). M/S. ROYAL TOUCH GRANITES PVT. LTD., Vehicle - JEEP Compass, Regn. No.- OD 07 U 7424, VIN No.- MCAAJPCH4JFA11169*BH,
3). Mr. Ajit Patra, Vehicle - Grande punto ACTIVE Multijet, Regn. No.- OD 02 AC 5755, VIN No.-MCA11816E07070348BGZ, 4).Mr. Samarendra jena, Vehicle- Jeep Compass, Regn. No.- OD12 C 1212, VIN No.- MCAAJPCY8JFA05293*9H, 5). Mr. Jiban Kumar Bal, Vehicle - ISUZU S-CAB, Regn. No.- OD 34 M 8284, VIN No.- M3GTFR546LBA00227, 6) M/S. V N TRANSPORT, Vehicle - Bharat Benz 3123R (Truck),Regn. No.- OD 14 H 0086, VIN No.- MEC2241CCGPO28504, 7). Mr.Shrikant Patel, Vehicle - Bharat Benz 3123R (Truck), Regn. No.- OD 23 D 3499, VIN No.- MEC2241CDGPO30355& 8). Tanveer Ayyub Kalyani, Vehicle - Bharat Benz 3123R (Truck), Regn. No.- MH 13 AX 4716, VIN No.- MEC2241CAFP014677 are not come to take delivery.
The vehicles are ready for Auction Sale to be hold on **Dt. 29.07.2025** between **11 AM to 4 PM** at **M/S. SHREE BHARAT MOTORS LTD.,** NH-5, Pahal, Bhubaneswar - 752101.

**COMMUNITY HEALTH CENTRE, ULLUNDA, DIST. - SONEPUR**

E-mail : bpmullunda@gmail.com

**TENDER CALL NOTICE FOR HIRING OF VEHICLE**

Sealed tenders are invited from Travel Agencies/ Transporters/Tour Operator/Individuals/Private Organization/ NGOs situated within CHC, Ullunda for supply of vehicles on monthly hiring basis to be used in CHC, Ullunda for Mobile Health Team under RBSK & Block Programme Management Unit of CHC, Ullunda. Last date for submitting the documents is 28/07/2025 on or before 04.00 P.M. through Regd. Post only. For detail information and documents, please visit www.subarnapur.odisha.gov.in. The authority has reserve the right to cancel the whole process without any notice.

Sd./- Superintendent
CHC, Ullunda


# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଢେଙ୍କିକୋଟ,୧୮।୭(ନୀଳମଣି ମଣ୍ଡଳ):** କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ବଡ଼ମସିଣାବିଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଦାଶିବ ସାହୁଙ୍କୁ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ସଭାଗୃହରେ ପୂର୍ବାହ୍ନ ୧୧ଟାରେ ଆୟୋଜିତ ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋହନ ଚରଣ ମହାନ୍ତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଘଟଗାଁ ଗୋଷ୍ଠୀ ଶିକ୍ଷାଧିକାରୀ ହରେକୃଷ୍ଣ ନାୟକ, ମୁଖ୍ୟ ବକ୍ତାଭାବେ ତରତରା ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପମଞ୍ଜରୀ କର, ସମ୍ମାନୀୟ ଅତିଥିଭାବେ ଜିଲା ଓଷ୍ଟା ପୂର୍ବତନ ସମ୍ପାଦକ କାହ୍ନୁଚରଣ ସାମଲ, ମଧୁସୂଦନ ପ୍ରଧାନ, ପ୍ରଶ୍ନ ବାରିକ, ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ସଂଘ ଜିଲା ସମ୍ପାଦକ ଦୀପ୍ତି ରଞ୍ଜନ ପ୍ରଧାନ, ପ୍ରଶାନ୍ତ ରାଉତ, ରଘୁନାଥ ମହାନ୍ତ ପ୍ରମୁଖ ଯୋଗଦେଇ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ସାମାଜିକ କର୍ମୀଙ୍କ ପରଲୋକ

**କେନ୍ଦୁଝର,୧୮।୭(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):**

ଶ୍ରୀମା ଶ୍ରୀଅରବିନ୍ଦଙ୍କ କେନ୍ଦୁଝର ମାତୃନିଳୟର ସକ୍ରିୟ କର୍ମକର୍ତ୍ତା ତଥଶ ସାମାଜିକକର୍ମୀ ଶ୍ରୀକାନ୍ତ ସାହୁ(୬୮)ଙ୍କ ଗତ ବୁଧବାର ହାଇଦ୍ରାବାଦର ଏକ ଚିକିତ୍ସାଳୟରେ ପରଲୋକ ଘଟିଛି। ମୃତ୍ୟୁ ଖବରରେ ସାରା କେନ୍ଦୁଝର ତଥା ଓଡ଼ିଶାର ମାତୃପ୍ରେମୀଙ୍କ ଗହଣରେ ଶୋକରଛାୟା ଖେଳିଯାଇଛି। ସେ ଜିଲାର ବିଭିନ୍ନ ସଂଗଠନକୁ ସୁଦୃଢ଼ କରିବାର ସହଯୋଗୀ, ସରଳଜୀବନ ଓ ଅମାୟିକ ବ୍ୟକ୍ତି ଥିଲେ। ସରକାରୀ ଚାକିରୀରୁ ଅବସର ନେଇ ସେ ଅନୁଷ୍ଠାନକୁ ପୂର୍ଣ୍ଣ ସହଯୋଗ କରୁଥିଲେ। ମରଶରୀର ଲାବଣ୍ୟଛକ ମାତୃନିଳୟ ସମ୍ମୁଖକୁ ଅଣାଯାଇ, ଅମୃତବିହାରସ୍ଥିତ ତାଙ୍କ ନୂତନ ବାସଭବନ ଓ ପରେ ଆଟୋପରସ୍ଥିତ ପୈତୃକଘରକୁ ନିଆଯାଇଥିଲା। ଶେଷଦର୍ଶନ ପରେ ଧାଙ୍ଗଡପଡାସ୍ଥିତ ଆଦର୍ଶ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଶେଷ ସମୟରେ ମାତୃନିଳୟ ପରିବାରର ବହୁ ମାତୃପ୍ରେମୀ, ତାଙ୍କ ସ୍ତ୍ରୀ, ୨ ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ।

# ଦେଢ଼ମାସ ହେବ ପ୍ରଧାନ ଶିକ୍ଷକ ଫେରାର

## ଛାତ୍ରୀଙ୍କୁ ଅସଦାଚରଣ ମାମଲା: ଆଗୁଆ ଜାମିନ ଆବେଦନ ପ୍ରତ୍ୟାହାରକରି ପୁଣି ଆବେଦନ

**ହାଟଡ଼ିହୀ,୧୮।୭(ଶୁଭକାନ୍ତ ନାୟକ):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ରାହ୍ମଣୀକଳା ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାଗୀରଥି କବି ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପ୍ରଧାନ ଶିକ୍ଷକ ଦେଢ଼ ମାସ ହେବ ଫେରାର ଅଛନ୍ତି। ଇତି ମଧ୍ୟରେ ସେ ୨ ଥର ଆଗୁଆ ଜାମିନ ପାଇଁ ଆବେଦନ କରିସାରିଲେଣି। ମାତ୍ର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଶିଥିଳ ପଡ଼ିଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

ଅଭିଯୋଗ ଅନୁଯାୟୀ, ସ୍କୁଲ ପରିସରରେ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ କବି ଅସଦାଚରଣ କରିଥିବା ନେଇ ଛାତ୍ରୀ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ମାମଲା (ନଂ. ୧୪୬/୨୦୨୫) ରୁଜୁ ହୋଇଛି। ଗିରଫ ଭୟରେ ପ୍ରଧାନ ଶିକ୍ଷକ ଛୁଟି ନେଇ ଫେରାର ହୋଇଯାଇଛନ୍ତି। ଗିରଫଦାରିକୁ ଏଡ଼ାଇବା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ମେ ୩୦ରେ ଆଗୁଆ ଜାମିନ ଆବେଦନ କରିଥିଲେ। ଆବେଦନକୁ ଜୁନ୍ ୨୦ରେ ପ୍ରତ୍ୟାହାର କରିଥିଲେ। ଜୁଲାଇ ୧୧ରେ ପୁଣି ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ବେଳେ ଜୁଲାଇ ୧୭ରେ ଏହା ରେଜିଷ୍ଟ୍ରେଶନ ହୋଇଛି। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଅଧିକାରୀମାନେ ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରିବା ସହ ଏକ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି, ତଦନ୍ତ ରିପୋର୍ଟ ସରକାରଙ୍କ ନିକଟକୁ ପଠାଇବା ସହ ଅଭିଯୁକ୍ତ ଶିକ୍ଷକଙ୍କୁ ଜବାବ ତଲବ କରାଯାଇଛି। ଏପରିକି ଅଭିଯୁକ୍ତ ଶିକ୍ଷକଙ୍କୁ ଲମ୍ବା ଛୁଟି ମଞ୍ଜୁର ଆମ ତରଫରୁ କରାଯାଇନାହିଁ। ଛୁଟି ମଞ୍ଜୁର କରିବା ଦାୟିତ୍ୱ ସମ୍ପୃକ୍ତ ବିଦ୍ୟାଳୟ ମ୍ୟାନେଜମେଣ୍ଟ କମିଟିର। ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ବଞ୍ଚାଇବା ପାଇଁ ମ୍ୟାନେଜମେଣ୍ଟ କମିଟି ତରଫରୁ ଜାଣିଶୁଣି ଲମ୍ବା ଛୁଟି ମଞ୍ଜୁର କରାଯାଇଥିବା ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। ଚେୟାରମ୍ୟାନ୍‌ଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଛନ୍ତି। କମିଟି ଚେୟାରମ୍ୟାନ ପରମାନନ୍ଦ ବେହେରା କହିଛନ୍ତି, ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ଜୁନ୍ ୨୪ରୁ ୧ ମାସ ପାଇଁ ନୋ ୱାର୍କ, ନୋ ପେ୍ ଅନୁସାରେ ଛୁଟି ମଞ୍ଜୁର ହୋଇଛି। ତାଙ୍କ ବିରୋଧରେ ହେଉଥିବା ଅଭିଯୋଗର ସତ୍ୟତା ନାହିଁ। ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି, ଅଭିଯୁକ୍ତ ଦେଢ଼ ମାସ ହେବ ଫେରାର ଅଛନ୍ତି। ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରିଛୁ। ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଖୋଜା ଚାଲିଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**

**Corrigendum**

**No.3341/Date.16.07..2025**

**1st Corrigendum to Bid Identification No. Tender-Online-C.C.14 of 2025 Dated 25.06.2025 invited vide this office Lr. No.3060 dated 25.06.2025**

**No.O-450** : The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.-10 of 2025 Dt.28.04.2025 issued vide this office Lr.No.2153 Dt.28.04.2025 is here by rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender on-line for bidding | Date & Time of opening of tender | |
|---|---|---|---|---|
| | | Up to | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.14 of 2025 | 07.08.2025 up to 5.00 P.M. | 08.08.2025 at 11.00 A.M. | To be intimated lateron |

All other conditions remain unaltered.

Sd./- Chief Construction Engineer
Central Rural Works Circle, Bhubaneswar

OIPR-25082/11/0003/2526

**GOVERNMENT OF ODISHA** No.O-441
**OFFICE OF THE SUPERINTENDING ENGINEER RURAL WORKS DIVISION, BOLANGIR**

E-Mail ID : eerw_blgr@yahoo.co.in

**e-Procurement Notice**

**IFB IDENTIFICATION NO.EEBLGR-Online-03/2025-26**

| | | | |
|---|---|---|---|
| 1 | Name of work | : | Building Work |
| 2 | Total No. of works | : | 1 (One) no |
| 3 | Approximate Estimated Cost | : | Rs.68.73 lakh |
| 4 | Time for completion | : | 4 (four) calendar months |
| 5 | Mode of Submission of tender | : | Tender should be submitted online in www.tendersodisha.gov.in |
| 6 | Other details are as follow | : | As per TCN No. **EEBLGR-Online-03/2025-26** |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, R.W. Division, Bolangir | EEBLGR-online-03/2025-26 | 22.07.2025 at 11.00 A.M. | 06.08.2025 upto 5.00 P.M. | 05.08.2025 upto 1.00 P.M. | 07.08.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- Superintending Engineer
R.W. Division, Bolangir

OIPR-25068/11/0025/2526

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

**ई–निविदा आमंत्रण सूचना**

**PR No. 343430 (REO)24-25(D)**

पत्रांकः– दिनांक–

ई–निविदा संख्याः–23/2025-26/RWD /EE/RANCHI

| क्र0 सं0 | आईडेन्टी फिकेशन संख्या/ पैकेज संख्या | प्रखण्ड | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|---|
| | | | | अंक में | अक्षर में | | |
| 1 | RWD/RANCHI / 75/2024-25 | नगड़ी | प्रगति नगर सपारोम में पी0डब्लू0डी0 रोड से अल्ट्राटेक मिक्सिंग प्लॉट होते हुए बाला जी राईस मिल तक पथ निर्माण कार्य (लं0– 1.250 कि0मी0)। | 2,01,47,600.00 | दो करोड़ एक लाख सैंतालीस हजार छः सौ रूपये मात्र। | 12 माह | प्रथम |
| 2 | RWD/RANCHI / 76/2024-25 | रातू | जामुन टंगरा बगीचा टोली प्राथमिक विद्यालय से संतोष गुप्ता के घर तक पथ निर्माण कार्य (लं0– 1.540 कि0मी0)। | 1,62,98,200.00 | एक करोड़ बारसठ लाख अन्ठानबे हजार दो सौ रूपये मात्र। | 9 माह | प्रथम |
| 3 | RWD/RANCHI / 84/2024-25 | रातू | मुरचु से कोकरो तक पथ निर्माण कार्य (ल0–2.450 कि0मी0) | 3,42,00,300.00 | तीन करोड़ बियालीस लाख तीन सौ रूपये मात्र। | 15 माह | प्रथम |

1. वेबसाईट में निविदा प्रकाशन की तिथिः–**21.07.2025**
2. ई–निविदा प्राप्ति की अंतिम तिथि एवं समयः–**04.08.2025** अपराह्न 5.00 बजे तक।
3. निविदा खोलने की तिथि एवं समयः–**06.08.2025** अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग,कार्य प्रमण्डल, राँची

PR 357666 REO(25-26).D

**Government of Jharkhand**
**DEPARTMENT OF AGRICULTURE, ANIMAL HUSBANDRY & CO-OPERATIVE**
**(ANIMAL HUSBANDRY DIVISION)**
**Jharkhand, Ranchi**

**"Corrigendum"**

This is with the reference to e-Tender notice-01/2025-26 published by Advertisement PR. No.-357505 Date 17-07-2025 for Selection of Livestock & Poultry Insurance Intermediaries to provide Technical & Operational Support through Nationalized Insurance Company under Mukhyamantri Pashudhan Vikash Yojna (MMPVY). The particulars Sl. no. 5 of the part-A of said tender has been mentioned as below:-

"Download of Tender document will start from 26-07-2025" In this context, Corrigendum is being issued for rectification regarding download of tender document as under:-

**"Download of Tender document will start from 19-07-2025"**

Other context will remain same.

**Director,**
Directorate of Animal Husbandry,
Jharkhand, Ranchi-834003

PR 357628 Animal Husbandry (25-26)_D

**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଇରଙ୍ଗପୁର ବନଖଣ୍ଡ**
**OFFICE OF THE DIVISIONAL FOREST OFFICER, RAIRANGPUR DIVISION**

Tel. No. : (06794)-222036 (O), 222008 (R), FAX No. : (06794)-222836, e-mail : dforrp@gmail.com

**e-Procurement Notice**

**Identification No. 73/DFO, RRP-1F/2025-26 Dt.16.07.2025**

**No.MM-128** : THE DIVISIONAL FOREST OFFICER, RAIRANGPUR FOREST DIVISION, RAIRANGPUR on behalf of Governor of Odisha invites Percentage Rate bids to be received in online mode for the following works from the eligible experienced contractors in similar nature of work, registered with State Govt. & Contractor of equivalent Grade / Class registered with Central Govt. / Railways.

| | | | |
|---|---|---|---|
| 1 | Nature of work | : | 1. Anti-Poaching Barrack at Suleipat<br>2. Creation of Water Body at Hatbadra |
| 2 | No. of work | : | 02 (Two) |
| 3 | Period of Completion | : | 1. 04 (Four) Months & 2. 02 (Two) Months |
| 4 | Cost of tender | : | 1. Rs.6000/- (Six Thousand) only<br>2. Rs.4000/- (Four Thousand) only |
| 5 | Estimated Cost | : | 1. Rs.21.18 Lakhs & 2. 6.35 Lakhs |
| 6 | Class of Contractor | : | 1. "B" & "C" Class for Anti-Poaching Barrack<br>2. "C" & "D" Class for Water Body |
| 7 | Date & time of availability of tender document | : | **From 9 hours of 22.07.2025 to 17.30 hours of 31.07.2025** |
| 8 | Receipt of bid documents | : | Online Only |
| 9 | Date & time of opening of technical bid | : | **Dt.01.08.2025 at 11.30 hours onwards** |
| 10 | Other Documents | : | (As mentioned in DTCN) |
| 11 | The bidders have to participate in on-line bidding only | : | Further details can be seen from the website **www.tendersodisha.gov.in**, **www.odishaforest.in** & **www.mayurbhanj.nic.in** |
| 12 | Any addendum / Corrigendum / Cancellation of tender can also be seen in the said website | | |
| 13 | **The undersigned reserves the right to accept / reject any or all Tender without assigning any reason thereof.** | | |

Sd./- Divisional Forest Officer,
Rairangpur Division

OIPR-08055/11/0022/2526

# ଅକ୍ଟୋବରରେ ରେପୋ ରେଟ୍ ହ୍ରାସ କରିପାରେ ଆର୍‌ବିଆଇ

ଭୁବନେଶ୍ୱର, ୧୮।୭(ଅନୁରାଧା ମହାରଣା)

ବିଶ୍ୱସ୍ତରୀୟ ବ୍ରୋକ୍‌ରେଜ ସଂସ୍ଥା ମୋର୍ଗାନ ଷ୍ଟାନ୍‌ଲେ ସାମ୍ପ୍ରତିକ ରିସର୍ଚ୍ଚ ରିପୋର୍ଟରେ କହିଛି, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଆସନ୍ତା ଅକ୍ଟୋବର ୨୦୨୫ରେ ଅନୁଷ୍ଠିତ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିପାରେ। ଏହାର ମୁଖ୍ୟ କାରଣ ହେଉଛି ମୁଦ୍ରାସ୍ଫୀତିରେ ହ୍ରାସ। ତେବେ ଅଗଷ୍ଟ ୨୦୨୫ରେ ଅନୁଷ୍ଠିତ ଏମ୍‌ପିସି ବୈଠକରେ ଆର୍‌ବିଆଇ ସୁଧ ହାରକୁ ଅପରିବର୍ତ୍ତିତ ରଖିବ ବୋଲି ମୋର୍ଗାନ ଷ୍ଟାନ୍‌ଲେ ଆକଳନ କରିଛି। ମୁଦ୍ରାସ୍ଫୀତିରେ ଅତ୍ୟଧିକ ନରମୀ ଯୋଗୁ ଅଗଷ୍ଟରେ ମଧ୍ୟ ସୁଧ ହାର ହ୍ରାସର ସମ୍ଭାବନା ବୃଦ୍ଧି ପାଇଛି। ରିପୋର୍ଟ ଅନୁସାରେ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ମୁଦ୍ରାସ୍ଫୀତି ଚଳିତ ବର୍ଷ ଫେବୃଆରୀରୁ ଲଗାତର ୪ ପ୍ରତିଶତରୁ କମ୍ ରହିଛି। ୨୦୨୫ର ପ୍ରଥମ ୬ମାସରେ ମୁଦ୍ରାସ୍ଫୀତି ହାର ମାତ୍ର ୩.୨ ପ୍ରତିଶତ ରହିଛି। ଏହା ଗତ ବର୍ଷ ଏହି ଅବଧିରେ ୫ ପ୍ରତିଶତ ଥିଲା। ଜୁନ୍ ମାସରେ ଖୁଚୁରା ମୁଦ୍ରାସ୍ଫୀତି ବାର୍ଷିକ ହାରରେ ହ୍ରାସ ପାଇ ୨.୧ ପ୍ରତିଶତକୁ ଆସିଛି ଯାହାକି ଫେବୃଆରୀ ୨୦୧୯ ପରେ ସର୍ବନିମ୍ନ। ଏହା ସହ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟ ସାମାନ୍ୟ ଅପସ୍ଫୀତି ଅଞ୍ଚଳରେ ପ୍ରବେଶ କରିଛି।




ସେହିପରି ଖାଦ୍ୟ ମୂଲ୍ୟ ଜୁନ୍‌ରେ ୧.୧ ପ୍ରତିଶତ ହ୍ରାସ ପାଇଛି, ଯାହା ଫେବୃଆରୀ ୨୦୧୯ ପରେ ପ୍ରଥମ ହ୍ରାସ। ଗତ ବର୍ଷର ଉଚ୍ଚ ଆଧାର, ମଜଭୁତ ଫସଲ ଉତ୍ପାଦନ ଏବଂ ଉନ୍ନତ ପାଣିପାଗ ସ୍ଥିତି ଏହାର ମୁଖ୍ୟ କାରଣ। ସରକାର ମଧ୍ୟ ଗହମ ଓ ଡାଲି ଭଳି ଅତ୍ୟାବଶ୍ୟକ ଦ୍ରବ୍ୟ ଉପରେ ଷ୍ଟକ୍ ସୀମା, ଖୋଲା ବଜାରରେ ଗହମ ବିକ୍ରୟ ଏବଂ 'ଭାରତ' ବ୍ରାଣ୍ଡ ମାଧ୍ୟମରେ ସବ୍‌ସିଡି ଦରରେ ପନିପରିବା ଓ ଡାଲି ଯୋଗାଣକରି ଖାଦ୍ୟ ମୂଲ୍ୟ ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ମୁଦ୍ରାସ୍ଫୀତିରେ ହ୍ରାସ ଏବଂ ଅର୍ଥନୈତିକ ବିକାଶରେ ମିଶ୍ରିତ ସଙ୍କେତ ଯୋଗୁ ମୁଦ୍ରାନୀତିରେ ଢିଲା ଆଣିବା ନେଇ ନୂଆ ଆଲୋଚନା ଆରମ୍ଭ ହୋଇଛି। ନିକଟ ଭବିଷ୍ୟତରେ ମୁଦ୍ରାସ୍ଫୀତିରେ ବୃହତ୍ ହ୍ରାସ ଓ ଆଗାମୀ ବର୍ଷ ପାଇଁ ସ୍ଥିର ମୁଦ୍ରାସ୍ଫୀତି ଆକଳନ ହେତୁ ଅକ୍ଟୋବରରେ ରେପୋ ରେଟ୍ ହ୍ରାସର ସମ୍ଭାବନା ରହିଛି।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ, ୧୮।୭

କ୍ରମାଗତ ଦ୍ୱିତୀୟ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୦୧.୫୧ ପଏଣ୍ଟ ହ୍ରାସ ଘଟି ୮୧,୭୫୭.୭୩ ଅଙ୍କରେ କାରବାର ବନ୍ଦ ହୋଇଥିଲା। ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୪୩.୦୫ ପଏଣ୍ଟ କମି ୨୪,୯୬୮.୪୦ ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ୧୦୦୦ କୋଟିର କାରବାର ଆକଳନ

ଭୁବନେଶ୍ୱର, ୧୮।୭ (ଅଭୟ ଦାଶ)

ଅଜନ୍ତା ସୁଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଅଜନ୍ତା ସୁଜ୍)ର ବହୁ ପ୍ରତୀକ୍ଷିତ ଗ୍ରାହକ ସମ୍ମିଳନୀ ନିକଟରେ କୋଲାକାତା ସମେତ ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ଏହି ଗ୍ରାହକ ସମ୍ମିଳନୀ ଉଭୟ କାରବାର ବୃଦ୍ଧି ଓ ବ୍ୟବସାୟ ସମ୍ପ୍ରସାରଣ ସମ୍ପର୍କରେ ଉଦ୍ଦିଷ୍ଟ ଥିଲା। ସେହିଭଳି ୨୦୨୬ ଜାନୁଆରୀରେ କମ୍ପାନୀ ୭୦ତମ ବାର୍ଷିକୀ ଉତ୍ସବ ପାଳନ କରିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ବ୍ୟବସାୟ ସମ୍ପ୍ରସାରଣ ସାଙ୍ଗକୁ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଆଣିବା ନେଇ ମଧ୍ୟ ବିଚାରବିମର୍ଶ କରୁଛି। ସେହିପରି

ଅଜନ୍ତା ସୁଜ୍‌ର ଗ୍ରାହକ ସମ୍ମିଳନୀ

କମ୍ପାନୀର କାରବାର ଓ ଚକ୍ରବୃଦ୍ଧି ହାରରେ ବାର୍ଷିକ ୩୫% ଅଭିବୃଦ୍ଧି ହାସଲ ସହ ୨୦୨୮ସୁଦ୍ଧା ଅଜନ୍ତା ବ୍ରାଣ୍ଡ୍ ପ୍ରାୟ ୧୦୦୦ କୋଟିର କାରବାର ଆକଳନ କରିଛି। ଅପରପକ୍ଷରେ କମ୍ପାନୀ ନୂତନ ଉତ୍ପାଦର ଶୁଭାରମ୍ଭ ସହ ବଜାର ପ୍ରବେଶ ପାଇଁ ବିଭିନ୍ନ ଯୋଜନା କରିଛି। ଏପରିକି ପଶ୍ଚିମବଙ୍ଗରେ ହାୱାଇ ଚପଲ ବର୍ଗରେ କମ୍ପାନୀର ବଜାର ଅଂଶ ୪୦% ରହିଛି। ଉକ୍ତ ସମ୍ମିଳନୀରେ ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶର ଡିଲରମାନେ ଯୋଗ ଦେଇଥିଲେ।

# ଏନଭିସିଏଲର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର, ୧୮।୭

ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍ (ଏନ୍‌ଭିସିଏଲ୍) ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଭାବେ ଆଲୋଚନା ସହ ୨୦୨୫ ଜୁନ୍ ୩୦ରେ ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ (ଆର୍ଥିକ ଫଳାଫଳ)କୁ ମଧ୍ୟ ଘୋଷଣା କରାଯାଇଛି। ଏପରିକି ବଦରାଜ ସିମେଣ୍ଟ ଲିମିଟେଡର ସଫଳ ଅଧିଗ୍ରହଣ ପରେ ୨୫ଏମ୍‌ଏମ୍‌ଟିପିଏର ମିଳିତ କ୍ଷମତା ସହ କମ୍ପାନୀ ୨୦୨୬-୨୭ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ସୁଦ୍ଧା ହାରାହାରି ୩୧ ଏମ୍‌ଏମ୍‌ଟିପିଏ ସିମେଣ୍ଟ କ୍ଷମତା ହାସଲ କରିବା ପାଇଁ ପ୍ରସ୍ତୁତ ରହିଛି। କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷର ୧ମ ତ୍ରୈମାସିକରେ ୫.୧ ଏମ୍‌ଏମ୍‌ଟିର ମୋଟ ସିମେଣ୍ଟ ବିକ୍ରି ହାସଲ କରିଛି। ଏହି ତ୍ରୈମାସିକରେ ପରିଚାଳନାରୁ ମିଳିଥିବା ମୋଟ ରାଜସ୍ୱ ବାର୍ଷିକ ଆଧାରରେ ୯% ବୃଦ୍ଧି ହୋଇ ୨୮୭୩ କୋଟି ଟଙ୍କା ରହିଛି। ସେହିପରି କମ୍ପାନୀ ଏହି ଅବଧିରେ ୫୩୩ କୋଟି ଟଙ୍କାର ସର୍ବକାଳୀନ ସର୍ବୋଚ୍ଚ ତ୍ରୈମାସିକ ମୋଟ ଏବିଟଡା ହାସଲ କରିଛି। କମ୍ପାନୀ ଏହାର ଡିଲାଭରେଜିଂ ଏଜେଣ୍ଡା ପ୍ରତି ପ୍ରତିବଦ୍ଧ ରହିଛି, ଯାହା ଶୁଦ୍ଧ ଋଣକୁ ବାର୍ଷିକ ଆଧାରରେ ୮୮୪ କୋଟି ଟଙ୍କା ହ୍ରାସ କରି ୩୪୭୪ କୋଟି ଟଙ୍କାରେ ପହଞ୍ଚାଇଛି। ପ୍ରିମିୟମ ପ୍ରଡକ୍ଟଗୁଡିକ କମ୍ପାନୀ ପାଇଁ ଏକ ରଣନୈତିକ ପ୍ରାଥମିକତା ରହିଆସିଛି, ଯାହାର ବ୍ୟବସାୟ ପରିମାଣ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୪୧%କୁ ବୃଦ୍ଧି ପାଇଛି। କମ୍ପାନୀ ୭୬%ର ଏକ ମଜଭୁତ ବ୍ୟବସାୟ ମିଶ୍ରଣ ହାସଲ କରିଛି, ଯାହା ଗତ ୧୩ଟି ତ୍ରୈମାସିକରେ ସର୍ବାଧିକ। ଏନ୍‌ଭିସିଏଲ୍‌ର ଏମ୍‌ଡି ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, ୧ମ ତ୍ରୈମାସିକ ସମୟରେ କମ୍ପାନୀ ଉଲ୍ଲେଖନୀୟ ବିକ୍ରି ଅଭିବୃଦ୍ଧି ପରିଲକ୍ଷିତ କରିଛି। ଏହା ପ୍ରିମିୟମାଇଜେଶନ ଓ ଟ୍ରେଡ୍ ମିକ୍ସ ଉପରେ ଏକ ସ୍ପଷ୍ଟ ମହତ୍ତ୍ୱ ବଜାୟ ରଖିଛି, ଯାହା ବର୍ଦ୍ଧିତ ଫଳାଫଳରେ ଯୋଗଦାନ ଦେଇଛି ଏବଂ କମ୍ପାନୀ ଇତିହାସରେ ପ୍ରଥମ ସର୍ବୋଚ୍ଚ ତ୍ରୈମାସିକ ମୋଟ ଏବିଟଡାର ନେତୃତ୍ୱ ନେଇଛି। ବଦରାଜ ସିମେଣ୍ଟର ସଫଳ ଅଧିଗ୍ରହଣ ସହ କମ୍ପାନୀ ୨୦୨୬-୨୭ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ସୁଦ୍ଧା କଚ୍ଛ ଓ ସୁରଟରେ ପ୍ଲାଟଗୁଡିକୁ କାର୍ଯ୍ୟକ୍ଷମ କରିବା ଏବଂ ଏହା ସଙ୍ଗେ ସଙ୍ଗେ ପଶ୍ଚିମାଞ୍ଚଳରେ ନିଜର ବଜାର ଉପସ୍ଥିତି ବୃଦ୍ଧି କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛି।

# ଏନ୍‌ଇଇସିସିରେ ଜେଏସ୍‌ଏଲ୍‌କୁ ୭ ପୁରସ୍କାର




ଜେଏସ୍‌ଏଲ ଯାଜପୁର ୟୁନିଟ୍‌ର କର୍ମଚାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୧୮।୭

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)କୁ ନିକଟରେ ଆଉ ଏକ ବଡ ସଫଳତା ଓ ସ୍ୱୀକୃତି ମିଳିଛି। ବିଶେଷକରି କମ୍ପାନୀର ଶକ୍ତି ଦକ୍ଷତା, କାର୍ବନ ହ୍ରାସ ଏବଂ ସଷ୍ଟେନେବଲ ପରିଚାଳନା କ୍ଷେତ୍ରରେ ଉତ୍କର୍ଷ ପାଇଁ ଏକା ସଙ୍ଗେ ୭ଟି ପୁରସ୍କାର ହାସଲ କରିଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରଠାରେ କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ ଆୟୋଜିତ ଜାତୀୟ ଶକ୍ତି ଦକ୍ଷତା ସର୍କଲ ପ୍ରତିଯୋଗିତା ବା ଏନ୍‌ଇଇସିସି-୨୦୨୫ର ୯ମ ସଂସ୍କରଣରେ ଜେଏସ୍‌ଏଲ୍‌କୁ ମୋଟ ୭ଟି ପୁରସ୍କାର ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଜେଏସ୍‌ଏଲ୍‌ର ଯାଜପୁର ୟୁନିଟ୍ (ପ୍ଲାଣ୍ଟ) ୪ଟି ଏବଂ ହିସାର ୟୁନିଟ୍ (ପ୍ଲାଣ୍ଟ) ୩ଟି ପୁରସ୍କାର ହାସଲ କରିଛି। ସେହିଭଳି ଏହି ବାର୍ଷିକ ପ୍ରତିଯୋଗିତାରେ ଶିଳ୍ପ, ବ୍ୟବସାୟ, ପ୍ରଯୁକ୍ତି ବିଦ୍ୟା ସମେତ ୪୦୦ରୁ ଅଧିକ ଅଗ୍ରଣୀ ଅନୁଷ୍ଠାନ ଅଂଶଗ୍ରହଣକରି ଶକ୍ତି ଦକ୍ଷତା, ଅକ୍ଷୟ ଶକ୍ତି ଏବଂ ଜଳବାୟୁ ଲକ୍ଷ୍ୟ ଉପରେ ସଫଳତାର କାହାଣୀ ଉଲ୍ଲେଖ କରିଥିଲେ। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ଆମେ ସଷ୍ଟେନେବଲ୍ ବ୍ୟବସାୟ ଅଭ୍ୟାସରେ ନୂତନ ମାନଦଣ୍ଡ ସ୍ଥାପନ କରିବା ଏବଂ ଏକ ସବୁଜ, ଅଧିକ ସ୍ଥାୟୀ ଭବିଷ୍ୟତ ଗଠନ କରିବାକୁ ଦୃଢ଼ ପ୍ରତିବଦ୍ଧ। ଏହି ସ୍ୱୀକୃତି ପାଇଁ ଆମେ ସିଆଇଆଇକୁ ଧନ୍ୟବାଦ ଜଣାଉଛୁ। ଏହା ଆମକୁ ପ୍ରୋତ୍ସାହିତ କରିବ। ଆମେ ଆମର ନେଟ୍ ଜିରୋ ମାଇଲଖୁଣ୍ଟ ଦିଗରେ ଅଗ୍ରଗତି ଜାରି ରଖିଛୁ ଏବଂ ଦାୟିତ୍ୱବାନ୍ ଭାବେ କାମ କରିଚାଲିଛୁ।

# ଆଭିଭା ଭାରତ ବାଲ ବିକାଶ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର, ୧୮।୭

ଆଭିଭା ଇଣ୍ଡିଆର ନୂଆ ଲାଇଫ୍ ଇନ୍‌ସ୍ୟୁରାନ୍ସ ପ୍ରଡକ୍ଟ 'ଆଭିଭା ଭାରତ ବାଲ୍ ବିକାଶ ଯୋଜନା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ହେଉଛି ଚିନ୍ତାଶୀଳ ଭାବେ ଡିଜାଇନ କରାଯାଇଥିବା ଏକ ନନ୍-ଲିଙ୍କ୍‌ଡ ନନ୍-ପାର୍ଟିସିପେଟିଂ ଲାଇଫ୍ ଇନ୍‌ସ୍ୟୁରାନ୍ସ ସେଭିଙ୍ଗ୍‌ସ ପ୍ଲାନ୍, ଯାହା ଭାରତର ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳର ପରିବାରଗୁଡ଼ିକୁ ନିଜ ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ଗଠନ କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି। ମାସିକ ୧୦୦୦ଟଙ୍କାରୁ ଆରମ୍ଭ ହେଉଥିବା ପ୍ରିମିୟମ ସହ ଏହି ପ୍ଲାନ୍ ଲାଇଫ୍ କଭର ସହ ନିଶ୍ଚିତ ମାଚ୍ୟୁରିଟି ଲାଭକୁ ମିଶ୍ରଣ କରିଥାଏ, ଯାହା ପରିବାରଗୁଡିକୁ ଉଚ୍ଚଶିକ୍ଷା, ଦକ୍ଷତା ବିକାଶ କିମ୍ବା ଏକ କ୍ଷୁଦ୍ର ବ୍ୟବସାୟ ସ୍ଥାପନକରିବା ଭଳି ମାଇଲଷ୍ଟୋନ୍‌ଗୁଡିକ ପାଇଁ ଆତ୍ମବିଶ୍ୱାସର ସହ ଯୋଜନା କରିବା ଲାଗି ସାହାଯ୍ୟ କରିଥାଏ। ଏହି ପ୍ଲାନ୍ ୩ ବର୍ଷର ସର୍ବନିମ୍ନ ପ୍ରବେଶ ବୟସ ପ୍ରଦାନ ଏବଂ ସର୍ବାଧିକ ପ୍ରବେଶ ବୟସ ୫୦ ବର୍ଷ ରହିଛି। ସେହିପରି ପଲିସି ଟର୍ମ ୧୨ରୁ ୩୦ବର୍ଷ ମଧ୍ୟରେ ରହିଥିବାବେଳେ ମାଚ୍ୟୁରିଟି ବୟସ ୮୦ବର୍ଷ ପର୍ଯ୍ୟନ୍ତ ରହିଛି। ଏହାକୁ ଜୀବନର ବିଭିନ୍ନ ପର୍ଯ୍ୟାୟ ଓ ଆର୍ଥିକ ଲକ୍ଷ୍ୟଗୁଡିକ ପାଇଁ ଉପଯୁକ୍ତ କରୁଛି। ମାସିକ, ତ୍ରୈମାସିକ, ଅର୍ଦ୍ଧବାର୍ଷିକ ଓ ବାର୍ଷିକ ଭଳି ଏହାର ଫ୍ଲେକ୍ସିବୁଲ ପ୍ରିମିୟମ ପେମେଣ୍ଟ ଅପ୍‌ସନ ଏହାକୁ ବିଭିନ୍ନ ପ୍ରକାର ପାରିବାରିକ ବଜେଟ ସହ ମେଳ ଖାଇବା ପାଇଁ ସହଜ କରିଥାଏ। ଏ ସମ୍ପର୍କରେ ଆଭିଭା ଇଣ୍ଡିଆର ସିଏମ୍‌ଓ ବିନିଶ କପାଥି କହିଛନ୍ତି, ଆଭିଭା ଭାରତ ବାଲ୍ ବିକାଶ ଯୋଜନାକୁ ମେଟ୍ରୋ ସହର ବାହାରେ ପରିବାରଗୁଡିକର ବାସ୍ତବ ଓ ଦୈନନ୍ଦିନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏହା ଜଟିଳ ଆର୍ଥିକ ଉତ୍ପାଦର ଚିନ୍ତା ବିନା ନିଜ ପିଲାମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ଚାହୁଁଥିବା ଅଭିଭାବକଙ୍କ ପାଇଁ ଏକ ସରଳ, ଲକ୍ଷ୍ୟଭିତ୍ତିକ ଯୋଜନା । ଏହି ପ୍ଲାନ୍ ପଲିସି ଟର୍ମ ଶେଷରେ ଏକ ଗ୍ୟାରେଣ୍ଟେଡ୍ ସମ୍ ଆସ୍ୟୋର୍ଡ ଆକାରରେ ମାଚ୍ୟୁରିଟି ବେନିଫିଟ ପ୍ରଦାନ କରିଥାଏ, ଯାହା ପିଲାଙ୍କ ଭବିଷ୍ୟତ ପାଇଁ ଆର୍ଥିକ ସହଯୋଗ ନିଶ୍ଚିତ କରିଥାଏ। ଏହା ପ୍ରଚଳିତ ଆଇନ ଅନୁଯାୟୀ ଟିକସ ଲାଭ ମଧ୍ୟ ପ୍ରଦାନ କରିଥାଏ, ଯାହା ଏହାକୁ ଉଭୟ ଆର୍ଥିକ ସୁରକ୍ଷା ଓ ଭବିଷ୍ୟତ-କେନ୍ଦ୍ରିତ ସଞ୍ଚୟ ଚାହୁଁଥିବା ପରିବାରଗୁଡିକ ପାଇଁ ଏକ ବ୍ୟବହାରିକ ବିକଳ୍ପରେ ପରିଣତ କରୁଛି।

## ଅପରାଧ

# ସାଙ୍ଗଙ୍କୁ ଇଟାରେ ଛେଚି ବୀଭତ୍ସ ହତ୍ୟା

ଭୁବନେଶ୍ୱର, ୧୮।୭(ସତ୍ୟଜିତ୍ ରାଉତ)

■ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ତନାଘନା

■ଚୋରି ଟଙ୍କା ଭାଗବଣ୍ଟାକୁ ନେଇ ଘଟଣା ଘଟିଥିବା ସନ୍ଦେହ

ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ସୋମନାଥ ବସ୍ତିରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଭଡାଘରେ ରହୁଥିବା ଜଣେ ଯୁବକଙ୍କୁ ସିମେଣ୍ଟ ଇଟାରେ ଛେଚି ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ଗଞ୍ଜାମ ଜିଲା ବୁଗୁଡା ଅଞ୍ଚଳର କୈଳାସ ନାୟକ (୨୭)। ଗାଁରୁ ଆସିଥିବା ସାଙ୍ଗ ଏହି କାଣ୍ଡ ଘଟାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଭଡାଘରୁ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଶୁକ୍ରବାର ପୋଲିସ କୈଳାସଙ୍କ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ କୈଳାସଙ୍କ ମା' ବେବିନା ନାୟକଙ୍କ ଏତଲା ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୩୯୩/୨୦୨୫) ରୁଜୁ କରି ତଦନ୍ତ କରୁଛି। ଘଟଣାସ୍ଥଳରୁ ରକ୍ତଲଗା ଇଟାକୁ ଜବତ କରାଯାଇଛି। ତେବେ ଭଞ୍ଜନଗର ଅଞ୍ଚଳର ଅଭିଯୁକ୍ତ ସାଙ୍ଗ ନରୋତ୍ତମ ଓରଫ ନରି ଫେରାର ହୋଇଯାଇଥିବାରୁ ତାଙ୍କୁ ଧରିବାକୁ ପୋଲିସ ଟିମ୍ ତନାଘନା ଚଳାଇଛି। ସୂଚନା ଅନୁଯାୟୀ, ମୃତ କୈଳାସ ରଙ୍ଗ ମିସ୍ତ୍ରି ଓ ଡ୍ରାଇଭର କାମ କରନ୍ତି। ୨୫ଦିନ ହେବ ମା'ଙ୍କ ସହ ସେ ଭୁବନେଶ୍ୱର ଆସି ସୋମନାଥ ବସ୍ତିରେ ଭଡା ଘରେ ରହିଥିଲେ। ସାଙ୍ଗ ନରି ମଧ୍ୟ ପ୍ରାୟ ସମୟରେ ଏଠାକୁ ଆସୁଥିଲେ। କିଛିଦିନ ହେଲା ନରି ଆସି କୈଳାସଙ୍କ ପାଖରେ ରହିଥିଲେ। ଗୁରୁବାର କୈଳାସ ଓ ତାଙ୍କ ମା' ବେବିନାଙ୍କ ମଧ୍ୟରେ ଭୀଷଣ ଝଗଡା ହୋଇଥିଲା। ପୁଅଠୁ ନାନା ପ୍ରକାର ଗାଳିଗୁଲଜ ପାଇ ବେବିନା ରାଗରେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଝିଆରୀ ଘରକୁ ଚାଲିଯାଇଥିଲେ। ଶୁକ୍ରବାର ସକାଳେ କୈଳାସଙ୍କ ମୃତଦେହ ଦେଖି ମାଲିକ କଲ୍ କରି ବେବିନାଙ୍କୁ ଜଣାଇଥିଲେ। ବେବିନା ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ତେବେ କୈଳାସଙ୍କ ମୁଣ୍ଡ ଓ ମୁହଁକୁ ଇଟାରେ ବାରମ୍ବାର ଶକ୍ତ ଆଘାତ ଦିଆଯାଇଥିବାରୁ ପ୍ରବଳ ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଘରେ ଥିବା ସାଙ୍ଗ ନରି ବାଇକ ନେଇ ଫେରାର ହୋଇଯାଇଥିବାରୁ ତାଙ୍କ ଉପରେ ସନ୍ଦେହ ହୋଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଛି, ଗୁରୁବାର ରାତିରେ ଦୁଇ ସାଙ୍ଗ ପ୍ରଚୁର ମଦ୍ୟପାନ କରିଥିଲେ। ଏହାପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ଓ ଝଗଡା ହୋଇଥିଲା। ଏହି ସମୟରେ ନରି ଏହି କାଣ୍ଡ ଘଟାଇଥିବା ପୋଲିସ ଜାଣିବାକୁ ପାଇଛି। ତେବେ ଦୁଇ ସାଙ୍ଗଙ୍କ ମଧ୍ୟରେ ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଜୋନ୍ ଏସିପି ତାପସ ପ୍ରଧାନ କହିଛନ୍ତି। ସେପଟେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରି ପରୀକ୍ଷା କରିବାକୁ ଲାବ୍‌କୁ ନେଇଛି। ଏପଟେ ଅଭିଯୁକ୍ତ ନରିଙ୍କୁ ଧରିବାକୁ ବିଭିନ୍ନ ପୋଲିସ ଟିମ୍ ଚଢ଼ାଉ ଜାରି ରଖିଛି। ମୃତ କୈଳାସଙ୍କ ନାଁରେ ଭରତପୁର ସମେତ ବିଭିନ୍ନ ଥାନାରେ ଏକାଧିକ ଚୋରି ମାମଲା ରହିଥିବା ଥାନାଧିକାରୀ ଦୀପକ ଖଣ୍ଡାୟତରାୟ ସୂଚନା ଦେଇଛନ୍ତି। ଏପରିକି ନରି ମଧ୍ୟ କେତେକ ଚୋରି ମାମଲାରେ ସମ୍ପୃକ୍ତ ବୋଲି ସନ୍ଦେହ କରାଯାଉଛି। ତେଣୁ ଚୋରି ଟଙ୍କା ଭଗାବଣ୍ଟାକୁ ନେଇ ବଚସା ପରେ ଏହି କାଣ୍ଡ ଘଟିଥିବା ପୋଲିସ ଆଶଙ୍କା କରୁଛି।

# ଦେଢ଼ଶ୍ୱଶୁରଙ୍କ କୋଦାଳ ଚୋଟରେ ଭାଇବୋହୂ ମୃତ

ରାୟଗଡ଼ା/କଲ୍ୟାଣସିଂହପୁର, ୧୮।୭ (ଆଶିଷ ରଞ୍ଜନ ପଣ୍ଡା/ଦୀପକ କୁମାର ପରିଡ଼ା)

ଥାନାରେ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

ଦେଢ଼ଶ୍ୱଶୁରଙ୍କ କୋଦାଳ ଚୋଟରେ ଭାଇବୋହୂଙ୍କ ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ଅଧୀନ ଧାମୁଣିପଙ୍ଗା ପଞ୍ଚାୟତ ଅନ୍ତର୍ଗତ ଡେପାଗୁଡ଼ା ଗ୍ରାମରେ ପାରିବାରିକ ଜମିଜମା ବିବାଦକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ମୃତ ମହିଳା ହେଲେ ଡେପାଗୁଡ଼ା ଗ୍ରାମର ପ୍ରେପାକା ବୋଇମାଝିଙ୍କ ସ୍ତ୍ରୀ ସୁରେନ୍ଦ୍ରୀ ସାରକା (୪୦)। ହତ୍ୟାକାଣ୍ଡ ପରେ ମୁଖ୍ୟ ଅଭିଯୁକ୍ତ ତଥା ପ୍ରେପୋକାଙ୍କ ବଡ଼ ଭାଇ ଲତରା କଲ୍ୟାଣସିଂହପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁ, କଲ୍ୟାଣସିଂହପୁର ଥାନା ଆଇଆଇସି ନୀଳକଣ୍ଠ ବେହେରା ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଆତ୍ମସମର୍ପଣ କରିଥିବା ଲତରାଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ଆଇଆଇସି ବେହେରା କହିଛନ୍ତି।

ଘଟଣାରୁ ପ୍ରକାଶ, ବୋଇମାଝି ସବୁଦିନ ଭଳି ଶୁକ୍ରବାର ମଧ୍ୟ ଜମିକୁ ଚାଷ କରିବା ପାଇଁ ଯାଇଥିଲେ। ଏହି ସମୟରେ ସ୍ତ୍ରୀ ସୁରେନ୍ଦ୍ରୀ ଘରେ ରୋଷେଇ କରୁଥିଲେ। ତେବେ ପୂର୍ବ କଳହକୁ ନେଇ ବୋଇମାଝିଙ୍କ ବଡ଼ଭାଇ ଲତରା ଏକ କୋଦାଳରେ ଭାଇବୋହୂ ସୁରେନ୍ଦ୍ରୀଙ୍କୁ ଆକ୍ରମଣକରି ମୁଣ୍ଡରେ ବାରମ୍ବାର ଆଘାତ କରିଥିଲେ। ଖବରପାଇ ବୋଇମାଝି ଘରେ ପହଞ୍ଚି ସ୍ତ୍ରୀ ସୁରେନ୍ଦ୍ରୀଙ୍କୁ ପ୍ରଥମେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ରାୟଗଡ଼ା ମେଡିକାଲରେ ପହଞ୍ଚିବା ପୂର୍ବରୁ ବାଟରେ ସୁରେନ୍ଦ୍ରୀଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଥିଲା। ତେବେ ଜମିଜମା ମାମଲାକୁ ନେଇ ତାଙ୍କ ଦ୍ୱିତୀୟ ବଡ଼ଭାଇ ଲତରା ଏହି ହତ୍ୟାକାଣ୍ଡ ଭିଆଇଥିବା ମୃତ ସୁରେନ୍ଦ୍ରୀଙ୍କ ସ୍ୱାମୀ ବୋଇମାଝି କହିଛନ୍ତି। ମୃତ ସୁରେନ୍ଦ୍ରୀ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଏନ୍‌ଏମ୍ ଭାବେ କାର୍ଯ୍ୟରତ ଥିଲେ।

## ଅପହୃତ ନାବାଳିକା ବିହାରରୁ ଉଦ୍ଧାର: ମହିଳା ଗିରଫ

ପାରାଦୀପ, ୧୮।୭(ଶରତ ରାଉତ)

ପାରାଦୀପ ମେରାଇନ ଥାନା ଅଞ୍ଚଳରୁ ଜୁନ ୬ ତାରିଖରେ ଜଣେ ୬ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତା ନାବାଳିକାଙ୍କୁ ଶୁକ୍ରବାର ମେରିଟାଇମ ପୋଲିସ ବିହାରରୁ ଉଦ୍ଧାର କରିଛି। ଏଥିସହ ଅପହରଣ କରିବା ଅଭିଯୋଗରେ ସେଠାକାର ଜଣେ ମହିଳାଙ୍କୁ ଗିରଫ କରି ପୋଲିସ ପାରାଦୀପ ଅଭିମୁଖେ ଆସୁଛି। ଶନିବାର ସକାଳେ ସେମାନେ ପାରାଦୀପରେ ପହଞ୍ଚିବେ ବୋଲି ଥାନାଧିକାରିଣୀ ବବିତା ଦେହୁରୀ ସୂଚନା ଦେଇଛନ୍ତି। ଅଭିଯୁକ୍ତ ମହିଳା ଜଣକ ହେଲେ ବିହାରସ୍ଥିତ ମୁଜାଫରନଗର ଅଞ୍ଚଳର ରେଶମା ଦେବୀ। ସେ ଓ ତାଙ୍କ ସ୍ୱାମୀ ପାରାଦୀପରେ ଠିକା ଶ୍ରମିକଭାବେ କାର୍ଯ୍ୟ କରୁଥିବାବେଳେ ସେଠାରେ ଭଡ଼ାରେ ରହୁଛନ୍ତି। ଜୁନ ୬ରେ ରେଶମା ସମ୍ପୃକ୍ତା ନାବାଳିକାଙ୍କୁ ପ୍ରଲୋଭିତ କରି ସାଙ୍ଗରେ ନେଇ ପଳାଇଥିଲେ। ଏନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୪/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ବିଶେଷସୂତ୍ରରୁ ଖବରପାଇ ପୋଲିସ ବିହାର ଯାଇ ନାବାଳିକାଙ୍କୁ ଠାବ କରିଛି।

## ସ୍ୱାମୀଙ୍କୁ ଆଜୀବନ ଜେଲଦଣ୍ଡ

ସ୍ତ୍ରୀଙ୍କୁ ହତ୍ୟା ମାମଲା

କେନ୍ଦୁଝର, ୧୮।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସେସନ୍ସ ଜଜ୍‌ଙ୍କ କୋର୍ଟରେ ଶୁକ୍ରବାର ସ୍ତ୍ରୀଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଜି.ସି. ବେହେରା ଅଭିଯୁକ୍ତ ଦୈତାରି ଥାନା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ତେନ୍ତୁଳିପାଳର ସଦାଶିବ ସାମଲ (୩୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅତିରିକ୍ତ ବର୍ଷେ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ୧୯ ଅକ୍ଟୋବର ୨୦୨୧ରେ ମଧ୍ୟାହ୍ନଭୋଜନକୁ ନେଇ ସଦାଶିବ ଓ ତାଙ୍କ ସ୍ତ୍ରୀ ସନ୍ଧ୍ୟା କିନ୍ନର (୩୦)ଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସଦାଶିବ ରାଗିଯାଇ ସନ୍ଧ୍ୟାଙ୍କୁ କୋଦାଳରେ ହାଣି ହତ୍ୟା କରିଥିଲେ। ପୋଲିସ ମାମଲା(ନଂ. ୭୪/୨୦୨୧) ରୁଜୁ କରି ୨୦ ଅକ୍ଟୋବର ୨୦୨୧ରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୮ ଜଣ ସାକ୍ଷୀ ଏବଂ ପୋଲିସ ତଦନ୍ତ ରିପୋର୍ଟ ଆଧାରରେ କୋର୍ଟ ରାୟ ଶୁଣାଇଥିବା ସରକାରୀ ଓକିଲ ପ୍ରଦୀପ ସାହୁ ସୂଚନା ଦେଇଛନ୍ତି।

# ବ୍ରାଉନସୁଗାର ଜବତ, ୩ ଗିରଫ

ବରଗଡ଼, ୧୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରେ ନିଶା କାରବାର ବଢ଼ି ଚାଲିଛି। ଗତ କିଛିଦିନ ତଳେ ଅବକାରୀ ବିଭାଗ ବରଗଡ ସହରରୁ ପ୍ରାୟ ୧୦ଗ୍ରାମ ବ୍ରାଉନସୁଗାର ଜବତ କରିଥିବାବେଳେ ଶୁକ୍ରବାର ଟାଉନ ଥାନା ପୋଲିସ ସହର ଉପକଣ୍ଠ ଘୁଲିପାଲି ଛକରୁ ୫୦ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ କଟକିଆପଡାର ଗୋବର୍ଦ୍ଧନ ଓରଫ ଗୋବୁ (୩୫), ମନାବନ୍ଧ ପଡାର ନରସିଂହ ଭୁଏ(୩୨) ଏବଂ ଗୌଡପଡାର ନିଖିଳ ସିନ୍ଧିଆ(୨୨)। ସେମାନଙ୍କ ପାଖରୁ ବ୍ରାଉନ ସୁଗାର ସମେତ ବ୍ୟବହୃତ ସ୍କୁଟି (ନଂ.ଓଡି୧୭ଏଇ ୭୭୪୦), ୨ଟି ମୋବାଇଲ ଏବଂ ନଗଦ ୧୪୦୦ ଟଙ୍କା ଜବତ ହୋଇଛି। ଏନେଇ ବରଗଡ ଟାଉନ ଥାନାରେ ପୋଲିସ ଏକ ମାମଲା (ନଂ.୩୫୬/୨୫) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ,



ଗିରଫ ୩ ଅଭିଯୁକ୍ତ।

ବରଗଡ଼ ସହରକୁ ଅଭିଯୁକ୍ତମାନେ ବ୍ରାଉନ ସୁଗାର ଆଣୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହି କ୍ରମରେ ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ପୋଲିସର ଏକ ଟିମ ଘୁଲିପାଲି ଛକରେ ରହି ସେମାନଙ୍କ ପ୍ରତି ନଜର ରଖିଥିଲା। ଅଭିଯୁକ୍ତମାନେ ଦ୍ରୁତବେଗରେ ଯାଉଥିବାବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ସେମାନଙ୍କ ପାଖରୁ ଜବତ ବ୍ରାଉନସୁଗାର ମିଳିଥିବା ପୋଲିସ ସୂଚନା ଦେଇଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

ବିଷମ କଟକ, ୧୮।୭ (ପ୍ରସନ୍ନ କୁମାର ପଣ୍ଡା)

ରାୟଗଡା ଜିଲା ବିଷମକଟକ ଥାନା ଅଧୀନସ୍ଥ ଚାଙ୍ଗରାଗୁଡ଼ା ସଦର ପଞ୍ଚାୟତର ମାଠିଆ ସାହିରେ ଶୁକ୍ରବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ମକର କାଡ୍ରାକାଙ୍କ ସ୍ତ୍ରୀ ଅନୁ ବ୍ରେକବାଡା। ପାରିବାରିକ କଳହକୁ ନେଇ ଅନୁ ବେକରେ ରଶି ଲଗେଇ ଆତ୍ମହତ୍ୟା କରିଥିବାବେଳେ ସ୍ତ୍ରୀ ଅସୁସ୍ଥ ଥିବା କହି ସ୍ୱାମୀ ମକର ତାଙ୍କୁ ବିଷମ କଟକ ସରକାରୀ ଡ଼ାକ୍ତରଖାନରେ ଭର୍ତ୍ତି କରିଥିଲେ। ଚିକିତ୍ସା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସନ୍ଦେହ ହେବାରୁ ଡାକ୍ତର ବିଷମକଟକ ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସ୍ୱାମୀ ମକରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଝିଅକୁ ହତ୍ୟା କରାଯାଇଥିବା ମୃତ ମହିଳାଙ୍କ ବାପା ସନ୍ତୋଷ ବ୍ରେକବାଡା ଥାନାରେ ଅଭିଯୋଗ କରିଛନ୍ତି।

ସନ୍ତୋଷଙ୍କ ସୂଚନା ଅନୁଯାୟୀ, ଚନ୍ଦ୍ରପୁର ଥାନା ଅନ୍ତର୍ଗତ କାର୍ଡପାଙ୍ଗା ଗ୍ରାମର ସନ୍ତୋଷଙ୍କ ଝିଅ ଅନୁ ୫ ବର୍ଷ ପୂର୍ବେ ବିଷମକଟକ ଥାନା ଅନ୍ତର୍ଗତ ଚାଙ୍ଗରାଗୁଡ଼ା ଗ୍ରାମର ମକରଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ସ୍ୱାମୀ ମକର ବାରମ୍ବାର ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଗୁରୁବାର କୌଣସି କାରଣକୁ ନେଇ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରେ ଅନୁ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ବିଷମ କଟକ ଏସ୍‌ଡିପିଓଙ୍କ ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ

## ଜଗତ୍‌ସିଂହପୁରରେ ସର୍ବାଧିକ ୧୦୦%, ନୂଆପଡ଼ା ସର୍ବନିମ୍ନ ୩୩.୩୩% ପାସ୍

ଭୁବନେଶ୍ୱର,୧୮।୭(ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ) ପକ୍ଷରୁ ଚଳିତବର୍ଷର ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଫଳ ପ୍ରକାଶ ପାଇଛି। ଶୁକ୍ରବାର ଅପରାହ୍ନ ୪ଟା ୩୦ରେ ପରିଷଦ ମୁଖ୍ୟ କାର୍ଯ୍ୟାଳୟଠାରେ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡା ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକ ପାଠ୍ୟକ୍ରମର ଫଳ ଘୋଷଣା କରିଛନ୍ତି। ପାସ୍‌ହାର ୯୦.୫୭ ପ୍ରତିଶତ ରହିଛି। ଛାତ୍ରୀଙ୍କ ପାସ୍‌ହାର ୯୨.୯୧ ପ୍ରତିଶତ ଏବଂ ଛାତ୍ରଙ୍କ ପାସ୍‌ହାର ୮୮.୪୩ ପ୍ରତିଶତ ରହିଛି। ଜଗତ୍‌ସିଂହପୁର ଜିଲାରେ ଶହେ ପ୍ରତିଶତ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ନୂଆପଡ଼ାରେ ସର୍ବନିମ୍ନ ୩୩.୩୩ ପ୍ରତିଶତ ପାସ୍‌ହାର ରହିଛି। ବିଜ୍ଞାନରେ ୮୯.୩୬% ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ସେଥିରୁ ଛାତ୍ରୀଙ୍କ ହାର ୯୦.୮୪% ଏବଂ ଛାତ୍ରଙ୍କ ପାସ ହାର ୮୮.୩୪% ରହିଛି। ବାଣିଜ୍ୟରେ ପାସ୍‌ହାର ୯୩.୯୮% ରହିଥିବା ବେଳେ ଛାତ୍ରୀ ୯୯.୪୫ % ଓ ଛାତ୍ରଙ୍କ ପାସ୍‌ହାର ୯୫% ପ୍ରତିଶତ ରହିଛି। କଳାରେ ୯୦.୫୦% ଛାତ୍ରଛାତ୍ରୀ ପାସ କରିଥିବାବେଳେ ଛାତ୍ରୀ ୯୪.୦୯% ଏବଂ ଛାତ୍ର ୮୬.୧୭% ପାସ କରିଛନ୍ତି। ସେହିପରି ଧନ୍ଦାମୂଳକରେ ପାସ୍‌ହାର ୯୦.୭୨% ରହିଛି। ଏଥିରୁ ଛାତ୍ରୀଙ୍କ ପାସ୍‌ହାର ୯୦% ରହିଥିବା ବେଳେ ୯୧.୬୭% ଛାତ୍ରଙ୍କ ପାସ୍‌ହାର ରହିଛି।

ଚଳିତବର୍ଷ ମୋଟ ୧୦୦୯ଜଣ ପିଲା ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଥିବା ବେଳେ ୧୦୦୮ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରେ କଳାରେ ସର୍ବାଧିକ ୪୯୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୪୪୯ ପାସ୍ କରିଛନ୍ତି। ସେହିପରି ବିଜ୍ଞାନରେ ୩୪୮ ପରୀକ୍ଷା ଦେଇଥିବା ବେଳେ ୩୧୧ ପାସ୍, ବାଣିଜ୍ୟରେ ପରୀକ୍ଷା ଦେଇଥିବା ୧୩୩ଜଣଙ୍କ ମଧ୍ୟରୁ ୧୨୧ ପାସ ଓ ଧନ୍ଦାମୂଳକ ଶିକ୍ଷାରେ ୩୨ ପରୀକ୍ଷା ଦେଇଥିବା ବେଳେ ୨୯ ପାସ କରିଛନ୍ତି।

# ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୧୮।୭(ଅନୁରାଧା ମହାରଣା)

ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ଦାନାବାନ୍ଧୁଛି। ଆସନ୍ତା ୨୨ରୁ ୨୪ ତାରିଖ ମଧ୍ୟରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଲଘୁଚାପ ରୂପ ନେଇପାରେ। ଫଳରେ ରାଜ୍ୟରେ ୨୩ ତାରିଖରୁ ପୁଣି ବର୍ଷା ବଢ଼ିବ। ବର୍ଷାର ପ୍ରଭାବ ପ୍ରାୟ ୨୬ ପର୍ଯ୍ୟନ୍ତ ଜାରି ରହିବ। ୨୪ ଓ ୨୫ ତାରିଖରେ ସବୁଠୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନାନୁଯାୟୀ, ଲଘୁଚାପଟି ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଓ ପଶ୍ଚିମବଙ୍ଗ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ। ଲଘୁଚାପଟି ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରିବାକୁ ଥିବାରୁ ପ୍ରଥମେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବ। ପରବର୍ତ୍ତୀ ସମୟରେ ଏହା ଝାଡ଼ଖଣ୍ଡ ଓ ଛତିଶଗଡ଼ ମୁହାଁ ହେବାକୁ ଥିବାରୁ ଏହାର ସମୀନ୍ତବର୍ତ୍ତୀ ଓଡ଼ିଶାର ବିଭିନ୍ନ ଜିଲା ଓ ଆଭ୍ୟନ୍ତରୀଣ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶନିବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବଲାଙ୍ଗୀର, ସୋନପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ ଆଦି ଜିଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ସମ୍ଭାବନା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଅଟକିଛି ରାଜ୍ୟ ଷଷ୍ଠ ଅର୍ଥ ଆୟୋଗ ସୁପାରିସ

# ୩୬ ବିଭାଗ ଦେଉନାହାନ୍ତି ପ୍ରସ୍ତାବ

ଭୁବନେଶ୍ୱର,୧୮।୭(ରବିନାରାୟଣ ଜେନା)

ରାଜ୍ୟର ବିକାଶରେ କେନ୍ଦ୍ରୀୟ ସହାୟତାର ବଡ଼ ଭାଗୀଦାରି ରହିଛି। କେନ୍ଦ୍ରୀୟ ଅନୁଦାନ ମିଳୁନି କହି ଅନେକ ସମୟରେ ଶାସକ-ବିରୋଧୀ ମୁହାଁମୁହିଁ ହୋଇଥାନ୍ତି। କେନ୍ଦ୍ରୀୟ ଅନୁଦାନ ଯେତିକି ପରିମାଣରେ ବଢ଼ିବ ସେହି ଅନୁସାରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶଠାରୁ ଆରମ୍ଭ କରି ସହରାଞ୍ଚଳର ସୌନ୍ଦର୍ଯ୍ୟକରଣ ପର୍ଯ୍ୟନ୍ତ ସବୁ କିଛି ସମ୍ଭବ ହୋଇପାରିବ। ଏଥିରେ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିସ ସବୁଠାରୁ ଅଧିକ ଗୁରୁତ୍ୱ ରଖେ। ହେଲେ ଓଡ଼ିଶାରେ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସୁପାରିସ କେନ୍ଦ୍ରକୁ ପଠାଯାଇ ପାରିନାହିଁ। ଆୟୋଗ ଗଠନ ହେବାର ୬ମାସ ବିତିଯାଇଥିଲେ ମଧ୍ୟ ୩୬ଟି ବିଭାଗ ପକ୍ଷରୁ ଯୁକ୍ତିଯୁକ୍ତ ପ୍ରସ୍ତାବ କିମ୍ବା 'ମେମୋରାଣ୍ଡମ୍' ଏପର୍ଯ୍ୟନ୍ତ ମିଳିପାରିନାହିଁ। ଏସଂକ୍ରାନ୍ତରେ ଆୟୋଗଙ୍କ ପକ୍ଷରୁ ମେ' ୧୭ରେ ପ୍ରସ୍ତାବ ଲୋଡ଼ା ଯାଇଥିଲେ ହେଁ ତାହା ମିଳି ନ ଥିଲା। ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଏବେ ଏକପ୍ରକାର ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିବା ଆଲୋଚନା ହେଉଛି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ପକ୍ଷରୁ ସଦସ୍ୟ ସଚିବ ଡ. ସତ୍ୟପ୍ରିୟ ରଥ ୫ଟି ବିଭାଗକୁ ଛାଡ଼ି ଅନ୍ୟ ୩୬ଟି ବିଭାଗର ସଚିବଙ୍କୁ ପତ୍ର ଲେଖି ତୁରନ୍ତ ପ୍ରସ୍ତାବ ପଠାଇବାକୁ ଅନୁରୋଧ କରିଛନ୍ତି। ସଦସ୍ୟ ସଚିବ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରାଞ୍ଚଳର ଭିତ୍ତିଭୂମି ସୁଦୃଢ଼ କରିବା ଏବଂ କାର୍ଯ୍ୟକାରିତାକୁ ବଢ଼ାଇବା ଦିଗରେ ଯଦି ବିଭାଗର କିଛି ଯୁକ୍ତିଯୁକ୍ତ ପ୍ରସ୍ତାବ ରହିଛି, ତେବେ ସେସବୁ ପ୍ରଦାନ କରିବାକୁ ମେ' ୧୭ରେ ଅବଗତ କରାଯାଇଥିଲା। ଏପରି କି ଜୁନ୍ ୨୦ ସୁଦ୍ଧା ପ୍ରସ୍ତାବ ଦେବାକୁ ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ଅଦ୍ୟାବଧି ସ୍ୱାସ୍ଥ୍ୟ, ସ୍କୁଲ ଓ ଗଣଶିକ୍ଷା, ଜଳସମ୍ପଦ, ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ, ଶିଳ୍ପ ଏବଂ ନିର୍ମାଣ ବିଭାଗକୁ ବାଦ୍ ଦେଲେ ଅନ୍ୟ ବିଭାଗ କୌଣସି ପ୍ରସ୍ତାବ ପ୍ରଦାନ କରିନାହାନ୍ତି। ତେଣୁ ଚଳିତମାସ ୨୫ ତାରିଖ ସୁଦ୍ଧା ବିଭାଗୀୟ ମେମୋରାଣ୍ଡମ୍ ପ୍ରଦାନ କରିବାକୁ ସେ ପତ୍ରରେ ଦର୍ଶାଇଥିଲେ।

ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିସ ଉପରେ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରାଞ୍ଚଳରେ କିଭଳି ରାଜସ୍ୱ ବଢ଼ିବ ଏବଂ ତା'ର ଭିତ୍ତିଭୂମି ସୁଦୃଢ଼ ହେବ ତାହା ନିର୍ଭର କରୁଛି। ଏହି କ୍ଷେତ୍ରରେ କେନ୍ଦ୍ରୀୟ ଅନୁଦାନ କିଭଳି ବଢ଼ିପାରିବ ସେଦିଗରେ ଆୟୋଗଙ୍କର ବଡ଼ ଭୂମିକା ରହିଛି, ଫଳରେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲା ପରିଷଦ ଓ ପୌରାଞ୍ଚଳ ଆର୍ଥିକ ସୁଦୃଢ଼ ହେବା ସହିତ ସୁଶାସନ ସମ୍ଭବ ହୋଇପାରିବ। ହେଲେ ବିଭାଗୀୟ ମୁଖ୍ୟମାନେ ଏଥିପ୍ରତି ଟିକେ ହେଲେ କର୍ଣ୍ଣପାତ କରୁ ନ ଥିବା ସଦସ୍ୟ ସଚିବଙ୍କ ପତ୍ରରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ସେତେବେଳେ ସାଧାରଣ ନିର୍ବାଚନ ୨୦୨୪କୁ ଦୃଷ୍ଟିରେ ରଖାଯାଇ ୨୦୨୩ ଡିସେମ୍ବର ୩୧ରେ କେନ୍ଦ୍ରୀୟ ଷୋଡ଼ଶ ଅର୍ଥ ଆୟୋଗ ଗଠନ କରାଯାଇଥିଲା। ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା ଷୋଡ଼ଶତମ କେନ୍ଦ୍ରୀୟ ଅର୍ଥ ଆୟୋଗ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଅନୁରୂପ ଭାବେ ଓଡ଼ିଶାରେ ଜାନୁଆରୀରେ ଅବସରପ୍ରାପ୍ତ ପ୍ରଶାସକ ଅରୁଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗ ଗଠନ ହୋଇଛି। ଏହି ଆୟୋଗ ଗଠନ ହେବାର ୬ମାସ ପୂରଣ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କେନ୍ଦ୍ରକୁ ରାଜ୍ୟର ଆବଶ୍ୟକତା ଅର୍ଥ ସମ୍ପର୍କରେ ସୁପାରିସ କରାଯାଇ ପାରିନାହିଁ। ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିସ ହୋଇପାରିଲେ ରାଜ୍ୟର ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ଆର୍ଥିକ ସହାୟତାର ଆକଳନ ସହଜ ସାଧ୍ୟ ହୋଇପାରିବ ବୋଲି ଆଶା କରାଯାଉଛି।

# ନାଳରେ ବୁଡ଼ି ମା', ପୁଅ ମୃତ

ଫୁଲବାଣୀ/ଚକାପାଦ,୧୮।୭ (ରାକେଶ କୁମାର ରାଉତ/ପ୍ରଫୁଲ୍ଲ କିଶୋର ବେହେରା)

କନ୍ଧମାଳ ଜିଲା ଚକାପାଦ ବ୍ଲକ ପସରା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ନାଳରେ ବୁଡ଼ିଯାଇ ଜଣେ ମହିଳା ଏବଂ ତାଙ୍କର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପସରା ପଞ୍ଚାୟତ ପଖାଳକଣ୍ଡା ଗ୍ରାମ ଖଗେଶ୍ୱର କହଁରାଙ୍କ ଭାର୍ଯ୍ୟା (୪୫) ଓ ତାଙ୍କ ପୁଅ ଆରତ (୫)। ପୋଲିସ ଶୁକ୍ରବାର ମୃତଦେହ ଉଦ୍ଧାର କରି ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି।

ସୂଚନା ଅନୁଯାୟୀ, କଇଁରା ତାଙ୍କ ପୁଅ ସହ ଗୁରୁବାର ଅପରାହ୍ନରେ ପୋଡ଼ ଚରାଇବା ପାଇଁ ପାଖ ଜଙ୍ଗଲକୁ ଯାଇଥିଲେ। ପୋଡ଼ ସବୁ ଘରକୁ ଫେରି ଆସିଥିଲେ ମଧ୍ୟ ମା' ପୁଅ ଫେରି ନ ଥିଲେ। ବହୁ ବିଳମ୍ବ ପର୍ଯ୍ୟନ୍ତ ସେମାନେ ନ ଆସିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ରାତିରେ ଜଙ୍ଗଲ ମଧ୍ୟରେ ଥିବା ଏକ ନାଳରେ ମା' ଓ ଶିଶୁପୁତ୍ର ଭାସୁଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଚକାପାଦ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ କେଉଁ ପରିସ୍ଥିତିରେ ମା'ପୁଅ ନାଳ ଭିତରକୁ ଖସି ପଡିଥିଲେ, ତାହା ଜଣା ପଡିନାହିଁ। ଘଟଣାର ତଦନ୍ତ ଚାଲିଥିବା ତଦନ୍ତ ଅଧିକାରୀ ଏଏସ୍ଆଇ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

---

## GOVERNMENT OF ORISSA

No. O-440

### OFFICE OF THE SUPERINTENDING ENGINEER, RURAL WORKS DIVISION, KARANJIA (MAYURBHANJ)

Letter No. 3216/WE — E.Mail ID: eerwkaranjia@yahoo.com — Date: 14.07.2025

**"E" Procurement Notice for Construction of Building Works for year 2025-26**

**Bid Identification No. - RWDKNJ-02/2025-26**

1. Name of the Work : Construction of Staff Qtrs. under NHM for the year 2025-26 (Details as per Annexure)
2. Estimated Cost : Rs.57.25 to 73.00 lakhs (Approximately)
3. Class of Contractor : "B" Class (of Odisha P.W.D.)
4. Period of Completion : 09 Calendar Months
5. Tender Paper Cost : Rs.10,000/-

| Procurement officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date and Opening of Tender O/o. S.E.R.W. Division, Karanjia | |
|---|---|---|---|---|---|---|
| | | From | To | | Technial Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Karanjia | (Composit) N.C.B. RWDKNJ-02 | Dt.20.07.25 at 11.00 A.M. | Dt.30.07.25 upto 5.00 P.M. | Dt.29.07.25 upto 1.00 P.M. | Dt.04.08.2025 at 11.00 A.M. | Will be intimated Later |

Further details can be seen from the website **www.tendersodisha.gov.in** .

OIPR-25086/11/0020/2526 — Sd./- Executive Engineer, RW Division-II, Karanjia

---

## INVITATION FOR BIDS (IFB)

**Bid Identification No. BDO-AID-01/2025-26**

No.i-220: The Block Development Officer, Banarpal on behalf of Government of Odisha invites offline sealed Tender for the works detaild in the table below.

| Sl. No. | Name of Works | Approx. Value of work (Rs. in lakhs) | Tendered Amount (Excl. GST) | Class of Bidder | Bid Security (Rs.) | Cost of documents (Non-refundable) | Period of Comple-tion | Name of Bidder |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Construction of Adll.Class Room of Kumanda Jarasingha Nodal High School, Jarasingha GP | 20.27 | 1516785 | 'C' & 'B' | 15200.00 | 6000.00 | 06 Months | Panchayat Samiti Office, Banarpal |
| 2 | Construction of Adll.Class Room of Alekhapatana PUP School, Kumanda GP | 18.33 | 1521240 | 'C' & 'B' | 15200.00 | 6000.00 | 06 Months | -do- |
| 3 | Construction of Adll.Class Room of Amantpur UP School, Santarapur -A GP | 18.33 | 1521204 | 'C' & 'B' | 15200.00 | 6000.00 | 06 Months | -do- |
| 4 | Construction of Adll.Class Room of Jamunda UP School, Badakerjang GP | 18.33 | 1521240 | 'C' & 'B' | 15200.00 | 6000.00 | 06 Months | -do- |
| 5 | Construction of Adll.Class Room of Santarapur Nuasahi Project UP School, Santarapur KHA GP | 18.33 | 1521240 | 'C' & 'B' | 15200.00 | 6000.00 | 06 Months | -do- |
| 6 | Construction of Boundary Wall for Protection of Govt. Land at Kumanda GP | 70.00 | 5854595 | 'B' | 58550.00 | 10000.00 | 06 Months | -do- |

• Date of availability of tender paper through offline mode i.e. for O/o Panchayat Samiti, Banarpal & at district website www.angul.odisha.gov.in and will be accompanied by the paper cost of the Tender paper in shape of Demand Draft in favour of BDO, Banarpal and DTCN with all required documents of bidders as mentioned in Tender Call Notice to be send to the Office of the BDO, Banarpal through Registered Post/ Speed Post from date 16.07.2025 to 28.07.2025 (upto 5 PM). • Date & time of opening of tender bid- Dt.31.07.2025 11.00 AM. • Further details regarding tender papers can be seen from the website www.angul.odisha.gov.in.

OIPR-19039/11/0005/2526 — **Sd./- Block Development Officer, Banarpal**

---

## OFFICE OF THE NOTIFIED AREA COUNCIL, REMUNA, BALASORE

e-mail : remuna-nac@gov.in, Tel No. - 06782-291978

Letter No.1105 / Dated - 16.07.2025

### EXPRESSION OF INTEREST(EOI)

**No.C-684** : The Executive Officer, Remuna NAC, Remuna, (Odisha) on behalf of Remuna NAC Council invites Expression of Interest (EOI) for Street play (Patha Pranta Natak) on different matters and different occasion under the jurisdiction of Remuna NAC" from registered and eligible agency for tendering their bids in sealed cover addressed to the Executive Officer, Remuna NAC, Remuna, Balasore, Odisha 756019.The EOI may be downloaded from the websites www.remunanac.in and can be submitted in sealed envelope containing hard & soft copies by speed post or can be dropped in the specified Drop Box at the Office of the Executive Officer, Remuna NAC.

Name of the work:- Street Play (Patha Pranta Natak) for Public Awareness on different matters and different occasion under the jurisdiction of Remuna NAC.

1. EOI may be downloaded from websites www.remunanac.in from 16.07.2025, 10.00 Hrs to 25.07.2025 up to 15.00 Hrs.
2. Date of submission of sealed envelope containing their bids is up to 25.07.2025 up to 15.00 Hrs.
3. The EOI will be opened on Dt 25.07.2025 at 15.30 Hrs in the Office of the Executive Officer, Remuna NAC in presence of the bidders or their authorized representatives, who wish to attend.
4. The bids received after due date shall not be considered for evaluation.

All other details are available in the mentioned websites.

Sd./- Executive Officer, Remuna NAC

OIPR-13204/11/0018/2526

---

## SECRETARIAT OF THE ODISHA LEGISLATIVE ASSEMBLY

### SEALED TENDER CALL NOTICE

No.4971/L.A.,
Bhubaneswar, dated the 16th July, 2025
File No. OLA-VT-MV-0004-2025

**No.Y-01** : Sealed Tenders are invited from interested reputed Travel Agencies / Tour Operators having GST registration for providing three (03) Nos. of AC Petrol Swift Dzire/Xcent/Tigor/Zest/Etios/Amaze /Aura model vehicles on hire basis having sitting capacity of five including Driver which shall confirm to the terms & conditions at Annexure- II for official use in Odisha Legislative Assembly on monthly basis.

The vehicle must be in road worthy conditions & shall not be more than three years old from the date of initial registration having valid Registration Certificate, Insurance Certificate, Fitness Certificate, Pollution under Control Certificate, Valid Contract Carriage Permit, Proof of up to date tax payment etc. which are mandatory for plying of the vehicle.

The monthly rate of hiring charges be quoted in the prescribed format at Annexure- III excluding GST & Fuel.

The Travel Agency have to submit the EMD amounting to Rs.10,000/-(Rupees ten thousand) only in shape of Bank Draft only payable in favour of DDO-cum-Section Officer, Odisha Legislative Assembly, Bhubaneswar.

The tender along with necessary documents should reach the undersigned on or before 04.08.2025 by 3.30 P.M. and shall be opened on the same day at 4.30 PM in the office chamber of Joint Secretary (Vehicle Branch), or a Committee Room in the Odisha Legislative Assembly in the presence of the bidders or their authorized representatives.

The Application Form of Tender containing tender call notice for hiring of vehicles, Terms & Conditions for hiring of vehicles etc. will be available in Vehicle Branch, Odisha Legislative Assembly on payment of Rs.1,000/- (Rupees one thousand) only in favour of DDO-cum-Section Officer, Odisha Legislative Assembly, Bhubaneswar in the shape of Demand Draft or can be downloaded from Odisha Legislative Assembly website @ www.odishaassembly.nic.in or from dated. 18.07.2025. In case the Application Form is downloaded from Odisha Legislative Assembly website, the applicant shall furnish a Demand Draft for an amount of Rs 100/- (Rupees one hundred) only in favour of DDO-cum-Section Officer, Odisha Legislative Assembly, Bhubaneswar towards the cost of application along- with the application.

By the order of Secretary
Sd./- (Satis Mesra)
Joint Secretary

OIPR-12197/11/0001/2526

---

See Career Appointment on every Wednesday & Saturday

---

## ଓଡ଼ିଶା ସରକାର

No.A

### ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
### ଆଖୁଆପଦା ଜଳସେଚନ ବିଭାଜନ

ଇମେଲ–akp.irrigationdivision@gmail.com

**'e'- Procurement Notice No.07/2025-26**

1. କାର୍ଯ୍ୟର ନାମ : ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୦୭ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୯.୫୩ ଲକ୍ଷରୁ ୬୧.୪୨ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :

I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
II. ଅନ୍‌ଲାଇନ Biddingର ସମୟସୀମା: ତା.୧୯.୦୭.୨୦୨୫ ଦିବା ୧୦ ଘଟିକାରୁ ତା.୦୨.୦୮.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III. Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ: ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୪.୦୮.୨୦୨୫ ଦିବା ୧୧.୩୦
IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୧୩.୦୮.୨୦୨୫ ଦିବା ୧୧.୦୦ ଘଟିକା ସମୟରେ ।

ଅନ୍‌ଲାଇନ ତଥ୍ୟ ଏହି ୱେବ୍‌ସାଇଟରେ ପ୍ରଦାନ କରାଯାଇଅଛି www.tendersorissa.gov.in

ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ,
ଆଖୁଆପଦା

OIPR-32548/11/0008/2526

---

## NOTICE INVITING TENDER

### OFFICE OF DISTRICT MANAGER
### ODISHA STATE CIVIL SUPPLIES CORPORATION LTD. (OSCSC) MAYURBHANJ (DISTRICT)

No.CAD-1158

E-mail: csomayurbhanj@gmail.com, Phone: 06792-252648

**Tender No.2005 Dated-16.07.2025** for selection and appointment of **Level-I Transport Contractor** for transportation of Wheat from Food Storage Depot (FSD) to Rice Receiving Centre (RRC) in **Mayurbhanj district.**

Cost of Tender Document: **Rs.11,800/- Inclusive of GST.**

District Manager, Odisha State Civil Supplies Corporation Ltd., Mayurbhanj invites tenders through online mode only for the works below:-

| | | |
|---|---|---|
| 1 | Name of the Works | Selection and appointment of Level-I Transport Contractor for transportation of Wheat from Food Storage Depot (FSD) to Rice Receiving Centre (RRC) in Mayurbhanj district. |
| 2 | Availability of tender documents | From Date 19.07.2025 Downloadable from website: www.oscsc.in, www.foododisha.in & www.tendersodisha.gov.in. |
| 3 | Last date and time for **online** submission of completed Tender documents with enclosures | Through e-Procurement Portal: www.tendersodisha.gov.in upto 5.30 PM of dt.18.08.2025 |
| 4 | Date, Time and Venue for opening of Technical bid by the Tender Committee | On dt.19.08.2025 at 11.00 A.M., Place-Office Chamber of ADM (Gen), Mayurbhanj, Baripada |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On dt.21.08.2025 at 11.00 A.M., Place-Office Chamber of ADM (Gen), Mayurbhanj, Baripada |
| 6 | Name and address of the Officer Inviting Tender | District Manager, OSCSC Ltd., Mayurbhanj |

Tender document and other details can be seen from e-procurement portal www.oscsc.in, www.foododisha.in & www.tendersodisha.gov.in alongwith district website. Amendment/ Corrigendum/Cancellations/ retenders etc. if any shall be published only in above website.

Sd./- District Manager,
OSCSC Ltd., Mayurbhanj

OIPR-07046/11/0011/2526

---

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

## DISTRICT PROJECT OFFICE, SAMAGRA SHIKSHA, PURI

(ODISHA SCHOOL EDUCATION PROGRAMME AUTHORITY (OSEPA))
(Department of School & Mass Education, Odisha)
E-mail: dpcpurissa.opepa@nic.in, prgpurissa.opepa@nic.in

Letter No. 4199 — Date: 17.07.25

### NOTICE INVITING TENDER

Sealed tenders are invited from the reputed & credible printers/ firms/agencies for upgradation of IT equipment at CRC point in two bid systems (Technical & Commercial Bid) as detailed below as per specification given in the tender paper.

| Name of the Tender | Bid Processing Fees | Amount of EMD | Last date & time of receipt of Bid | Date & time of Opening of Technical Bid |
|---|---|---|---|---|
| Sine Wave Inverter | 5000/- | 150000/- | | |
| SSD Drive, RAM and provision of External HDDs for Desktop | 5000/- | 40000/- | | |
| Web Camera with Microphone and Speaker for Desktop | 5000/- | 40000/- | | |

The detailed BID document is available in the website i.e. **puri.odisha.gov.in** & **osepa.odisha.gov.in**. Interested and eligible agency/firm may download Bid Document from the above website and apply accordingly. Corrigendum/Addendum, if required, will be uploaded in the above websites. Hence, potential bidders are requested to be in continuous touch with the above websites.

The Tender Inviting Authority (TIA) reserves the right to accept/ reject any, full or part/all BID/cancel the entire selection process at any stage without assigning any reason thereof.

The sealed tender papers will be received at the District Project Office, Samagra Shiksha, Puri on any working day till 05.08.2025 through Speed Post/Registered Post only. The same will be opened on the dated 06.08.2025 at 11 A.M. in District Project Office, Samagra Shiksha, Puri in presence of the bidders/their authorized representatives & office functionaries. The office will not be held responsible for any kind of postal delay.

**Sd./- DEO-cum-District Project Coordinator, SS**

---

## OFFICE OF THE MUNICIPAL COUNCIL, CHOUDWAR

No.C-685

CUTTACK (ODISHA) PIN - 754071
Phone No. - 0671-2394272(O), Fax No. - 0671-2394272

Letter No. : 1146 — Date :16.07.2025

### QUOTATION CALL NOTICE

Sealed Quotations are invited in prescribed proforma from intending authorized firms/companies/manufacturers/ suppliers/ agencies/ authorized dealers having up-to-date dealership/ GST Regd. Certificate, PAN card etc. for **supply of Double barrel 100 ltr fogging machine to Choudwar Municipality**. The quotationer shall have to quote the price of the item and unit-wise of their respective company. The rate quoted documents should be submitted to the undersigned on or before **25/07/2025 by 1.00 PM** through Regd. Post/ Speed Post or in person and the same will be opened on **25/07/2025** at **01:30 PM** in the presence of quotationer or their authorized representatives. The Quotation paper cost i.e. 2000/- (Rupees Two Thousand) only in shape of Demand Draft in favour of Executive Officer, Choudwar Municipality towards quotation schedule which is non-refundable. Beyond the date, no quotation shall be entertained. The quotation paper along with terms and conditions is available in the website of Choudwar Municipality i.e., www.choudwarmunicipality.in. Postal delay shall not be taken into consideration. The undersigned reserves the right to reject whole or part of the quotation without assigning any reason thereof.

Sd./- Executive Officer
Choudwar Municipality

OIPR-13138/11/0038/2526

---

## GOVERNMENT OF ODISHA

No. B-315

### OFFICE OF THE SUPERINTENDING ENGINEER GANJAM (R&B) DIVISION NO. II, BERHAMPUR

Phone/Fax: 0680-2233996, e-mail: sernb2.ganjam@gmail.com

**INVITATION FOR BIDS (IFB) [e-Procurement]**
**TENDER CALL NOTICE**
**Bid Identification No. SC (R&B)-GM-II-06/2025-26**

No. — Dated: 15.07.2025

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Double Cover System (Composite) to be received in **ONLINE MODE** only for the work as detailed below:
2) Nature of Work : Building Work
3) No. of Work : 01 No.
4) Tender Cost : Rs.10,000/-
5) Class of Contractor : 'B' Class
6) Availability of bid documents in the website : From 22.07.2025 10.00 A.M. to 02.08.2025 4.00 P.M.
7) Date of opening of Bid : 04.08.2025 at 11.30 A.M.
8) The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.
9) The bidders must submit all the original uploaded documents within 03 days from opening of the tender.

(Sd./- S. Panigrahi)
Superintending Engineer
Ganjam (R&B) Division No. II

OIPR-34080/11/0021/2526

---

## ବିଜ୍ଞାପିତ ଅଞ୍ଚଳ ପରିଷଦ, ପୋଲସରା, ଗଞ୍ଜାମ

Email ID: nacpolasara72@gmail.com, Ph. No.: ୦୬୮୧୦–୨୯୧୨୩୫

ପତ୍ର ସଂଖ୍ୟା: 1967 — ତାରିଖ: 14.07.25

### ବିଜ୍ଞାପନ

No. C-679: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ୨୧ଗୋଟି ବନ୍ଧ ୨୦୨୫–୨୬ରୁ ୨୦୨୭–୨୮ ଆର୍ଥିକ ବର୍ଷ ପାଇଁ ଲିଜ୍ ଦିଆଯିବ। ତେଣୁ ଇଚ୍ଛୁକ ଥିବା ବ୍ୟକ୍ତିବିଶେଷ ଆସନ୍ତା ତା୧୬।୦୭।୨୦୨୫ରୁ ତା୩୦।୦୭।୨୦୨୫ରିଖ ମଧ୍ୟରେ ଜଉମୁଦ ଟେଣ୍ଡର ସହିତ ପ୍ରଥମ ଅମାନତ ପଇଠ ରସିଦ ସଂଲଗ୍ନ କରି ଟେଣ୍ଡର ବାକ୍ସରେ ତା୩୦।୦୭।୨୦୨୫ରିଖ ଅପରାହ୍ନ ୦୫.୦୦ ଘଟିକା ମଧ୍ୟରେ ପକାଇବେ। ଉକ୍ତ ଟେଣ୍ଡରଗୁଡ଼ିକ ଯଥା ତା୩୧।୦୭।୨୦୨୫ରିଖ ଦିବା ୧୧.୦୦ ଘଟିକା ସମୟରେ ଟେଣ୍ଡର ପକାଇଥିବା ବ୍ୟକ୍ତି କିମ୍ବା ସେମାନଙ୍କ ମନୋନୀତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡର କାଗଜ ବିଜ୍ଞାପିତ ଅଞ୍ଚଳ ପରିଷଦ, ପୋଲସରା କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ନିର୍ଦ୍ଧାରିତ ମୂଲ୍ୟରେ ଏହି ପ୍ରକାଶନ ଦିନଠାରୁ ତା୩୦।୦୭।୨୦୨୫ରିଖ ଦିବା ଘ୧୨.୦୦ଟିକା ମଧ୍ୟରେ କାର୍ଯ୍ୟାଳୟ ଦିବସ ଏବଂ ସମୟ ସୀମା ମଧ୍ୟରେ ପାଇପାରିବେ। କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ବା ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି। କର୍ତ୍ତୃପକ୍ଷ କାରଣ ନ ଦର୍ଶାଇ ସମସ୍ତ ଟେଣ୍ଡରକୁ ରଦ୍ଦ ବା ନାକଚ କରି ପାରିବେ। ଉକ୍ତ ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ବିବରଣୀ ଏବଂ ସର୍ତ୍ତାବଳୀ ଇତ୍ୟାଦି ବିଜ୍ଞାପିତ ଅଞ୍ଚଳ ପରିଷଦ ପୋଲସରା କାର୍ଯ୍ୟାଳୟରେ ପାଇପାରିବେ। ଲିଜ ପାଇବା ବ୍ୟକ୍ତିଙ୍କୁ ୨୦୨୬–୨୭, ୨୦୨୭–୨୮ ବର୍ଷ ନିମନ୍ତେ ନବୀକରଣ ସରକାରଙ୍କ ନିୟମ ପ୍ରକାରେ ୧୦% ବର୍ଦ୍ଧିତ ଦରରେ କରାଯିବ। ଯଦି ଲିଜ୍ ଦର ପ୍ରଦାନରେ ବିଳମ୍ବ ଅଥବା ବିଫଳ ହୁଅନ୍ତି ତାଙ୍କର ନବୀକରଣ କରାଯିବ ନାହିଁ। ସମସ୍ତ ଲିଜ ସମୟ କାଳ ତାରିଖ ୦୧।୦୮।୨୦୨୫ରୁ ୩୦।୦୬।୨୦୨୮ ପର୍ଯ୍ୟନ୍ତ ରହିବ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ପୋଲସରା

OIPR-13214/11/0029/2526

---

## VEER SURENDRA SAI UNIVERSITY OF TECHNOLOGY

PO- ENGINEERING COLLEGE BURLA, DIST-SAMBALPUR,ODISHA-768018
www.vssut.ac.in

No.VSSUT/PGS&R/ 968/2025 — Date: 17.07.2025

No.KK-142

### ADMISSION NOTICE
### M.Tech Programme (Aerospace Engineering)

The Veer Surendra Sai University of Technology, Burla invites application for admission into the following Full Time Regular M.Tech. Programme in Aerospace Engineering w.e.f. 19.07.2025, offered by Centre for Space Sciences. The last date for applying online is **29.07.2025**. The interested candidates may apply online. Candidates have to pay a non-refundable application fee **of Rs.500/- (Rs.200/- in case of SC/ST candidates) for completing online application form.** The candidates have to send the duly filled in and signed copy of online application along with other relevant documents, such as - mark sheets, certificates etc., as applicable, by **Speed/Regd. Post only** so as to reach the **Dean, PGS&R, VSSUT, Burla, Sambalpur-768018** by **01.08.2025 (Friday), 5.00 PM.**

| Department | Specialization | Eligibility Criteria |
|---|---|---|
| Centre for Space Sciences | Aerospace Engineering | AICTE approved B.Tech., B.E., B.Sc. Engg., AMIE or equivalent in Aerospace / Aeronautical /Civil / Mechanical / Electrical / Electronics / Instrumentation /Chemical Engineering / any Allied discipline of Engineering or Technology. |

The envelope containing the application should be superscribed as "**Application for M.Tech Programme in Aerospace Engineering 2025**". *Detailed link for online application and information regarding eligibility and selection process of the programme, is available in University website www.vssut.ac.in*, The authority reserves the right to accept/reject any or all the applications or the entire selection process without assigning any reason thereof.

Sd/-
REGISTRAR

OIPR-14072/11/0029/2526

---

## VEER SURENDRA SAI UNIVERSITY OF TECHNOLOGY

PO- ENGINEERING COLLEGE BURLA, DIST-SAMBALPUR,ODISHA-768018
www.vssut.ac.in

No.VSSUT/PGS&R/ 970/2025 — Date: 17.07.2025

No.KK-141

### ADMISSION N OTICE
### Executive M.Tech Programme (Industrial Safety)

The Veer Surendra Sai University of Technology, Burla invites application for admission into the following Full Time Regular Executive M.Tech Programme (Industrial Safety), 2nd shift in self-financing mode w.e.f. 19.07.2025, offered by Chemical and Bio-Sciences. The last date for applying online is 29.07.2025. The interested candidates may apply online. Candidates have to pay a non-refundable application fee of Rs.500/- (Rs.200/- in case of SC/ST candidates) for completing online application form. The candidates have to send the duly filled in and signed copy of online application along with other relevant documents, such as - mark sheets, certificates etc., as applicable, by **Speed/Regd. Post only** so as to reach the **Dean, PGS&R, VSSUT, Burla, Sambalpur-768018** by **01.08.2025 (Friday), 5.00 PM.**

| Department | Specialization | Eligibility Criteria |
|---|---|---|
| Chemical and Bio-Sciences | Industrial Safety (2nd shift in self-financing mode) | AICTE approved B.Tech., B.E., B.Sc. Engg., AMIE or equivalent programmes in Engineering or Technology with minimum of 2 years of experience in industry / teaching at the level of Assistant Engineer/ Lecturer/ Assistant Professor or above. The candidates are required to apply through proper channel or with NOC from the employer. |

The envelope containing the application should be superscribed as "Application for Executive M.Tech Programme in Industrial Safety 2025". Detailed link for online application and information regarding eligibility and selection process of the programme, is available in University website www.vssut.ac.in, The authority reserves the right to accept/reject any or all the applications or the entire selection process without assigning any reason thereof.

Sd/-
REGISTRAR

OIPR-14072/11/0027/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କାରଖାନାରୁ ଗ୍ୟାସ୍ ଲିକ୍, ୫ ଆହତ

**ଅନୁଗୋଳ,୧୮।୭(ମାନସ ବିଶ୍ୱାଳ)**
ଅନୁଗୋଳ ସହର ଉପକଣ୍ଠରେ ଅବସ୍ଥିତ ଏକ ଘରୋଇ କମ୍ପାନୀର କାରଖାନାରୁ ଶୁକ୍ରବାର ଗ୍ୟାସ୍ ଲିକ୍ ହେବା ଫଳରେ ୫ ଜଣ ଶ୍ରମିକ ଓ କର୍ମଚାରୀ ଆହତ ହୋଇଛନ୍ତି। ଉକ୍ତ ଘରୋଇ କମ୍ପାନୀର ପ୍ଲେଟ ମିଲ୍‌ରେ ଅପରାହ୍ନରେ କାର୍ଯ୍ୟ ଜାରି ରହିଥିବା ବେଳେ ହଠାତ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଗ୍ୟାସ୍ ଲିକ୍ ହୋଇଥିଲା। ଘଟଣା ସମ୍ପର୍କରେ ଜଣାପଡ଼ିବା ମାତ୍ରେ ପ୍ଲେଟ ମିଲ୍‌ର କର୍ମଚାରୀ ଓ ଶ୍ରମିକମାନେ ସେଠାରୁ ବାହାରକୁ ପଳାଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଅଧିକ ଆହତ ହୋଇଥିବା ବେଳେ ୩ ଜଣ ସାମାନ୍ୟ ଆହତ ହୋଇଛନ୍ତି। ସମସ୍ତଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଉନ୍ନତ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ବାଣୀ କପୁର

# ବୟକଟ୍ କଲ୍‌ଚର ବନ୍ଦ ହେଉ: ବାଣୀ

**ମୁମ୍ବାଇ**
ସମ୍ପ୍ରତି ବଲିଉଡ୍‌ର ପ୍ରତିଭାଶାଳୀ ଅଭିନେତ୍ରୀମାନଙ୍କ ମଧ୍ୟରୁ ବାଣୀ କପୁର ଅନ୍ୟତମ। ସମ୍ପ୍ରତି ସେ ତାଙ୍କ ଆଗାମୀ ୱେବସିରିଜ୍ 'ମଣ୍ଡାଲା ମର୍ଡର୍ସ'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହି ୱେବସିରିଜ୍ ଆସନ୍ତା ୨୫ ତାରିଖରୁ ଷ୍ଟ୍ରିମିଂ ହେବ। ତେବେ 'ମଣ୍ଡାଲା ମର୍ଡର୍ସ'ର ପ୍ରମୋଶନ ବେଳେ ଶୁକ୍ରବାର ବାଣୀ ତାଙ୍କୁ ନେଇ ବିଗତ ଦିନରେ କରାଯାଇଥିବା ବିଭିନ୍ନ ଟ୍ରୋଲ୍ସ ଏବଂ ବୟକଟ ଟ୍ରେଣ୍ଡକୁ ବିରୋଧ କରିଛନ୍ତି। ସେ କହିଛନ୍ତି, ସମ୍ପ୍ରତି ଭାରତରେ ବୟକଟ ଏବଂ ବ୍ୟାନ୍ ଟ୍ରେଣ୍ଡ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଲୋକମାନେ ସେମାନଙ୍କୁ ପସନ୍ଦ ଆସୁ ନ ଥିବା ଚଳଚ୍ଚିତ୍ର ଏବଂ ତାରକାମାନଙ୍କ ବିରୋଧରେ ସୋସିଆଲ ମିଡିଆରେ ବୟକଟ ଏବଂ ବ୍ୟାନ୍‌ର ଟ୍ରେଣ୍ଡ ଚଳାଉଛନ୍ତି। ଭାରତରେ ଏପରି ସଂସ୍କୃତି ବନ୍ଦ ହେବାର ଆବଶ୍ୟକତା ରହିଛି। ସମ୍ପ୍ରତି ଲୋକମାନେ ପରସ୍ପରକୁ ନେଇ ବହୁତ କଠୋର ହୋଇଯାଉଛନ୍ତି। ଏପରି ମାନସିକତା ବନ୍ଦ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ପ୍ରକାଶ ଯେ, 'ଅବିର ଗୁଲାଲ' ଫିଲ୍ମରେ ବାଣୀ ପାକିସ୍ତାନୀ ଅଭିନେତା ଫୱାଦ୍ ଖାନ୍‌ଙ୍କ ସହ କାର୍ଯ୍ୟ କରିଥିଲେ। ପହଲଗାମ୍ ଆକ୍ରମଣ ପରେ ଭାରତରେ ଏହି ଫିଲ୍ମର ରିଲିଜ୍ ଉପରେ କେନ୍ଦ୍ର ସରକାର କଟକଣା ଲଗାଇଥିଲେ। ତେବେ ପାକିସ୍ତାନୀ ଅଭିନେତାଙ୍କ ସହ କାର୍ଯ୍ୟ କରିଥିବାରୁ ବାଣୀଙ୍କ ଫିଲ୍ମଗୁଡ଼ିକୁ ବୟକଟ୍ କରିବା ପାଇଁ ସୋସିଆଲ ମିଡିଆରେ କିଛି ୟୁଜର୍ସ ଟ୍ରେଣ୍ଡ୍ ଚଳାଇଥିଲେ।

# ହାଇକୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

## ବିଷ୍ଣୁପଦ ସେଠୀଙ୍କୁ ଆଗୁଆ ଜାମିନ ମାମଲା

**କଟକ,୧୮।୭(କାର୍ତ୍ତିକ ସାହୁ)**
ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ ଆବେଦନ ମାମଲାର ଶୁଣାଣି ହାଇକୋର୍ଟରେ ଶୁକ୍ରବାର ଶେଷ ହୋଇଛି। ଜଷ୍ଟିସ ଭି. ନରସିଂହ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ରାୟ ପ୍ରକାଶ ପର୍ଯ୍ୟନ୍ତ ଅନ୍ତରୀଣ ନିର୍ଦ୍ଦେଶ ବଳବତ୍ତର ରହିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ସୂଚନାନୁସାରେ, ଲାଞ୍ଚ କାରବାରରେ କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ (ସିବିଆଇ) ବିଷ୍ଣୁପଦଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ମାମଲା ଖାରଜ କରିବା ସହ ଆଗୁଆ ଜାମିନ ପାଇଁ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜୁଲାଇ ୩ରେ ମାମଲାର ଶୁଣାଣି କରି ହାଇକୋର୍ଟ ସେଠୀଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ ଲିମିଟେଡ୍ ସମ୍ପର୍କିତ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ଅଭିଯୋଗରେ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ କରି ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଥିଲା। ତାଙ୍କର ଏବଂ ସ୍ତ୍ରୀଙ୍କ ନାମରେ ଥିବା ଆକାଉଣ୍ଟ ସିବିଆଇ ପକ୍ଷରୁ ଅଚଳ କରି ଦିଆଯାଇଥିଲା। ଏହି ଘଟଣାରେ ବିନା କାରଣରେ ତାଙ୍କୁ ଓ ତାଙ୍କ ପରିବାରକୁ ଟଣାଯାଉଛି ବୋଲି ସେଠୀ ମାମଲାରେ ଦର୍ଶାଇଥିଲେ। ଅଦାଲତରେ ସିବିଆଇ କେସ୍ ଡାଏରୀ ଓ ତଦନ୍ତର ସ୍ଥିତି ଦାଖଲ କରିଥିଲା। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଅଦାଲତ ରାୟକୁ ସଂରକ୍ଷିତ ରଖିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଛନ୍ତି।

# Classified Everyday

**0674-2580101, 9692975378**



**REAL ESTATE**
**SALE**

6.4 Decimal plot for sale, stitiban and gharabari, Municipal Road facing, wide frontage approx. 50', area approx. 2800sqft., ahead of Dakbunglow and Post Office, with boundary wall, in the middle of locality in Jatni Municipality Township close to Bhubaneswar, NISER and IIT. Contact Owner: 8335080230. No Brokers please. D-1338

ଗୃହୋପଯୋଗି **Single** ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ **2100sqft. area** ବିକ୍ରିହେବ। **6370469894.** D-76292

**3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347.** D-1241

Buy Or Sale Property: 8984071303 - Wanted Yellow Zone Gharabari Land on Outright/ Sharing Basis minimum 30' Road around Bhubaneswar for Housing Purpose. D-1345

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

**4.52 Acres of gharabari land with boundary for sale near Satasankha Puri, Price- 6.15Cr. Only outright basis. 9438400633 (Brokers not allowed).** D-76293

1BHK, 15 lakhs Patia, 1BHK 25 lakhs Khandagiri AIIMS. For sale 9777097322 D- 1319

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com





5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391





Newly open health benefits SPA by expert therapist. Contact- 8280961126. D-76928

All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open SPA positively health benefits (expert therapist). Contact- 7327030529. D-76929

Positively health benefits SPA expert female therapist homely atmosphere. 9114559860. D-1310

## AFFIDAVIT

By virtue of an affidavit sworn before the Executive Magistrate, Sohela No.02, dated 18.07.25, I Pankajini Dansana, W/o- Ratish Barik, R/o. Village- Bisipali, P.O.- J.Srigida, P.S.- Sohela, Dist.- Bargarh, Odisha declare that I have changed my name from Pankajini Barik to Pankajini Dansana. Henceforth, I shall be known as Pankajini Dansana for all purposes.
Pankajini Dansana
D-1340

By an affidavit Executed before an Executive Magistrate, Rayagada, vide DR No.- 518/2025, dated 13.06.2025, I have changed and corrected my wrong name from G. CHANDAN SABAR, S/o- G.TARAYYA to my actual and right name CHANDAN SABAR, S/o- KARIA SABAR and from today onward I will be known as CHANDAN SABAR, S/o- KARIA SABAR in all official records.
Sd./- CHANDAN SABAR,
S/o KARIA SABAR
D-1339

I, Sri Sadeb Pangi declared that as per affidavit No.- 57, dtd. 1.7.2025 before the Executive Magistrate, Nandapur my sons Old name Buja Pangi has been changed to Reli Pangi. Henceforth, he will be known as Reli Pangi, son of Sadeb Pangi, At- Narigan, P.O.- Chatwa, Dist.- koraput for all purposes. D-1335

By virtue an affidavit before Executive Magistrate, Kantabanji on 18.7.2025, I Ananta Bag, S/o- Jayeswar Bag of Village/P.O.- Sulekela, P.S.- Belpada, Dist.- Bolangir hereby declare that in my Educational documents my name is mentioned as Ananta Bag, S/o- Jayeswar Bag and Date of Birth i.e. 02.04.1999 is true and correct but in my Aadhaar Card my name and my father's name is wrongly entered as Amit Kumar Bagh, S/o- Jesar Bagh whereas Ananta Bag, S/o- Jayeswar Bag and Amit Kumar Bagh, S/o- Jesar Bagh is same and one and I known as per my Educational Certificate. D-1341

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ଅର୍ଡର- ୫, ରୁଲ୍- ୨୦ (୧କ) ମତେ ନୋଟିସ୍
ଭୁବନେଶ୍ୱର ମୁକାମ ଦେୱାନୀ ବିଚାରପତି (ବରିଷ୍ଠ ବିଭାଗ)ଙ୍କ ଅଦାଲତ, ଭୁବନେଶ୍ୱର
ଆ. ଏ ନଂ- ୧/୨୦୨୪
ଆରାଇଜିଙ୍ଗ ଆଉଟ ଅଫ ସି. ଏସ୍. ନଂ- ୧୬୪୯/୨୦୨୪

ଶ୍ରୀ ପ୍ରଭାତ କୁମାର ବରାଳ, ବୟସ ୬୮ ବର୍ଷ, ପିତା- ମୃତ ରଘୁନାଥ ବରାଳ, ପୋଷ୍ଟ/ସାକିନ- ଜହ୍ନିମୁଳ, ଜିଲ୍ଲା- କେନ୍ଦ୍ରାପଡ଼ା, ବର୍ତ୍ତମାନର ଠିକଣା: ସା- ଇନଫୋସିଟ୍ ଗ୍ରୀନ୍ ଆପାର୍ଟମେଣ୍ଟ, ଫ୍ଲାଟ୍ ନଂ.- ଡି/୧୦୩, ପୋଷ୍ଟ- ଶୈଳଶ୍ରୀବିହାର, ଜିଲ୍ଲା- ଖୋର୍ଦ୍ଧା
.....ବାଦୀ

ବନାମ

୧- ପ୍ରମିଳା ବରାଳ, ବୟସ ୮୩ ବର୍ଷ, ସ୍ୱାମୀ- ମୃତ ରଘୁନାଥ ବରାଳ, ସାକିନ/ପୋଷ୍ଟ- ଜହ୍ନିମୁଳ, ଭାୟା- ଚାନ୍ଦୋଳ, ଜିଲ୍ଲା- କେନ୍ଦ୍ରାପଡ଼ା, ୨- ଶ୍ରୀମତୀ ପ୍ରତିଭା ବରାଳ, ବୟସ ୫୯ ବର୍ଷ, ସ୍ୱାମୀ- ମନମୋହନ ମଲ୍ଲ, ସାକିନ- ମାହାରକୁଳ, ପୋଷ୍ଟ- କଣ୍ଟିଆ, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ୩- ଶ୍ରୀମତୀ ପ୍ରସନ୍ନା ବରାଳ, ବୟସ ୫୬ ବର୍ଷ, ସ୍ୱାମୀ- ରମାକାନ୍ତ ସାମଲ, ସାକିନ- ସତ୍ୟଭାମାପୁର, ପୋ- ଗୋପୀନାଥପୁର, ଭାୟା- ବୋହୁଗ୍ରାମ, ଜିଲ୍ଲା- କଟକ, ୪- ଶ୍ରୀମତୀ ପ୍ରମୋଦା ନାୟକ, ବୟସ ୫୩ ବର୍ଷ, ସ୍ୱାମୀ- ସୁମୋହନ ନାୟକ, ସାକିନ- ତେଲଦିଆ, ପୋଷ୍ଟ- ଭାଗବତପୁର, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା। ବର୍ତ୍ତମାନର ଠିକଣା: ପ୍ଲଟ ନଂ- ୭୭୯/୭୧୯୮, ଲେନ୍ ନଂ- ୨/୩ର ଶେଷ, ଦୁର୍ଗାମାଧବନଗର, ପୋଷ୍ଟ- ମହାଲକ୍ଷ୍ମୀ ବିହାର, ଭରତପୁର, ଭୁବନେଶ୍ୱର, ୫- ଶ୍ରୀମତୀ ପୁଷ୍ପାଞ୍ଜଳୀ ବରାଳ, ବୟସ ୫୦ ବର୍ଷ, ସ୍ୱାମୀ- ସୁବାସ ଚନ୍ଦ୍ର ନାୟକ, ସାକିନ- ଗହଗା, ପୋଷ୍ଟ- ଗହଗା, ନରସିଂହପୁର, ଭାୟା- ଦାନପୁର, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ୬- ଶ୍ରୀମତୀ ପ୍ରତିଜ୍ଞା ବରାଳ, ବୟସ ୪୮ ବର୍ଷ, ପିତା- ମୃତ ରଘୁନାଥ ବରାଳ, ସାକିନ/ପୋଷ୍ଟ- ଜହ୍ନିମୁଳ, ଭାୟା- ଚାନ୍ଦୋଳ, ଜିଲ୍ଲା- କେନ୍ଦ୍ରାପଡ଼ା, ୭- ଶ୍ରୀ ସ୍ୱରାଜ ବରାଳ, ବୟସ ୪୫ ବର୍ଷ, ପିତା- ମୃତ ରଘୁନାଥ ବରାଳ, ଏକମ୍ ହାଉସ, ୮ ମହୁ, କ୍ରିସ୍‌ଲେଣ୍ଟ, ଅକଲାଣ୍ଡ- ୧୦୧୦, ପୋଷ୍ଟ- ବକ୍ସ- ୪୨୪୧, ସର୍ଟଲାଣ୍ଡ ଷ୍ଟ୍ରିଟ, ଅକଲାଣ୍ଡ, ୧୦୪୦ ନିଉଜଲାଣ୍ଡ, ଫାକ୍ସ ନଂ.- +୬୪୯୯୬୭୯୨୦୧, ଡବ୍ଲ୍ୟୁ ଡବ୍ଲ୍ୟୁ ଡବ୍ଲ୍ୟୁ ଏଇକମ ଡଟ୍‌କମ୍, ୮- ସେକ ଅରମାନ, ବୟସ ୩୪ ବର୍ଷ, ପିତା- ସେକ୍ ଇସକ, ପ୍ଲଟ ନଂ- ଏନ୍ ୨/୯୪ ଆଇଆରସି ଭିଲେଜ, ପୋ- ନୟାପଲ୍ଲୀ, ଜିଲ୍ଲା- ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା
.....ପ୍ରତିବାଦୀମାନେ

ଏହି କି ତୁମ୍ଭେ ଶ୍ରୀମତୀ ପ୍ରତିଭା ବରାଳ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ- ୨ ଅଟ। ତୁମ୍ଭଙ୍କୁ ତୁମ୍ଭ ଉପରୋକ୍ତ ଠିକଣାରେ ବାରମ୍ବାର ସମନ ଜାରି କରାଗଲେ ମଧ୍ୟ ତୁମ୍ଭେ ଜାଣିଶୁଣି କୋର୍ଟଙ୍କ ଦ୍ୱାରା ପ୍ରେରିତ ସମନକୁ ଗ୍ରହଣ କରୁନାହଁ। ତେଣୁ ତୁମ୍ଭଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଅଛି କି ତା- ୦୨।୦୮।୨୦୨୫ରିଖ ଦିବା ୧୦.୩୦ ମିନିଟ ସମୟରେ ଉପର ବର୍ଣ୍ଣିତ ମୋକଦ୍ଦମାରେ ହାଜର ହୋଇ ତୁମ୍ଭର ପକ୍ଷ ରଖିବ। ନଚେତ୍ ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।

ତଫସିଲ ସଂପତ୍ତି
ମୌଜା- ଅନ୍ଧାରୁଆ, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ପୁରୀ, ବର୍ତ୍ତମାନର ଖୋର୍ଦ୍ଧା, ହାଲ ଖାତା ନଂ- ୧୯୪୦, ପ୍ଲଟ ନଂ- ୬୭୦୯/୮୩୩୧ ଏକର ୦.୧୫୦ ଡିସିମିଲ। ଏହାର ସାବିକ ଖାତା ନଂ- ୧୫୫, ପ୍ଲଟ ନଂ- ୨୦୯୧ (ଅଂଶ)।
ସ୍ୱାକ୍ଷର- ଦେୱାନୀ ବିଚାରପତି (ବରିଷ୍ଠ ବିଭାଗ), ଭୁବନେଶ୍ୱର
ଧ-୧୩୩୭

ଅର୍ଡର- ୫, ରୁଲ୍- ୨୦ (୧କ) ମତେ ନୋଟିସ୍
ଭୁବନେଶ୍ୱର ମୁକାମ ଦେୱାନୀ ବିଚାରପତି (ବରିଷ୍ଠ ବିଭାଗ)ଙ୍କ ଅଦାଲତ, ଭୁବନେଶ୍ୱର
ସି. ଏସ୍ ନମ୍ବର- ୧୬୪୯/୨୦୨୪

ଶ୍ରୀ ପ୍ରଭାତ କୁମାର ବରାଳ, ବୟସ ୬୮ ବର୍ଷ, ପିତା- ମୃତ ରଘୁନାଥ ବରାଳ, ପୋଷ୍ଟ/ସାକିନ- ଜହ୍ନିମୁଳ, ଜିଲ୍ଲା- କେନ୍ଦ୍ରାପଡ଼ା, ବର୍ତ୍ତମାନର ଠିକଣା, ସା- ଇନଫୋସିଟ୍ ଗ୍ରୀନ୍ ଆପାର୍ଟମେଣ୍ଟ, ଫ୍ଲାଟ୍ ନଂ.- ଡି/୧୦୩, ପୋଷ୍ଟ- ଶୈଳଶ୍ରୀବିହାର, ଜିଲ୍ଲା- ଖୋର୍ଦ୍ଧା
....ବାଦୀ

ବନାମ

୧- ପ୍ରମିଳା ବରାଳ, ବୟସ ୮୩ ବର୍ଷ, ସ୍ୱାମୀ- ମୃତ ରଘୁନାଥ ବରାଳ, ସାକିନ/ପୋଷ୍ଟ- ଜହ୍ନିମୁଳ, ଭାୟା- ଚାନ୍ଦୋଳ, ଜିଲ୍ଲା- କେନ୍ଦ୍ରାପଡ଼ା, ୨- ଶ୍ରୀମତୀ ପ୍ରତିଭା ବରାଳ, ବୟସ ୫୯ ବର୍ଷ, ସ୍ୱାମୀ- ମନମୋହନ ମଲ୍ଲ, ସାକିନ- ମାହାରକୁଳ, ପୋଷ୍ଟ- କଣ୍ଟିଆ, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ୩- ଶ୍ରୀମତୀ ପ୍ରସନ୍ନା ବରାଳ, ବୟସ ୫୬ ବର୍ଷ, ସ୍ୱାମୀ- ରମାକାନ୍ତ ସାମଲ, ସାକିନ- ସତ୍ୟଭାମାପୁର, ପୋ- ଗୋପୀନାଥପୁର, ଭାୟା- ବୋହୁଗ୍ରାମ, ଜିଲ୍ଲା- କଟକ, ୪- ଶ୍ରୀମତୀ ପ୍ରମୋଦା ନାୟକ, ବୟସ ୫୩ ବର୍ଷ, ସ୍ୱାମୀ- ସୁମୋହନ ନାୟକ, ସାକିନ- ତେଲଦିଆ, ପୋଷ୍ଟ- ଭାଗବତପୁର, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା। ବର୍ତ୍ତମାନର ଠିକଣା: ପ୍ଲଟ ନଂ- ୭୭୯/୭୧୯୮ ଲେନ୍ ନଂ- ୨/୩ର ଶେଷ, ଦୁର୍ଗାମାଧବନଗର, ପୋଷ୍ଟ- ମହାଲକ୍ଷ୍ମୀ ବିହାର, ଭରତପୁର, ଭୁବନେଶ୍ୱର, ୫- ଶ୍ରୀମତୀ ପୁଷ୍ପାଞ୍ଜଳୀ ବରାଳ, ବୟସ ୫୦ ବର୍ଷ, ସ୍ୱାମୀ- ସୁବାସ ଚନ୍ଦ୍ର ନାୟକ, ସାକିନ- ଗହଗା, ପୋଷ୍ଟ- ଗହଗା, ନରସିଂହପୁର, ଭାୟା- ଦାନପୁର, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ୬- ଶ୍ରୀମତୀ ପ୍ରତିଜ୍ଞା ବରାଳ, ବୟସ ୪୮ ବର୍ଷ, ପିତା- ମୃତ ରଘୁନାଥ ବରାଳ, ସାକିନ/ପୋଷ୍ଟ- ଜହ୍ନିମୁଳ, ଭାୟା- ଚାନ୍ଦୋଳ, ଜିଲ୍ଲା- କେନ୍ଦ୍ରାପଡ଼ା, ୭- ଶ୍ରୀ ସ୍ୱରାଜ ବରାଳ, ବୟସ ୪୫ ବର୍ଷ, ପିତା- ମୃତ ରଘୁନାଥ ବରାଳ, ଏକମ୍ ହାଉସ, ୮ ମହୁ, କ୍ରିସ୍‌ଲେଣ୍ଟ, ଅକଲାଣ୍ଡ- ୧୦୧୦, ପୋଷ୍ଟ- ବକ୍ସ- ୪୨୪୧, ସର୍ଟଲାଣ୍ଡ ଷ୍ଟ୍ରିଟ, ଅକଲାଣ୍ଡ ୧୦୪୦ ନିଉଜଲାଣ୍ଡ, ଫାକ୍ସ ନଂ- +୬୪୯୯୬୭୯୨୦୧, ଡବ୍ଲ୍ୟୁ ଡବ୍ଲ୍ୟୁ ଡବ୍ଲ୍ୟୁ ଏଇକମ ଡଟ୍‌କମ୍, ୮- ସେକ ଅରମାନ, ବୟସ ୩୪ ବର୍ଷ, ପିତା- ସେକ୍ ଇସକ, ପ୍ଲଟ ନଂ- ଏନ୍ ୨/୯୪, ଆଇଆରସି ଭିଲେଜ, ପୋ- ନୟାପଲ୍ଲୀ, ଜିଲ୍ଲା- ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା
....ପ୍ରତିବାଦୀମାନେ

ଏହି କି ତୁମ୍ଭେ ଶ୍ରୀମତୀ ପ୍ରତିଭା ବରାଳ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ- ୨ ଅଟ। ତୁମ୍ଭଙ୍କୁ ତୁମ୍ଭ ଉପରୋକ୍ତ ଠିକଣାରେ ବାରମ୍ବାର ସମନ ଜାରି କରାଗଲେ ମଧ୍ୟ ତୁମ୍ଭେ ଜାଣିଶୁଣି କୋର୍ଟଙ୍କ ଦ୍ୱାରା ପ୍ରେରିତ ସମନକୁ ଗ୍ରହଣ କରୁନାହଁ। ତୁମ୍ଭଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଅଛି କି ତା୦୨।୦୮।୨୦୨୫ରିଖ ଦିବା ୧୦.୩୦ ମିନିଟ ସମୟରେ ଉପର ବର୍ଣ୍ଣିତ ମୋକଦ୍ଦମାରେ ହାଜର ହୋଇ ତୁମ୍ଭର ପକ୍ଷ ରଖିବ। ନଚେତ ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।

ତଫସିଲ ବୃତ୍ତି
ମୌଜା- ଅନ୍ଧାରୁଆ, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ପୁରୀ, ବର୍ତ୍ତମାନର ଖୋର୍ଦ୍ଧା, ହାଲ୍ ଖାତା ନଂ.- ୧୯୪୦, ପ୍ଲଟ୍ ନଂ.- ୬୭୦୯/୮୩୩୧ ଏକର ୦.୧୫୦ ଡିସିମିଲ। ଏହାର ସାବିକ ଖାତା ନଂ.- ୧୫୫, ପ୍ଲଟ ନଂ- ୨୦୯୧ (ଅଂଶ)।
ସ୍ୱାକ୍ଷର- ଦେୱାନୀ ବିଚାରପତି (ବରିଷ୍ଠ ବିଭାଗ), ଭୁବନେଶ୍ୱର
ଧ-୧୩୩୬

**न्यायालय अतिरिक्त कलेक्टर एवं विवाह अधिकारी, रायगढ़ (छ.ग.) ईश्तहार**

सर्व साधारण को एतद् द्वारा सूचित किया जाता है कि आवेदक सुभांकर सिन्हा आ. अचिंता सिन्हा, उम्र 27 वर्ष, जाति- कायस्त, निवासी-आजाद चौक, इको बैंक के पास, बेलपहाड़, थाना-बेलपहाड़, तहसील-लखनपुर, जिला-झारसुगुड़ा (ओडिसा) एवं आवेदिका मोसमी मल्लिक आ. समीर मल्लिक, उम्र-27 वर्ष, जाति- कायस्त, निवासी-देवारपारा, खेतपारा, वार्ड नं. 38 रायगढ़, थाना-जूटमिल रायगढ़, तहसील व जिला- रायगढ़ (छ.ग.) के द्वारा इस न्यायालय में विशेष विवाह अधिनियम 1954 की धारा 5 के तहत् आवेदन पत्र प्रस्तुत कर आशयित विवाह की सूचना दी गई। उक्त प्रकरण की सुनवाई दिनांक 04.08.2025 को 03.00 बजे मेरे न्यायालय में होगी। उभयपक्ष के विवाह के संबंध में जिस किसी को आपत्ति / उजर करना हो वे निर्धारित तिथि एवं समयके पूर्व स्वयं अथवा अपने अभिभाषक के माध्यम से उपस्थित होकर प्रस्तुत कर सकते हैं। निर्धारित समयावधि के पश्चात् प्राप्त आपत्ति / उजर पर सुनवाई नहीं की जायेगी। आज दिनांक 30-06-2025 को मेरे हस्ताक्षर एवं न्यायालय की मुद्रा के अधीन जारी किया गया।

**अतिरिक्त कलेक्टर एवं विवाह अधिकारी रायगढ़ (छ.ग.)**
D-1343

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ।

# ମନେ ପଡ଼ନ୍ତି

## ଦ୍ୱାବିଂଶତମ ଶ୍ରାଦ୍ଧବାର୍ଷିକୀ



**୰ ଶୀପ୍ରା ଦାଶ**
ଗ୍ରାମ-ବୀରରାମଚନ୍ଦ୍ରପୁର(୩ୟ ଖଣ୍ଡି), ସାକ୍ଷୀଗୋପାଳ, ଜିଲ୍ଲା-ପୁରୀ
ତିରୋଧାନ: ୨୨.୦୭.୨୦୦୩
ନିନା, ୨୨ବର୍ଷର ଶୂନ୍ୟତା ପ୍ରତି ମୁହୂର୍ତ୍ତରେ ଆମ୍ଭେ ଅନୁଭବ କରୁଅଛୁ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଭଲପାଇବା ସଦାସର୍ବଦା ଆମ୍ଭର ପାଥେୟ। ତୁମର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ସରଳତା ଏବଂ ନିଷ୍କାପର ଭାବ ଆମ୍ଭର ଚିରସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ସ୍ୱାମୀ-ମନୋଜ କୁମାର ଦାଶ ଓ ପରିବାରବର୍ଗ
ଧ-୭୬୨୮୯

## ୧୩ତମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତି**
ତିରୋଧାନ: ୧୨।୦୭।୨୦୧୨
(ଶ୍ରାବଣ କୃଷ୍ଣପକ୍ଷ ନବମୀ ତିଥି)
ଗ୍ରାମ-ଜଳପୋକ, ଜିଲ୍ଲା-କେନ୍ଦ୍ରାପଡ଼ା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
**ପତ୍ନୀ-ଅନସୂୟା ମହାନ୍ତି,**
ପୁଅ: ଜନ୍ମେଜୟ ମହାନ୍ତି, ବୋହୂ: କୃଷ୍ଣପ୍ରିୟା ମହାନ୍ତି, ପୁଅ: ମୃତ୍ୟୁଞ୍ଜୟ ମହାନ୍ତି, ମମତାଞ୍ଜଳି ମହାନ୍ତି, ନାତୁଣୀ: ଶାଶ୍ୱତୀ ମହାନ୍ତି ଏବଂ ପରିବାରବର୍ଗ।
ଧ-୧୩୪୭

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବିକ୍ରମ କେଶରୀ ବରାଳ**
ଆବିର୍ଭାବ: ୧୭।୦୬।୧୯୬୯
ତିରୋଧାନ: ୧୭।୦୭।୨୦୦୮
ଆଜକୁ ଦୀର୍ଘ ୧୭ବର୍ଷ ହେବ ତୁ ସମସ୍ତଙ୍କୁ ଛାଡ଼ି ଚାଲିଯାଇଛୁ। ଆଜି ବି ମୋ ଆଖି ଆଗରେ ତୋ'ର ଶାନ୍ତ, ସରଳ ଚେହେରା ନାଚି ଯାଉଛି। ତୋ'ର ସେହି ଛାତ୍ର ବତ୍ସଳତା, ଆଉ ଶିକ୍ଷା ପ୍ରତି ଥିବା ତୋ'ର ଭଲପାଇବାକୁ କେହି ଭୁଲି ପାରୁନି। ବଞ୍ଚିଥିବା ପର୍ଯ୍ୟନ୍ତ ତୋତେ ମୁଁ ଝୁରୁଥିବି।
ତୋ'ର ଭଉଣୀ: ପିଙ୍କୁଲି
ଧ-୧୩୪୮

# ହଜିଯାଉଥିବା ଚିହ୍ନବର୍ଣ୍ଣ

**ଗଳ୍ପ**

**କାଶୀନାଥ ନନ୍ଦୀ**

ମୁଁ ବିଶ୍ୱାସ କରି ପାରୁନଥିଲି, ଆମ ଘର ହେଇଛି ବନ୍ଦିଶାଳା ଓ ବାପା ହେଇଛନ୍ତି ବନ୍ଦୀ। ତାଙ୍କ ହାତ ଗୋଡ଼ ବନ୍ଧାଯାଇଛି। କେବଳ ବଞ୍ଚିବା ପାଇଁ ତାଙ୍କୁ ଭାତ ମୁଠେ ଦିଆଯାଉଛି। ତା'ପରେ ଆଉ କିଛି ନାହିଁ। ତାଙ୍କର ସେଠି ନିଜର ହେଇ କେହି ନାହିଁ।

ମତେ ଦାଦା କହୁଥିଲେ, ମୁଁ ଶୁଣୁଥିଲି। ଟିକିଏ ବି ଭାବିପାରୁ ନ ଥିଲି, ମୋ' ନିଜ ଭାଇ ଏମିତି କରିଥିବେ। ଦାଦା ଶେଷକୁ କହିଲେ, "ମୋ' କଥା ଯଦି ତୋର ବିଶ୍ୱାସ ହେଉନାହିଁ, ତୁ ନିଜେ ଆ...। ସତ କି ମିଛ, ତୋ ନିଜ ଆଖିରେ ଦେଖ୍।"

ଦାଦା ଫୋନ୍ କାଟିଦେଲେ। ମୁଁ ପ୍ରଥମେ କିଛି ବି ବୁଝିପାରୁ ନ ଥିଲି। ନିର୍ବାକ୍ ହେଇ ବସିଗଲି। ଟିକିଏ ସମୟ ପାଇଁ ମତେ ମୋ' ଜଗତ ତୁଚ୍ଛ ଲାଗିଲା। ମୋ' ପୁଅ ଜନ୍ମ ମତେ ଧିକ୍ ଲାଗିଲା। ତା' କେତେ ସମୟ ପରେ ଯାଇ ଗୋଟେ ବର୍ତ୍ତମାନ, ଯାହାକୁ ମୁଁ କଳ୍ପନାରେ ଦେଖିପାରୁଥିଲି। ପୁଣି କେତେ ଅତୀତ, ଯାହା ମୋ' ମନରେ ଦିଶିବାକୁ ଲାଗିଲା। ବୋଉ କେବେଠୁ ପରଲୋକରେ। ସେ ବହୁ ବର୍ଷ ତଳର କଥା। ଆମେ ସାନ ସାନ ଥିଲୁ। ବାପା ହିଁ ଆମର ସବୁ କଲେ। ଆମ ଡେଣାରେ ପର ଖଞ୍ଜିଲେ। ଅଥଚ ଜୀବନର ଏଇ ଶେଷ ଆଡ଼କୁ ବାପାଙ୍କ ପାଇଁ ନିଜ ଘରକୁ ବନ୍ଦିଘର, ବାପାଙ୍କୁ ନିଜଘରେ ଭାଇ ବନ୍ଦୀ କରିଦେଲେ! ମତେ ଭାରି କଷ୍ଟ ଲାଗୁଥିଲା। ମନ କହୁଥିଲା, ଭାଇଙ୍କୁ ଯା' ତା' କହିଯିବି। ଭାଇଫାଇ ମାନିବି ନାହିଁ। ତେବେ ମନକୁ ସଂଯମ କଲି, ଯିଏ ପ୍ରତ୍ୟକ୍ଷରେ ଏମିତି କରୁଛି, ତାକୁ ଫୋନ୍‌ରେ କହି ଲାଭ ନାହିଁ। ମତେ ଯିବାକୁ ହେବ। ସାମ୍ନା କରିବାକୁ ହେବ।

ମୁଁ ପହଞ୍ଚିଲି ତ ବନ୍ଦିଶାଳା ଖୋଲିଗଲା। ଦେଖିଲି ବାପା ହାତ ଗୋଡ଼ ବନ୍ଧା ଥାଇ ଗୋଟେ ଚେୟାରରେ ବସିଛନ୍ତି। ଗୋଟେ ଛୋଟ ଝର୍କା ବାଟ ଦେଇ ଆଖି ମେଲିଛନ୍ତି। ତାଙ୍କ ଆଖିରେ ଘର ପଛର ଗଛବୃଚ୍ଛ ଓ ସେଇ ସବୁଜ ସନ୍ଧିରେ ଟିକେ ଆକାଶ। ମତେ ଭାରି କଷ୍ଟ ଲାଗିଲା। ସତ୍ୟ ମୋ' ସାମ୍ନାରେ। ଭାଇ ଆସିଲେ। ଅଳ୍ପ ଟିକିଏ କ'ଣ କହୁଛନ୍ତି, ଦେଖିଲି ଭାଇଙ୍କ ଆଖିରେ ଲୁହ। ମତେ ପରତେ ଗଲାନାହିଁ ସେଇ ଲୁହ। ସେ ଆଉ କିଛି କହିବାକୁ ଯାଉଥିଲେ, ମୁଁ ପ୍ରତ୍ୟାଖ୍ୟାନ କଲି। କହିଲି, "ମୁଁ ଅଭିନୟ ଦେଖିବାକୁ ଆସିନାହିଁ, ବାପାଙ୍କୁ ନେଇ ଯିବାକୁ ଆସିଛି।" ମୁଁ କ୍ରୋଧରେ କି ଦୁଃଖରେ କିଛି ବି ଭାବିପାରୁ ନ ଥିଲି।



ଭାଇ ମତେ ସମ୍ଭାଳି ନେଲେ। ସେ ମୋ' ବଡ଼ଭାଇ। ମୋ' ଅନ୍ତସନ୍ତରେ ସେ ପଶିଯାଇ ପାରନ୍ତି ସହଜରେ। ମତେ ସେ ଧରି ପକାଇଲେ। ଭାରି ଆବେଗିକ ହେଇଗଲା ମୁହୂର୍ତ୍ତଟା। ତା'ପରେ ତାଙ୍କ କଥା। ସେ କହୁଥିଲେ, କାନ୍ଦୁଥିଲେ। ମୁଁ ତାଙ୍କୁ କେବଳ ଅନେଇଥିଲି। ବାପା ଆଲ୍‌ଜିମର୍ ରୋଗର ଲାଷ୍ଟ୍ ଷ୍ଟେଜ୍‌ରେ। ଏବେ ତାଙ୍କ ଦୁନିଆ କେବଳ ତାଙ୍କର। ତାଙ୍କ ପାଇଁ ସମ୍ପର୍କ, ପରିଚୟ, ବିଗତ ଦିନର କୋଉ ବି ଘଟଣ ଓ ଅଘଟଣ କିଛି ମାନେ ରଖେନାହିଁ। ମୁଁ ଶୁଣୁଥିଲି, ମତେ ଭାରି କଷ୍ଟ ଲାଗୁଥିଲା। ଯୋଉ ମଣିଷ ଚାଲିଗଲେ ଗର୍ଭିଣୀ ଗାଈ ବାଟ ଛାଡ଼ିଦିଏ, ଏବେ ସେଇ ମଣିଷ ଯେମିତି ଶିଶୁ। ଭାଇ ଠିଆ ହେଇଛନ୍ତି, ମୁଁ ଠିଆ ହେଇଛି, ଆମେ କଥା ହେଉଛୁ ଓ କାନ୍ଦୁଛୁ, ବାପାଙ୍କର କୌଣସି ପ୍ରତିକ୍ରିୟା ନାହିଁ। ସେ ସେଇମିତି ବସିଛନ୍ତି। ଗଛ ସନ୍ଧିଦେଇ ସେଇ ଯୋଉ ଟିକେ ଆକାଶ ଦିଶୁଛି ସେଇ ଆଡ଼କୁ ଅନେଇ କ'ଣ କ'ଣ କହୁଛନ୍ତି। ଆମେ ଦୁଇ ଭାଇ ଯେମିତି ତାଙ୍କର କେହି ନୁହଁ। ସେ କେବଳ ଏକା। ତାଙ୍କ ଦୃଷ୍ଟିରେ ଯେଉଁ ଗଛବୃଚ୍ଛ ଓ ଆକାଶ, ସେସବୁ ତାଙ୍କର।

"ତୁ ବାପାଙ୍କ ପାଖରେ ଥା', ମୁଁ ଆସୁଛି।" ଭାଇ କହିଲେ ଓ ମୋ'ଠାରୁ ଅନ୍ତର ହେଇଗଲେ। ମତେ ଲାଗିଲା ଭାଇ ଚାହାନ୍ତି ମୁଁ ବାପାଙ୍କ ସହ ଅନ୍ତରଙ୍ଗ ହୁଏ। ମୁଁ ବି ଚେଷ୍ଟା କଲି। କଥା ହେଲି। ପ୍ରଶ୍ନ କଲି। ସେ ସବୁ ଭୁଲି ଯାଇଥିଲେ। ମତେ, ଆମ ଘରକୁ ଓ ଆମ ଜଗତକୁ। ମୁଁ କ'ଣ କରିବି, କି ବୁଦ୍ଧି ଧରିବି ଭାବି ପାରୁ ନ ଥିଲି। ଦାଦା ଯେଉଁଭାବେ କହୁଥିଲେ ସେମିତି କରିନାହାନ୍ତି ଭାଇ। ମୁଁ କେତେ କ'ଣ ଭାବି ଆସିଥିଲି। ଏଠି ପହଞ୍ଚିଲା ପରେ ମୁଁ ଯେମିତି ଜିରୋ ହେଇଯାଇଛି।

ମୁଁ ସେମିତି ଠିଆ ହେଇଛି, ବାପା ସେମିତି ବସିଛନ୍ତି, ଅନେକ ସମୟ କଟିଗଲା। ଅନେକବେଳ ପରେ ବାପା କହିଲେ, "ଏ ପିଲା, ମୁଁ ଆମ ଘରକୁ ଯିବି, ମତେ ନେଇଯିବୁ?" ମୁଁ ବାପାଙ୍କୁ ଦେଖୁଥିଲି। ତାଙ୍କ କଣ୍ଠରେ ଅନୁନୟ ନିବେଦନ। ମୁଁ କହି ପାରୁ ନ ଥିଲି, "ବାପା, ଏଇଟା ତ ଆମ ଘର। ଇଏ ସେଇ ଘର, ଯେଉଁ ଘରକୁ ତମେ ହିଁ କରିଛ।" କେବଳ ଏତିକି କହିଲି, ବାପା, 'ଏଇଟା ପରା ଆମ ଘର।'

ସେ ମୋ' କଥା ଶୁଣିଲେ। କିଛି କହିଲେ ନାହିଁ। ତାଙ୍କର ବିନୀତ ପ୍ରାର୍ଥନା କ୍ଷଣକରେ କୁଆଡ଼େ ଉଭେଇଗଲା। ମତେ ଭାରି ଦୁଃଖ ଲାଗୁଥିଲା। ମୋ' ଭିତରଟା ଲୁହ ଲୁହ ହେଇଯାଉଥିଲା।

ମୁଁ ସେଇ ମର୍ମ ବେଦନାରେ ଅଛି, ମୋ' ମନକୁ ଆସିଲା ଆମ ଗାଁ। ବାପା ଆମ ଗାଁଘର କଥା କହୁ ନାହାନ୍ତି ତ? ଠିକ୍ ଏଇଠି ମୋ' ମନକୁ ଆସିଲା, ବାପାଙ୍କୁ ଆମ ଗାଁକୁ ନେଇଯିବି। ମୁଁ ଜାଣେ ଗାଁରେ ଆମର ନିଜର ହେଇ ମାଟିମୁଠେ ବି ନାହିଁ। ତଥାପି ମୁଁ ଗାଁକୁ ଯିବି। ବାପାଙ୍କ ମନରେ ସେଇ ଦିନ ଓ ସେଇ ଗାଁ ଅଛି। ସେ ସେଠୁ କ'ଣ ପାଇବେ ମୁଁ ଜାଣେନାହିଁ। ମୁଁ ମନରେ ଦୃଢ଼ ହେଇଗଲି, ମୁଁ ବାପାଙ୍କୁ ନେଇ ଗାଁକୁ ଯିବି।

x x x x

ଏବେ ରାତି। ଅନ୍ଧାର ବ୍ୟାପିଛି ଭିତରେ ଓ ବାହାରେ। ଆମେ ସୂର୍ଯ୍ୟ ମଉସାଙ୍କ ଘରର ଉପର ମହଲାରେ। ଗୋଟେ କୋଠରିରେ ମୁଁ ଓ ବାପା। ଆମ ଜାଗା ଉପରେ ମଉସାଙ୍କ ଘର। କହିଲେ, ଆମ ଘର ଉପରେ ଏଇ ଘର (!)। ବାପା ବୋଧହୁଏ ଶୋଇ ପଡ଼ିଲେଣି। ମୁଁ ଶୋଇ ପାରୁ ନ ଥିଲି। ମନକୁ ଅତୀତ ଆସୁଥିଲା। ମନରେ ଆମ ମାଟିଘର। ଆମ ପିଲାଦିନ। କେତେ ମଧୁର ସତେ ଆମ ପିଲାଦିନ! କିଛି ନ ଥିବ, ଅଥଚ କେତେ ପରିପୂର୍ଣ୍ଣ ଲାଗୁଥିବ ଘର। କେବଳ ଏଇଥିପାଇଁ ଯେ ବୋଉ ଥାଏ ଆମ ସହ। ଏମିତି ଭାବନାରେ ମୁଁ ନଇଁପଡୁଛି, ଦେଖିଲି ବାପା ଉଠିଲେ। ଖଟରୁ ଓହ୍ଲେଇଲେ। ଝର୍କା ପାଖରେ ଯାଇ ଠିଆ ହେଲେ। ମୋ' ଭାବନା ଭାଙ୍ଗିଗଲା। ମୋ' ଆଖି ବାପାଙ୍କ ଉପରେ ସ୍ଥିର ହେଇଗଲା। ବାପା ସେଇ ଅନନ୍ତ ଆକାଶକୁ ଚାହିଁଥିଲେ। ଅନେକ ସମୟ ଏମିତି। ସେ ସ୍ଥିର, ଯେମିତି ପଥର। ମୁଁ ଚୁପ୍‌ଚାପ୍ ଥିଲି। ଦେଖୁଥିଲି। ଅନେକ ସମୟ ପରେ ସେ କଥାବାର୍ତ୍ତା ଆରମ୍ଭ କଲେ। ବାହାରେ ତାଙ୍କୁ ଛୁଇଁକି ଯେମିତି ବୋଉ ଅଛି। ବୋଉ କ'ଣ ସବୁ କହୁଛି, ବାପା ଉତ୍ତର ଦେଉଛନ୍ତି। ପୁଣି ଅଛି ଅଛି, ବାପା ଆଉ କାହା ସହ କଥା ହେଲେ। ମତେ ଲାଗିଲା, ସେ ମୋ' ଜେଜେମା'। ଏମିତି ଚାଲିଛି, ବାପା ଥିଲେ ଥିଲେ ସେଇ ଝର୍କାକୁ ବାଟ ଭାବେ ନେଇ ସେମାନଙ୍କ ଭିତରକୁ ପଶିଯିବାକୁ ଚେଷ୍ଟା କଲେ। ପ୍ରଥମ ଚେଷ୍ଟା ଆସ୍ତେ ଆସ୍ତେ। ତା'ପରେ ତାଙ୍କ ପାରୁପର୍ଯ୍ୟନ୍ତ। ସେ କିନ୍ତୁ ତାଙ୍କର ସବୁ ବଳ ଲଗେଇ ଦେଇଥିଲେ। ହାରୁଥିଲେ। ଯାହା ସମ୍ଭବ ନୁହଁ, ହେଉ ନ ଥିଲା।

ମୁଁ ଉଠି ଠିଆହେଲି। ଖଟରୁ ଓହ୍ଲେଇ ପଡ଼ି ବାପାଙ୍କୁ କୁଣ୍ଢେଇ ଧରିଲି। ବାପା ସେଇ ଝର୍କା ଆଡ଼କୁ ଟାଣି ହେଉଥିଲେ। କହୁଥିଲେ, "ହେଇ ସେଇଠି ଆଲୁଅ। ସେଇଠି ସମସ୍ତେ ମତେ ଅନେଇଛନ୍ତି। ମୁଁ ସେଇଠିକି ଯିବି।"

କିଛିସମୟ ମୋ' ସହ ଯୁଦ୍ଧ ପରେ ସେ ହାରିଗଲେ। ଭାରି ଶିଥିଳ ହେଇଗଲେ। ତାଙ୍କ ଦେହ ଯେମିତି ମେଞ୍ଚାଏ କାଦୁଅରେ ପରିଣତ ହେଇଗଲା। ମୁଁ ତାଙ୍କୁ ବିଛଣାରେ ଶୁଆଇଦେଲି। ସେ ଶୋଇଲେ। ମୁଁ ଏଥର ସେଇ ଝର୍କା ପାଖକୁ ଗଲି। ନିକଟରୁ ଦୂରକୁ ଆଖି ନେଲି। ମୋ' ଆଖିରେ ସମାନ ପୃଥିବୀ। ସମାନ ଆକାଶ। ନିକଟ ଓ ଦୂର ସବୁଠି ସମାନ। ସବୁଠି ଅନ୍ଧାର। ସେଇ ଅନ୍ଧାରର କୋଉ ଏକ ନିଭୃତରୁ ପେଚାଟେ ରାବିଉଠିଲା। ମୋ' ପାଇଁ ଏଇ ପେଚାରାବ ତଥାକଥିତ ଅଶୁଭ କି ଶୁଭର କୌଣସି ମାନେ ନ ଥାଏ। ତେବେ ସେଇ ମୁହୂର୍ତ୍ତ ମତେ ଭଲ ଲାଗିଲା ନାହିଁ। ମୁଁ ବାପାଙ୍କ ପାଖକୁ ଲେଉଟି ଆସିଲି।

"ବାବୁରେ ବୋଉକୁ ଦେଖିଲୁ... ?" ବାପା ଭାରି ଆହତ ସ୍ୱରରେ କହିଲେ। ଏତିକି ମାତ୍ର କଥା ବାପାଙ୍କର। ମୋ' ଭିତରେ ଆଶାର ଆଲୋକ। ମୁଁ କିଛି କହିପାରୁ ନ ଥିଲି। ମୁଁ ଓ ମୋ' ଆଖି ସହିପାରିଲା ନାହିଁ ଏଇ ମୁହୂର୍ତ୍ତକୁ। ମୋ' ଲୁହରେ ମୁଁ କି ବହି ଯାଉଥିଲି ଏକାଧାରରେ। ବାହାରେ ଭୂମି ଓ ଆକାଶ। ସବୁଠି ନିରବତା ଲାଗିଥିଲା। ଅନ୍ଧାର ବ୍ୟାପୀ ରହିଥିଲା।

ମୋ: ୯୮୬୧୬୫୫୩୫୭

## ପୁସ୍ତକ ପରିଚୟ

### ପ୍ରୀତି ଚଂଦନ




**କବି:** ଅଜିତ୍ ଦାଶ ମହାପାତ୍ର
**ପ୍ରକାଶିକା:** ସୁଶ୍ରୀ ଦାଶ ମହାପାତ୍ର, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର
**ଦ୍ୱିତୀୟ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/-

୫୪ଟି ଛନ୍ଦପ୍ରଧାନ କବିତା, ଯାହାକୁ କବି ତେଇଶ ବର୍ଷ ବୟସରେ ଲେଖିଥିଲେ ବୋଲି କହନ୍ତି, ତା'ର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା ୧୯୯୨ରେ ଓ ୨୦୨୪ରେ ପ୍ରକାଶ ପାଇଛି ତା'ର ଦ୍ୱିତୀୟ ସଂସ୍କରଣ, ୩୨ ବର୍ଷ ପରେ। କବିତାଗୁଡ଼ିକୁ ଲେଖିଲାବେଳେ କବି ଯେ ପ୍ରଥମ ପ୍ରେମ ପରି ନିଜର ନିଃସର୍ତ୍ତ ହୃଦୟ ଢାଳିଦେଇଛନ୍ତି, ଏହା ଗ୍ରନ୍ଥାରମ୍ଭରେ ସେ ଲେଖିଥିବା ଗଦ୍ୟଲେଖରୁ ସ୍ପଷ୍ଟ ହୁଏ। ବହିର ପ୍ରତ୍ୟେକଟି କବିତା ଛନ୍ଦୋବଦ୍ଧ ଓ ପଢ଼ିବାମାତ୍ରେ ପାଠକଙ୍କୁ ନିଜନିଜର ପ୍ରେମାନୁଭୂତି ପାଖକୁ ଫେରାଇ ନେବାର ଶକ୍ତି ରଖନ୍ତି। କେତୋଟି ଦୃଷ୍ଟାନ୍ତ ନେବା- ୧. "ଘନ ଅନ୍ଧାର ରଜନୀ/ ପାଶେ ନାହିଁ ମୋର ସଜନୀ/ ଯାଇଛି ଦୂରେ/ ଆଖିର ନୀରେ/ ବିରହ-ଦଗ୍ଧ ତରୁଣ ପ୍ରାଣ ପ୍ଲାବିତ ହୁଅଇ କ୍ଷଣକୁ କ୍ଷଣ/ ଯମୁନା ବହୁଛି ଉଜାଣି।" (ପୃ:୦୧), ୨. "ଉଇଁ ତ ନ ଥିଲା ସୂରୁଯ/ ତରୁଣ ଦେଖିଲା ତରୁଣୀବାଳାର ମୁକୁଳା ପଡ଼ିଛି ଉରଜ/ ପରାଣେ ଜାଗିଲା ଆଶା/ ଲିହିବ ପୀରତି ଭାଷା।" (ପୃ:୨୪), ୩. "ମାନୁଛି ମାନୁଛି ସଜନୀ ସାଥିରେ/ ପୁହାଇଥିଲି ମୁଁ ନିଶି/ ତନୁର ଅଗ୍ନି ଜଳି ଉଠିଥିଲା/ ଘନ ଅନ୍ଧାର ନାଶି/ କିବା ପାପ କଲି ମୁହିଁ?/ ଆଦାମ୍ ସାଥିରେ ଇଭ୍‌ର ଜନ୍ମ/ କୁହ ତେବେ କାହିଁପାଇଁ।" (ପୃ:୩୪)। ଆରମ୍ଭରୁ ଶେଷଯାଏ ଅଜିତ୍‌ଙ୍କ ପ୍ରେମଭାବନାରେ ଉଁସେଇ ହେଇ ରହିଚି ଶରୀର-ପ୍ରେମର ଉତ୍ତାପ। କିନ୍ତୁ ପ୍ରକୃଷ୍ଟ ଶବ୍ଦ ଚୟନରେ ସେ ସମ୍ଭାବ୍ୟ ଅଶ୍ଳୀଳତାକୁ ସ୍ୱଚ୍ଛନ୍ଦରେ ଅତିକ୍ରମ କରିଛନ୍ତି। କବିତାଗୁଡ଼ିକ ଲେଖିଲାବେଳେ, ଲାଗେ, ସେ ଥରେ ଗଡ଼ନାୟକଙ୍କ ଦୁଆତରେ ତ ଥରେ ମାନସିଂହଙ୍କ ଦୁଆତରେ ଅକୁଣ୍ଠ ଭାବେ ନିଜର କଲମ ବୁଡ଼ାଇଛନ୍ତି। ସକଳ ଯତ୍ନ ସତ୍ତ୍ୱେ ବନାନ ତ୍ରୁଟିରୁ ବହିଟିକୁ ପୂରାପୂରି ମୁକ୍ତ କରାଯାଇପାରି ନାହିଁ। ଯଥା: 'ସୂରୁଜ' (ପୃ:୨୪) ଓ 'ଜୀଇଁବି' (ପୃ:୪୯)। ଠିକ୍ ବନାନ 'ସୂରୁଯ' ଓ 'ଜିଇବି'। ପ୍ରତ୍ୟେକ କବିତା ଖ୍ୟାତନାମା ଚିତ୍ରଶିଳ୍ପୀ ବଳଦେବ ମହାରଥୀଙ୍କ ହସ୍ତଲିପି ଓ ଚିତ୍ରାଙ୍କନରେ ମହିମାନ୍ୱିତ।

### ଅମୃତପୁରୁଷ ଶ୍ରୀଜଗନ୍ନାଥ




**ସଂକଳନ ଓ ସଂପାଦନା:** ପୀତବାସ ରାଉତରାୟ
**ପ୍ରକାଶକ:** ମହାବୀର ପ୍ରକାଶନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୪୦୦/-

୫୪୪ ପୃଷ୍ଠାର ଦୀର୍ଘ କଳେବର ସଂପନ୍ନ ହୋଇ ପ୍ରକାଶ ପାଇଛି 'ଅମୃତପୁରୁଷ ଶ୍ରୀଜଗନ୍ନାଥ'। ଏଥିରେ ରହିଛି ଶ୍ରୀଜଗନ୍ନାଥକୈନ୍ଦ୍ରିକ ଅନେକ ପ୍ରସଙ୍ଗ। ଯଥା: ପ୍ରଚ୍ଛଦ ପ୍ରସଙ୍ଗ, ସ୍ମୃତି ନିବେଦନ, ଜଗନ୍ନାଥ ନମନ, ପଦ୍ମଶ୍ରୀ ସାକ୍ଷାତ୍‌କାର ସମ୍ଭାଷଣ, ଅପ୍ରକାଶିତ ରଚନା ପ୍ରକାଶନ, ଜନ୍ମଶତବାର୍ଷିକୀ ପ୍ରଣାମ, ବୟୋଜ୍ୟେଷ୍ଠ ଲେଖକଙ୍କ ବାଲ୍ୟସ୍ମୃତି, ପ୍ରବନ୍ଧେ ପୁରୁଷୋତ୍ତମ, ପୁରସ୍କୃତ ପ୍ରତିଭାଙ୍କ ବୟାନ, ସଂପାଦକଙ୍କ କଥନ, ଗଳ୍ପ, ଜନ୍ମସହସ୍ରାବ୍ଦୀ ସନ୍ଥଙ୍କ ସ୍ମୃତିଚାରଣ, ଚିନ୍ତା ଓ ଚେତନ, ପ୍ରସିଦ୍ଧ ମଠ କଥା, ଦୁର୍ଲଭ ବଉଳଗଛ ପ୍ରସଙ୍ଗ, ଶ୍ରୀଜଗନ୍ନାଥ ପ୍ରେରଣା ପ୍ରସୂତ ପୁସ୍ତକ ପ୍ରକାଶନ, ଶ୍ରୀମନ୍ଦିର ପ୍ରଶାସକଙ୍କ ସ୍ମୃତିଚାରଣ, ସ୍ମରଣୀୟ ଅନୁଭୂତିଗୁଚ୍ଛ, ଚିତ୍ରଶିଳ୍ପୀଙ୍କ ଅଂକନ, କବିତା ବିତାନ, ଅନ୍ତରଂଗ ବୟାନ, ବାଇଶି ପାହାଚର ବାଇଶିଟି ସ୍ପନ୍ଦନ, ସେବା ଓ ସେବକଙ୍କ ଅନୁଭୂତି, ଉପସ୍ଥାପକଙ୍କ କଲମରୁ ଇତ୍ୟାଦି ଇତ୍ୟାଦି। ବିଶିଷ୍ଟ ଲେଖକମାନଙ୍କ ମଧ୍ୟରେ ଅଛନ୍ତି କୃଷ୍ଣକେଶବ ଷଡ଼ଙ୍ଗୀ, ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ନୃତ୍ୟଗୁରୁ ଦୁର୍ଗା ରଣବୀର, ରଜତ କୁମାର କର, ବୈଷ୍ଣବ ଚରଣ ସାମଲ, ଅପର୍ଣ୍ଣା ମହାନ୍ତି, ସୁଭାଷ ଶତପଥୀ, ମନୋଜ କୁମାର ମହାପାତ୍ର, ଜୟାଶୀଷ ରାୟ, ବନଜଦେବୀ, ଦେବବ୍ରତ ମଦନରାୟ, ବସନ୍ତ କୁମାର ପଣ୍ଡା, ଭାସ୍କର ମିଶ୍ର, ସୁଲୋଚନା ଦାସ, ବୈଷ୍ଣବ ଚରଣ ମହାନ୍ତି, ଅମରେଶ ପଟ୍ଟନାୟକ, ବିଜୟାନନ୍ଦ ସିଂହ ଓ ସିଦ୍ଧେଶ୍ୱର ମହାପାତ୍ର ପ୍ରମୁଖ। ପ୍ରଚ୍ଛଦ ଆଙ୍କିଛନ୍ତି ବଳଦେବ ମହାରଥୀ। ସ୍ୱଳ୍ପ ଆନୁଷ୍ଠାନିକ ଶିକ୍ଷା ସତ୍ତ୍ୱେ ବିଦ୍ୟୁତ୍‌ପ୍ରଭା ଆଜୀବନ ସୃଜନକର୍ମ ପ୍ରତି ଥିଲେ ସମର୍ପିତା। ତାଙ୍କ ଜନ୍ମଶତବାର୍ଷିକୀ ଅବକାଶରେ ଅସିତ୍ ମହାନ୍ତି ଲେଖିଥିବା ଆଲେଖ୍ୟଟି ତଥ୍ୟପୂର୍ଣ୍ଣ।

## କାଳକାଳକୁ

"ମାନବୀୟ ପ୍ରଜ୍ଞାରେ ପ୍ରାୟତଃ ଦୁଇଟି କଥା କୁହାଯାଇଥାଏ- ଗୋଟିଏ 'ଅପେକ୍ଷା କର' ଓ ଅନ୍ୟଟି 'ଆଶା ରଖ'।"
- ଆଲେକ୍‌ଜାଣ୍ଡାର୍ ଡୁମାସ୍



ଆଲେକ୍‌ଜାଣ୍ଡାର୍ ଡୁମାସ୍‌ଙ୍କ ଜନ୍ମ ୨୪ ଜୁଲାଇ ୧୮୦୨ରେ ଓ ପରଲୋକ ୫ ଡିସେମ୍ବର ୧୮୭୦ରେ, ଫ୍ରାନ୍ସରେ। ଏହି ଫରାସୀ ଔପନ୍ୟାସିକ ଓ ନାଟ୍ୟକାର ରୋମାଞ୍ଚ ଓ ଅଭିଯାନଧର୍ମୀ ରଚନା ସାଙ୍ଗକୁ ଐତିହାସିକ ଉପନ୍ୟାସ ଓ ନାଟକ ଲେଖା ପାଇଁ ପ୍ରସିଦ୍ଧ। ତାଙ୍କର ବହୁଚର୍ଚ୍ଚିତ ଉପନ୍ୟାସ ମଧ୍ୟରେ ରହିଛି 'ଦ ଥ୍ରି ମସ୍କେଟିୟର୍ସ' (୧୮୪୪) ଓ 'ଦ କାଉଣ୍ଟ୍ ଅଫ୍ ମୋଣ୍ଟେ' (୧୮୪୬)। ୧୮୩୦ ଫରାସୀ ଆନ୍ଦୋଳନରେ ସେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ, ଯେଉଁ ଆନ୍ଦୋଳନ ଦଶମ ଚାର୍ଲସ୍‌ଙ୍କୁ ଗାଦିଚ୍ୟୁତ କରିଥିଲା। ଡୁମାସ୍ କହନ୍ତି: "ଜୀବନ ଏକ ଝଡ଼" ଓ କହନ୍ତି: "ଜିଇବା ତୁଚ୍ଛ, ଯଦି ମୃତ୍ୟୁ ନାହିଁ।"

## କବିତା

### ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି

**ଚିନ୍ମୟୀ ପଣ୍ଡା**

ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି।

ଅକ୍ଷର ସବୁ ଫୁଲ ହୋଇ ଫୁଟିଲେ,
ଭାଷା ମୋର ଲାଜେଇଗଲା,
ତୁମ ସ୍ମୃତିର ଚନ୍ଦନ ଦେହେ
ବୋଳି ହୋଇଗଲା,
କୋଇଲି ଗାଇଲେ, ସବୁ ଏକ ସଙ୍ଗେ
ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି।

ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି।

ମୋ ଆକାଶେ ଜହ୍ନ ଚିତ୍ର ଆଙ୍କୁଥିଲା,
ମୋ ଦୁଆର ଭିଜୁଥିଲା ସ୍ୱପ୍ନରେ,
ବସନ୍ତ ଖେଳୁଥିଲା ମୋ ମୁକୁଳା କେଶରେ,
ମୁଁ ଭାସୁଥିଲି ସ୍ୱପ୍ନରେ।

ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି।

ହଜାରେ ବୀଣା ବାଜିଉଠିଲେ
ମୋ ଅଗଣାରେ ବର୍ଷାର ପହିଲି ପୁଲକ
ଭିଜା ମାଟି ମହକିଗଲା,
ମୋ ଅଙ୍ଗୁଳି ଛୁଆଁରେ କଲମ ହସୁଥିଲା।

ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି।

ତାରା ସବୁ ଫୁସ୍‌ଫୁସ୍ କଥା ହେଲେ,
କଢ଼ ସବୁ ଫୁଲ ହୋଇ ଫୁଟୁଥିଲେ,
ଗଛ ଆସ୍ତେ ଆସ୍ତେ ଦୋହଲୁଥିଲେ।
ଗୋଲାପ ମୋ ଗାଲରେ
ରଙ୍ଗ ବୋଳୁଥିଲା।

ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି।

ଶବ୍ଦ ସବୁ ମୋ ପ୍ରେମରେ ପଡ଼ିଗଲେ।
କାଗଜ ଆହା! ଲାଜରେ ବଢ଼ୁରିଗଲା,
ହାତ ମୋର ନୂଆ ହଳଦୀ ଭଳି ବାସିଲା।
ଚିଠି ମୋର ଗୀତ ହୋଇ, ଗୁଡ଼ି ହୋଇ
ଉଡ଼ି ଉଡ଼ି ଗଲା।

ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି।

ମୋ: ୯୮୬୧୧୯୧୯୬୯

### ସ୍ୱପ୍ନରେ ସୁନାଗୋରୀ

**ନରେଶ୍ ଚନ୍ଦ୍ର ମଣ୍ଡଳ**

ସେଦିନ ମୁଁ ଏକ
ଭୟାନକ ସ୍ୱପ୍ନ ଦେଖିଲି
ଶତ ପ୍ରହେଳିକା ଭଳି
ଉବୁଟୁବୁ ହେଉଥିଲା
ଆଖି ଆଗରେ।

ସ୍ୱପ୍ନର ନାୟିକାଟିଏ
ଅଚାନକ ପାଲଟିଯାଉଥିଲା
ଗୋଟାଏ ସୁନାଗୋରୀ
ଦିଶୁଥିଲା
ଅପରାହ୍ଣର ସୁନେଲି ଖରା ଭଳି
ଭିଡ଼ି ଧରିଲି ଛାତିରେ
ବଡ଼ ଅସ୍ପଷ୍ଟ ସେ
ବଡ଼ ଆନମନା ସେ।

ସେ ମୁହୂର୍ତ୍ତଟି ଶୁଭ ଥିଲା କି
ଅଶୁଭ ଥିଲା ମୁଁ ଜାଣେନି
କିନ୍ତୁ ଏତିକି ଜାଣେ
ଗୋଟାଏ ମଧୁର ବିଭୋର
ଛଳଛଳ ସୌଭାଗ୍ୟର ବାସ୍ନା
ଛୁଇଁଯାଉଥିଲା ମୋ' ଦେହକୁ।

ମୋ' ଆଖିରେ ବିସ୍ମୟ ନ ଥିଲା କି
ଆନନ୍ଦର ପୁଲକ ନ ଥିଲା
ଥିଲା କେବଳ ପ୍ରୀତିର ପରିଭାଷା
ଚିକ୍‌ଚିକ୍ ଦିଶୁଥିଲା ସେ
ସ୍ୱର୍ଣ୍ଣଚମ୍ପା: ସୁନାଗୋରୀ
ତାକୁ ମୁଁ ଏଯାଏଁ ବି
ସାଇତି ରଖିଛି କଳ୍ପନାରେ
ଏକ ବିହ୍ୱଳ ବାସ୍ନା ଭଳି।

- ପ୍ରାଚୀ ନଗର, ଭଦ୍ରକ
ମୋ: ୯୪୩୮୩୨୧୪୫୪

**ଗୀତି-କବିତା**

### ତୁମେ ଅଗ୍ନିଶିଖା

**ହଂସନାଥ ମୁଦୁଲି**

ତୁମେ ଅଗ୍ନିଶିଖା
କାଗଜ ଖଣ୍ଡ ମୁଁ
ମିଶିବା ସମ୍ଭବ ନୁହେଁ
ତୁମ ପାଶେ ଗଲେ ଜଳିଯିବି ମୁହିଁ
ଅଲଗା ରହିବା ଦୁହେଁ।

ଦେଖା ହେଉଥିବା
କଥା ହେଉଥିବା
ପାଖକୁ ଆସିବା ନାହିଁ
ପାଖକୁ ଆସିଲେ
ସବୁ ଯିବ ସରି
ଶେଷ ହୋଇଯିବି ମୁହିଁ
ଦୂର ପରବତ
ପରି ତ ସୁନ୍ଦର
ଆମେ ଥିବା ଶେଷଯାଏ
ମିଶିବା ସମ୍ଭବ ନୁହେଁ।

ଦୀପାଳି ଶିଖାକୁ
ଦେଖିଲେ ପତଙ୍ଗ
ପାଖକୁ ଯେମିତି ଆସେ
ସେ ଶିଖା ଜାଳରେ
ପଡ଼ିଯାଇ ଜଳି
ଜୀବନ ହାରଇ ଶେଷେ
ସେମିତି ଭୋଗିବା
ଆଗରୁ ଆମେ ତ
ଭାବିନେବା ଥରୁଟିଏ
ମିଶିବା ସମ୍ଭବ ନୁହେଁ।

ଖଣ୍ଡଗିରି (ଡୁମୁଡୁମା-କ),
ଭୁବନେଶ୍ୱର
ମୋ: ୯୭୭୭୯୬୮୭୧୯

## ପଣସଗଛ କଥା

**ଲଘୁ ଗଳ୍ପ**

**ସୁନନ୍ଦା ମହାନ୍ତି**

ଚର୍ଚ୍ଚାଟା ଥମୁନି ଜମା। ଗଛଟା ହଣା ନହେଲେ ଚହେବନି। ପତ୍ର ପଡ଼ି ଅଳିଆ ହେଲେ ଓଳେଇବାକୁ କେହି ନାହିଁ। କାମବାଲୀ କେହି ରାଜି ନୁହଁ ଗଛ ତଳ ସଫା କରିବାକୁ। ମାଲିକାଣୀ ବୋଲାଉଥିବା ସୁମି ରୋଗଣା ସତ, ହେଲେ ଏଇ ଗଛଟା ଯେମିତି ତାଙ୍କ ଗୀତା ଓ ଭାଗବତ। ସକାଳୁ ଉଠି ନିତ୍ୟକର୍ମ ସାରି ଆଗ ଘରଦ୍ୱାର ଓଳେଇ ଗଙ୍ଗାପାଣି ଛାଟି ଘରର ବାସ୍ତୁଦୋଷ ହେଉ ଅବା ଯେକୌଣସି ନକାରାତ୍ମକ ଶକ୍ତିକୁ ବିତାଡ଼ିତ କରିବାର ଏକମାତ୍ର ଜଳର ଉତ୍ସ ଏହି ଗଙ୍ଗାପାଣିରୁ ମୁନ୍ଦେ ଛାଟିଦିଅନ୍ତି ପଣସଗଛ ଉପରକୁ। ଯାହା କରୁଛୁ କରେ, ହଳଦୀବସନ୍ତ, ଭଦଭଦଳିଆ, ଘରଚଟିଆ, କଜଳପାତି, ବଣି ଆଦି ଚଢ଼େଇଙ୍କୁ ନିଜ ଫଳ ପରି କୋଳେଇ ରଖ ପଛେ କିନ୍ତୁ ପେଚା ବସା ନ କରୁ। ଭୟ ହେଉଛି ରାତିରେ ତା' ବୋବାଳି ଶୁଣିଲେ। ଦାନ୍ତ ଦେଖାଇ ଫୁଲ ହସୁଥାଏ ଓ କହୁଥାଏ ଗଛଟା ଯେମିତି ସବୁ ଶୁଣୁଛି ତୁମ କଥା। ସୁମି କହନ୍ତି କାମ ସରିଗଲେ ତୁ ଘରକୁ ଯିବୁ। ପିଲା ଦୁହେଁ ବାହାରେ। ତୋ ବାବୁ ତ ତାଙ୍କ ଲେଖାପଢ଼ାରେ, ଆଉ ମୋର ସାଙ୍ଗ କିଏ! ଏଇ ପଣସଗଛ ହିଁ ମୋର ସାଙ୍ଗ। ମଣିଷକୁ ଆଜିକାଲି ମନର କଥା କହିବା ବିପଦ, ହେଲେ ଗଛକୁ କହିଲେ ମନଦେଇ ଶୁଣେ, ବୁଝେ ଓ କୋଳରେ ଚଢ଼େଇ ବସେଇ, ପଣସ ଫଳେଇ ଖୁସି ବାଣ୍ଟେ।

ତମର ଯୋଉ କଥା ନା ମାଆ, କହି ଫୁଲ ଚାଲିଯାଏ ସିନା କହୁଥାଏ ପେଚା ପରା ଲକ୍ଷ୍ମୀଙ୍କ ବାହନ, କରୁ ବସା। ଧନଧାନ୍ୟରେ ଘର ପୂରିଉଠିବ ମାଆ, ଦେଖିବନି। ହଉ ତେବେ କରୁ ପେଚା ପକ୍ଷୀ ବି ବସା ଆଉ ତୋ' ତୁଣ୍ଡ ସୁତୁଣ୍ଡ ହେଉ ଫୁଲ।

ଗଛ ହଣାହେବା ନିଶା କାହିଁ ଲାଗିଛି ତୁମର ମୁଁ ବୁଝିପାରୁନି ତ! ଏମିତି କହି ପ୍ରତିବାଦ କଲାବେଳେ ସୁମିଙ୍କୁ ବୁଝାନ୍ତି ପରେଶ, ଗଛଟା ତଳୁ ଉଇ ଖାଇଗଲାଣି, କେତେବେଳେ ପଡ଼ିବ ଘର ଉପରେ। ପୁଣି ତଳକୁ ଯାଇ କେହି ପତ୍ର ଓଳେଇବାକୁ ପ୍ରସ୍ତୁତ ନୁହନ୍ତି ଓ ପତ୍ରତଳୁ ନାଗ ସାପ ବାହାରିବା ମୋଟେ ଶୁଭ ସଂକେତ ନୁହଁ। ଆଉ କିଛି କହି ନ ଥିଲେ ସୁମି। ସେଦିନ କିନ୍ତୁ ସକାଳୁ ସକାଳୁ ତଳକୁ ଯାଇ ପଣସଗଛ ମୂଳରୁ ପତ୍ର କାଢ଼ି ପରିଷ୍କାର କରୁଥିଲେ ସୁମି। ପରେଶ କହିଲେ ଗଛ ତ ହଣା ହେବ ଆଉ ତା' ମୂଳ ପରିଷ୍କାର କରିବା କ'ଣ ଦରକାର? ଲୁହ ସରସର ଆଖି, କୋହଭରା ହୃଦୟରେ ସୁମି କହିଲେ ଆଉ କୁହନି। ଏଇ ଦେଖ ଗଛ ରାତିସାରା କାନ୍ଦୁଛି। ପରେଶ ଦେଖିଲେ ସତକୁ ସତ ଗଛରୁ ପାଣି ନିଗୁଡୁଛି। ଫୁଲ କହୁଥିଲା ମାଆ ଗଛ କାନ୍ଦୁନି ଯେ ବରଂ କହୁଛି ଗଛ ବିହୁନେ ଜଳ, ଜଙ୍ଗଲ, ମାଟି, ପବନ ନାଶ। ତୁ ଏତେକଥା କେମିତି ଜାଣିଲୁ ଫୁଲ? ଫୁଲ କହୁଥିଲା ସ୍କୁଲରେ କାଲି ବିଶ୍ୱ ଜଳଦିବସ ଉପଲକ୍ଷେ ଗଛଲଗା ଅଭିଯାନ ଚାଲିଥିଲା ତ ମୋ' ପୁଅଠୁ ଶୁଣିଥିଲି ଗଛ ଆମ ଜୀବନ। ଦିଏ ଜଳ ମାଟି ପବନ। ପରେଶ ବୁଲିପଡ଼ି କହୁଥିଲେ ଯାଉଛି ତେବେ ସେ ଗଛ କଟାଳିମାନଙ୍କୁ ମନାକରିଦେଇ ଆସେ। ଫୁଲ ତାଳି ମାରୁଥିଲା ତ ସୁମି ଗଙ୍ଗାଜଳ ପକେଇ ଗଛର ରିଷ୍ଟ କାଟୁଥିଲେ। ଫୁଲ ପୁଣି କହୁଥିଲା ଦେଖିଲ ତ ମାଆ, ଶିବ ଶିବ ମହାଦେବ ସର୍ପ ରୂପେ ବାବୁଙ୍କ ମନ ବଦଳେଇ ଦେଲେ।

ମୋ: ୯୦୪୦୯୭୭୩୨୭



ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁଲାଇ ୧୯/୨୦୨୫ Bhubaneswar, Saturday, July 19/ 2025



ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ଆଉଚ୍‌ଠାରୁ ହୁଟାକାମ ପର୍ଯ୍ୟନ୍ତ ଅନୁଷ୍ଠିତ ଦ୍ୱାଦଶ ଷ୍ଟେଜ ଅବସରରେ ପ୍ରତିଯୋଗୀମାନେ।

# ପୋଗାକର ଜିତିଲେ ଦ୍ୱାଦଶ ଷ୍ଟେଜ୍

**ପ୍ୟାରିସ, ୧୮।୭**

ଚଳିତ ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ଦ୍ୱାଦଶ ଷ୍ଟେଜ ଜିତିଛନ୍ତି ସ୍ଲୋଭେନିଆର ଟାଡେଜ ପୋଗାକର। ଆଉଚ୍‌ଠାରୁ ହୁଟାକାମ ପର୍ଯ୍ୟନ୍ତ ୧୮୦.୬ (୧୧୨.୨ ମାଇଲ) କିଲୋମିଟର ବିଶିଷ୍ଟ ମାଉଣ୍ଟେନ ଷ୍ଟେଜ୍‌କୁ ୟୁଏଇ ଟିମ୍ ଏମିରେଟ୍ସ ଏକ୍ସଆରଜି ରାଇଡର ପୋଗାକର ୪ ଘଣ୍ଟା ୨୧ ମିନିଟ ୧୯ ସେକେଣ୍ଡରେ ଅତିକ୍ରମ କରିଛନ୍ତି।

## ଟୁର୍ ଡି ଫ୍ରାନ୍ସ

ଡେନମାର୍କର ଭିଷ୍ମା ଲିଜ୍ ଏ ବାଇକ୍ ରାଇଡର ଜୋନାସ ଭିଙ୍ଗେଗାର୍ଡ ୨ ମିନିଟ ୧୦ ସେକେଣ୍ଡ ଏବଂ ଗ୍ରେଟ ବ୍ରିଟେନର ରେଡ୍‌ବୁଲ୍ ବୋରା-ହଂସଗ୍ରୋହେ ଟିମ୍ ରାଇଡର ଫ୍ଲୋରିଆନ ଲିପୋଓ୍ୱିଜ୍ ୨ ମିନିଟ ୨୧ ସେକେଣ୍ଡ ଅଧିକ ସମୟ ନେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଦ୍ୱାଦଶ ଷ୍ଟେଜ୍ ଶେଷସୁଦ୍ଧା ପୋଗାକର ଓଭରଅଲ୍ ଅଗ୍ରଣୀ ସହ ୟେଲୋ ଜର୍ସି ହାସଲ କରିଛନ୍ତି। ଭିଙ୍ଗେଗାର୍ଡ ଦ୍ୱିତୀୟ ଓ ବେଲଜିୟମ୍‌ର ସୌଡାଲ କ୍ୱିକ୍-ଷ୍ଟେପ୍ ଟିମ୍ ରାଇଡର ରେମ୍‌କୋ ଇଭେନପୋଏଲ ତୃତୀୟ ସ୍ଥାନରେ ରହିଛନ୍ତି।



ଦ୍ୱାଦଶ ଷ୍ଟେଜ ଜିତିବାପରେ ସ୍ଲୋଭେନିଆର ଟାଡେଜ ପୋଗାକର।

# ଏରିଗେସି ସେମିରେ, ପ୍ରଜ୍ଞାନନ୍ଦ ବାଦ୍ ପଡ଼ିଲେ

**ଲାସ୍ ଭେଗାସ, ୧୮।୭ (ପି.ଟି.)**

ଉଜ୍‌ବେକିସ୍ତାନର ନୋଦିରବେକ୍ ଅବ୍‌ଦଶାତ୍ତ୍ରୋଭଙ୍କୁ ପରାସ୍ତ କରି ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗେସି ଏଠାରେ ଚାଲିଥିବା ୭୫୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଫ୍ରିଷ୍ଟାଇଲ ଗ୍ରାଣ୍ଡସ୍ଲାମ ଟୁର୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଆର. ପ୍ରଜ୍ଞାନନ୍ଦ ଯୁକ୍ତରାଷ୍ଟ୍ର ଆମେରିକାର ଫାବିଆନୋ କାରୁଆନାଙ୍କଠାରୁ ପରାଜିତ ହୋଇ ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଅର୍ଜୁନ ୧.୫-୦.୫ରେ ଅବ୍‌ଦୁସାତୋରୋଭଙ୍କୁ ହରାଇ ଦେଇଥିବା ବେଳେ ପ୍ରଜ୍ଞାନନ୍ଦ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ୩-୪ରେ କାରୁଆନାଙ୍କଠାରୁ ହାରିଯାଇଛନ୍ତି। କ୍ୱାର୍ଟରଫାଇନାଲ ପର୍ଯ୍ୟାୟରେ ବିଜୟ ଲାଭ କରିଥିବା ଆମେରିକାର ଦୁଇ ଖେଳାଳି ହେଲେ ଲେଭନ ଆରୋନିଆନ ଓ ହାନ୍ସ ମୋକ୍ ନିମାନ। ଉଭୟେ ଯଥାକ୍ରମେ ଆମେରିକାର ହିକାରୁ ନାକାମୁରା (୨.୫-୧.୫) ଓ ଉଜ୍‌ବେକିସ୍ତାନର ଜାଭୋଖିର ସିନ୍ଦା (୪-୨)ଙ୍କୁ ପରାସ୍ତ କରିଛନ୍ତି। ସେମିଫାଇନାଲରେ ଅର୍ଜୁନ ଆରୋନିଆନଙ୍କ ସହିତ ମୁକାବିଲା କରିବାକୁ ଥିବା ବେଳେ ନିମାନ୍ ସିନ୍ଦାରୋଭଙ୍କୁ ଭେଟିବେ।

# ଯାଞ୍ଚ ଲାଗି କମ୍ପାନୀର ପ୍ରତିଶ୍ରୁତି

**ନୂଆଦିଲ୍ଲୀ,୧୮।୭(ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫି (ଏଟିଟି) ଟେଷ୍ଟ ସିରିଜ୍‌ର ପ୍ରଥମ ୩ ଟେଷ୍ଟରେ ଡ୍ୟୁକ୍ସ ବଲକୁ ପ୍ରବଳ ସମାଲୋଚନା କରାଯିବା ପରେ କମ୍ପାନୀ ପକ୍ଷରୁ ତୁରନ୍ତ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯିବ ବୋଲି କୁହାଯାଇଛି। ଏ ନେଇ ଏକ ରିପୋର୍ଟ ବିବିସିରେ ପ୍ରକାଶ ପାଇଛି। ଚଳିତ ସିରିଜ୍‌ରେ ବ୍ୟବହୃତ ହେଉଥିବା ଡ୍ୟୁକ୍ସ ବଲ ପ୍ରାୟ ୩୦

## ଡ୍ୟୁକ୍ସ ବଲ ବିବାଦ

ଓଭର ପରେ ହାର୍ଡନେସ ଓ ଆକାର ହରାଉଥିବାରୁ ଅନ-ଫିଲ୍ଡ ଅମ୍ପାୟରଙ୍କୁ ବାରମ୍ବାର ବଲ ବଦଳାଇବାକୁ ପଡୁଛି। ଏଥିଯୋଗୁ ମ୍ୟାଚ୍‌ରେ ବାରମ୍ବାର ବିଳମ୍ବ ମଧ୍ୟ ହେଉଛି। ଭାରତୀୟ ଅଧିନାୟକ ଶୁବମନ ଗିଲ ଓ ପୂର୍ବତନ ଇଂଲଣ୍ଡ ପେସର ଷ୍ଟୁଆର୍ଟ ବ୍ରଡଙ୍କ ସମାଲୋଚନା ପରେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଯଥା ସମ୍ଭବ ଅଧିକରୁ ଅଧିକ ବ୍ୟବହୃତ ବଲ ସଂଗ୍ରହ କରି ଚଳିତ ସପ୍ତାହ ଶେଷ ସୁଦ୍ଧା ଡ୍ୟୁକ୍ସ ବଲ ନିର୍ମାତା କମ୍ପାନୀକୁ ଫେରାଇବ।



ଆମେ ବ୍ୟବହୃତ ବଲକୁ ଯାଞ୍ଚ କରିବୁ। ଏଥିରେ ବ୍ୟବହୃତ ଟ୍ୟାନର ଓ ସମସ୍ତ କଞ୍ଚାମାଲକୁ ସବିଶେଷ ଯାଞ୍ଚ କରାଯିବ। ଯଦି ଯାଞ୍ଚ ପରେ ଏଥିରେ କୌଣସି ପରିବର୍ତ୍ତନ କିମ୍ବା ବଲକୁ ଅଧିକ କଠିନ କରିବାର ଆବଶ୍ୟକତା ଅନୁଭବ କରୁ, ତେବେ ଆମେ ତାହା କରିବୁ ବୋଲି ଡ୍ୟୁକ୍ସ ବଲର ନିର୍ମାତା ବ୍ରିଟିଶ କ୍ରିକେଟ୍ ବଲ ଲିମିଟେଡ୍‌ର ମାଲିକ ଦିଲୀପ ଜାଜୋଡିଆ କହିଛନ୍ତି। ତେବେ ଟେଷ୍ଟ ସିରିଜ୍‌ରେ କେଉଁ ବଲ ବ୍ୟବହାର କରାଯିବ, ତାହା ଆୟୋଜକ ବୋର୍ଡର ନିଷ୍ପତ୍ତି। ଇଂଲଣ୍ଡରେ ଡ୍ୟୁକ୍ସ, ଭାରତରେ ଏସ୍‌ଜି ଓ ଅଷ୍ଟ୍ରେଲିଆରେ କୁକାବୁରା ବଲ ବ୍ୟବହାର କରାଯାଏ। ୧୭୬୦ରୁ ପ୍ରସ୍ତୁତ ହେଉଥିବା ଡ୍ୟୁକ୍ସ ବଲର କ୍ୱାଲିଟି ଗତ କିଛି ବର୍ଷରେ ଟେଷ୍ଟ ଓ କାଉଣ୍ଟି କ୍ରିକେଟରେ ଚିନ୍ତାଜନକ ରହିଛି।

# ଇଣ୍ଟର କାଶୀ ଆଇ-ଲିଗ୍ ଚାମ୍ପିୟନ

**ନୂଆଦିଲ୍ଲୀ,୧୮।୭(ପି.ଟି.):** ଇଣ୍ଟର କାଶୀକୁ ଆଇ-ଲିଗ୍ ୨୦୨୪-୨୫ ସିଜନ ଲାଗି ଚାମ୍ପିୟନ ଘୋଷଣା କରାଯାଇଛି। ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ଅପିଲ କମିଟି ପକ୍ଷରୁ ଗୋଆର ଚର୍ଚ୍ଚିଲ ବ୍ରଦର୍ସକୁ ଟାଇଟଲ ଦେବା ଲାଗି ନିଆଯାଇଥିବା ନିଷ୍ପତ୍ତିକୁ ସୁଇଜରଲାଣ୍ଡର କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ (କାସ) ପ୍ରତ୍ୟାଖ୍ୟାନ କରିବା ପରେ ଏହି ଘୋଷଣା କରାଯାଇଛି।

ମ୍ୟାଚ୍‌ରେ ଅଯୋଗ୍ୟ ଖେଳାଳିଙ୍କୁ ଖେଳାଇଥିବା ଘଟଣାରେ ଇଣ୍ଟର କାଶୀ ବିପକ୍ଷରେ ଅପିଲ କମିଟି ରାୟ ଶୁଣାଇବା ପରେ ଏଆଇଏଫ୍ଏଫ୍ ପକ୍ଷରୁ ଚର୍ଚ୍ଚିଲ ବ୍ରଦର୍ସକୁ ଆଇ-ଲିଗ୍ ଚାମ୍ପିୟନ କରାଯାଇଥିଲା। ପଏଣ୍ଟ କାଟ୍ କରାଯିବାରୁ ବାରାଣସୀର ଏହି କ୍ଲବ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିଲା। କିନ୍ତୁ ଇଣ୍ଟର କାଶୀ ପକ୍ଷରୁ ଅପିଲ କରାଯିବା ପରେ ଏଆଇଏଫ୍ଏଫ୍‌କୁ ତା'ର ନିଷ୍ପତ୍ତି ବଦଳାଇବାକୁ କାସ୍ ନିର୍ଦ୍ଦେଶ ଦେଇଛି। ''ଆଇ-ଲିଗ୍ ୨୦୨୪-୨୫ ସିଜନ ଲାଗି ଏଆଇଏଫ୍ଏଫ୍ ଇଣ୍ଟର କାଶୀକୁ ବିଜେତା ଘୋଷଣା କରିବା ଉଚିତ। ଏଆଇଏଫ୍ଏଫ୍‌ର ଅପିଲ କମିଟି ଗତ ମେ' ୩୧ରେ ନେଇଥିବା ନିଷ୍ପତ୍ତି ବିରୋଧରେ ଜୁନ ୪ ତାରିଖରେ ଇଣ୍ଟର କାଶୀ ଅପିଲ କରିଥିଲା'' ବୋଲି କାସ୍ ପକ୍ଷରୁ ଏହାର ନିର୍ଦ୍ଦେଶରେ କୁହାଯାଇଛି। ଏହାର ଅର୍ଥ ଏଆଇଏଫ୍ଏଫ୍‌ର ଅପିଲ କମିଟିର ନିଷ୍ପତ୍ତି ବିରୋଧରେ ଇଣ୍ଟର କାଶୀ ଦ୍ୱିତୀୟ ଥର ଅପିଲ ଜିତିଛି। ଫଳରେ ଇଣ୍ଟର କାଶୀ ଏହାର ଦ୍ୱିତୀୟ ସିଜନରେ ଦେଶର ଦ୍ୱିତୀୟ ଟିୟର କ୍ଲବ ପ୍ରତିଯୋଗିତା ଆଇ-ଲିଗ୍ ଟ୍ରଫି ହାସଲ କରିଛି। ୨୦୨୩-୨୪ ସିଜନରେ ଏହି କ୍ଲବ ତା'ର ପଦାର୍ପଣରେ ଚତୁର୍ଥ ସ୍ଥାନରେ ରହିଥିଲା। ନିୟମ ଅନୁଯାୟୀ, ଇଣ୍ଟର କାଶୀ ଆଗାମୀ ୨୦୨୫-୨୬ ସିଜନରେ ଟପ୍-ଟିୟର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)କୁ ପଦୋନ୍ନତି କରିବ। ମାତ୍ର ଏଆଇଏଫ୍ଏଫ୍ ଓ ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ (ଏଫ୍ଏସ୍‌ଡିଏଲ୍) ମଧ୍ୟରେ ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟର ରିନ୍ୟୁଆଲକୁ ନେଇ ଲାଗି ରହିଥିବା ବିବାଦ କାରଣରୁ ଆଇଏସ୍ଏଲ୍‌କୁ ସ୍ଥଗିତ ରଖାଯାଇଛି। ୨୦୨୨-୨୩ ଓ ୨୦୨୩-୨୪ ସିଜନର ଆଇ-ଲିଗ୍ ଚାମ୍ପିୟନ ଯଥାକ୍ରମେ ପଞ୍ଜାବ ଏଫ୍‌ସି ଓ ମହମ୍ମଡାନ ସ୍ପୋର୍ଟିଂ ଆଇଏସ୍ଏଲ୍‌କୁ ଉନ୍ନୀତ ହୋଇଥିଲେ। କାସ୍ ଏହାର ରାୟରେ ଏଆଇଏଫ୍ଏଫ୍‌କୁ ଆଇ-ଲିଗ୍ ୨୦୨୪-୨୫ ସିଜନର ପଏଣ୍ଟ ଟେବୁଲରେ ଶୀର୍ଷରେ ଇଣ୍ଟର କାଶୀକୁ ଦର୍ଶାଇବାକୁ କୁହାଯାଇଛି। ଫଳରେ ଇଣ୍ଟର କାଶୀ ୪୨ ପଏଣ୍ଟ ସହ ଶୀର୍ଷରେ ଓ ଚର୍ଚ୍ଚିଲ ବ୍ରଦର୍ସ ୪୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିବ। ଏଥିସହିତ ଏଆଇଏଫ୍ଏଫ୍‌କୁ ଆର୍ବିଟ୍ରେଶନ ଲାଗି ଖର୍ଚ୍ଚ ହୋଇଥିବା ଅର୍ଥରାଶିର ୫୫ ପ୍ରତିଶତ ଇଣ୍ଟର କାଶୀକୁ ଦେବାକୁ କୁହାଯାଇଛି, ଯାହାକି ୩ ହଜାର ସ୍ୱିସ୍ ଫ୍ରାଙ୍କ (ଭାରତୀୟ ମୁଦ୍ରାରେ ୩,୨୨,୨୭୫ ଟଙ୍କା)। ଏହି ମାମଲାର ଅନ୍ୟ ପକ୍ଷ ଚର୍ଚ୍ଚିଲ, ନାମଧାରୀ ଏଫ୍‌ସି ଓ ରିଅଲ କଶ୍ମୀରକୁ ୧୫ ପ୍ରତିଶତ ବା ୧୦୦୦ ସ୍ୱିସ୍ ଫ୍ରାଙ୍କ ଲେଖାଏ ମିଳିବ।



ଆଇ-ଲିଗ୍ ଚାମ୍ପିୟନ ଇଣ୍ଟର କାଶୀ ଦଳ।

## ଏଆଇଏଫ୍ଏଫ୍ ଅପିଲ କମିଟି ନିଷ୍ପତ୍ତିକୁ କାସ୍‌ର ପ୍ରତ୍ୟାଖ୍ୟାନ

# ଅଗଷ୍ଟ ୨ରେ କଟକରେ ଚୟନ ଟ୍ରାଏଲ୍ସ

**ଭୁବନେଶ୍ୱର, ୧୮।୭ (ତପନ ସ୍ୱାଇଁ)**

ଚେନ୍ନାଇଠାରେ ୬୪ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଅଗଷ୍ଟ ୨୦ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା ଦଳ ମନୋନୟନ ପାଇଁ ଚୟନ ଟ୍ରାଏଲ୍ସ ଅଗଷ୍ଟ ୨ରେ ଆରମ୍ଭ ହେବ। କଟକସ୍ଥିତ ରିଜର୍ଭ ପୋଲିସ ସିନ୍ଥେଟିକ୍ ଗ୍ରାଉଣ୍ଡରେ ଏହା ସକାଳ ୮ଟାରୁ ଆରମ୍ଭ ହେବ। ଅଂଶଗ୍ରହଣ ପାଇଁ ଆଗ୍ରହୀ ଆଥ୍‌ଲେଟମାନେ ସେମାନଙ୍କ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକଙ୍କ ସହ ଯୋଗାଯୋଗ କରି ଚଳିତ ମାସ ୨୮ ତାରିଖ ସୁଦ୍ଧା ନାମ ପଞ୍ଜୀକୃତ କରିପାରିବେ।

# 'ମାସିକ ୩୦୦୦ ଆଥ୍‌ଲେଟଙ୍କୁ ୫୦ ହଜାର ଟଙ୍କା ଯୋଗାଉଛନ୍ତି ସରକାର'

**ନୂଆଦିଲ୍ଲୀ,୧୮।୭(ପି.ଟି.)**

ଭାରତ ସରକାର ୨୦୩୬ ଅଲିମ୍ପିକ୍ସ ଲାଗି ପ୍ରସ୍ତୁତ ହେବା ପାଇଁ ମାସିକ ୩୦୦୦ ଆଥଲେଟ୍‌ଙ୍କୁ ୫୦ ହଜାର ଟଙ୍କାର ସହାୟତା ଯୋଗାଇ ଦେଉଛନ୍ତି ଏବଂ ଏଥିଲାଗି ସୁବ୍ୟବସ୍ଥିତ ଯୋଜନା ପ୍ରସ୍ତୁତ କରୁଛନ୍ତି। ୨୧ତମ ବିଶ୍ୱ ପୋଲିସ ଓ ଫାୟାର ଗେମ୍ସରେ ଭାଗ ନେଇଥିବା ଭାରତୀୟ ଦଳର ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁକ୍ରବାର ଏହା କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଗତ ୧୦ ବର୍ଷରେ କ୍ରୀଡ଼ାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। କ୍ରୀଡ଼ା ଲାଗି ବଜେଟରେ ୫ ଗୁଣା ବୃଦ୍ଧି କରାଯାଇଛି। ସରକାର ୨୦୩୬ ଅଲିମ୍ପିକ୍ସ ଲାଗି ପ୍ରସ୍ତୁତ ହେବା ପାଇଁ ପ୍ରାୟ ୩୦୦୦ ଆଥ୍‌ଲେଟ୍ସଙ୍କୁ ମାସିକ ୫୦ ହଜାର ଲେଖାଏ ଟଙ୍କାର ସହାୟତା ଦେଉଛନ୍ତି। ସରକାର ଏଥିଲାଗି ଏକ ସୁବ୍ୟବସ୍ଥିତ ଯୋଜନା ପ୍ରସ୍ତୁତ କରୁଛନ୍ତି। ବିଜୟ ଓ ପରାଜୟ ଜୀବନର ଅନନ୍ତ ଚକ୍ରର ଅଂଶ। ଲକ୍ଷ୍ୟ ଧାର୍ଯ୍ୟ କରିବା ଏବଂ ବିଜୟ ଲାଗି ପ୍ରସ୍ତୁତି କରିବା ପ୍ରତ୍ୟେକଙ୍କ ପ୍ରକୃତି ହେବା ଉଚିତ ଓ ଜିତିବାକୁ ଏକ ଅଭ୍ୟାସ କରିବା ଦରକାର। ଯେଉଁମାନେ ଜିତିବାର ଅଭ୍ୟାସ କରନ୍ତି, ସେମାନେ ସର୍ବଦା ଅସାଧାରଣ ପ୍ରଦର୍ଶନ କରନ୍ତି। ମୋଦି ସରକାର କ୍ରୀଡ଼ାକୁ ପ୍ରତ୍ୟେକ ଗାଁରେ ପହଞ୍ଚାଇବାକୁ ବ୍ୟବସ୍ଥା କରୁଛନ୍ତି। ପ୍ରତ୍ୟେକ କ୍ରୀଡ଼ାରେ ବିଭିନ୍ନ ବୟସ ବର୍ଗର ଛୁଆଙ୍କୁ ଉପଯୁକ୍ତ ଟ୍ରେନିଂ ଦିଆଯାଉଛି ବୋଲି ଶାହା କହିଛନ୍ତି। ଏତଦ୍‌ବ୍ୟତୀତ ସେ ପୋଲିସ କର୍ମୀଙ୍କ ସମ୍ପର୍କରେ ପ୍ରକାଶ କରିଛନ୍ତି , ପ୍ରତ୍ୟେକ ପୋଲିସ ଅଧିକାରୀଙ୍କ ଦିନ ପରେଡ ସହ ଆରମ୍ଭ ଓ ସନ୍ଧ୍ୟାରେ ଖେଳ ସହ ଶେଷ ହେବା ଉଚିତ। ଯଦି ସମସ୍ତ ପୋଲିସ କର୍ମୀ ନିୟମିତ ଖେଳିବାର ଅଭ୍ୟାସ କରନ୍ତି, ତେବେ ଏହା କେବଳ ଚାପରୁ ମୁକ୍ତି ଦେବ, ତା' ନୁହେଁ ବରଂ ସେମାନଙ୍କ କାର୍ଯ୍ୟର ଗୁଣବତ୍ତାରେ ସୁଧାର ଆସିବ। ଅଲ ଇଣ୍ଡିଆ ପୋଲିସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡର ଅଂଶ ଥିବା ସମସ୍ତ ପୋଲିସ କର୍ମୀ ଅଲିମ୍ପିକ୍‌ରେ ୩ଟି ପଦକ ଜିତିବାକୁ ଲକ୍ଷ୍ୟ ରଖିବା ଉଚିତ। ଯଦି ଆମେ ଏହି ଲକ୍ଷ୍ୟ ହାସଲ କରିନେବା, ତେବେ ଯେଉଁ ରେକର୍ଡ ତୁମେ ଚଳିତବର୍ଷ ସୃଷ୍ଟି କରିଛ, ତାହା ୨୦୨୯ରେ ଗୁଜରାଟରେ ହେବାକୁ ଥିବା ୱାର୍ଲ୍ଡ ପୋଲିସ ଓ ଫାୟାର ଗେମ୍ସରେ ତୁମେ ହିଁ ଭାଙ୍ଗିବ। ଏଥିସହିତ ୨୦୩୬ ଅଲିମ୍ପିକ୍ସରେ ଭାରତ ପଦକ ତାଲିକାର ଟପ୍-୫ ଦେଶମାନଙ୍କ ମଧ୍ୟରେ ରହିବ ବୋଲି ଶାହା ଦୃଢ଼ୋକ୍ତି ଦେଇଛନ୍ତି।

# ଭାରତର ପ୍ରତିକା ରାଓ୍ୱଲ, ଇଂଲଣ୍ଡ ଦଳକୁ ଜରିମାନା

**ଦୁବାଇ,୧୮।୭ (ପି.ଟି.):** ଭାରତୀୟ ବ୍ୟାଟର ପ୍ରତିକା ରାଓ୍ୱଲ ଓ ଇଂଲଣ୍ଡ ଦଳକୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଆଇସିସିର କୋଡ୍ ଅଫ୍ କଣ୍ଡକ୍ଟ ଉଲ୍ଲଂଘନ କରିବା ପାଇଁ ଶୁକ୍ରବାର ଜରିମାନା କରାଯାଇଛି। ଦୁଇଟି ପୃଥକ ଘଟଣା ପାଇଁ ରାଓ୍ୱଲଙ୍କ ମ୍ୟାଚ୍ ଫି'ର ୧୦ ପ୍ରତିଶତ କାଟ୍ କରାଯିବା ସହ ତାଙ୍କୁ ଏକ ଡିମେରିଟ୍ ପଏଣ୍ଟ ଦିଆଯାଇଛି। ରାଓ୍ୱଲ ଭାରତୀୟ ଇନିଂସର ୧୮ତମ ଓଭରରେ ଏକ ସିଙ୍ଗଲ ନେଲା ବେଳେ ଇଂଲଣ୍ଡ ବୋଲର ଲରେନ ଫିଲରଙ୍କୁ ଧକ୍କା ଦେଇଥିଲେ। ପରବର୍ତ୍ତୀ ଓଭରରେ ଆଉଟ୍ ହେବା ପରେ ସୋଫି ଏକଲେଷ୍ଟୋନଙ୍କୁ ଶାରୀରିକ ଭାବେ ସ୍ପର୍ଶ କରିଥିଲେ। ଅନ୍ୟପକ୍ଷରେ ଇଂଲଣ୍ଡ ଦଳକୁ ଧିମା ବୋଲିଂ ହାର ଲାଗି ଜରିମାନା କରାଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଇଂଲଣ୍ଡ ଟାର୍ଗେଟଠାରୁ ଗୋଟିଏ ଓଭର ପଛରେ ରହିଯାଇଥିଲା। ଫଳରେ ଦଳର ସମସ୍ତ ଖେଳାଳିଙ୍କ ୫ ପ୍ରତିଶତ ମ୍ୟାଚ୍ ଫି' କାଟ କରାଯାଇଛି। ରାଓ୍ୱଲ ଓ ଇଂଲଣ୍ଡ ଅଧିନାୟିକା ନାଟ ସ୍କିଭର-ବ୍ରୁଣ୍ଟ ମ୍ୟାଚ୍ ରେଫରୀ ସାରା ବାର୍ଟଲେଟଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶକୁ ଗ୍ରହଣ କରି ନେଇଥିବାରୁ କୌଣସି ଶୁଣାଣିର ଆବଶ୍ୟକତା ନାହିଁ।

# ନବରଙ୍ଗପୁର, ଭୁବନେଶ୍ୱର ବିଜୟୀ

**ବ୍ରହ୍ମପୁର,୧୮।୭(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ବ୍ରହ୍ମପୁର ଜୋନ୍ ଆନ୍ତଃଜିଲା ସାହାଣୀ କପ୍ ପୁରୁଷବର୍ଗ ଫୁଟବଲ୍ ପ୍ରତିଯୋଗିତାରେ ଶୁକ୍ରବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ନବରଙ୍ଗପୁର ଓ ଭୁବନେଶ୍ୱର ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଗଜପତି ଓ ନବରଙ୍ଗପୁର ମଧ୍ୟରେ ହୋଇଥିଲା। ଗଜପତି କୌଣସି ଗୋଲ ଦେଇପାରି ନ ଥିବା ବେଳେ ନବରଙ୍ଗପୁର ୭ ଗୋଲ ଦେଇ ବିଜୟୀ ହୋଇଛି। ବିଜୟୀ ଦଳ ପକ୍ଷରୁ ଜଗବନ୍ଧୁ ସାନ୍ତା ୨ଟି ଏବଂ ମୋହନ ଗୁଣ୍ଟ, ସ୍ୱରାଜ ସୁନା, ଶମ୍ଭୁନାଥ ମାଝି, ମିଥୁନ ସାନ୍ତା ଓ ଚମ୍ପୁ ପୂଜାରୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଜଗନ୍ନାଥ ମାଝୀ, ଶିବପ୍ରସାଦ ସାମନ୍ତରାୟ, ସୁନୀଲ ବେହେରା, ଶିବ ଦେହୁରୀ ପ୍ରମୁଖ ମ୍ୟାଚ ରେଫରି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ମ୍ୟାଚରେ ଭୁବନେଶ୍ୱରକୁ ଭେଟିଥିଲା ଗଞ୍ଜାମ । ଗଞ୍ଜାମ କୌଣସି ଗୋଲ କରିପାରି ନ ଥିବା ବେଳେ ଭୁବନେଶ୍ୱର ଗୋଟିଏ ଗୋଲ ଦେଇ ବିଜୟୀ ହୋଇଛି। ଭୁବନେଶ୍ୱର ପକ୍ଷରୁ ଅଶିମ ଡୁଙ୍ଗଡୁଙ୍ଗ ୮୫ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ବଳରାମ ସେ, ସୁଜିତ ରାଜହଂସ, ଲକ୍ଷ୍ମଣ ସେଠ, ନିତ୍ୟାନନ୍ଦ ମେହେର ପ୍ରମୁଖ ଦ୍ୱିତୀୟ ମ୍ୟାଚରେ ରେଫରି ଥିଲେ। ଉଭୟ ମ୍ୟାଚର କମିଶନର ଭାବେ ସୁଜିତ କୁମାର ପାତ୍ର ଉପସ୍ଥିତ ଥିଲେ। ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ସଦସ୍ୟ ଓ ପୂର୍ବତନ ଫୁଟବଲ ଖେଳାଳି ଏସ.ସି. ପ୍ରଧାନ, ବରିଷ୍ଠ ଖେଳାଳି ଏଲ. କେ. ରାଓ, ଡି. ଆପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି. ଗନ୍ତାୟତ, ଜି. ଏମ. ବାବୁ, ରାଜ ନାରାୟଣ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ବୋଲି ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓଙ୍କଠାରୁ ପ୍ରକାଶ।



ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ।

## ଆନ୍ତଃଜିଲା ସାହାଣୀ କପ୍

## ଅନ୍ୟ ଜୋନ୍ ମ୍ୟାଚ ଫଳାଫଳ

**ବୌଦ୍ଧ**

ବଲାଙ୍ଗୀର-୪, ବୌଦ୍ଧ-୦
ସମ୍ବଲପୁର-୯, ନୂଆପଡ଼ା-୦

**କେନ୍ଦ୍ରାପଡ଼ା**

ଭଦ୍ରକ-୨, ଜଗତ୍‌ସିଂହପୁର-୦
ଝାରସୁଗୁଡ଼ା-୬, କେନ୍ଦ୍ରାପଡ଼ା-୧

**କେନ୍ଦୁଝର**

କେନ୍ଦୁଝର-୨, ଯାଜପୁର-୨
ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ-୪, ଅନୁଗୋଳ-୩

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ